

ଟ୍ରୋଲ୍ ହେଉଛନ୍ତି ବରୁଣ

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-331 ◆SATURDAY ◆30 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୩୧ ◆ଶନିବାର ◆୩୦ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଆଜିଠୁ ଏସ୍ଆଇଆର୍

■ ଭୁବନେଶ୍ୱର, ୨୯।୫ (ସମିସ): ଶନିବାରଠାରୁ ରାଜ୍ୟରେ ଆରମ୍ଭ ହେବ ଏସ୍ଆଇଆର୍ । ଏହି କ୍ରମରେ ୩୦ ମେ'ରୁ ୨୮ ଜୁନ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀ (ବିଏଲ୍ଓ) ମାନେ ଘରକୁ ଘର ପରିଦର୍ଶନ କରି ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶନ ପରେ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ। ସେପ୍ଟେମ୍ବର ୬ ତାରିଖରେ ରାଜ୍ୟର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ଏସ୍ ଗୋପାଳନ କହିଛନ୍ତି। ରାଜ୍ୟର ଏସଆଇଆର-୨୦୨୬ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପଲନ କହିଛନ୍ତି ଯେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ▶ପୃଷ୍ଠା-୭

**ସରିଛି ୯୪.୬୧% ଭୋଟର ମ୍ୟାପିଂ; ଘରକୁ ଘର ବୁଲିବେ ୪୫ ହଜାର ବିଏଲ୍ଓ**

**୫ ଜୁଲାଇରେ ଚିଠା, ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ତାଲିକା**

### ମାମଲା ସଂଖ୍ୟା ବୃଦ୍ଧି ଓ ରାୟ ପ୍ରକାଶରେ ବିଳମ୍ବକୁ ନେଇ ଚିନ୍ତା

## ସଂରକ୍ଷିତ ରାୟ ଅବଧି ସର୍ବାଧିକ ୩ ମାସ

■ ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି): ଦେଶର ଅଦାଲତଗୁଡ଼ିକରେ ବଢ଼ି ଚାଲିଥିବା ମାମଲା ଏବଂ ରାୟ ପ୍ରକାଶ କରିବାରେ ହେଉଥିବା ବିଳମ୍ବକୁ ନେଇ ସୁପ୍ରିମ କୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ସମାଧାନ ପାଇଁ ସର୍ବୋଚ୍ଚ ଅଦାଲତ ଏକ ସୁଦୂରପ୍ରସାରୀ ନିଷ୍ପତ୍ତି ନେଇଛନ୍ତି। ସମ୍ବିଧାନର ଧାରା ୧୪୨ର ପ୍ରୟୋଗ କରି ଦେଶର ସମସ୍ତ ହାଇକୋର୍ଟଙ୍କ ପାଇଁ ବାଧ୍ୟତାମୂଳକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏହି ନିର୍ଦ୍ଦେଶ ଅନୁଯାୟୀ, ହାଇକୋର୍ଟଗୁଡ଼ିକ କୌଣସି ମାମଲାର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିବାର ଅବଧି ୩ ମାସ ଧାର୍ଯ୍ୟ କରିଛନ୍ତି। ଏହି ସମୟ ମଧ୍ୟରେ ହାଇକୋର୍ଟ ରାୟ ପ୍ରକାଶ କରିବାକୁ ବାଧ୍ୟ ହେବେ।



ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ରାୟ ପ୍ରକାଶରେ ବିଳମ୍ବ ହେବା ଦ୍ୱାରା ଯେଉଁ କ୍ଷତି ହୁଏ, ତାହା ଅପୂରଣୀୟ। ଝାଡ଼ଖଣ୍ଡ ସରକାର ଏବଂ ପିଲା ପାହାନଙ୍କ ମଧ୍ୟରେ ଚାଲିଥିବା ଏକ ମାମଲାର ଶୁଣାଣି ସମୟରେ କୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ହାଇକୋର୍ଟଗୁଡ଼ିକରେ ଦୀର୍ଘସମୟଧରି ରାୟ ସଂରକ୍ଷିତ ରହିବା ନେଇ ଚିନ୍ତା ପ୍ରକଟ କରିବା ସହିତ ସୁପ୍ରିମକୋର୍ଟ ବିଶେଷ କରି ଜାମିନ ଆବେଦନ ଉପରେ ଚାରୋଟି ମୁଖ୍ୟ ନିର୍ଦ୍ଦେଶ ଦେଇଛନ୍ତି। ସେଗୁଡ଼ିକ ହେଲା- ଜାମିନ ଆବେଦନ ଉପରେ ସେହି ଦିନ ହିଁ ନିଷ୍ପତ୍ତି ଶୁଣାଯିବ। ଯଦି କୌଣସି କାରଣରୁ ନିର୍ଦ୍ଦେଶ ସଂରକ୍ଷିତ ରଖାଯାଏ, ତେବେ ତାହାକୁ ପରଦିନ ମଧ୍ୟରେ ପ୍ରକାଶ ଏବଂ ଇଣ୍ଟରନେଟ୍‌ରେ ଅପ୍‌ଲୋଡ୍ କରାଯିବ। ଜାମିନ ମଞ୍ଜୁର କିମ୍ବା ଦଣ୍ଡାଦେଶ ସ୍ଥଗିତ ସମ୍ପର୍କିତ ନିର୍ଦ୍ଦେଶକୁ ତୁରନ୍ତ ଜେଲ୍ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯିବ। ସମ୍ଭବ ହେଲେ ଅଭିଯୁକ୍ତ ବା କଏଦୀଙ୍କୁ ସେହି ▶ପୃଷ୍ଠା-୭

**ହାଇକୋର୍ଟମାନଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ**

**ଜାମିନ ପାଇବା କ୍ଷଣି ମୁକ୍ତ ହେବେ ଅଭିଯୁକ୍ତ**

## ୨୫୦ଟି ବିମାନ ଉଡ଼ାଣ ବନ୍ଦ
## ବଢ଼ିବ ଭଡ଼ା



■ ନୂଆଦିଲ୍ଲୀ, ୨୯।୫ (ଏଜେନ୍ସି): ଦେଶର ଦୁଇ ପ୍ରମୁଖ ବିମାନ ସେବା ସଂସ୍ଥା ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ଆସନ୍ତା ଜୁନ୍ ମାସରୁ ପ୍ରତିଦିନ ଚାଲୁଥିବା ପ୍ରାୟ ୨୫୦ଟି ଘରୋଇ ବିମାନ ଉଡ଼ାଣକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବିମାନ ଇନ୍ଧନର ଅତ୍ୟଧିକ ଦରବୃଦ୍ଧି ଏବଂ ଯାତ୍ରୀ ସଂଖ୍ୟାରେ ହ୍ରାସ ଯୋଗୁଁ ଏହି ପଦକ୍ଷେପ ନିଆଯାଇଛି, ଯାହାଫଳରେ ଆଗାମୀ ଦିନରେ ବିମାନ ଟିକେଟର ମୂଲ୍ୟ ବହୁତ ବଢ଼ିଯିବାର ଆଶଙ୍କା ଦେଖାଦେଇଛି। ଏହି ବିମାନ ସଂଖ୍ୟା ହ୍ରାସ ଯୋଗୁଁ ଦେଶର ତିନୋଟି ବଡ଼ ସହର ମୁମ୍ବାଇ, ଦିଲ୍ଲୀ ଏବଂ ବେଙ୍ଗାଲୁରୁ ସବୁଠାରୁ ଅଧିକ ପ୍ରଭାବିତ ହେବେ। ଜୁନ୍‌ରୁ ଅଗଷ୍ଟ ମାସ ମଧ୍ୟରେ ଏହି ସହରଗୁଡ଼ିକରୁ ଚାଲୁଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ବିମାନର ଯାତ୍ରା ସଂଖ୍ୟା କମାଇ ଦିଆଯାଇଛି।

ମୁମ୍ବାଇରୁ ପ୍ରଭାବିତ ସହରଗୁଡ଼ିକ ହେଲା ଜୟପୁର, ଗୋଆ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ନାଗପୁର, ପାଟନା ଏବଂ ଭୋପାଳ। ସେହିପରି ଦିଲ୍ଲୀରୁ ପ୍ରଭାବିତ ସହରଗୁଡ଼ିକ ହେଲା ଗୋଆ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଚେନ୍ନାଇ, ଅହମ୍ମଦାବାଦ, ଲକ୍ଷ୍ନୌ, କୋଚି ଏବଂ କୋଲକାତା। ଏୟାର ଇଣ୍ଡିଆ ନିଜର ଦୈନିକ ଘରୋଇ ଉଡ଼ାଣରୁ ପ୍ରାୟ ୨୨ ପ୍ରତିଶତ ବିମାନ କମାଇ ଦେଇଛି, ଯାହାଫଳରେ ପ୍ରତିଦିନ ପ୍ରାୟ ୧୧୦ଟି ବିମାନ କମ୍ ▶ପୃଷ୍ଠା-୭

## ବର୍ଷା କମାଇବ ଏଲ୍-ନିନୋ

**▶ ଜୁନ୍-ଜୁଲାଇରେ ୧୦% କମ୍ ବର୍ଷା ଆଶଙ୍କା**

**▶ ୧୦ ବର୍ଷ ମଧ୍ୟରେ ସବୁଠାରୁ ଦୁର୍ବଳ ମୌସୁମୀ**



■ ନୂଆଦିଲ୍ଲୀ/ଭୁବନେଶ୍ୱର, ୨୯।୫ (ଏଜେନ୍ସି): ଚଳିତ ବର୍ଷ ମୌସୁମୀ ଆଗମନରେ ପ୍ରାୟ ସପ୍ତାହେ ବିଳମ୍ବ ହେବ। ଶ୍ରୀଲଙ୍କା ନିକଟରେ ସାମୁଦ୍ରିକ ପବନର ଗତି ଦୁର୍ବଳ ହୋଇଯାଇଥିବାରୁ ପାଞ୍ଚ ଦିନ ହେବ ମୌସୁମୀ ସେଠାରେ ଅଟକି ରହିଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦକ୍ଷିଣ ଭାରତରେ କୌଣସି ସକ୍ରିୟ ଲଘୁଚାପ ନଥିବାରୁ ମୌସୁମୀ ଆଗକୁ ବଢ଼ିପାରୁ ନାହିଁ। ଏଥିସହିତ ଚଳିତ ବର୍ଷ ସ୍ୱାଭାବିକଠାରୁ ପ୍ରାୟ ୧୦ ପ୍ରତିଶତ କମ୍ ବର୍ଷା ହେବାର ଆଶଙ୍କା ମଧ୍ୟ ରହିଛି, ଯାହାଫଳରେ ଜୁନ୍ ଏବଂ ଜୁଲାଇ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିପାରେ। ଚଳିତ ବର୍ଷ ସମୁଦାୟ ୭୮ ସେଣ୍ଟିମିଟର ବର୍ଷା ହୋଇପାରେ, ଯାହାକି ସ୍ୱାଭାବିକ ବର୍ଷା (୮୭ ସେଣ୍ଟିମିଟର) ତୁଳନାରେ ମାତ୍ର ୯୦ ପ୍ରତିଶତ। ଏହି କାରଣରୁ ଓଡ଼ିଶା, ଉତ୍ତର ପ୍ରଦେଶ, ହରିୟାଣା, ପଞ୍ଜାବ, ବିହାର, ଛତିଶଗଡ଼, ଗୁଜରାଟ ଏବଂ ଆନ୍ଧ୍ରପ୍ରଦେଶରେ ଜୁନ୍ ଏବଂ ଜୁଲାଇ ମାସରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଦେଖାଦେବ। ଏହି ସମୟରେ ତାପମାତ୍ରା ସ୍ୱାଭାବିକଠାରୁ ୩ ଡିଗ୍ରୀ ସେଲସିୟସ୍ ▶ପୃଷ୍ଠା-୭

**ତେଜିଲା ବାରଙ୍ଗ ଥାନାରେ 'ଥାର୍ଡ ଡିଗ୍ରୀ' ବିବାଦ**

## ପୁଲିସ-ଗ୍ରାମବାସୀ ମୁହାଁମୁହିଁ

### ଆନ୍ଦୋଳନରତ ଗ୍ରାମବାସୀଙ୍କୁ ଗୋଡ଼ାଇ ପିଟିଲା ପୁଲିସ

■ କଟକ/ବାରଙ୍ଗ, ୨୯।୫ (ସମିସ): କଟକ ଜିଲ୍ଲା ବାରଙ୍ଗ ଥାନାରେ ଜଣେ ନିରୀହ ଯୁବକଙ୍କୁ ବର୍ବରୋଚିତ ଭାବେ 'ଥାର୍ଡ ଡିଗ୍ରୀ' ପ୍ରୟୋଗ କରାଯିବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଭୟଙ୍କର ରୂପ ଧାରଣ କରିଛି। ଆହତ ଯୁବକ ରାକେଶ ବେହେରାଙ୍କ ସ୍ୱାସ୍ଥ୍ୟବସ୍ଥା ଅତି ସଙ୍କଟାପନ୍ନ ହେବାରେ ଲାଗିଥିବା ▶ପୃଷ୍ଠା-୭




ଜବାବରେ ପୁଲିସକୁ ବୋତଲ ମାଡ଼

### ସିପିଙ୍କୁ ରିପୋର୍ଟ ମାଗିଲେ ଡିଜିପି

■ କଟକ, ୨୯।୫ (ସମିସ): ବାରଙ୍ଗ ଘଟଣାକୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି ଖୁରାନିଆ ଗମ୍ଭୀରତାର ସହ ଗ୍ରହଣ କରିବା ସହ ତୁରନ୍ତ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ସବିଶେଷ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ତଦନ୍ତ ରିପୋର୍ଟ ହସ୍ତଗତ ହେବା ପରେ ଏଥିରେ ସଂପୃକ୍ତ ଥିବା ଦୋଷୀ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ଼ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଜି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଥାନା ଭିତରେ ଯୁବକଙ୍କୁ ଶାରୀରିକ ନିର୍ଯାତନା ଦିଆଯିବା ଘଟଣାକୁ କଟକ ଡିସିପି ଋଷିକେଶ ଦ୍ୟାନଦେଓ ଖିଲାରୀ ସ୍ପଷ୍ଟ ଭାବେ ଅସ୍ୱୀକାର ▶ପୃଷ୍ଠା-୭

**'ଥାର୍ଡ ଡିଗ୍ରୀ'କୁ ଡିସିପିଙ୍କ ଖଣ୍ଡନ**


12001/30/2627



SIR | SPECIAL INTENSIVE REVISION

ସ୍ୱତନ୍ତ୍ର ସଘନ ସଂଶୋଧନ (SIR)- ୨୦୨୬

ଯୋଗ୍ୟତା ତାରିଖ : ୦୧.୦୭.୨୦୨୬

ଗୁରୁତ୍ୱପୂର୍ଣ୍ଣ ସମୟସୀମା କାର୍ଯ୍ୟସୂଚୀ:

| ପରିଗଣନା ଫର୍ମ ପୂରଣର ଅବଧି | ଚିଠା ଭୋଟର ତାଲିକା ପ୍ରକାଶନ | ଦାବି ଏବଂ ଆପତ୍ତି ଦାଖଲ କରିବାର ଅବଧି | ନୋଟିସ୍ ଜାରି କରିବା / ଦାବି ଏବଂ ଆପତ୍ତିର ନିଷ୍ପତ୍ତି | ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ |
|---|---|---|---|---|
| ୩୦.୦୫.୨୦୨୬ ରୁ ୨୮.୦୬.୨୦୨୬ | ୦୫.୦୭.୨୦୨୬ | ୦୫.୦୭.୨୦୨୬ ରୁ ୦୪.୦୮.୨୦୨୬ | ୦୫.୦୭.୨୦୨୬ ରୁ ୦୨.୦୯.୨୦୨୬ | ୦୬.୦୯.୨୦୨୬ |

BLO ମାନଙ୍କ ଦ୍ୱାରା ଘର କୁ ଘର ପରିଦର୍ଶନ

- BLO ଆପଣଙ୍କ ଘରକୁ ଆସିବେ
- ଆପଣଙ୍କୁ ପରିଗଣନା ଫର୍ମ (Enumeration Form) ଦେବେ
- ଆପଣଙ୍କୁ ଫର୍ମ ପୂରଣ କରିବାରେ ମାର୍ଗଦର୍ଶନ କରିବେ
- ଆପଣଙ୍କ ଦ୍ୱାରା ଆବଶ୍ୟକ ସୂଚନା ସହ ପୂରଣ ହୋଇଥିବା ପରିଗଣନା ଫର୍ମ ସଂଗ୍ରହ କରିବେ ଏବଂ ଆପଣଙ୍କୁ ଏକ ସ୍ୱୀକୃତି ପତ୍ର (Acknowledgement) ପ୍ରଦାନ କରିବେ



ଅଧିକ ସୂଚନା ପାଇଁ :
ଟୋଲ ଫ୍ରି ନମ୍ବର ୧୯୫୦ ରେ କଲ କରନ୍ତୁ କିମ୍ବା voters.eci.gov.in ୱେବସାଇଟ୍ / ECINET ଆପ୍ କୁ ଯାଇ "Book a call with BLO" ସୁବିଧାର ଉପଯୋଗ କରନ୍ତୁ

QR କୋଡ୍ ସ୍କାନ୍ କରି ECINET ଆପ୍ ଡାଉନଲୋଡ୍ କରନ୍ତୁ

ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

CEO ODISHA / ceoodisha.nic.in

OIPR-12001/12198/2/26-27/0001

# କର୍ଣ୍ଣାଟକ କଂଗ୍ରେସ ବିଧାୟକ ଦଳ ବୈଠକ ଆଜି

ବେଙ୍ଗାଲୁରୁ, ୨୯ ।୫(ଏଜେନ୍ସି): କର୍ଣ୍ଣାଟକ ରାଜନୀତିରେ ଏକ ବଡ଼ ନେତୃତ୍ୱ ପରିବର୍ତ୍ତନ ହେବାକୁ ଯାଉଛି । ରାଜ୍ୟର ନୂଆ ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଶନିବାର ଅପରାହ୍ନ ୪ଟାରେ ବେଙ୍ଗାଲୁରୁଠାରେ କଂଗ୍ରେସ ବିଧାୟକ ଦଳର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ପିସିସି ସଭାପତି ତଥା ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଏହି ସୂଚନା ଦେଇଛନ୍ତି । ନୂଆଦିଲ୍ଲୀରେ



କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଦୀର୍ଘ ଆଲୋଚନା ପରେ ଏହି ବୈଠକ ଡକାଯାଇଛି । ଆନୁଷ୍ଠାନିକ ଭାବେ ନେତା ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିବା ପାଇଁ ଏଥିରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ମଧ୍ୟ ଉପସ୍ଥିତ ରହିବେ । ଏହି ନେତୃତ୍ୱ ପରିବର୍ତ୍ତନ ପରେ ଆସିବାକୁ ଥିବା ନୂଆ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟ କ୍ୟାବିନେଟ୍ ଗଠନ ଏବଂ ଭବିଷ୍ୟତର ପ୍ରଶାସନିକ ନିଷ୍ପତ୍ତି ନେବା ପାଇଁ ପୂର୍ଣ୍ଣ କ୍ଷମତା ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ଦୌଡ଼ରେ ଥିବା ଆଗଧାଡ଼ିର ନେତାମାନେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଘୋଷଣାକୁ ନେଇ ସତର୍କତାମୂଳକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ତେବେ ଆସନ୍ତାକାଲିର ବୈଠକ ପରେ ନୂଆ ସରକାର ଗଠନର ପଥ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇଯିବ ବୋଲି ଆଶା କରାଯାଉଛି । ମୁଖ୍ୟମନ୍ତ୍ରୀ ପଦରୁ ସିଦ୍ଦରମେୟା ଇସ୍ତଫା ଦେବାପରେ ରାଜ୍ୟପାଳ ରାଜ୍ୟ ମନ୍ତ୍ରୀ ପରିଷଦକୁ ଭଙ୍ଗ କରିଛନ୍ତି । ଶିବ କୁମାର ନୂଆ ମୁଖ୍ୟମନ୍ତ୍ରୀ ହେବାର ସମ୍ଭାବନା ରହିଛି ।

# ରାଜସ୍ଥାନ: ପୂର୍ବତନ ସରପଞ୍ଚଙ୍କ ସହ ୪ଜଣଙ୍କୁ ହତ୍ୟା

ଆଜମେର, ୨୯ ।୫(ଏଜେନ୍ସି): ରାଜସ୍ଥାନର ଆଜମେର ଜିଲ୍ଲାରେ ଏକ ସ୍ୱାମୀ-ସ୍ତ୍ରୀ କଳହକୁ କେନ୍ଦ୍ର କରି ବଡ଼ ଧରଣର ଗଣହତ୍ୟାକାଣ୍ଡ ଘଟିଛି । ଶ୍ରୀରାମପୁରା ଗ୍ରାମର ପୂର୍ବତନ ସରପଞ୍ଚ ରାମ ସିଂହ ଚୌଧୁରୀ, ତାଙ୍କର ବୃଦ୍ଧା ମା', ଦ୍ୱିତୀୟ ପତ୍ନୀ ଏବଂ ଜଣେ ସମ୍ପର୍କୀୟ ଝିଆରୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି । ଏହି ମାମଲାରେ ପୁଲିସ ରାମ ସିଂହଙ୍କ ପ୍ରଥମ ପତ୍ନୀ,

**ପ୍ରଥମ ପତ୍ନୀ ଓ ପିଲା ଗିରଫ**

ତାଙ୍କ ଝିଅ ଏବଂ ନାବାଳକ ପୁଅକୁ ଗିରଫ କରିଛି । ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ରାମ ସିଂହ ନିଜର ଦୁଇ ପତ୍ନୀଙ୍କ ସହ ଏକାଠି ରହୁଥିଲେ, ଯାହାକୁ ନେଇ ପରିବାରରେ ସଦାବେଳେ ଗଣ୍ଡଗୋଳ ଲାଗି ରହୁଥିଲା । ପ୍ରଥମ ପତ୍ନୀ ଓ ପିଲାମାନଙ୍କୁ ସେ ନିର୍ଯାତନା ଦେଉଥିବାରୁ ତାଙ୍କ ନାବାଳକ ପୁଅ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ସାଜିଥିଲା । ଅନଲାଇନ୍‌ରୁ ଛୁରୀ ମଗାଇ ଗତ ଜୁନ୍ ୨୭ ତାରିଖ ବିଳମ୍ବିତ ରାତିରେ ସେ ପ୍ରଥମେ ଶୋଇଥିବା ଅବସ୍ଥାରେ ବାପାଙ୍କ ବେକ କାଟି ହତ୍ୟା କରିଥିଲା । ଏହାପରେ ପ୍ରମାଣ ନଷ୍ଟ କରିବା ପାଇଁ ସେ ନିଜ ମା' ଓ ଭଉଣୀଙ୍କ ସହ ମିଶି ଦ୍ୱିତୀୟ ମା', ଆଈ ଏବଂ ଝିଆରୀଙ୍କୁ ମଧ୍ୟ ହତ୍ୟା କରିଥିଲା । ଅପରାଧ ଲୁଚାଇବା ପାଇଁ ଅଭିଯୁକ୍ତମାନେ ଶବଗୁଡ଼ିକୁ ଏକ ଚାରିଚକିଆ ଯାନରେ ଭର୍ତ୍ତି କରି ଘରଠାରୁ କିଛି ଦୂର ରାଜପଥକୁ ନେଇ ସେଥିରେ ଡିଜେଲ ଢାଳି ନିଆଁ ଲଗାଇ ଦେଇଥିଲେ । ପ୍ରଥମେ ଏହା ଏକ ଗାଡ଼ି ଦୁର୍ଘଟଣା ଜନିତ ଅଗ୍ନିକାଣ୍ଡ ପରି ମନେ ହେଉଥିଲେ ମଧ୍ୟ, ଫୋରେନ୍ସିକ୍ ଟିମ୍ ଏବଂ ପୁଲିସର କଡ଼ା ପଚରାଉଚରା ପରେ ନାବାଳକ ପୁଅ ନିଜର ଅପରାଧ ସ୍ୱୀକାର କରିଛି । ବର୍ତ୍ତମାନ ପୁଲିସ ଏହି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# କକ୍ରୋଚ୍ ପାର୍ଟିକୁ ତୁରନ୍ତ ଆଶ୍ୱସ୍ତି ଦେବାକୁ ମନା କଲେ ହାଇକୋର୍ଟ

ନୂଆଦିଲ୍ଲୀ, ୨୯ ।୫(ଏଜେନ୍ସି): ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ' (ପୂର୍ବରୁ ଟ୍ୱିଟର)ରେ 'କକ୍ରୋଚ୍ ଜନତା ପାର୍ଟି'ର ଆକାଉଣ୍ଟ୍ ବନ୍ଦ କରାଯିବା ବିରୋଧରେ ହୋଇଥିବା ଆବେଦନ ଉପରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କେନ୍ଦ୍ର ସରକାର ଏବଂ ଏକ୍ସ କମ୍ପାନୀଠାରୁ ଜବାବ ମାଗିଛନ୍ତି । ତେବେ କୋର୍ଟ ଏହି ଆକାଉଣ୍ଟକୁ ତୁରନ୍ତ ଚାଲୁ କରିବା ପାଇଁ କୌଣସି ପ୍ରକାର ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତି ଦେବାକୁ ମନା କରିଦେଇଛନ୍ତି । ଜଷ୍ଟିସ୍ ପୁରୁଷେନ୍ଦ୍ର କୁମାର କୌରବଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏହାର ପରବର୍ତ୍ତୀ ତାରିଖ ଜୁଲାଇ ୬କୁ ଧାର୍ଯ୍ୟ କରିଛନ୍ତି । ଶୁଣାଣି ସମୟରେ ବିଚାରପତି କହିଛନ୍ତି ଯେ, ଏହି ମାମଲାରେ ଅନେକ ବଡ଼ ଏବଂ ଦୂରଗାମୀ ପ୍ରଭାବ ପକାଇବା ଭଳି ବିଷୟ ଜଡ଼ିତ ରହିଛି । ତେଣୁ କେନ୍ଦ୍ର ସରକାରଙ୍କ ପକ୍ଷ ନ ଶୁଣି ଆକାଉଣ୍ଟକୁ ପୁନଃ ଚାଲୁ କରାଯାଇପାରିବ ନାହିଁ । କେନ୍ଦ୍ର ସରକାରଙ୍କ ବିସ୍ତୃତ ଜବାବ ଆସିବା ପରେ ହିଁ ଏକ୍ସ କମ୍ପାନୀକୁ ଆକାଉଣ୍ଟ୍ ବନ୍ଦ କରିବାର ମୂଳ ନିର୍ଦ୍ଦେଶନାମା କୋର୍ଟରେ ଦାଖଲ କରିବାକୁ କୁହାଯିବ କି ନାହିଁ, ସେ ନେଇ ନିଷ୍ପତ୍ତି ହେବ । କୋର୍ଟ ଉଭୟ ପକ୍ଷକୁ ଜବାବ ଦାଖଲ ପାଇଁ ଚାରି ସପ୍ତାହ ସମୟ ଦେଇଛନ୍ତି । ଏହା ମଧ୍ୟରେ ହାଇକୋର୍ଟ ଏହି ଆକାଉଣ୍ଟ୍ ବନ୍ଦ କରିବା ନିର୍ଦ୍ଦେଶର ପୁନଃ ସମୀକ୍ଷା କରିବାକୁ ଏକ ସମୀକ୍ଷା କମିଟିକୁ ନିର୍ଦ୍ଦେଶ ଦେଇଛନ୍ତି । ନିୟମ ଅନୁଯାୟୀ, ଏହି କମିଟି ପ୍ରତି ଦୁଇ ମାସରେ ଥରେ ବୈଠକ କରି ଏଭଳି ନିର୍ଦ୍ଦେଶଗୁଡ଼ିକର ସମସ୍ତ ଦିଗକୁ ଯାଞ୍ଚ କରିଥାଏ । କମିଟି ଏହି ମାମଲାର ସମୀକ୍ଷା କରି ନିଜର ନିଷ୍ପତ୍ତି କୋର୍ଟଙ୍କ ରେକର୍ଡରେ ଦାଖଲ କରିବ ବୋଲି ଖଣ୍ଡପୀଠ କହିଛନ୍ତି । କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ବର୍ତ୍ତମାନ ଭାରତ ବାହାରେ ଅଛନ୍ତି । କୋର୍ଟ କହିଛନ୍ତି ଯେ ସେ ଭିଡିଓ କନଫରେନ୍ସିଂ ଜରିଆରେ ସମୀକ୍ଷା କମିଟି ସମ୍ମୁଖରେ ହାଜର ହେବା ପାଇଁ ଅନୁମତି ମାଗିପାରିବେ । ଏହି ସମ୍ପୂର୍ଣ୍ଣ ସମୀକ୍ଷା ପ୍ରକ୍ରିୟା ଶେଷ ହେବା ଏବଂ କେନ୍ଦ୍ର ସରକାରଙ୍କ ଜବାବ ମିଳିବା ପରେ ଆସନ୍ତା ଜୁଲାଇ ୬ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

# କାନାଡ଼ାରେ ଭାଲୁ ଆକ୍ରମଣରେ କେରଳ ଯୁବକ ମୃତ

ରିଜାଇନା, ୨୯ ।୫(ଏଜେନ୍ସି): କାନାଡାର ସାସ୍କାଚେୱାନ ରାଜ୍ୟରେ ଏକ ଭାଲୁ ଆକ୍ରମଣରେ ଜଣେ କେରଳର ଯୁବକଙ୍କର ଦୁଃଖଦ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ମାର୍ଶଲ ଆର୍ଟସ ପ୍ରଶିକ୍ଷଣ ନେଉଥିଲେ ଏବଂ ଭବିଷ୍ୟତରେ ଜଣେ ବଡ଼ ଯୋଦ୍ଧା ହେବାର ଲକ୍ଷ୍ୟ ରଖିଥିଲେ । ଏହି ଅପ୍ରତ୍ୟାଶିତ ଦୁର୍ଘଟଣା ଯୋଗୁଁ ତାଙ୍କ ପରିବାର ଏବଂ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଯୁବକ ଜଣକ କାର୍ଯ୍ୟ କରୁଥିବା ୟୁରାନିୟମ ଏକ୍ସ ଡିସକଭରି କର୍ପୋରେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏସେନ ବୋଲ୍ଡୱୁ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ କର୍ମଚାରୀମାନଙ୍କର ସୁରକ୍ଷା ସର୍ବଦା ସେମାନଙ୍କର ସର୍ବୋଚ୍ଚ ପ୍ରାଥମିକତା ଏବଂ ଏହି କ୍ଷତି ଅତ୍ୟନ୍ତ ଦୁଃଖଦାୟକ । ବର୍ତ୍ତମାନ ବନ୍ୟପ୍ରାଣୀ ସୁରକ୍ଷା ବିଭାଗ, ରୟାଲ କାନାଡିଆନ ମାଉଣ୍ଟେଡ ପୁଲିସ ଏବଂ ସ୍ଥାନୀୟ ମୃତ୍ୟୁ ସମୀକ୍ଷା ସମିତି ମିଳିତ ଭାବେ ଏହି ଘଟଣାର ତଦନ୍ତ କରୁଛନ୍ତି ।

# ଆମେରିକାକୁ ଘେରୁଛି ଚୀନ, ମରୁଭୂମିରେ ପରମାଣୁ ଚକ୍ରବ୍ୟୂହ

ବେଜିଂ, ୨୯ ।୫(ଏଜେନ୍ସି): ଆମେରିକାକୁ ସାମରିକ କ୍ଷେତ୍ରରେ ଚେକ୍‌ମେଟ୍ ଦେବାପାଇଁ ଚୀନ୍ ଏକ ଗୁପ୍ତ ଓ ବଡ଼ ଯୋଜନା କାର୍ଯ୍ୟକାରୀ କରିଛି । ନିକଟରେ ମିଳିଥିବା ସେଟେଲାଇଟ୍ ଗୁପ୍ତଚର ଚିତ୍ରରୁ ଜଣାପଡ଼ିଛି ଯେ ଚୀନ୍ ତାର ଉତ୍ତର-ପଶ୍ଚିମ ମରୁଭୂମିରେ ଥିବା 'ହାମୀ' ନ୍ୟୁକ୍ଲିୟର ସାଇଲୋ ଫିଲ୍ଡ ନିକଟରେ ୩ ସ୍ତରୀୟ (୩-ଲେୟାର) ପରମାଣୁ ଚକ୍ରବ୍ୟୂହ ପ୍ରସ୍ତୁତ କରୁଛି । ଏହି ପ୍ରସ୍ତୁତି ଆମେରିକାର ଚିନ୍ତା ବଢ଼ାଇ ଦେଇଛି । ଚୀନ୍ ନିଜର ଦୂରଗାମୀ ମିସାଇଲ୍ ସାଇଲୋ ନିକଟରେ ୮୦ ରୁ ଅଧିକ ନୂତନ କଂକ୍ରିଟ୍ ଲଞ୍ଚ ପ୍ୟାଡ୍ ଏବଂ ବଙ୍କରର ଏକ ବଡ଼ ନେଟୱର୍କ ପ୍ରସ୍ତୁତ କରିଛି । ଏହାର ବ୍ୟବହାର ମୋବାଇଲ୍ ମିସାଇଲ୍ ଲଞ୍ଚର୍ସ ଏବଂ ଏୟାର-ଡିଫେନ୍ସ ମିସାଇଲ୍ ବ୍ୟାଟେରୀ ପାଇଁ କରାଯିବ । ଏହାସହ ଏଠାରେ ଅତ୍ୟାଧୁନିକ ଇଲେକ୍ଟ୍ରୋନିକ ୱାର୍‌ଫେୟାର ଏବଂ ସେଟେଲାଇଟ୍ ଯୋଗାଯୋଗ କେନ୍ଦ୍ର ମଧ୍ୟ ନିର୍ମାଣ କରାଯାଇଛି । ପୂର୍ବ ଶିନଜିଆଙ୍ଗ୍ ଅଞ୍ଚଳରେ ଚୀନ୍ ଅଷ୍ଟଭୁଜାକାର ଆକୃତିର ୩ଟି ସାମରିକ ବେସ୍ ତିଆରି କରିଛି । ଏହାର ପ୍ରଥମ ସ୍ତର (କୋର୍)ରେ ମୁଖ୍ୟ କମାଣ୍ଡ ବିଲଡିଂ ଅଛି, ଦ୍ୱିତୀୟ ସ୍ତରରେ ସୈନିକମାନଙ୍କ ରହିବା ପାଇଁ ବାସଗୃହ ଏବଂ ତୃତୀୟ ବା ବାହ୍ୟ ସ୍ତରରେ ଭାରୀ ସାମରିକ ଯାନ ଏବଂ ଟ୍ରକ୍-ମାଉଣ୍ଟେଡ୍ ମିସାଇଲ୍ ଲଞ୍ଚର୍ସ ଲୁଚାଇ ରଖିବାର ବ୍ୟବସ୍ଥା ରହିଛି । ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ଆମେରିକାର ପ୍ରଥମ ପରମାଣୁ ଆକ୍ରମଣରୁ ରକ୍ଷା ପାଇବା ଏବଂ ପାଲଟା ଜବାବ (ସେକେଣ୍ଡ-ଷ୍ଟ୍ରାଇକ୍ କାପାବିଲିଟି) କୁ ମଜବୁତ କରିବା ପାଇଁ ଚୀନ୍ ଏହି ସୁରକ୍ଷା କବଚ ପ୍ରସ୍ତୁତ କରୁଛି । ଏଥିପାଇଁ ଚୀନ୍ 'ହୁଓୟାନ୍-୧' ସେଟେଲାଇଟ୍ ମଧ୍ୟ ମୁତୟନ କରିଛି, ଯାହା ଶତ୍ରୁର ମିସାଇଲ୍ ମାଡ଼ ହେବାର ମାତ୍ର ୯୦ ସେକେଣ୍ଡ ମଧ୍ୟରେ ତାହାକୁ ଚିହ୍ନଟ କରି ଆଲର୍ଟ ଜାରି କରିପାରିବ । ପେଣ୍ଟାଗନ୍ ରିପୋର୍ଟ ଅନୁଯାୟୀ, ଚୀନ୍ ବିଶ୍ୱରେ ସବୁଠାରୁ ଦ୍ରୁତ ଗତିରେ ନିଜର ପରମାଣୁ ଶକ୍ତି ବଢ଼ାଉଛି ଏବଂ ୨୦୩୦ ସୁଦ୍ଧା ତା' ପାଖରେ ୧, ୦୦୦ ରୁ ଅଧିକ ପରମାଣୁ ୱାରହେଡ୍ ଉପଲବ୍ଧ ହେବ । ତାଇୱାନ ଯୁଦ୍ଧ ସମୟରେ ଆମେରିକାର ହସ୍ତକ୍ଷେପକୁ ରୋକିବା ପାଇଁ ଚୀନ୍ ଏହି ପରମାଣୁ ରଣନୀତି ପ୍ରସ୍ତୁତ କରୁଥିବା ଅନୁମାନ କରାଯାଉଛି ।



# ବିଷାକ୍ତ ମଦ ନେଲା ୧୮ ଜୀବନ

**■ ପୁଣେରେ ଉତ୍ତେଜନା**
**■ ମଦ ମାଫିଆ ଗିରଫ**

ପୁଣେ, ୨୯ ।୫(ଏଜେନ୍ସି): ମହାରାଷ୍ଟ୍ରର ପୁଣେ ଏବଂ ଏହାର ଆଖପାଖ ଅଞ୍ଚଳରେ ବିଷାକ୍ତ ମଦ ପିଇ ଗତ ଦୁଇ ଦିନ ମଧ୍ୟରେ ଅତିକମରେ ୧୮ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପୁଣେର ହଡ଼ପସର ଏବଂ ପିମ୍ପରି-ଚିଞ୍ଚୱାଡ୍‌ର ଫୁଗେୱାଡି ଅଞ୍ଚଳରୁ ଏହି ସମସ୍ତ ମୃତାହତଙ୍କ ବିଷୟରେ ସୂଚନା ମିଳିଛି । ମଦରେ ମେଥାନଲ୍ ଭଳି ମାରାତ୍ମକ କେମିକାଲ୍ ମିଶ୍ରଣ କରାଯାଇଥିବା ନେଇ ଆଶଙ୍କା କରାଯାଉଛି । ଫୁଗେୱାଡି ଅଞ୍ଚଳରୁ ସର୍ବାଧିକ ୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ହଡ଼ପସର ଅଞ୍ଚଳରୁ ୫ ଜଣ ପ୍ରାଣ ହରାଇଛନ୍ତି । ଫୁଗେୱାଡିର ଗୋଟିଏ ପରିବାରର ଦୁଇ ଭାଇ ମଧ୍ୟ ଏହି ବିଷାକ୍ତ ମଦର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି । ମୃତକମାନଙ୍କ ମଧ୍ୟରେ ରାହୁଲ କ୍ଷୀରସାଗର, ବିଜୟ ଶର୍ମା, ଅରୁଣ ଦାଦର, ଅଶୋକ ଚୌହାନ, ରାଜେଶ ରାଜପୁତ ଏବଂ ଆନନ୍ଦ ଦେଶାଇ ପ୍ରମୁଖ ସାମିଲ ଅଛନ୍ତି । ଏହି ଅଭାବନୀୟ ଘଟଣାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଅଭିହିତ କରି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ପୁଣେ ଓ ପିମ୍ପରି-ଚିଞ୍ଚୱାଡ୍‌ର ପୁଲିସ କମିସନରଙ୍କୁ ତୁରନ୍ତ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହି ମାମଲାରେ ଏପର୍ଯ୍ୟନ୍ତ ୮ ଜଣଙ୍କୁ ଗିରଫ କରାଯାଇଛି । ବେଆଇନ ମଦ କାରବାର ସହ ଜଡ଼ିତ ସମ୍ପୂର୍ଣ୍ଣ ନେଟୱର୍କକୁ ଚିହ୍ନଟ କରାଯାଇଛି ଏବଂ ଏହାର ଚେର ପର୍ଯ୍ୟନ୍ତ ପହଞ୍ଚି ଏହାକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିବାକୁ ପୁଲିସ ପ୍ରୟାସ କରୁଛି । ରାଜ୍ୟ ଅବକାରୀ କମିସନର ଅତୁଲ କାନାଡେଙ୍କ ସୂଚନା ଅନୁଯାୟୀ, ଉଭୟ ଅଞ୍ଚଳକୁ ମଦ ଯୋଗାଉଥିବା ମୁଖ୍ୟ ଯୋଗାଣକାରୀ ଯୋଗେଶ ୱାନଖେଡେକୁ ଅବକାରୀ ବିଭାଗ ଅଟକ ରଖି ପୁଲିସ ଜିମା ଦେଇଛି । ବର୍ତ୍ତମାନ ପୁଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଏହି ବିଷାକ୍ତ ମଦର ଉତ୍ସ ଖୋଜିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛନ୍ତି । ମଦରେ ମେଥାନଲ୍ ମିଶ୍ରଣ ହୋଇଛି କି ନାହିଁ, ତାହା ଫୋରେନ୍ସିକ ଏବଂ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହେବ ।



ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଉଥିବା ବେଳେ ପ୍ରଶାସନ ପକ୍ଷରୁ ସମସ୍ତ ବେଆଇନ ମଦ ଦୋକାନ ଉପରେ କଡ଼ା ନଜର ରଖାଯାଉଛି ।

# ପ୍ରଶ୍ନ କଲେ ସୁପ୍ରିମକୋର୍ଟ: ନିଟ୍ ବିଭ୍ରାଟ ପାଇଁ ଦାୟୀ କିଏ?

ନୂଆଦିଲ୍ଲୀ, ୨୯ ।୫(ଏଜେନ୍ସି): ମେଡିକାଲ କଲେଜରେ ନାମଲେଖା ପାଇଁ ଉଦ୍ଦିଷ୍ଟ ନିଟ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ମାମଲାରେ ଆଜି କେନ୍ଦ୍ରୀୟ ସଂସ୍ଥା ଉପରେ ବର୍ଷିଛନ୍ତି ସୁପ୍ରିମ କୋର୍ଟ । କୋର୍ଟ କହିଛନ୍ତି ଯେ ଏଭଳି ବିଭ୍ରାଟ କେବଳ ପରୀକ୍ଷାର୍ଥୀ ନୁହେଁ, ସେମାନଙ୍କ ପରିବାରକୁ ମଧ୍ୟ ଯନ୍ତ୍ରଣା ଦେଇଛି । ବାରମ୍ବାର ଏଭଳି ବିଭ୍ରାଟ କାହିଁକି ଘଟୁଛି? ଏହାର କାରଣ କଣ? ଏଥିପାଇଁ ଦାୟୀ କିଏ? ଏସଂପର୍କରେ ଜବାବ ଦେବାଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମ କୋର୍ଟ ।




ଆଜି ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ଜଷ୍ଟିସ ପିଏସ୍ ନରସିଂହ ଏବଂ ଜଷ୍ଟିସ ଆଲୋକ ଅରାଧେଙ୍କୁ ନେଇ ଗଠିତ ବେଞ୍ଚ କହିଲେ ଯେ ଏଭଳି ବିଭ୍ରାଟ ସମସ୍ତଙ୍କୁ ମର୍ମାହତ କରିଛି । ଯୁବପିଢ଼ିଙ୍କୁ ହତାଶା ଭିତରକୁ ଠେଲିଦେବା ଉଚିତ ନୁହେଁ । ମେଡିକାଲ ଏଣ୍ଟ୍ରାନ୍ସ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ଏକ ନିରପେକ୍ଷ ସଂସ୍ଥା ଗଠନ କିମ୍ବା ପରୀକ୍ଷାର ପରିଚାଳନା ଦାୟିତ୍ୱରେ ଥିବା ଏନଟିଏର ଉଚ୍ଛେଦ/ପୁନର୍ବିନ୍ୟାସ କରିବା ଲାଗି ଆଗତ ପିଟିସନ ଉପରେ ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଏଭଳି ଟିପ୍ପଣୀ ଦେଇଛନ୍ତି ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲାର ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଲେ ଯେ ପରୀକ୍ଷାରେ ବିଭ୍ରାଟ ଯୋଗୁଁ ପରୀକ୍ଷାର୍ଥୀ ଯେଉଁ ମାନସିକ ନିର୍ଯାତନାର ଶିକାର ହୋଇଛନ୍ତି, ତାହାକୁ ନେଇ ଭାରତ ସରକାର ମଧ୍ୟ ଚିନ୍ତିତ । ଭବିଷ୍ୟରେ ଏଭଳି ପରିସ୍ଥିତି ଯେମିତି ସୃଷ୍ଟି ନହେବ, ସେଥିପାଇଁ ପ୍ରଧାନମନ୍ତ୍ରୀ ଏହାକୁ ସୁନିଶ୍ଚିତ କରିବା ଲାଗି ନିଜେ ବ୍ୟକ୍ତିଗତ ଭାବେ ଏହାର ତଦାରଖ କରୁଛନ୍ତି । ଏହି ସମୟରେ ମାନ୍ୟବର ବେଞ୍ଚ କହିଲେ ଯେ ଯେଉଁପର୍ଯ୍ୟନ୍ତ ଉତ୍ତର ଦାୟିତ୍ୱ ଧାର୍ଯ୍ୟ ନହୋଇଛି, ସେପର୍ଯ୍ୟନ୍ତ ସମସ୍ୟାର ଅନ୍ତ ହେବ ନାହିଁ । ଏଭଳି ବିଭ୍ରାଟ ବାସ୍ତବରେ ବହୁତ ଯନ୍ତ୍ରଣାଦାୟକ । ଏହାଦ୍ୱାରା କେବଳ ପରୀକ୍ଷାର୍ଥୀ ନୁହନ୍ତି, ସମାନଙ୍କ ପରିବାର ମଧ୍ୟ କ୍ଷତିଗ୍ରସ୍ତ ହେଉଛନ୍ତି । ସଲିସିଟର ଜେନେରାଲ କହିଲେ ଯେ ଆସନ୍ତା ମାସ ୨୧ ତାରିଖରେ ହେବାକୁ ଥିବା ପୁନଃ ପରୀକ୍ଷା ବେଳେ ନୂଆ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ୩୪ କୋଟି ବ୍ଲଡ୍‌ମନି ଦେଇ ଫେରିଲେ କେରଳୀ ଯୁବକ

କୋଝିକୋଡ୍, ୨୯ ।୫(ଏଜେନ୍ସି): ସାଉଦି ଆରବର ଏକ ଜେଲ୍‌ରେ ଦୀର୍ଘ ୨୦ ବର୍ଷ ଧରି ମୃତ୍ୟୁଦଣ୍ଡର ସମ୍ମୁଖୀନ ହୋଇଥିବା କେରଳର ଅବଦୁଲ ରହିମ୍ ଶେଷରେ ମୁକ୍ତ ହୋଇ ନିଜ ମାତୃଭୂମିକୁ ଫେରିଛନ୍ତି । ଇଦ୍ ପର୍ବ ଦିନ ସେ କେରଳର କାରିପୁର ଆନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ବିଶ୍ୱବ୍ୟାପୀ ମାଲାୟାଲୀ ସମ୍ପ୍ରଦାୟ ଦ୍ୱାରା ସଂଗୃହିତ ପ୍ରାୟ ୩୪.୩୫ କୋଟି ଟଙ୍କାର ରକ୍ତଧନ (ଆର୍ଥିକ କ୍ଷତିପୂରଣ) ପ୍ରଦାନ କରାଯିବା ପରେ ସୌଦି ପ୍ରଶାସନ ତାଙ୍କୁ କ୍ଷମାଦାନ କରି ମୁକ୍ତ କରିଛି । କେରଳର କୋଝିକୋଡ୍ ନିକଟସ୍ଥ କୋଡାମ୍ପୁଝାର



ବାସିନ୍ଦା ଅବ୍ଦୁଲ ରହିମ୍ ଜଣେ ଗାଡ଼ି ଚାଳକ ଭାବେ କାର୍ଯ୍ୟ କରୁଥିଲେ । ଭଲ ରୋଜଗାର ଆଶାରେ ସେ ୨୬ ନଭେମ୍ବର ୨୦୦୬ରେ ସୌଦି ଆରବ ଯାଇଥିଲେ । ସେଠାରେ ତାଙ୍କୁ ମାଲିକଙ୍କର ଜଣେ ପକ୍ଷାଘାତ ପୀଡ଼ିତ ୧୭ ବର୍ଷୀୟ ପୁଅର ଦେଖାଶୁଣା ଦାୟିତ୍ୱ ମିଳିଥିଲା, ଯିଏ ଶ୍ୱାସକ୍ରିୟା ପାଇଁ ଏକ ଚିକିତ୍ସା ଉପକରଣ ଉପରେ ନିର୍ଭର କରୁଥିଲେ । ୨୪ ଡିସେମ୍ବର ୨୦୦୬ରେ ଗାଡ଼ି ଚଲାଉଥିବା ସମୟରେ ରହିମ୍‌ଙ୍କ ହାତ ଭୁଲ୍‌ବଶତଃ ସେହି ଉପକରଣରେ ବାଜିଯାଇଥିଲା, ଯାହାଫଳରେ କିଶୋର ଜଣକ ଅଚେତ ହୋଇ ମୃତ୍ୟୁବରଣ କରିଥିଲେ । ସୌଦି ଆରବରେ ପହଞ୍ଚିବାର ମାତ୍ର ୨୮ ଦିନ ମଧ୍ୟରେ ତାଙ୍କୁ ଗିରଫ କରାଯାଇଥିଲା ଏବଂ ୨୦୧୧ରେ ସାଉଦି ଅଦାଲତ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଶୁଣାଇଥିଲେ । ବହୁ ବର୍ଷର ଆଇନଗତ ଲଢେଇ ପରେ, ୨୦୨୪ ମସିହାରେ ମୃତକଙ୍କ ପରିବାର ୧୫ ନିୟୁତ ସାଉଦି ରିୟାଲ୍ (ପ୍ରାୟ ୩୪.୩୫ କୋଟି ଟଙ୍କା) ବ୍ଲଡମନି ବା ରକ୍ତଧନ ବିନିମୟରେ ରହିମ୍‌ଙ୍କୁ କ୍ଷମା କରିବାକୁ ରାଜି ହୋଇଥିଲେ । ରହିମ୍‌ଙ୍କ ଗରିବ ପରିବାର ପାଇଁ ଏହି ବିପୁଳ ଅର୍ଥରାଶି ଯୋଗାଡ଼ କରିବା ଅସମ୍ଭବ ଥିଲା । ଏହି ସମୟରେ କେରଳ ଏବଂ ବିଦେଶରେ ରହୁଥିବା ପ୍ରାୟ ୬୦ରୁ ଅଧିକ ମାଲାୟାଲୀ ସଂଗଠନ ପକ୍ଷରୁ ଏକ ବିଶାଳ ଅର୍ଥ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଥିଲା ଓ ୪୭.୮୭ କୋଟି ଟଙ୍କା ସଂଗ୍ରହ କରାଯାଇଥିଲା । ଅର୍ଥ ପ୍ରଦାନ ପରେ ୨ ଜୁଲାଇ ୨୦୨୪ରେ ସୌଦି କୋର୍ଟ ତାଙ୍କର ମୃତ୍ୟୁଦଣ୍ଡାଦେଶ ରଦ୍ଦ କରିଥିଲେ ମଧ୍ୟ ୨୦ ବର୍ଷର ଜେଲ୍ ଅବଧି ପୂରଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ୨୦ ମେ'ରେ ତାଙ୍କର ଜେଲ୍ ଅବଧି ଶେଷ ହୋଇଥିଲା ।

# ପଞ୍ଜାବ ପୌର ନିର୍ବାଚନରେ ଆପ୍‌ର ବିପୁଳ ବିଜୟ

ଚଣ୍ଡୀଗଡ଼, ୨୯ ।୫(ଏଜେନ୍ସି): ପଞ୍ଜାବ ପୌର ନିର୍ବାଚନରେ କ୍ଷମତାସୀନ ଆମ ଆଦମୀ ପାର୍ଟି (ଆପ୍) ଏକ ବଡ଼ ବିଜୟ ହାସଲ କରିଛି । ବିରୋଧୀ ଦଳଗୁଡ଼ିକୁ ବହୁ ପଛରେ ପକାଇ ଶାସକ ଦଳ ମୋଟ ୯୩୯ଟି ୱାର୍ଡରେ ବିଜୟୀ ହୋଇ ନିଜର ପତିଆରା ଜାହିର କରିଛି । ଅନ୍ୟପଟେ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ମାତ୍ର ୩୭୬ଟି ଆସନ ସହ ଦ୍ୱିତୀୟ ସ୍ଥାନରେ ସୀମିତ ରହିଛି । ଆଗାମୀ ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଫଳାଫଳକୁ ଆମଆଦମୀ ପାର୍ଟି ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି । ରାଜ୍ୟର ମୋଟ ୧୦୨ଟି ସ୍ଥାନୀୟ ସ୍ୱାୟତ୍ତ ଶାସନ ସଂସ୍ଥା ପାଇଁ ଆଜି ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା । ରାଜ୍ୟ ନିର୍ବାଚନ କମିସନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟା ଶେଷ ହୋଇଛି । ସଦ୍ୟତମ ସୂଚନା ଅନୁଯାୟୀ, ଶାସକ ଦଳ ୯୩୯ଟି ୱାର୍ଡ ଜିତି ଶୀର୍ଷରେ ଥିବା ବେଳେ କଂଗ୍ରେସ ୩୭୬ଟି ୱାର୍ଡ ପାଇଛି । ଏହା ସହିତ ସ୍ୱାଧୀନ ପ୍ରାର୍ଥୀମାନେ ୨୪୮ଟି ଆସନରେ ସଫଳତା ପାଇଛନ୍ତି । ଶିରୋମଣି ଅକାଳୀ ଦଳ ୧୮୯ଟି, ଭାରତୀୟ ଜନତା ପାର୍ଟି ୧୬୭ଟି ଏବଂ ବହୁଜନ ସମାଜ ପାର୍ଟି ମାତ୍ର ୭ଟି ୱାର୍ଡରେ ବିଜୟୀ ହୋଇଛନ୍ତି । ଏହି ସାଧାରଣ ସଫଳତା ଉପରେ ପ୍ରତିକ୍ରିୟା ରଖି ପଞ୍ଜାବର ମୁଖ୍ୟମନ୍ତ୍ରୀ ଭଗବନ୍ତ ମାନ କହିଛନ୍ତି ଯେ ରାଜ୍ୟର ପ୍ରାୟ ୯୦ ପ୍ରତିଶତ ପୌର ପରିଷଦରେ ଦଳ ସଫଳତା ପାଇଛି, ଯାହା ସରକାରଙ୍କ ବିକାଶମୂଳକ କାର୍ଯ୍ୟର ପ୍ରତିଫଳନ । ଲୋକମାନେ ଘୃଣାର ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ପ୍ରଗତିକୁ ଆପଣେଇଛନ୍ତି ବୋଲି ପ୍ରକାଶ କରିଛନ୍ତି ।

# ପୁଣି ଅଶାନ୍ତ ହେଉଛି ମଧ୍ୟପ୍ରାଚ୍ୟ

**ଆମେରିକୀୟ ଡ୍ରୋନ୍‌କୁ ଖସାଇଲା ଇରାନ**

ତେହରାନ, ୨୯ ।୫(ଏଜେନ୍ସି): ଇରାନ ଏହାର ନୂତନ ଏବଂ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ବାୟୁ ପ୍ରତିରକ୍ଷା ପ୍ରଣାଳୀ 'ଆରାଶ-ଇ-କମାଙ୍ଗୀର' ସାହାଯ୍ୟରେ ହର୍ମୁଜ ପ୍ରଣାଳୀ ନିକଟରେ ଏକ ଶକ୍ତିଶାଳୀ ଆମେରିକୀୟ ଡ୍ରୋନ୍‌କୁ ଖସାଇ ଦେଇଥିବା ଦାବି କରିଛି । ଇରାନ ଗଣମାଧ୍ୟମ ଅନୁଯାୟୀ, କୋଟି କୋଟି ଟଙ୍କା ମୂଲ୍ୟର ଏହି ଆମେରିକୀୟ ସାମରିକ ଡ୍ରୋନ୍‌କୁ



ଦେଶର ଆକାଶମାର୍ଗ ଓ ସାମୁଦ୍ରିକ ସୀମା ସୁରକ୍ଷା ଅଭିଯାନ ସମୟରେ ଟାର୍ଗେଟ୍ କରାଯାଇଥିଲା । ଏହି ସଫଳତା ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଇରାନର ସାମରିକ ସକ୍ଷମତାକୁ ପ୍ରଦର୍ଶନ କରୁଛି । ପାରସ୍ୟ ପୌରାଣିକ କଥାର ଜଣେ ପ୍ରସିଦ୍ଧ ବୀର ତୀରନ୍ଦାଜ 'ଆରାଶ'ଙ୍କ ନାମ ଅନୁସାରେ ଏହି ପ୍ରତିରକ୍ଷା ପ୍ରଣାଳୀର ନାମକରଣ କରାଯାଇଛି । ସାମରିକ ବିଶେଷଜ୍ଞଙ୍କ ମତରେ, ଏହି ପ୍ରଣାଳୀ କୌଣସି ପାରମ୍ପରିକ ବଡ଼ ରାଡାର୍ ଉପରେ ନିର୍ଭର କରେନାହିଁ । ଏହା ଏକ ଗତିଶୀଳ ଏବଂ ସ୍ୱଳ୍ପ ଖର୍ଚ୍ଚରେ ନିର୍ମିତ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ଯାହାକୁ ଅତି ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇପାରିବ ଏବଂ ଶତ୍ରୁପକ୍ଷର ନଜରରୁ ଲୁଚାଇ ରଖାଯାଇପାରିବ । ତେବେ ଇରାନର ଏହି ଦାବିକୁ ଅଦ୍ୟାବଧି କୌଣସି ଆନ୍ତର୍ଜାତୀୟ କିମ୍ବା ନିରପେକ୍ଷ ସଂସ୍ଥା ଦ୍ୱାରା ସ୍ପଷ୍ଟ କରାଯାଇନାହିଁ । ବିଶେଷଜ୍ଞଙ୍କ ଅନୁଯାୟୀ, ସ୍ୱଳ୍ପ ଗତିରେ ଉଡୁଥିବା ଗୁପ୍ତଚର ଡ୍ରୋନ୍‌ଗୁଡ଼ିକୁ କ୍ଷତିପହଞ୍ଚାଇବା ପାଇଁ ଏଭଳି ସ୍ୱଦେଶୀ ତାପ-ସମ୍ବେଦନଶୀଳ ମିସାଇଲ୍ ବ୍ୟବସ୍ଥା ବେଶ୍ ପ୍ରଭାବଶାଳୀ ପ୍ରମାଣିତ ହୋଇଥାଏ ।

# ରୋମାନିଆ ଆପାର୍ଟମେଣ୍ଟରେ ପିଟିହେଲା ରୁଷ ଡ୍ରୋନ: ୟୁରୋପୀୟ ନେତା କ୍ଷୁବ୍ଧ



ଗାଲାଟି, ୨୯ ।୫(ଏଜେନ୍ସି): ୟୁକ୍ରେନ୍ ଉପରେ ରଷିଆର ରାତ୍ରିକାଳୀନ ଆକ୍ରମଣ ସମୟରେ ଏକ ଷ୍ଟୋରକ ଜାତୀୟ ଡ୍ରୋନ୍ ପଥଭ୍ରଷ୍ଟ ହୋଇ ପଡୋଶୀ ଦେଶ ରୋମାନିଆର ଏକ ଆପାର୍ଟମେଣ୍ଟରେ ପିଟିହୋଇଛି । ଏହି ଦୁର୍ଘଟଣାରେ ଜଣେ ୧୪ ବର୍ଷର ବାଳକ ଓ ଜଣେ ମହିଳା ଆହତ ହୋଇଛନ୍ତି । ଏହି ଘଟଣାକୁ ନେଇ ନାଟୋ ଏବଂ ୟୁରୋପୀୟ ସଂଘର ନେତାମାନେ ରଷିଆ ବିରୋଧରେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ୟୁକ୍ରେନ ସୀମାନ୍ତରେ ଥିବା ରୋମାନିଆର ଗାଲାଟି ସହରରେ ଏହି ଡ୍ରୋନ୍‌ଟି ମାଡ଼ ହୋଇ ସେଠାରେ ନିଆଁ ଲଗାଇ ଦେଇଥିଲା । ରୋମାନିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହାକୁ ରଷିଆର ଏକ 'ଗୁରୁତର ଏବଂ ଦାୟିତ୍ୱହୀନ ଦୁଃଶାହାସ' ବୋଲି ଅଭିହିତ କରିଛି । ୨୦୨୨ ଯୁଦ୍ଧ ଆରମ୍ଭ ପରଠାରୁ ଏହା ନିଜ ଦେଶ ଉପରେ ସବୁଠାରୁ ବଡ଼ ଆଘାତ ବୋଲି ରୋମାନିଆ ରାଷ୍ଟ୍ରପତି ନିକୋସର ଡାନ୍ କହିଛନ୍ତି । ରୋମାନିଆ ସେନା ଅନୁଯାୟୀ, ଡ୍ରୋନ୍‌ଟି ଚିହ୍ନଟ ହେବାର ମାତ୍ର ୪ ମିନିଟ୍ ମଧ୍ୟରେ କ୍ରାଶ୍ ହୋଇଯାଇଥିବାରୁ ଏହାକୁ ଗୁଳି କରିବାକୁ ଯଥେଷ୍ଟ ସମୟ ମିଳିନଥିଲା । ସେନା କହିଛି ଯେ ଏହା ରୋମାନିଆ ଉପରେ ସିଧାସଳଖ ଆକ୍ରମଣ ନଥିଲା, କିନ୍ତୁ ଏହା ଅଞ୍ଚଳର ସୁରକ୍ଷା ପ୍ରତି ରଷିଆର ବଡ଼ ବିପଦକୁ ଦର୍ଶାଉଛି । ନାଟୋ ମୁଖ୍ୟ ମାର୍କ ରୁଟେ ଏବଂ ଜର୍ମାନୀ ଚାନ୍‌ସେଲର ଫ୍ରିଡରିକ୍ ମେର୍ଜ ରୋମାନିଆ ସହ ସମ୍ପୂର୍ଣ୍ଣ ସହଯୋଗ ପ୍ରତିଶ୍ରୁତି ଦେବା ସହ ନାଟୋ ଅଞ୍ଚଳର 'ଇଞ୍ଚ ଇଞ୍ଚ ଜମି' ରକ୍ଷା କରିବାକୁ ମେଣ୍ଟ ପ୍ରସ୍ତୁତ ବୋଲି କହିଛନ୍ତି । ରଷିଆ ଗତ ରାତିରେ ୟୁକ୍ରେନ ଉପରେ ୨୩୨ଟି ଡ୍ରୋନ ଏବଂ ଏକ ବାଲିଷ୍ଟିକ ମିସାଇଲ ମାଡ଼ କରିଥିଲା, ଯେଉଁଥିରୁ ୟୁକ୍ରେନ୍ ସେନା ୨୧୭ଟି ଡ୍ରୋନକୁ ଖସାଇ ଦେବାରେ ସଫଳ ହୋଇଛି । ଏହି ସ୍ଥିତିକୁ ଦେଖି ୟୁକ୍ରେନ୍ ରାଷ୍ଟ୍ରପତି ଆମେରିକାକୁ ତୁରନ୍ତ ପାଟ୍ରିଅଟ୍ ମିସାଇଲ୍ ଯୋଗାଇବାକୁ ଅନୁରୋଧ କରିଛନ୍ତି ।

## ୟୁକ୍ରେନକୁ ୧୬ଟି ଯୁଦ୍ଧବିମାନ ଦେବ ସ୍ୱିଡେନ

ଉପସାଲା (ସ୍ୱିଡେନ), ୨୯ ।୫(ଏଜେନ୍ସି): ରଷ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ୟୁକ୍ରେନ୍‌ର ବାୟୁସେନାକୁ ମଜବୁତ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନିଆଯାଇଛି । ଆସନ୍ତା ବର୍ଷ ସ୍ୱିଡେନ ୟୁକ୍ରେନକୁ ୧୬ଟି ପୁରୁଣା ମଡେଲର 'ଗ୍ରୀପେନ୍' ଯୁଦ୍ଧବିମାନ ଦାନ କରିବ । ଏଥିସହିତ ୟୁକ୍ରେନ୍ ନିଜ ବାୟୁ ପ୍ରତିରକ୍ଷାକୁ ସୁଦୃଢ଼ କରିବା ପାଇଁ ସ୍ୱିଡେନଠାରୁ ୨୦ଟି ସମ୍ପୂର୍ଣ୍ଣ ନୂଆ ଗ୍ରୀପେନ୍ ଫାଇଟର ଜେଟ୍ କିଣିବ ବୋଲି ଘୋଷଣା କରିଛି । ୟୁକ୍ରେନର ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏବଂ ସ୍ୱିଡେନର ପ୍ରଧାନମନ୍ତ୍ରୀ ଉଲ୍ କ୍ରିଷ୍ଟରସନ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ନୂଆ ମଡେଲର ବିମାନ ଆସିବାକୁ ୨୦୩୦ ପର୍ଯ୍ୟନ୍ତ ସମୟ ଲାଗିବ । ତେଣୁ ସେପର୍ଯ୍ୟନ୍ତ ବାୟୁସେନାର ଆବଶ୍ୟକତା ପୂରଣ କରିବା ପାଇଁ ସ୍ୱିଡେନ ତାର ପୁରୁଣା ସି/ଡି ମଡେଲର ୧୬ଟି ଜେଟ୍ ଦାନ ଆକାରରେ ଯୋଗାଇଦେବ । ୟୁକ୍ରେନ ଏହି ଯୁଦ୍ଧବିମାନ କିଣିବା ପାଇଁ ୟୁରୋପୀୟ ୟୁନିଅନ (ଇୟୁ) ର ୯୦ ବିଲିୟନ ୟୁରୋ ଋଣ ପ୍ୟାକେଜ୍‌ରୁ ୨.୫ ବିଲିୟନ ୟୁରୋ ବ୍ୟୟ କରିବ ।

■ ଦୁର୍ଘଟଣାରେ ଜଳିଗଲା ବାଇକ୍; ୨ ମୃତ

# ଜିଅନ୍ତା ପୋଡ଼ିଗଲେ ଚାଳକ

କଣିହାଁ/ତାଳଚେର ସହର,୨୯।୫ (ସମିସ): ଅନୁଗୋଳ ଜିଲ୍ଲା ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥରେ ଆଜି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ଅଜଣା ଗାଡ଼ି ଧକ୍କାରେ ଗୋଟିଏ ବାଇକ୍ ଜଳିଯିବାରୁ ଘଟଣାସ୍ଥଳରେ ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ପଛରେ ବସିଥିବା ଯୁବକଙ୍କ ହସ୍ପିଟାଲରେ



**ଚିକିତ୍ସାଧୀନ ଅବସ୍ଥାରେ ଅନ୍ୟ ଜଣଙ୍କ ମୃତ୍ୟୁ**

ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ବାଇକ୍ ଚାଳକ ତୁରଙ୍ଗ ଅଞ୍ଚଳର ଦୀପକ ପ୍ରଧାନ ଓ ଅନୁଗୋଳ ରାଜକିଶୋରପଡ଼ା ଅଞ୍ଚଳର ରଞ୍ଜନ ସାହୁ।

ସୂଚନାନୁସାରେ, ଦୀପକ ଓ ରଞ୍ଜନ ଏକ ବାଇକ୍‌ରେ ଖମାର ପଟୁ ପିଟିରି ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ପ୍ରାୟ ୨୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ପଛରେ ବସିଥିବା ରଞ୍ଜନ କିଛି ଦୂରକୁ ଛିଟିକି ପଡ଼ିଥିବା ବେଳେ ଚାଳକ ଦୀପକ ବାଇକ୍ ସହ ଘୋଷାଡ଼ି ହୋଇ ଯାଇଥିଲେ। ପରେ ବାଇକ୍‌ରେ ନିଆଁ ଲାଗିଯାଇଥିଲା। ଫଳରେ ଦୀପକ ଜିଅନ୍ତା ଜଳିଯାଇଥିଲେ। ରଞ୍ଜନଙ୍କୁ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ, ସେଠାରେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ତାଙ୍କ ମୃତ୍ୟୁ ଘଟିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡ଼ିର ସନ୍ଧାନ ପାଇଁ ଉଦ୍ୟମ ଆରମ୍ଭ କରିଛି।

ରାଜ୍ୟରେ ରବିଧାନ ସଂଗ୍ରହ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ: ବିଜେଡି

# ଚାଷୀ ମାରଣ ନୀତି ବିରୋଧରେ ଆନ୍ଦୋଳନ ତେଜିବ

ଭୁବନେଶ୍ୱର,୨୯।୫(ସମିସ): ଚାଷୀଙ୍କୁ ଏମଏସ୍‌ପି ସହିତ ୮୦୦ ଟଙ୍କାର ଇନ୍‌ପୁଟ ସହାୟତା ଦେବାର ଆଶ୍ୱାସନା ଦେଇଥିବା ବିଜେପି ସରକାରର ଚାଷୀ ମାରଣ ନୀତି ଯୋଗୁଁ ନିଜର ହକ୍ ପାଇଁ ଆଜି ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେଉଛି। ରାଜ୍ୟରେ ରବି ଧାନ କିଣାରେ ଦେଖାଦେଇଥିବା ଅବ୍ୟବସ୍ଥାକୁ ବିରୋଧ କରି ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ତଥା ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ, ଓଡ଼ିଶାର ୭୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି। ଡବଲ ଇଞ୍ଜିନ ସରକାରଙ୍କ ଚାଷୀମାରଣ ନୀତି ଯୋଗୁଁ ଆଜି ଅର୍ଥନୀତି ଧ୍ୱଂସ ହେବାକୁ ବସିଛି। କୃଷି ବିଭାଗ ରିପୋର୍ଟ ଅନୁସାରେ ଓଡ଼ିଶାରେ ୧୫୦ ଲକ୍ଷ ମେଟ୍ରିକ ଟନ୍ ଧାନ ଉତ୍ପାଦିତ ହେଉଛି; କିନ୍ତୁ ସରକାର କହୁଛନ୍ତି ୯୩ ଲକ୍ଷ ମେଟ୍ରିକ ଟନ ଧାନ

**ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି ୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ**

**ସରକାର ଓ ମିଲରଙ୍କ ମଧୁଚନ୍ଦ୍ରିକା ପାଇଁ ଚାଷୀ ହୀନସ୍ତା**

ଚାଷୀକୂଳ ଠାରୁ ସଂଗ୍ରହ କରିବେ। ମଣ୍ଡି ଖୋଲିବାଠୁ ଆରମ୍ଭ କରି ଚାଷୀ ପଞ୍ଜିକରଣ, ଟୋକନ ବଣ୍ଟନ ଓ ଧାନ କ୍ରୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଚାଷୀମାନଙ୍କୁ ଆନ୍ଦୋଳନ କରିବାକୁ ପଡୁଛି। ସରକାର ମେ' ୧୫ ତାରିଖରୁ ରାଜ୍ୟର ୨୦ଟି ଜିଲ୍ଲାରେ ରବି ଧାନ ସଂଗ୍ରହ ପାଇଁ ସମୟ ଧାର୍ଯ୍ୟ କରିଥିବା ବେଳେ ଆଜି ସୁଦ୍ଧା ରବି ଧାନ ସଂଗ୍ରହ ପାଇଁ ୫୦ ଭାଗ ମଣ୍ଡି ଖୋଲାଯାଇ ନାହିଁ। ରବି ଧାନ କ୍ରୟ ପାଇଁ ୩ ଲକ୍ଷ ୪୭ ହଜାର ୭୫ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଆଜିସୁଦ୍ଧା ମାତ୍ର ୩୧ ହଜାର ୪୬୧ ଜଣ ଚାଷୀ ମଣ୍ଡି ବ୍ୟବସ୍ଥାରେ ତାଙ୍କ ଧାନ ବିକ୍ରି କରିଛନ୍ତି। ଅର୍ଥାତ୍ ୧୦ ପ୍ରତିଶତରୁ କମ୍ ଚାଷୀ ୧ ଲକ୍ଷ ୮୦ ହଜାର ମେଟ୍ରିକ ଟନ୍ ଧାନ ବିକ୍ରି କରିଛନ୍ତି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଚାଷୀକୂଳଙ୍କ ସ୍ୱାର୍ଥ ପାଇଁ ବିଜେଡି ରାଜରାସ୍ତାଠୁ ଆରମ୍ଭ କରି ମଣ୍ଡି ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଛି ଓ ଆଗକୁ ଏହି ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେ କହିଛନ୍ତି।



ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ, ରବି ଧାନ ସଂଗ୍ରହ ବ୍ୟବସ୍ଥା ସାରା ରାଜ୍ୟରେ ଭୁଶୁଡ଼ି ଯାଇଛି। ଶାସକ ଦଳର ନେତାମାନେ ମଧ ଏହାକୁ ସ୍ୱୀକାର କରୁଛନ୍ତି। ବର୍ତ୍ତମାନ ରାଜ୍ୟର ଗାଁ ମାନଙ୍କରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ସରକାରଙ୍କ ୮୦୦ ଟଙ୍କାର ଇନ୍‌ପୁଟ ସହାୟତାକୁ ଦୃଷ୍ଟିରେ ରଖି ଚାଷୀକୂଳ ଅଧିକ ଧାନ ଉତ୍ପାଦନ କରିଛନ୍ତି; କିନ୍ତୁ ଧାନ ସଂଗ୍ରହରେ ସରକାରଙ୍କ ଅବ୍ୟବସ୍ଥା ଯୋଗୁଁ ଚାଷୀକୂଳ ହତାଶ ହୋଇ ଏବେ ଇଚ୍ଛାମୃତ୍ୟୁ ମାଗୁଛନ୍ତି। ଏପରି ସ୍ଥିତି ରହିଲେ ଆଗାମୀ ଦିନରେ ଚାଷୀ ଆତ୍ମହତ୍ୟା ଖବରକାଗଜର ଶିରୋନାମା ପାଲଟିବ। ରାଜ୍ୟରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ରବି ଧାନ କରିଥିବା ବେଳେ ୩ ଲକ୍ଷ ୪୭ ହଜାର ୭୫ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଅର୍ଥାତ୍ ୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହୋଇଛନ୍ତି। ସରକାରଙ୍କ ଚାଷୀମାରଣ ନୀତି ଯୋଗୁଁ କଳାହାଣ୍ଡି, କୋରାପୁଟଠୁ ଆରମ୍ଭ କରି ବାଲେଶ୍ୱର ପର୍ଯ୍ୟନ୍ତ ଚାଷୀ ରାଜରାସ୍ତାରେ ବସିଛନ୍ତି। ବିଭିନ୍ନ ଆଳ ଦେଖାଇ ଚାଷୀଙ୍କୁ ଶୋଷଣ କରୁଥିବା ଡବଲ ଇଞ୍ଜିନ ସରକାର ବିରୋଧରେ ଆଗକୁ ବିଜୁ ଜନତା ଦଳର ଲଢ଼େଇକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି।

# ଆମ୍ବ ଗୋଟାଇବା ବେଳେ ଦଳିଦେଲା ହାତୀ

ରାଇରଙ୍ଗପୁର,୨୯।୫(ସମିସ): ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ଦଳିଦେଲା ହାତୀ। ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ୍ ଅନ୍ତର୍ଗତ ତଳକପୋଖରୀ ପଞ୍ଚାୟତ ଦୁଧିଝରଣ ଗ୍ରାମ ନିକଟସ୍ଥ ଦଳକିସାହି ଜଙ୍ଗଲରେ ଏହି ଅଘଟଣ ଘଟିଛି।



ମୃତକ ହେଲେ, ଦୁଧିଝରଣ ଗ୍ରାମର ଖଡ଼ିଆ ଜନଜାତି ଯୁବକ ଲାଲମୋହନ ଦେହୁରୀ (୪୪)। ବାଦାମପାହାଡ଼ ଥାନା ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

କାଳବୈଶାଖୀ ଜନିତ ବର୍ଷା-ପବନରେ ଆମ୍ବ ଝଡ଼ିଥିବାରୁ ତାହାକୁ ଗୋଟାଇବାକୁ ଲାଲମୋହନ ଦଳକିସାହି ଜଙ୍ଗଲକୁ ଯାଇଥିଲେ। ସେଠାରେ ସେ ଆମ୍ବ ଗୋଟାଉଥିବା ବେଳେ ଗୋଟିଏ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବା ସହ ପାଦରେ ଦଳି ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ବାଦାମପାହାଡ଼ ଥାନା ପୁଲିସ ଓ ବନ କର୍ମଚାରୀ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।

ପୁଲିସ ନାକ ତଳେ ଅପରାଧ

# ଥାନା ପରିସରରେ ଦୁଇଗୋଷ୍ଠୀ ମାରପିଟ୍

ବାରିପଦା,୨୯।୫(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ପୁଲିସକୁ ଅପରାଧୀଙ୍କ ତିଳେମାତ୍ର ଭୟ ନାହିଁ। ଥାନା ପରିସରରେ ପୁଲିସ୍ ଉପସ୍ଥିତିରେ ଦୁଇଗୋଷ୍ଠୀ ମାରପିଟ୍ ହେବା ଏହାର ଅନ୍ୟତମ ପ୍ରମାଣ। ଆଜି ସଂଧ୍ୟାରେ ବାରିପଦା ଟାଉନ୍ ଥାନା ପରିସରରେ ଏପରି ଏକ ଘଟଣା ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ଯୋଗୁଁ ଥାନା ପରିସର ଏକପ୍ରକାର ରଣକ୍ଷେତ୍ର ପାଲଟିଥିଲା।

ସୂଚନାନୁଯାୟୀ, ବାରିପଦାରୁ କିଛି ଯୁବକ ଶିମିଳିପାଳର ଲୁଲୁଙ୍ଗକୁ ବୁଲିବାକୁ ଯାଇଥିଲେ। ସେଠାରୁ ଫେରିବା ବେଳେ ରଙ୍ଗାମାଟିଆ ନିକଟରେ ଧନପୁର ଅଞ୍ଚଳର କିଛି ଯୁବକଙ୍କ ସହ ସେମାନଙ୍କର ପାଟିତୁଣ୍ଡ ହୋଇଥିଲା। କାର୍ ଚାଳକ ସେଠାରୁ ଖସି ଆସିଥିବା ବେଳେ ସେହି ଯୁବକମାନେ ସେମାନଙ୍କୁ ୩ରୁ ୪ଟି ବାଇକ୍‌ରେ ପିଛା କରିବା ସହ ଆକ୍ରମଣ ଜାରି ରଖିଥିଲେ। ଆକ୍ରମଣକାରୀ ଯୁବକମାନେ କାର୍‌କୁ ଜଗନ୍ନାଥ ମନ୍ଦିର ପାଖରେ ଅଟକାଇ ଚାଳକଙ୍କୁ ନିସ୍ତୁକ ମାଡ଼ ମାରିବା ସହ ସିଲିଣ୍ଡର୍ ଟାଙ୍କି ଫୋପାଡ଼ି କାର୍‌କୁ ଭାଙ୍ଗି ଦେଇଥିଲେ। କାର୍‌ରେ ଥିବା ଯୁବକମାନେ ଜୀବନ ବିକଳରେ କାର୍ ସହ ଟାଉନ୍ ଥାନା ଭିତରକୁ ପଶି



ଯାଇଥିଲେ। ଆକ୍ରମଣକାରୀ ଯୁବକମାନେ ମଧ୍ୟ ସେମାନଙ୍କୁ ପିଛା କରି ସିଧା ଥାନା ଭିତରକୁ ଧସେଇ ପଶି କାର୍ ଚାଳକଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ରିପୋର୍ଟ ଲେଖାଯିବା ବେଳକୁ କାର୍ ଚାଳକ ଓ ଅନ୍ୟମାନଙ୍କୁ ଆକ୍ରମଣ କରିଥିବା ଯୁବକଙ୍କ ମଧ୍ୟରୁ କିଛି ଜଣଙ୍କୁ ପୁଲିସ ଅଟକ ରଖି ତଦନ୍ତ ଚଳାଇଛି। ଏହାକୁ ନେଇ ଥାନା ସମ୍ମୁଖରେ ଉତ୍ତେଜନା ସୃଷ୍ଟି ହୋଇଛି।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଓ ସୈନିକ ବୋର୍ଡ ମଧ୍ୟରେ ବୁଝାମଣା

# ଅବସରପ୍ରାପ୍ତ ସୈନିକଙ୍କୁ ମିଳିବ ଉଚ୍ଚଶିକ୍ଷା ସୁଯୋଗ

ବାରିପଦା,୨୯।୫(ସମିସ): ଅବସରପ୍ରାପ୍ତ ସୈନିକଙ୍କ ନିମନ୍ତେ ଉଚ୍ଚଶିକ୍ଷା ସୁଯୋଗ ସୃଷ୍ଟି କରିବା ଲାଗି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ (ଏମ୍‌ଏସ୍‌ସିବିୟୁ) ଓ ପଶ୍ଚିମବଙ୍ଗ ସୈନିକ ବୋର୍ଡ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି। ଏହି ବୁଝାମଣା ଅନୁଯାୟୀ, ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଅବସରପ୍ରାପ୍ତ ସୈନିକଙ୍କ ପାଇଁ ପ୍ରଥମଥର ପାଇଁ ସୈନିକ ବୋର୍ଡ ଷ୍ଟଡି ସେଣ୍ଟର୍ ଖୋଲାଯିବ। ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଏ ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କୋଲକାତାସ୍ଥିତ ପଶ୍ଚିମବଙ୍ଗ ସୈନିକ ବୋର୍ଡ ସହ ଏହି ବୁଝାମଣା ସ୍ୱାକ୍ଷର ହୋଇଛି। ଖୁବ୍‌ଶୀଘ୍ର ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଏହି ଷ୍ଟଡି ସେଣ୍ଟର ପ୍ରତିଷ୍ଠା କରାଯିବ। ଏହା ଓଡ଼ିଶାର ପ୍ରଥମ ସୈନିକ ବୋର୍ଡ ଷ୍ଟଡି ସେଣ୍ଟର ହେବ ବୋଲି ସେ କହିଛନ୍ତି। ଏହି ସହଯୋଗିତା ମାଧ୍ୟମରେ ଅବସରପ୍ରାପ୍ତ ସୈନିକମାନଙ୍କୁ ଆବଶ୍ୟକ ଶୈକ୍ଷିକ ଯୋଗ୍ୟତା ପ୍ରଦାନ କରାଯିବ। ସେମାନଙ୍କୁ ମ୍ୟାନେଜମେଣ୍ଟରେ ଡିଗ୍ରୀ ପ୍ରଦାନ କରାଯିବ। କୋର୍ସ ସମାପ୍ତ କରି ଡିଗ୍ରୀ ପାଇଲେ




ଅବସରପ୍ରାପ୍ତ ସୈନିକମାନେ ସରକାରୀ ଓ ବେସରକାରୀ ବିଭିନ୍ନ କ୍ଷେତ୍ରରେ ଚାକିରି ସୁଯୋଗ ପାଇପାରିବେ ବୋଲି ସେ କହିଛନ୍ତି। କୁଳପତି ପ୍ରଫେସର୍ ମହାନ୍ତି ଆହୁରି କହିଛନ୍ତି ଯେ ଓଡ଼ିଆ, ଇଂରାଜୀ, ହିନ୍ଦୀ, ସାନ୍ତାଳୀ, ମୁଣ୍ଡାରୀ, ଜର୍ମାନ ଓ ଜାପାନୀ ଭାଷାରେ ଲ୍ୟାଙ୍ଗୁଏଜ୍ ଲ୍ୟାବ୍ ସ୍ଥାପନ କରିବା ସହ ବିଶ୍ୱବିଦ୍ୟାଳୟ ୱେବସାଇଟ୍‌କୁ ଉନ୍ନତ କରିବା ଏବଂ ଖାଲି ପଦ ପୂରଣ କରିବା ପାଇଁ ପଦକ୍ଷେପ ନିଆଯାଉଛି।

# ଜୀବନ ହାରିଲେ ରିଲ୍‌ସ ହିରୋ

ଭଦ୍ରକ, ୨୯।୫ (ସମିସ): ଗଛରେ ଗାମୁଛା ବାନ୍ଧି ଜଣେ ରିଲ୍‌ସ-ହିରୋ ଆତ୍ମହତ୍ୟା କରିଛନ୍ତି। ସେ ହେଲେ, ଭଦ୍ରକ ଗ୍ରାମାଞ୍ଚଳ ଥାନା ବାଣିତିଆ ଗାଁର ନାରାୟଣ ପାଠକ। ସେ ଓ ତାଙ୍କ ସ୍ତ୍ରୀ ବିଭିନ୍ନ ସମୟରେ ଗାଁର ସାମାଜିକ ସ୍ଥିତି ଓ ପରିବେଶକୁ ନେଇ ରିଲ୍‌ସ କରନ୍ତି। ଏଥିଯୋଗୁଁ ଉଭୟ ସ୍ୱାମୀ-ସ୍ତ୍ରୀ

**ବେକରେ ଗାମୁଛା ବାନ୍ଧି ଗଛରେ ଝୁଲିପଡ଼ିଲେ**



ସାମାଜିକ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚାରେ ଥିଲେ। କିଛି ଦିନ ହେଲା ନାରାୟଣଙ୍କ ସ୍ତ୍ରୀ ନିଜ ବାପଘରକୁ ଯାଇଥିବା ବେଳେ ସେ ବେକରେ ଗାମୁଛା ବାନ୍ଧି ଗଛରେ ଝୁଲିପଡ଼ିବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ସୂଚନାନୁଯାୟୀ, ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ କାହା ସହ ମୋବାଇଲରେ କଥା ହେଉଥିଲେ। ହଠାତ୍ ଆଜି ସକାଳୁ ଚରମ୍ପା କେନାଲର ବାଣିତିଆ ନିକଟରେ ତାଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ଖବର ପାଇ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଏକ ଦୁଃଖଦ ପରିସ୍ଥିତି ସୃଷ୍ଟି କରିଛି। ନାରାୟଣ କାହିଁକି ଓ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ, ତାହା ଅସ୍ପଷ୍ଟ ରହିବା ସହ ସନ୍ଦେହ ସୃଷ୍ଟି କରିଛି।

କଟକ ମହାନଗର ବିଜେଡିର ନୂଆ ସାଂଗଠନିକ ଜିଲ୍ଲା

# ସ୍ୱଦେଶ ଦାସ ନୂଆ ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୯।୫(ସମିସ): ବିଜେଡି ପକ୍ଷରୁ କଟକ ନଗରକୁ ନୂତନ ସାଂଗଠନିକ ଜିଲ୍ଲା ଭାବେ ଘୋଷଣା କରାଯାଇଛି। ଏହି ନୂତନ ସାଂଗଠନିକ ଜିଲ୍ଲା 'କଟକ ମହାନଗର' ଭାବେ ନାମିତ କରାଯାଇଛି। କଟକ ମହାନଗର ନିଗର ଅଧୀନରେ ଆସୁଥିବା ଅଞ୍ଚଳଗୁଡ଼ିକ ଏହି ସାଂଗଠନିକ ଜିଲ୍ଲା ଅଧିନରେ ରହିବ ବୋଲି ଦଳ ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ସାଂଗଠନିକ ଜିଲ୍ଲା ଗଠନ ସହ ସ୍ୱଦେଶ ଦାସଙ୍କୁ ଏହାର ସଭାପତି ଭାବେ ନିଯୁକ୍ତ କରାଯାଇଛି। ଏହାସହ ଜୟଦେବ ଜେନା ଓ ସଞ୍ଜୟ ବରାଳଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ ଦିଆଯାଇଛି। ଏନେଇ ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ହସ୍ତାକ୍ଷରରେ ଦଳୀୟ ବିଜ୍ଞପ୍ତି ଜାରି ହୋଇଛି।

ମଦ ଦୋକାନ ଲାଇସେନ୍ସ ଲାଗି ଲଟେରୀ ଉଠାଣ

# ଆଖିରେ ପଟି ବାନ୍ଧି ଚିର୍‌କୁଟ୍ ଉଠାଇଲେ ଜିଲ୍ଲାପାଳ

ଭଦ୍ରକ, ୨୯।୫ (ସମିସ): ଭଦ୍ରକ ଜିଲ୍ଲାରେ ଆଜି ଠିପିବନ୍ଦ ସରକାରୀ ଦେଶୀ-ବିଦେଶୀ ଦୋକାନ ଲାଗି ଆବେଦନ କରିଥିବା ବିଡ୍ଡରଙ୍କୁ ଆଜି ଲଟେରୀ ମାଧ୍ୟମରେ ଲାଇସେନ୍ସ ପ୍ରଦାନ କରାଯାଇଛି। ଆଜି ପୂର୍ବାହ୍ନ ୧୧ଟାରେ

**୩୨ ବିଦେଶୀ ଓ ୧୭ଦେଶୀ ମଦ ଦୋକାନ ଚୂଡାନ୍ତ**

**୫୫ ଦୋକାନ ପାଇଁ ପଡ଼ିଛି ୬୪୦ ଆବେଦନ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଲଟେରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ନିଜେ ଆଖିରେ ଅନ୍ଧ ପୁଟିଳି ବାନ୍ଧି ଲଟେରୀ ଖୋଲି ନୂତନ ମଦ ଦୋକାନୀଙ୍କ ଲାଇସେନ୍ସ ଚିହ୍ନଟ କରିଥିଲେ। ଜିଲ୍ଲା ଅବକାରୀ ଅଧୀକ୍ଷକ ନରୋତ୍ତମ ମିଶ୍ର ଓ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଅପରାହ୍ନ ୫ ଟା ଯାଏଁ ଏହି ଲଟେରୀ କାର୍ଯ୍ୟକ୍ରମ ଚାଲିଥିଲା।




ସୂଚନାନୁଯାୟୀ, ଜିଲ୍ଲାର ୩୨ଟି ସରକାରୀ ଠିପିବନ୍ଦ ବିଦେଶୀ ମଦ ଦୋକାନ ଲାଗି ଅନ୍‌ଲାଇନରେ ସିକ୍ୟୁରିଟି ଡିପୋଜିଟ କରି ୧୭୩ ଜଣ ବିଡ୍ଡର ଆବେଦନ କରିଥିଲେ। ସେହିଭଳି ୧୭ଟି ସରକାରୀ ଠିପିବନ୍ଦ ମଦ ଦୋକାନ ଲାଗି ୪୬୭ଜଣ ଆବେଦନ କରିଥିଲେ। ଏହି ଆବେଦନକାରୀ ବିଡ୍ଡରଙ୍କୁ ଆଜି ଲଟେରୀ ମାଧ୍ୟମରେ ଲାଇସେନ୍ସ ପ୍ରଦାନ ଲାଗି ମନୋନୀତ କରାଯାଇଛି। ଆସନ୍ତା ୧୫ଦିନ ମଧ୍ୟରେ ଏହି ଲାଇସେନ୍ସ ହାସଲକାରୀମାନେ ସେମାନଙ୍କ ନୂତନ ମଦ ଦୋକାନ ଖୋଲିବା ନିମନ୍ତେ ଜାଗା ଚିହ୍ନଟ କରି ଜିଲ୍ଲାପାଳଙ୍କୁ ପ୍ରଦାନ କରିବା ପରେ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯିବ ବୋଲି ଜଣାଯାଇଛି। ଅନ୍ୟପକ୍ଷରେ ଆଜି ମଦ ଦୋକାନ ଲଟେରୀ ଲାଗି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସେହିଭଳି ଲଟେରୀରେ ଲାଇସେନ୍ସ ପାଇଥିବା ଆବେଦନକାରୀ ବା ବିଡ୍ଡରମାନେ ଖୁସି ଥିବାବେଳେ ଯେଉଁମାନଙ୍କ ହୋଇନଥିଲା ସେମାନେ ନିରାଶରେ ଫେରିଥିଲେ।

# ୮୦ ଗ୍ରାମ୍‌ର ସୁନାଚେନ୍ ଫେରି ପାଇଲେ କର୍ଣ୍ଣାଟକ ମହିଳା

ପୁରୀ,୨୯।୫(ସମିସ): ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ଆସିଥିଲେ କର୍ଣ୍ଣାଟକର ହୋସକୋଟେ ଥାନା କୁମ୍ବଳାହଲ୍ଲି ଗାଁର ୫୭ ବର୍ଷୀୟା ଭାଗ୍ୟମା। ତାଙ୍କ ବେକରେ ଥିଲା ୮୦ ଗ୍ରାମ ଓଜନର ଏକ ସୁନାଚେନ୍। ଶ୍ରୀମନ୍ଦିରରେ ଭିଡ଼ ଭିତରେ ଜାଲି ଗେଟ୍ ନିକଟରେ

**ପୁରୀ ପୁଲିସକୁ ଧନ୍ୟବାଦ ଦେଲେ**

ହଠାତ୍ ବେକ ହାଲୁକା ଲାଗିଲା। ଚେନ୍ ନାହିଁ। ତାଙ୍କ ଆଖି ଓଦା ହୋଇଗଲା। କେମିତି ଖାଲି ହାତରେ ଘରକୁ ଫେରିବେ, ସେନେଇ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ଖବର ପାଇବା ମାତ୍ରେ କର୍ତ୍ତବ୍ୟରତ ପୁଲିସ କର୍ମଚାରୀ ସଙ୍ଗେ ସଙ୍ଗେ ସନ୍ଧାନ ଆରମ୍ଭ କଲେ। ସେମାନେ ଜାଣିଥିଲେ, ଏଇଟା କେବଳ ୮୦ଗ୍ରାମ ସୁନା ନୁହେଁ; ଜଣେ ମା'ର ବିଶ୍ୱାସ, ଜଣେ ଭକ୍ତର ଶ୍ରଦ୍ଧା। ଶେଷରେ ହଜିଥିବା ସୁନାଚେନ୍‌ଟି ମିଳିଥିଲା। ଯେତେବେଳେ ପୁଲିସ ଅଧିକାରୀ ସେଇ ଚେନ୍‌ଟିକୁ ଭାଗ୍ୟମା ମା'ଙ୍କ ହାତରେ ଦେଲେ, ସେ ଖୁସି ହୋଇଗଲେ। ପୁରୀ ପୁଲିସକୁ ଧନ୍ୟବାଦ ଜଣାଇଲେ। ପୁଲିସ ପ୍ରମାଣ କଲା, ଏଠି ଖାକି କେବଳ ଆଇନ ରକ୍ଷା କରେନି, ଭକ୍ତର ଭାବନାକୁ ବି ସମ୍ମାନ କରେ। କାରଣ ଶ୍ରୀକ୍ଷେତ୍ରରେ ସେବା ହିଁ ସବୁଠୁ ବଡ଼ ଧର୍ମ।

# ବିଧବାଙ୍କୁ କାତିରେ ହାଣି ହତ୍ୟା

ରଙ୍ଗେଇଲୁଣ୍ଡା, ୨୯।୫(ସମିସ): ପୋଖରୀ ହୁଡ଼ାରେ ବିଧବା ମହିଳାଙ୍କୁ କାତିରେ ହାଣି ହତ୍ୟା। ଗୋଳନ୍ଥରା ଥାନା ଅଧୀନ ଚାନ୍ଦପୁର ଗ୍ରାମରେ ଆଜି ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଚାନ୍ଦପୁର ହରିଜନ ସାହିର ଶାନ୍ତି ଦାସ (୪୫)। ପୋଖରୀ ହୁଡ଼ାରୁ ପୁଲିସ୍ ତାଙ୍କ କ୍ଷତବିକ୍ଷତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ପୁଲିସର ତଦନ୍ତ ତନାଘନା**



ସୂଚନାନୁଯାୟୀ, ଆଜି ସକାଳ ପ୍ରାୟ ୭ଟାରେ ଶାନ୍ତି ଘରୁ ଏକ କାତି ନେଇ କାଠ କାଟିବା ପାଇଁ ପୋଖରୀ ହୁଡ଼ାକୁ ଯାଇଥିଲେ। ସନ୍ଧ୍ୟା ଯାଏଁ ଘରକୁ ନ ଫେରିବାରୁ ଶାନ୍ତିଙ୍କ ଝିଅ ତାଙ୍କୁ ପୋଖରୀ ନିକଟରେ ଖୋଜାଖୋଜି କରିଥିଲେ। ଏହି ସମୟରେ ସେ ଶାନ୍ତିଙ୍କ କ୍ଷତବିକ୍ଷତ ମୃତଦେହ ପଡ଼ିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଗୋଳନ୍ଥରା ଆଇଆଇସି ଟୁନା ସାସମଲ, ଏଏସ୍‌ଆଇ ରମେଶ ଚନ୍ଦ୍ର ଚୌଧୁରୀ ପ୍ରମୁଖଙ୍କ ସମେତ ପୁଲିସ୍ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଶାନ୍ତିଙ୍କ ବେକ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ମୃତଦେହ ନିକଟରେ ଏକ କାତି ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତଦେହକୁ ପୁଲିସ୍ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି। କେହି ଦୁର୍ବୃତ୍ତ ଶାନ୍ତିଙ୍କୁ କାତିରେ ହାଣି ହତ୍ୟା କରି ଚାଲିଯାଇଥିବା ପୁଲିସ ସନ୍ଦେହ କରୁଛି। ତେବେ କିଏ ଓ କାହିଁକି ହତ୍ୟା କଲା, ତାହାର କାରଣ ଖୋଜୁଛି ପୁଲିସ। ଶାନ୍ତିଙ୍କ ପୁଅ ଗୋଳନ୍ଥରା ଥାନାରେ ଏନେଇ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ବ୍ରହ୍ମପୁର ଅତିରିକ୍ତ ଏସପି ଡ. ଆଲୋକ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଘଟଣାସ୍ଥଳରେ ପହଞ୍ଚି ପଚରାଉଚରା କରିଥିବା ସୂଚନା ମିଳିଛି।

# ମହିଳାଙ୍କୁ ହତ୍ୟା କରି ନଦୀକୂଳରେ ଫିଙ୍ଗିଦେଲେ!

ଭଦ୍ରକ/ତିହିଡ଼ି/ଦୋଳସାହି, ୨୯।୫(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ବୋଡ଼କ ପଞ୍ଚାୟତ କାସିମପୁର-ଓରାଳି ମଧ୍ୟରେ ଥିବା ରେବ ନଦୀ କୂଳରୁ ଆଜି ଜଣେ ମହିଳାଙ୍କ ଶବ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଛି। ଶବଟି ଜରିରେ ଗୁଡ଼ା ଯାଇଥିବା ବେଳେ ମୁଣ୍ଡରେ ଆଘାତ ଚିହ୍ନ ଥିବାରୁ ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ମହିଳାଙ୍କ ପରିଚୟ ମିଳିପାରିନାହିଁ। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି। ଆଖପାଖ ଥାନାରେ ହୋଇଥିବା ମହିଳା ନିଖୋଜ ମାମଲା ସଂପର୍କରେ ଜାଣିବାକୁ ଚେଷ୍ଟା କରିବା ସହ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି। ଏହାସହ, ମହିଳାଙ୍କୁ କେହି ଚିହ୍ନିଥିଲେ ତୁରନ୍ତ ଥାନାକୁ ଖବର ଦେବାକୁ ଆଇଆଇସି ଲୋପାମୁଦ୍ରା ନାୟକ ଅନୁରୋଧ କରିଛନ୍ତି। ପୁଲିସ ମହିଳାଙ୍କ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟ ଆସିବା ପରେ ମହିଳାଙ୍କ ମୃତ୍ୟୁର ରହସ୍ୟ ପଦାକୁ ଆସିବ ବୋଲି ପୁଲିସ ଆଶାବାଦୀ ରହିଛି। ସେହିପରି ମହିଳାଙ୍କ ପରିଚୟ ଜଣାପଡ଼ିବା ପରେ ତଦନ୍ତ ତ୍ୱରାନ୍ୱିତ ହେବ ବୋଲି ପୁଲିସ କହିଛି। ସୂଚନାନୁଯାୟୀ, ଆଜି ନଈକୂଳରେ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖି କିଛି ଗ୍ରାମବାସୀ ତିହିଡ଼ି ପୁଲିସକୁ ଖବର ଦେଇଥିଲେ। ପରେ ଏହି ଖବର ପଦାକୁ ଆସିଥିଲା। ଖବର ପାଇ ତିହିଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବକୁ ଜବତ କରିଥିଲା।

ନବରଙ୍ଗପୁରରେ ଯାଦବ ସମ୍ପ୍ରଦାୟ ଲୋକଙ୍କ ଉପରେ ଆକ୍ରମଣ

# ତଥ୍ୟ ଅନୁଧ୍ୟାନକାରୀ ଟିମ୍ ଗଠନ କଲେ ନବୀନ

ଭୁବନେଶ୍ୱର,୨୯।୫(ସମିସ): ନବରଙ୍ଗପୁର ଜିଲ୍ଲାର ଚନ୍ଦାହାଣ୍ଡି ବ୍ଲକରେ ଯାଦବ ସମ୍ପ୍ରଦାୟର ଲୋକଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ତଥ୍ୟ ଅନୁଧ୍ୟାନକାରୀ ଦଳ ଗଠନ କରିଛି ବିଜେଡି। ଜିଲ୍ଲାର ଲଧୁପଡ଼ା ଗାଁରେ ଏହି ଘଟଣା ଘଟିଥିବା ବେଳେ ସାରା ରାଜ୍ୟରେ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ରାଇଘର ବ୍ଲକ୍‌ର ଯାଦବ ସମ୍ପ୍ରଦାୟର ଲୋକଙ୍କ ଉପରେ ଏହି ଆକ୍ରମଣ ଘଟଣାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗୁରୁତର ସହ ନେଇଛନ୍ତି। ତଥ୍ୟ ଅନୁଧ୍ୟାନ ପାଇଁ ଶ୍ରୀ ପଟ୍ଟନାୟକ ଏକ ଟିମ୍ ଗଠନ କରିବା ସହ ସେମାନଙ୍କୁ କ୍ଷେତ୍ରରୁ ବାସ୍ତବ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଟିମ୍ ଘଟଣାସ୍ଥଳକୁ ଯାଇ ପୀଡ଼ିତଙ୍କୁ ଭେଟିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସବିଶେଷ ତଥ୍ୟ ସଂଗ୍ରହ କରିବ ଓ ଏହାକୁ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ। ଏହି ଟିମ୍‌ରେ ବିଧାୟକ ମନୋହାର ରନ୍ଧାରୀ, ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ସୁବାସ ଗଣ୍ଡ, ସଦାଶିବ ପ୍ରଧାନୀ, ନବୀନ ନାୟକ, ମୋତିରାମ ନାଏକ, ଗୁପ୍ତା ପ୍ରସାଦ ଝଙ୍କାର, ରଷ୍ଣୁ ଚନ୍ଦ୍ର ବାଘ, ନିଳମଣୀ ଗୌଡ଼, ବାସୁଦେବ ଗୌଡ଼, କାଳିଆ ରାଉତ ପ୍ରମୁଖ ରହିଛନ୍ତି। କମିଟି ଗଠନ ସହ ଏହି କୌଣସି ସମ୍ପ୍ରଦାୟ ଉପରେ ଆକ୍ରମଣ ଘଟଣାକୁ ବିଜେଡି କଡ଼ା ନିନ୍ଦା କରିଛି। ଏହାସହତ ପୀଡ଼ିତ ପରିବାର ସହ ବିଜେଡି ଦୃଢ଼ ଭାବେ ଠିଆ ହୋଇଥିବା ନେଇ ଦଳ କହିଛି। ପୀଡ଼ିତ ପରିବାରକୁ ପ୍ରଶାସନ ଉଚିତ ନ୍ୟାୟଦେବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

## ଅନୁଗୋଳ ମହାବିଦ୍ୟାଳୟ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶିତ

# ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ଦିଆଗଲା ସମ୍ବର୍ଦ୍ଧନା

ଅନୁଗୋଳ, ୨୯ ।୫(ସମିସ)



ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟ ପକ୍ଷରୁ ଏକ ସଭା ଆୟୋଜନ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବସନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପରୀକ୍ଷା ନିୟନ୍ତ୍ରକ ରୀନା ମାର୍ଣ୍ଡି, ପ୍ରାଣୀ ବିଜ୍ଞାନ ମୁଖ୍ୟ ସୁଶାନ୍ତ କୁମାର ପ୍ରଧାନ, ଡେପୁଟି ନିୟନ୍ତ୍ରକ ପ୍ରଭାତୀ ଭୋଇଙ୍କ ସମେତ ସମସ୍ତ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଏବଂ କଲେଜ କର୍ମଚାରୀମାନେ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ସାହୁ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ।

ସ୍ନାତକ କଳାରେ ୮୩.୩୯ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୯୬.୨୩ ପ୍ରତିଶତ, ବାଣିଜ୍ୟରେ ୭୪.୮୫, ବିବିଏରେ ୮୬ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ନାତକ କଳା ଅର୍ଥନୀତିରେ ଲିପ୍ସା ସାହୁ ୭.୭୯ ସିଜିପିଏ ରଖି ଟପ୍ପର୍ ହୋଇଛନ୍ତି। ସେହିପରି ଶିକ୍ଷାରେ ବର୍ଷା ପ୍ରିୟଦର୍ଶିନୀ ମହାନ୍ତି ୮.୨୧ ସିଜିପିଏ, ଇଂରାଜୀରେ ବର୍ଷା ପ୍ରିୟଦର୍ଶିନୀ ନାଏକ ୭.୬୪ ସିଜିପିଏ ରଖି ଟପ୍ପର୍ ହୋଇଛନ୍ତି। ଭୂଗୋଳରେ ସୁଚିତ୍ରା ସାହୁ, ୯.୩୬, ଇତିହାସରେ ସାନିଆ ସାହୁ ୮.୯୩ ଓଡ଼ିଆରେ ଅର୍ଚ୍ଚିତା ସାହୁ ୮.୭୯, ଦର୍ଶନରେ ସୁନୀଲ କୁମାର ସାହୁ ୭.୮୬, ରାଜନୀତି ବିଜ୍ଞାନରେ ଆଦ୍ୟାଶା ନାୟକ ୮.୭୯, ସଂସ୍କୃତରେ ସୁନନ୍ଦା ସାହୁ ୮.୧୪, ସୋସିଓଲୋଜିରେ ପ୍ରଜ୍ଞାଦତ୍ତ ନାୟକ ୮.୫୦ ଏବଂ ହିନ୍ଦୀରେ ଇଶାରାଣୀ ନାଏକ ୮.୨୧ ସିଜିପିଏ ରଖି ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି। ଉଦ୍ଭିଦ ବିଜ୍ଞାନରେ ଜଗଦ୍ଧାତ୍ରୀ ପ୍ରିୟଦର୍ଶିନୀ ମହାଲିକ ୯.୨୧, କେମିଷ୍ଟ୍ରୀରେ ଅସିତ୍ କୁମାର ଦେହୁରୀ ୧୦.୦, ଗଣିତରେ ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର ୮.୭୧, ଫିଜିକ୍ସରେ ପ୍ରସ୍ମିତା ପ୍ରଧାନ ୯.୩୬, ଜୁଲୋଜିରେ ମିନାଲି ପ୍ରଧାନ ୯.୫୭, କମ୍ପ୍ୟୁଟର ବିଜ୍ଞାନରେ ଶୁଭଶ୍ରୀ ପାଣି ୯.୧୪ ଏବଂ ଜିଓଲୋଜିରେ ଜ୍ୟୋତିର୍ମୟୀ ସାହୁ ୭.୮୬ ସିଜିପିଏ ରଖି ଟପ୍ପର୍ ହୋଇଛନ୍ତି। ବାଣିଜ୍ୟରେ ଅନୁରକ୍ତ ଦାସ ୮.୭୯ ଏବଂ ବିବିଏରେ ଦେବମାଲ୍ୟ ଧର ୭.୮୦ ସିଜିପିଏ ରଖି ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି।

ସ୍ନାତକୋତ୍ତର ରାଜନୀତି ବିଜ୍ଞାନରେ ପ୍ରଫୁଲ୍ଲ କୁମାର ପ୍ରଧାନ, ଅର୍ଥନୀତିରେ ପ୍ରତୀକ୍ଷା ପାତ୍ର, ଓଡ଼ିଆରେ ଶୁଭସ୍ମିତା ଦାସ, ଶିକ୍ଷାରେ ସୁଦୀପ୍ତା ପ୍ରିୟଦର୍ଶିନୀ ଦାସ, ଇଂରାଜୀରେ ରୋଶନୀ ଦାସ, ଇତିହାସରେ ଐଶ୍ୱର୍ଯ୍ୟା ତ୍ରିପାଠୀ, ସଂସ୍କୃତରେ ରାକ୍ଷୀ ପ୍ରଧାନ, ସୋସିଓଲୋଜିରେ କରିନା ପ୍ରିୟଦର୍ଶିନୀ ସାହୁ, ଭୂଗୋଳରେ ପାୟଲ ସାହୁ, ଦର୍ଶନରେ ରଶ୍ମିତା ବେହେରା ଟପ୍ପର୍ ହୋଇଛନ୍ତି। ଫିଜିକ୍ସରେ ଏସଏସ ପଟ୍ଟନାୟକ, ଜୁଲୋଜିରେ ମୋନିକା ନାୟକ, ବଟନିରେ ସୁଚିସ୍ମିତା ସାହୁ, କେମିଷ୍ଟ୍ରୀରେ ସସ୍ମିତା ଦାସ, କମ୍ପ୍ୟୁଟର ବିଜ୍ଞାନରେ ଟି ସାହୁ, ଗଣିତରେ ବର୍ଷାରାଣୀ ବେହେରା ଟପ୍ପର୍ ହୋଇଛନ୍ତି। ବାଣିଜ୍ୟରେ ବିଶ୍ୱନାଥ ମିଶ୍ର, ଏମସିଏରେ ରିତେଶ ବିଶ୍ୱାଳ ଏବଂ ଆଇଏମ୍‌ବିଏରେ ସନ୍ଦୀପ ସାହୁ ଟପ୍ପର୍ ହୋଇଛନ୍ତି। ଏହାଛଡ଼ା ସ୍ନାତକୋତ୍ତର ଜୁଲୋଜିର ମୋନିକା ନାୟକ ୯.୯୦ ସିଜିପିଏ ରଖି କଲେଜ୍‌ର ସର୍ବଶ୍ରେଷ୍ଠ ଛାତ୍ରୀ ଏବଂ କେମିଷ୍ଟ୍ରୀ ସ୍ନାତକରେ ଅସିତ୍ କୁମାର ଦେହୁରୀ ୯.୭୬ ସିଜିପିଏ ରଖି କଲେଜ୍‌ର ଶ୍ରେଷ୍ଠ ସ୍ନାତକ ଛାତ୍ର ଭାବେ ପୁରସ୍କୃତ ହୋଇଛନ୍ତି। ଅଧ୍ୟାପକ ମନୋରଞ୍ଜନ ମିଶ୍ରଙ୍କ ସୌଜନ୍ୟରୁ କୃତୀ ଛାତ୍ରଛାତ୍ରୀଙ୍କୁ ମେଡାଲ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦ୍ୱିତୀୟ ଥର ସମ୍ବର୍ଦ୍ଧିତ ହେଲେ ଡ. ମନୋରଞ୍ଜନ ପଣ୍ଡା

ଅନୁଗୋଳ, ୨୯ ।୫(ସମିସ): ନ୍ୟାସନାଲ ଏଜୁକେସନ ଫୋରମ୍, ନୂଆଦିଲ୍ଲୀର ୨୦୨୫-୨୬ ବାର୍ଷିକ ସମ୍ମିଳନୀ ପରିପ୍ରେକ୍ଷୀରେ ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳର ଉପାଧ୍ୟକ୍ଷ ଡ. ମନୋରଞ୍ଜନ ପଣ୍ଡାଙ୍କୁ ଦ୍ୱିତୀୟ ଥର ସମ୍ବର୍ଦ୍ଧିତ କରାଯାଇଛି। ନୂଆଦିଲ୍ଲୀରେ ଆୟୋଜିତ ଏହି ସମ୍ମିଳନୀରେ ଡ. ମନୋରଞ୍ଜନ ପଣ୍ଡାଙ୍କ ଦ୍ୱାରା ଲିଖିତ ଗବେଷଣାତ୍ମକ ନିବନ୍ଧ 'ଜାତୀୟ ଶିକ୍ଷାନୀତି-୨୦୨୦: ସମ୍ଭାବନା ଏବଂ ଆହ୍ୱାନ-୨' ଜାତୀୟ ସ୍ତରର ବିଚାରକମାନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଶ୍ରେଷ୍ଠ ବିବେଚିତ ହୋଇଥିଲା। ଡ. ପଣ୍ଡା ପ୍ରଥମ ପ୍ରତିଯୋଗୀ ଭାବେ ଲଗାତର ୨୦୨୪-୨୫ ଏବଂ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ଫୋରମ୍ ତରଫରୁ ସମ୍ବର୍ଦ୍ଧିତ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ଭାରତର ବିଭିନ୍ନ




ରାଜ୍ୟରୁ ଶିକ୍ଷାବିତ, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନଙ୍କ ମତାମତ ସଂଗ୍ରହ କରି ଜାତୀୟ ମଞ୍ଚରେ 'ଜାତୀୟ ଶିକ୍ଷାନୀତି-୨୦୨୦'ର ଶ୍ରେଣୀଗୃହରେ ସଠିକ୍ ପ୍ରୟୋଗ ପାଇଁ ବିଭିନ୍ନ ପ୍ରକ୍ରିୟା, ଆଲୋଚନା ଏବଂ ପର୍ଯ୍ୟାଲୋଚନା ପରେ ଶିକ୍ଷା ମନ୍ତ୍ରଣାଳୟର ଅନୁମୋଦନ ପାଇଁ ପଠାଇ ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାରେ ଏକ ପ୍ରମୁଖ ମଧ୍ୟମ ହେଉଛି ଏନଇଏଫ୍। କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ ରଜାଙ୍ଗ ଗ୍ରାମର ନଳିନୀପ୍ରଭା ପଣ୍ଡା ଏବଂ ବାସୁଦେବ ପଣ୍ଡାଙ୍କ ପୁଅ ଡ. ପଣ୍ଡାଙ୍କୁ ଏହି ସଫଳତା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ସହ ଅନୁଗୋଳ ରୋଟାରୀ ପବ୍ଲିକ ସ୍କୁଲର ଅଭିଭାବକ, ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବନ୍ୟ ପ୍ରାଣୀ ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ ଉଦଯାପିତ



କିଶୋରନଗର, ୨୯ ।୫(ସମିସ): ଅନୁଗୁଳ ବନଖଣ୍ଡ କଣିହାଁ ବନାଞ୍ଚଳ ଓ ବିଶ୍ୱ ଯୁବକେନ୍ଦ୍ର ଅନୁଗୋଳ ସହଯୋଗରେ ମେ ୨୮ ଓ ୨୯ ଦୁଇଦିନ ଧରି ବନ୍ୟପ୍ରାଣୀ ସଂରକ୍ଷଣ ସଚେତନତା ବୈଠକ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। କଣିହାଁ ବନାଞ୍ଚଳର ସଂସାମରା, ଲୁହାମୁଣ୍ଡା, ଚିନ୍ତାମଣିପୁର, ପୋଡ଼ାଗଡ଼, ଲୋଧାଝରି ଗ୍ରାମରେ ଆଠମଲ୍ଲିକ ବ୍ଲକ ହରିଡ଼ାକୋଠା ଗ୍ରାମର ବାବା ଭୁବନେଶ୍ୱର ଦଣ୍ଡନୃତ୍ୟ ସଂଘ ସହାୟତାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଗ୍ରାମସଭା ମାଧ୍ୟମରେ ବନ୍ୟପ୍ରାଣୀଙ୍କ ସୁରକ୍ଷା, ବନାଗ୍ନି ନିରାକରଣ, ବୃକ୍ଷରୋପଣ ଓ ଜଙ୍ଗଲ ବୃଦ୍ଧି ଉପରେ ସଚେତନତା କରାଯାଇଥିଲା। ଜଙ୍ଗଲ ଉପରେ ମନୁଷ୍ୟ ଓ ସମଗ୍ର ଜୀବଜଗତର ନିର୍ଭରଶୀଳତା, ଜଙ୍ଗଲ ନଷ୍ଟ ହେଉଥିବାରୁ ବନ୍ୟା ପ୍ରାଣୀମାନେ ପାଉଥିବା କଷ୍ଟ ଓ ଧନଜୀବନ ହାନି ଓ ସେଥିପାଇଁ ବ୍ୟବସ୍ଥା ଓ ଲୋକଙ୍କ ଭୂମିକା ଉପରେ ଆଲୋଚନା କରିବା ସହ ସରକାରଙ୍କ କାର୍ଯ୍ୟକ୍ରମ ଓ ଯୋଜନା ସମ୍ବନ୍ଧରେ ଅବଗତ କରାଯାଇଥିଲା। କଣିହାଁ ବନାଞ୍ଚଳର ବନପାଳ ପ୍ରଦୀପ କୁମାର ପ୍ରଧାନ, ପଙ୍କଜ କୁମାର ବେହେରା, ବନରକ୍ଷୀ ସୁପ୍ରଭା ସ୍ୱାଇଁ, ଜିତେନ୍ଦ୍ର କୁମାର ସାହୁ, ମନୋଜ କୁମାର ନାୟକ, ନରୋତ୍ତମ ଦେହୁରି, ଉର୍ମିଳା କିଶାନ, ଦଣ୍ଡନୃତ୍ୟ ଦଳପତି ମନ୍ମଥ ଭୁରୁଭୂରୀ, ବିଶ୍ୱ ଯୁବକେନ୍ଦ୍ର କର୍ମୀ ଅଭୟ ଚରଣ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଣିହାଁ ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା।

## ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ବର୍ଗ ଉଦଯାପିତ

### ଖୁବଶୀଘ୍ର ମିଳିବ ୧୩ ଲକ୍ଷ ଆବାସ ଓ ୬ ଲକ୍ଷ ଭତ୍ତା: ମନ୍ତ୍ରୀ

ଅନୁଗୋଳ, ୨୯ ।୫(ସମିସ): ଅନୁଗୋଳ ଜିଲ୍ଲାରେ ବିଜେପିର ଦୁଇଦିନିଆ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନର ଅନ୍ତିମ ଦିବସରେ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ଖୁବଶୀଘ୍ର ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦ ଲକ୍ଷ ଘର, ଅନ୍ତ୍ୟୋଦୟ ଯୋଜନାରେ ୩ ଲକ୍ଷ ଘର ସହ ୬ ଲକ୍ଷ ହିତାଧିକାରୀଙ୍କୁ ଭତ୍ତା ଦିଆଯିବ ବୋଲି ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଭାରୀ ବରିଷ୍ଠ ନେତା ଗୋଲକ ମହାପାତ୍ର ଯୋଗଦେଇ ଅନୁଗୋଳ ଜିଲ୍ଲାରେ ବିଜେପି ବିଗତ ନିର୍ବାଚନରେ ସାଙ୍ଗଠନିକ ଶକ୍ତି ଯୋଗୁଁ ସଫଳତା ପାଇଛି ଏବଂ ଆଗାମୀ ଦିନରେ କାର୍ଯ୍ୟକର୍ତ୍ତା ସରକାରଙ୍କ କାର୍ଯ୍ୟକୁ ନେଇ ଲୋକଙ୍କ ପାଖରେ ପହଞ୍ଚାଇ ସଂଗଠନକୁ ସର୍ବବ୍ୟାପୀ କରିବା ପାଇଁ କହିଥିଲେ। ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ବିଜେପି ତ୍ୟାଗ ତପସ୍ୟା ବଳିଦାନର ପାର୍ଟି ବୋଲି କହିଥିଲେ। ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି, ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପ୍ରାକ୍ତନ ମନ୍ତ୍ରୀ ସଞ୍ଜୀବ ସାହୁ, ପ୍ରାକ୍ତନ ବିଧାୟକ ରମେଶ ସାଏ, ପ୍ରଶିକ୍ଷଣ ସଂଯୋଜକ ଦିଲେଶ୍ୱର ପ୍ରଧାନ, ପ୍ରଶିକ୍ଷଣ ପ୍ରଭାରୀ ରାଧାକାନ୍ତ ମହନ୍ତ, ବର୍ଗ ପ୍ରମୁଖ ସୁଦୀପ ଗଡ଼ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ପ୍ରଭାତ ପ୍ରଧାନ ଓ ନୃସିଂହ ବରାଳ, ନିୟନ୍ତ୍ରକ ବିଜୟ ମାଝୀ ଓ ଶୁଚିସ୍ମିତା ତ୍ରିପାଠୀ, ବ୍ୟବସ୍ଥା ପ୍ରମୁଖ ରତ୍ନାକର ସାହୁ, ସହ ବ୍ୟବସ୍ଥା ପ୍ରମୁଖ ବସନ୍ତ ମଞ୍ଜରୀ ପ୍ରଧାନ ଓ ସିଦ୍ଧାର୍ଥ ରାଉତରାୟ, ପ୍ରଦର୍ଶନୀ ମନୋଜ ପ୍ରଧାନ, ପ୍ରତ୍ୟୁଷ ପଣ୍ଡା ଓ ରୋଜାଲିନ ଦାସ, ଯୋଗ ଅଭୟ ରାୟ, ଜୋନାଲ ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ବିଶ୍ୱଜିତ ମିଶ୍ର, ପୱନ କୁମାର ମାଣ୍ଡୋଟିଆ, ମିଳାପ ପ୍ରଧାନ, ସମୀର ପରିଡ଼ାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଦୁଇ ଦିନର ସତ୍ରରେ ପ୍ରଥମ ସତ୍ର ବୈଚାରିକ ଅଧିଷ୍ଠାନ, ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଦ୍ୱିତୀୟ ସତ୍ର ବିଚାର ପରିବାର ଗୋଲକ ପ୍ରସାଦ ମହାପାତ୍ର, ତୃତୀୟ ସତ୍ର ବୁଥ ପ୍ରବନ୍ଧନ ସୀମାଞ୍ଚଳ ଖଟେଇ, ଚତୁର୍ଥ ସତ୍ର ରାଷ୍ଟ୍ର ସମ୍ମୁଖରେ ଆହ୍ୱାନ ବିକଶିତ ଭାରତ-୨୦୪୭ ପ୍ରଶାନ୍ତ କୁମାର ସାହୁ, ପଞ୍ଚମ ସତ୍ର କେନ୍ଦ୍ର ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣ ଯୋଜନା ସଞ୍ଜୟ ରଥ, ଷଷ୍ଠ ସତ୍ର ବ୍ୟବହାରିକ ସତ୍ର ସିପ୍ରା ବାଜପେୟୀ, ସପ୍ତମ ସତ୍ର କାର୍ଯ୍ୟ ବିସ୍ତାର ପାଇଁ ଦୃଷ୍ଟିକୋଣ ଅଶୋକ ମିଶ୍ର, ଅଷ୍ଟମ ସତ୍ର କାର୍ଯ୍ୟ ପଦ୍ଧତି କିଶୋର ପଣ୍ଡା, ନବମ ସତ୍ର ମିଡିଆ ଓ ସାମାଜିକ ଗଣମାଧ୍ୟମ ସୁଜିତ କୁମାର ଦାସ ଓ ଜ୍ୟୋତିରଞ୍ଜନ ନାୟକ, ଦଶମ ସତ୍ର କାର୍ଯ୍ୟ ପଦ୍ଧତି ବାସୁଦେବ ବାରିକ, ଏକାଦଶ ସତ୍ର ଇତିହାସ ଓ ବିକାଶ କାଳନ୍ଦୀ ସାମଲ, ଦ୍ୱାଦଶ ସତ୍ରରେ ପଞ୍ଚାୟତ ପୌର ସମବାୟ ନିର୍ବାଚନ ଉପରେ ମନ୍ତ୍ରୀ ରବି ନାରାୟଣ ନାଏକ ବିଷୟ ରଖିଥିଲେ।




## ରୋଟାରୀ ଜିଲ୍ଲା ୩୨୬୨ ଗଭର୍ଣ୍ଣରଙ୍କ କ୍ଲବ ପରିଦର୍ଶନ



ଅନୁଗୋଳ, ୨୯ ।୫(ସମିସ): ରୋଟାରୀ ଜିଲ୍ଲା ୩୨୬୨ ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ ରୋଟାରୀ କ୍ଲବ ଅନୁଗୋଳ ରୟାଲ୍ ପରିଦର୍ଶନରେ ଆସି କ୍ଲବର ବିଭିନ୍ନ କାର୍ଯ୍ୟକ୍ରମ ତଥା ପରିଚାଳନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ କ୍ଲବ୍ ସଭାପତି ରୋଟାରିଆନ ଡା. କୁମାର୍ ସୌମ୍ୟକାନ୍ତ ବିଶୋଇଙ୍କ ନେତୃତ୍ୱରେ ସ୍ଥାନୀୟ ଏକ ହୋଟେଲ ପରିସରରେ ସାଧାରଣ ସଭା ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପାଦକ ରୋଟାରିଆନ ନୀହାର ରଞ୍ଜନ ପ୍ରସାଦ ଚଳିତ ବର୍ଷ ହୋଇଥିବା ସମସ୍ତ ଉନ୍ନୟ କାର୍ଯ୍ୟକ୍ରମ ତଥା ଏହାର ସାମାଜିକ ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ନିଜ ବକ୍ତବ୍ୟରେ ରୋଟାରିଆନମାନେ ଅଧିକ ସକ୍ରିୟ ହୋଇ ଜନସେବାରେ ସମର୍ପିତ ହେବାକୁ ପରାମର୍ଶ ଦେବା ସହ କ୍ଲବ୍‌ର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରୀ ଅସିଷ୍ଟାଣ୍ଟ ଗଭର୍ଣ୍ଣର ଦେବବ୍ରତ ଭଞ୍ଜ ରୋଟାରୀ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରିବାକୁ ଅନୁରୋଧ କରିଥିଲେ। ରୋଟାରୀ ରୟାଲର ସଦସ୍ୟ ରୋଟରିଆନ ବିଷ୍ଣୁପ୍ରିୟା ଭୂୟାଁ ଏବଂ ଆନନ୍ଦ ଚନ୍ଦ୍ର ରାଉଳଙ୍କ ଦ୍ୱାରା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୁଇଟି ବ୍ୟାଟେରୀ ଚାଳିତ ଗାଡ଼ି ସହ ଷ୍ଟ୍ରେଚର ଦାନ କରିଥିବାରୁ, ତାଙ୍କର ଏହି ମହତ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଡା. ପ୍ରଭାତ କୁମାର ପଣ୍ଡା, ଡା. ମାଇକେଲ ଜନ, ମିଲନ କୁମାର ଅଗ୍ରୱାଲ, ଡା. ବିଚ୍ଛନ୍ଦ ପ୍ରଧାନ, ଅନିଲ ଗୁପ୍ତା, ମୁରାରୀଲାଲ ଅଗ୍ରୱାଲ, ମଧୁ ଗୁପ୍ତା, ମଧୁସୂଦନ ଶର୍ମା, ଡା. ରଶ୍ମିତା ଭଞ୍ଜଦେଓ, ଡା. ଦେବାଶିଷ ପ୍ରଧାନ, ଡା. ପୁଷ୍ପାଞ୍ଜଳି ପ୍ରଧାନ, କିରଣ ଅଗ୍ରୱାଲ, ଡା. ଶଶାଙ୍କ ଶେଖର ସାହୁ, ଜୟପ୍ରକାଶ ମୋଦି, ସରିତା ସାହୁ, ଉର୍ମିଳା ଅଗ୍ରୱାଲ, ପୂଜା ମୋଦୀ, କୈଳାସ ଅଗ୍ରୱାଲ, ବିକାଶ ମୋଦି, କହ୍ନେୟା ଚୌଧୁରୀ, ପ୍ରକାଶ ଅଗ୍ରୱାଲ, ମମତା ଚୌଧୁରୀ, ଡା. ବିଶ୍ୱଜିତ୍ ସାମଲ, ଶୀତଲ ଅଗ୍ରୱାଲ, ସଞ୍ଜୀବ ଦେହୁରୀ, ଶ୍ରବଣ ମଲିକ ପ୍ରମୁଖ ସହଯୋଗ କରିଥିଲେ। ବାଣୀ ଦେବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମ୍ବିକା ପ୍ରସାଦ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

● ରାତ୍ରିକାଳୀନ କ୍ରିକେଟ ମ୍ୟାଚ୍

## ବଡ଼ଡଙ୍ଗିଆଣୀକୁ ହରାଇ ବଇଣ୍ଡା ଚାମ୍ପିଅନ

କିଶୋରନଗର, ୨୯ ।୫(ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଉପଖଣ୍ଡ ହତାଶିମିଳି ହନୁମାନ ମନ୍ଦିରପଡ଼ିଆ ଠାରେ ବୀର ବଜରାଙ୍ଗୀ କ୍ଲବ ହତାଶିମିଳି ପକ୍ଷରୁ ରାତ୍ରିକାଳୀନ କ୍ରିକେଟ ମ୍ୟାଚ ଉଦଯାପିତ ହୋଇଛି. ଏହି ଖେଳ ତିନି ଦିନ ଧରି ଚାଲିଥିଲା. ପ୍ରଥମେ ବଡ଼ ଡ଼ଙ୍ଗୀଆଣି ଟିମ ଟସ ଉଇନ କରି ବୋଲିଙ୍ଗ କରିଥିଲା ଆଠ ଓଭରରେ ବଇଣ୍ଡା ଟିମ ୭୩ରନ କରିଥିଲା ଓ ବଡ ଡଙ୍ଗିଆଣୀ ୬୫ରନ କରି ପରାସ୍ତ ହୋଇଥିଲା. ଦ୍ୱିତୀୟ ମ୍ୟାଚରେ ଛଅ ଓଭର ବିଶିଷ୍ଟ ହୋଇଥିଲା ବଡ ଡଙ୍ଗିଆଣୀ ଜିତିଥିଲା. ତୃତୀୟ ମ୍ୟାଚ ଚାରି ଓଭର ବିଶିଷ୍ଟ ହୋଇଥିଲା. ବଡ଼ ଡ଼ଙ୍ଗୀଆଣୀ ଟସ ଜିତି ବ୍ୟାଟିଙ୍ଗ କରି ଚାରି ଓଭରରେ ୫୧ରନ କରିଥିଲା ଓ ଜବାବରେ ବଇଣ୍ଡା ଟିମ ୫୪ରନ କରି ବିଜୟୀ ହୋଇଥିଲା. ଏହି ଖେଳ ସିରିଜ ମ୍ୟାଚ ହୋଇଥିଲା. ଏଥିରେ ମୂଖ୍ୟ ଅତିଥିଭାବେ ଓମ ଏଣ୍ଟରପ୍ରାଇଜ ପ୍ରପାଇଟର ମାନସ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ଶିକ୍ଷକ ପ୍ରମୋଦ ନାୟକ, ନନ୍ଦ କିଶୋର ନାୟକ, ଯୁବ ଉଦ୍ୟଗି ବିଭୁ ସେନାପତି, ଗ୍ରାମ ସଭାପତି ଭରତ ସାହୁ, ସମ୍ପାଦକ ପ୍ରବୀଣ ବିଶ୍ୱାଳ, ମାମୁଲ ବିଶ୍ୱାଳ, ଭାଜପା ପଞ୍ଚାୟତ ସଭାପତି ଅଜିତ ମିଶ୍ର ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ. ଏହି ଖେଳକୁ ଓମ୍ପାୟାର ଭାବେ ପରିଚାଳନା କରିଥିଲେ ପ୍ରବୀଣ ସାହୁ ଓ ହିମାଂଶୁ ସ୍ୱାଇଁ ଏବଂ ଧାରା ବିବରିଣୀ ପ୍ରଦାନ କରିଥିଲେ ବାସୁଦେବ ଦେହୁରୀ. ଏହି ଖେଳକୁ ସହଯୋଗ କରିଥିଲେ ବୀର ବଜରଙ୍ଗ କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ

ଅନୁଗୋଳ, ୨୯ ।୫(ସମିସ): ଅନୁଗୋଳ ଲାଇଟ୍ ହାଉସ ଆନୁକୂଲ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ 'ଉତ୍କର୍ଷ ପରିବାର' ପକ୍ଷରୁ ଲାଇଟ ହାଉସ ପ୍ରଶିକ୍ଷଣ ଗୃହରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଛି। ସମାଜକୁ ତମାଖୁ ଓ ନିଶାମୁକ୍ତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ସଚେତନତା ସଭାରେ ଲାଇଟ୍ ହାଉସର କେନ୍ଦ୍ର ମୁଖ୍ୟ ରାଜେଶ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅନୁଗୋଳ ଗୌରବ ଆୱାର୍ଡ ବିଜେତା ତଥା ବରିଷ୍ଠ ସମାଜସେବୀ ପର୍ଶୁରାମ ଦାସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଗୋଳର ଏନସିଡି ସହକାରୀ ମ୍ୟାନେଜର ଅଜିତ କୁମାର ତ୍ରିପାଠୀ, ଜିଲ୍ଲା ନିଶା ନିବାରଣ କେନ୍ଦ୍ରର ସାଇକ୍ରାଟିକ୍ ସୋସିଆଲ୍ ୱାର୍କର୍ ଲିଙ୍ଗରାଜ ବେହେରା ଏବଂ 'ଉତ୍କର୍ଷ ପରିବାର'ର ସଭାପତି ଭୀଷ୍ମ ସାହୁ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତମାଖୁ ସେବନ ଦ୍ୱାରା ସୃଷ୍ଟି ହେଉଥିବା ମାରାତ୍ମକ ରୋଗ, ବିଶେଷ କରି କର୍କଟ ରୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବପିଢ଼ି କିଭଳି ନିଶା କବଳରୁ ମୁକ୍ତ ରହି ଏକ ସୁସ୍ଥ ମାନସିକତା ସହ ସମାଜ ଗଠନରେ ନିଜକୁ ନିୟୋଜିତ କରିବେ, ସେ ନେଇ ଗୁରୁତ୍ୱାରୋପ କରିଥିଲେ। ଏଥିସହ ନିଶାମୁକ୍ତି କେନ୍ଦ୍ର ଏବଂ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଉପଲବ୍ଧ ବିଭିନ୍ନ ସରକାରୀ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ



୫୦ରୁ ଉର୍ଦ୍ଧ୍ୱ ଯୁବକ ଯୁବତୀ ଅଂଶଗ୍ରହଣ କରି ନିଶାମୁକ୍ତ ସମାଜ ଗଠନ ପାଇଁ ସଂକଳ୍ପ ନେଇଥିଲେ। ସୁସ୍ମିତା ବାରିକ ମଞ୍ଚ ପରିଚାଳନା କରିଥିଲେ। ଲାଇଟ ହାଉସର କର୍ମକର୍ତ୍ତା ଯଶୋବନ୍ତ ପରିଡ଼ା, ଶଙ୍କର୍ଷଣ ସାହୁ, ଅନୁଷ୍ଠାନର ସଦସ୍ୟ ହୋମଦ୍ୟୁତି ବେହେରା ଏବଂ ରାଜୀବ ଲୋଚନ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଆଧାରକାର୍ଡ ସଂଶୋଧନ ପାଇଁ ଲୋକେ ଦହଗଞ୍ଜ

ତାଳଚେର, ୨୯ ।୫(ସମିସ)




ଆଜିକା ଦିନରେ ଯେକୌଣସି କାର୍ଯ୍ୟ ହେଉ କି, ସରକାରୀ, ବେସରକାରୀ କ୍ଷେତ୍ରରେ ଆଧାର ପ୍ରମାଣପତ୍ର ନିତାନ୍ତ ଜରୁରୀ ହୋଇପଡ଼ିଛି। ଏପରିକି, ବିନା ଆଧାରରେ ଲୋକଙ୍କ କୌଣସି କାର୍ଯ୍ୟ ହେଉ ନାହିଁ। ସରକାରଙ୍କ ପକ୍ଷରୁ ଯେକୌଣସି ଯୋଜନା ପ୍ରଣୟନ କରାଯାଉଛି ସେହି ଯୋଜନାକୁ ଯୋଗ୍ୟ ହିତାଧିକାରୀମାନେ ପାଇବା ଆଶାରେ ପ୍ରଥମେ ନିଜ ଆଧାରକାର୍ଡ ଦେଖୁଛନ୍ତି। ଆଧାର ପ୍ରମାଣପତ୍ରରେ କାହାର ନାମ ସଠିକ ନ ଥିବା ବେଳେ କାହାର ପିତାଙ୍କ ନାମ, କିମ୍ବା ମୋବାଇଲ ନମ୍ବର ବିହୀନ ଆଧାରକାର୍ଡ ରହିଛି। ତେବେ ଏସବୁର ସଂଶୋଧନ କରିବାକୁ ହେଲେ ଲୋକଙ୍କୁ ବହୁ ହଇରାଣ ହରକତ ହେବାକୁ ପଡୁଛି। ବର୍ତ୍ତମାନ ସରକାରଙ୍କ ଦ୍ୱାରା ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଥିବାରୁ ମହିଳାମାନେ ଜନସେବା କେନ୍ଦ୍ରରେ ଲମ୍ବାଧାଡ଼ି କରି ଅନଲାଇନ୍ ଆବେଦନ କରୁଛନ୍ତି। କିଛି ମହିଳାଙ୍କ ଆଧାରକାର୍ଡ ତ୍ରୁଟି ଯୋଗୁଁ ସେମାନେ ଆଧାର କେନ୍ଦ୍ରରେ ମଧ୍ୟ ଭୋକ ଉପାସରେ ଦୀର୍ଘ ସମୟ ଅପେକ୍ଷା କରି ରହୁଛନ୍ତି। କିଛିଦିନ ହେବ ବ୍ୟାଙ୍କ, ଜନସେବା କେନ୍ଦ୍ର, ପୋଷ୍ଟଅଫିସ୍ ଓ ଆଧାର କେନ୍ଦ୍ରରେ ନାହିଁ ନ ଥିବା ଭିଡ଼ ଲାଗି ରହୁଛି। କିଛି ଲୋକଙ୍କ ଆଧାରକାର୍ଡ ସଂଶୋଧନ ହେଉଥିବା ବେଳେ ଆଉ କିଛି ଲୋକ ବିରକ୍ତ ହୋଇ ନିରାଶରେ ଫେରୁଥିବା ଲକ୍ଷ୍ୟ କରାଯାଇଛି। ଆଧାର ସଂଶୋଧନ କରିବା ଲାଗି କାମଧନ୍ଦା ବନ୍ଦକରି ଆସିବାକୁ ପଡୁଛି। ଯଦି ହଠାତ୍ କୌଣସି କାମ ପଡ଼ିଯାଏ ତେବେ ତାହା କରିବା ସମ୍ଭବ ହେଉନାହିଁ ଓ ଏହାକୁ ନେଇ ବହୁ ହଇରାଣ ହରକତ ମଧ୍ୟ ହେବାକୁ ପଡୁଛି। ଅପରପକ୍ଷେ ଯେଉଁମାନେ ଆଧାର ପ୍ରମାଣପତ୍ର ସଂଶୋଧନ କରୁଛନ୍ତି, ସେମାନଙ୍କୁ ନୂଆ ଆଧାରକାର୍ଡ ପାଇବାକୁ ଆଉ ଏକ ସପ୍ତାହ ଅପେକ୍ଷା କରିବାକୁ ପଡୁଛି। ତେଣୁ ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଲୋକଙ୍କ ସୁବିଧା ନିମନ୍ତେ ସଂଶୋଧନ ପ୍ରକ୍ରିୟାକୁ ସରଳୀକରଣ କରିବାକୁ ଦାବି ହେଉଛି।

## ପଚିଶମାଣିଆ ପାଟଣାବାସୀଙ୍କ ପାଣି ଯନ୍ତ୍ରଣା

# ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ମହିଳାଙ୍କ ଧାରଣା

କେନ୍ଦ୍ରାପଡ଼ା,୨୯।୫(ସମିସ)



ଗ୍ରୀଷ୍ମର ପ୍ରଚଣ୍ଡ ତାତି ଭିତରେ ପାଣି ପାଇଁ ଲୋକଙ୍କ ଦୁର୍ଦ୍ଦଶା ଆଜି ପୁଣିଥରେ ସାମ୍ନାକୁ ଆସିଛି। କେନ୍ଦ୍ରାପଡ଼ା ଜିଲ୍ଲାର ୧୪ ନଂ ପଞ୍ଚାୟତ ଅନ୍ତର୍ଗତ ପଚିଶମାଣିଆ ପାଟଣା ଗ୍ରାମର ମହିଳାମାନେ ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ହାତରେ ବାଲ୍ଟି ଓ ପାଣି ବୋତଲ ଧରି ଆସିଥିବା ମହିଳାଙ୍କ ଆକୁଳ ଆବେଦନ ଦେଖି ସମସ୍ତଙ୍କ ମନ ଭାବୁକ ହୋଇଯାଇଥିଲା। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଗାଁରେ ଥିବା ଦୁଇଟି ନଳକୂପରୁ ଆଇରନ ମିଶ୍ରିତ ପାଣି ବାହାରୁଥିବାରୁ ସେହି ପାଣି ପିଇବା ଯୋଗ୍ୟ ନୁହେଁ। ଅନ୍ୟପକ୍ଷରେ ପାଇପ ଯୋଗେ ଯୋଗାଣ ହେଉଥିବା ପାଣି ଗ୍ରାମର ଶେଷ ଭାଗକୁ ପହଞ୍ଚି ପାରୁ ନ ଥିବାରୁ ୩୦ରୁ ଅଧିକ ପରିବାର ଦୀର୍ଘଦିନ ଧରି ପାନୀୟଜଳ ସଙ୍କଟ ଭୋଗୁଛନ୍ତି। ପ୍ରତିଦିନ ଗ୍ରାମର ମହିଳା ପ୍ରାୟ ଏକ କିଲୋମିଟର ଦୂର ଅନ୍ୟ ଗ୍ରାମକୁ ଯାଇ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି। ସକାଳୁ ପାଣି ପାଇଁ ଲାଇନ ଲଗାଇବାକୁ ପଡୁଛି ଓ ଛୋଟ ପିଲାଙ୍କୁ ଛାଡି ଦୂର ଗାଁକୁ ପାଣି ଆଣିବାକୁ ଯିବାକୁ ପଡୁଛି। ଏଭଳି କଷ୍ଟ ଆଉ ସହି ହେଉନି ବୋଲି କିଛି ମହିଳା କହିଥିଲେ। ଧାରଣା ସମୟରେ ଗ୍ରାମବାସୀ ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କୁ ଭେଟି ଗାଁରେ ଏକ ସ୍ଥାୟୀ ବୋରିଂ, ମିନି ଜଳଟାଙ୍କି କିମ୍ବା ପାଇପ ଯୋଗେ ନିୟମିତ ପାଣି ଯୋଗାଣ ପାଇଁ ଦାବିପତ୍ର ଦେଇଥିଲେ।

**ପିଇବାକୁ ପାଣି ନାହିଁ, ଗାଁ ବାହାରୁ ଆଣୁଛୁ**

ଏହି ଆନ୍ଦୋଳନ ସମୟରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ ଧାରଣାସ୍ଥଳରେ ପହଞ୍ଚି ମହିଳାଙ୍କ ସମସ୍ୟା ଶୁଣିଥିଲେ। ସେ ଧାରଣାରେ ବସିଥିବା ଲୋକଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା କରିଥିବାବେଳେ ତୁରନ୍ତ ଗ୍ରାମୀଣ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ତପନ ରାଉତଙ୍କୁ ଡାକି ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗ ଏସଡିଓ ତପନ ରାଉତ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେଇ କହିଥିଲେ, ସନ୍ଧ୍ୟା ସୁଦ୍ଧା ପାଣି ଟ୍ୟାଙ୍କର ଯୋଗେ ପାଣି ପଠାଯିବ ଓ ଆସନ୍ତା ୩ ଦିନ ମଧ୍ୟରେ ପାଇପ ଯୋଗେ ଗ୍ରାମର ସମସ୍ତ ଘରକୁ ପାଣି ଯୋଗାଇବାର ବ୍ୟବସ୍ଥା କରାଯିବ। ପ୍ରଶାସନର ଏହି ପ୍ରତିଶ୍ରୁତି ପରେ ମହିଳାମାନେ ଧାରଣାରୁ ହଟିଥିଲେ। ଧାରଣାରେ ଲକ୍ଷ୍ମୀପ୍ରିୟା ସାହୁ, କନକ ସାହୁ, ସବିତା ସାହୁ, ବାସନ୍ତୀ ସାହୁ, ଲକ୍ଷ୍ମୀ ସାହୁ, ହେମଲତା ମହାରଣା, ମାମିନା ସାହୁ, ରିନା ସାହୁ, କୁନି ସାହୁ, ଝୁନି ସାହୁ, ସିଲା ସାହୁ, ଜୟନ୍ତୀ ସାହୁ, ମଞ୍ଜୁଲତା ସାହୁଙ୍କ ସହ ସରପଞ୍ଚ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପାଇପ୍‌ରେ ଆସୁଛି ଗୋଳିଆ ପାଣି



ରାଜକନିକା,୨୯।୫(ସମିସ): ରାଜକନିକା ସଦରରେ ଏବେ ଗ୍ରାମ୍ୟ ପାନୀୟଜଳ ପ୍ରକଳ୍ପର ସ୍ୱଚ୍ଛଜଳ ଧାରା ଯୋଜନାରେ ଯେଉଁ ପାଣି ଯୋଗାଣ ହେଉଛି, ତାହା ପିଇବା ତ ଦୂରର କଥା ହାତରେ ଧରିବାକୁ ମଧ୍ୟ ଅପନା ଲାଗୁଛି। ରାଜକନିକା ସଦର ଅଶୋକବଜାର ସଂଲଗ୍ନ ଅଞ୍ଚଳରେ ଥିବା ଗ୍ରାମ୍ୟ ପାନୀୟଜଳ ଯୋଗାଣ କେନ୍ଦ୍ରରୁ ଦିନକୁ ମାତ୍ର ଅଧଘଣ୍ଟା ପାଇଁ ଯେଉଁ ପାଣି ଆସୁଛି ତାହା ବନ୍ୟା ପାଣି ଭଳି ନାରଙ୍ଗୀ ରଙ୍ଗର ମାଟି ମିଶା ପାଣି ଆସୁଛି। ସେ ପାଣି ନା ପିଇ ହେଉଛି ନା ଅନ୍ୟକୌଣସି କାମରେ ଲାଗୁଛି। ଫଳରେ ରାଜକନିକା ସଦରର ବ୍ଲକ, ତହସିଲ ଥାନା, ବ୍ୟାଙ୍କ, ପୋଷ୍ଟ ଅଫିସ ସହ ସବୁ କଲୋନୀ ଓ ଘରେ ଏହି ପାଣିକୁ ନେଇ ସମସ୍ୟାରେ ଜନସାଧାରଣ। ଏ ନେଇ ରାଜକନିକା ଜଳଯୋଗାଣ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ଆମେ କ'ଣ କରିବୁ। ଭୂତଳ ଜଳସ୍ତର ବହୁ ନିମ୍ନରେ ଥିବାରୁ ପମ୍ପରେ ପାଣି ଆସୁନାହିଁ। ସପ୍ତାହ ଧରି ପମ୍ପରେ ପାଣି ଆସୁ ନ ଥିବା ଓ ୧୨ ଘଣ୍ଟା ପରେ ଯାହା ପାଣି ଝରୁଛି ପମ୍ପରେ ଉଠାଇବାବେଳେ ତାହା ଗୋଳିଆ ଥିବାରୁ ଆମେ ନାଚାର। ବାଧ୍ୟ ହୋଇ ଏହି ପାଣି ଦେଉଛୁ ବୋଲି କହିଛନ୍ତି। ଗୋଳିଆ ପାଣି ଆସୁଥିବାରୁ ଘରେ ଲାଗିଥିବା ଆକ୍ୱାଗାର୍ଡ ଅଚଳ ହୋଇପଡୁଛି। ଶୋଷ ମେଣ୍ଟାଇବାକୁ ବଜାରରୁ କିଣା ପାଣି ଉପରେ ଲୋକେ ନିର୍ଭର କରୁଛନ୍ତି। ଗାଁ ଗାଁରେ ପାନୀୟଜଳ ସମସ୍ୟା ବଢ଼ୁଥିବାବେଳେ ଜଙ୍ଗଲ ଅଞ୍ଚଳ ଭାବେ ଏବେ ରାଜକନିକା ପରିଗଣିତ ହୋଇଛି। ଜିଲ୍ଲା ପ୍ରଶାସନ ଏ ଦିଗରେ ଚିନ୍ତା କରି ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ପାଇଁ ତ୍ୱରିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତିରେ ଜଳସେବା



ରାଜକନିକା,୨୯।୫(ସମିସ): ରାଜକନିକା ସଦର ମିନି ଷ୍ଟାଡିୟମ ସାମ୍ନାରେ ଆଜି ପୂର୍ବାହ୍ନରେ ଭଜନ ସମ୍ରାଟ ଭିକାରୀ ବଳଙ୍କ ସ୍ମୃତିରେ ଜଳସେବା କରାଯାଇଛି। କେନ୍ଦ୍ରାପଡ଼ାର ଗୌରବ ତଥା ଗଜପତି ଦିବ୍ୟସିଂହ ଦେବଙ୍କ ଦ୍ୱାରା ଭଜନ ସମ୍ରାଟ ଉପାଧି ଲାଭ କରିଥିବା ମହାନ କଣ୍ଠଶିଳ୍ପୀଙ୍କ ସାଧନାକୁ ସାର୍ବଜନୀନ କରିବା ପାଇଁ ଆଜି ରାଜକନିକା ସଦରରେ ଜଳସେବା କରାଯାଇଛି। ଭିକାରୀ ବଳ ଫାଉଣ୍ଡେସନର ସକ୍ରିୟ ସଦସ୍ୟ କାଳାଚାନ୍ଦ ବେଉରିଆ, ସାମ୍ବାଦିକ ସୁକାନ୍ତ ଦାଶ, ନଳିନୀ ପୃଷ୍ଟି, ନୁରେଇ ଖାଁ, ଅଜିତ ବେହୁରିଆ, ଅଜୟ ରାଉତ, ବିକାଶ ନାୟକ, ରମାକାନ୍ତ ବେହେରା, ସ୍ୱେଚ୍ଛାସେବୀ ଶରତ ଜେନା, ଶିକ୍ଷକ ଅମର ବାରିକ ପ୍ରମୁଖ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଦହିପଣା ବଣ୍ଟନ କରିଥିଲେ। ଭିକାରୀ ବଳ ଏକମାତ୍ର କଣ୍ଠଶିଳ୍ପୀ ଯିଏକି ନିଜ ଭଜନରେ ସମର୍ପଣ ପାଇଁ ଶ୍ରୀଜଗନ୍ନାଥଙ୍କ ଚାମର ସେବା ପାଇଁ ସ୍ୱୀକୃତି ପାଇଥିବାରୁ କେନ୍ଦ୍ରାପଡ଼ା ମାଟି ତାଙ୍କୁ ସବୁଦିନ ସ୍ମରଣ କରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ● ୫ ରାତିର ଅପରେସନ ପରେ ସଦର ଥାନା ପୁଲିସକୁ ମିଳିଲା ସଫଳତା

# କେନ୍ଦ୍ରାପଡ଼ାରେ ମକରା ଗ୍ୟାଙ୍ଗର ଆତଙ୍କରାଜ ଶେଷ

କେନ୍ଦ୍ରାପଡ଼ା,୨୯।୫(ସମିସ): ଦୀର୍ଘଦିନ ଧରି କେନ୍ଦ୍ରାପଡ଼ା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଛୁରୀ ଦେଖାଇ ଆକ୍ରମଣ କରି ସୁନାଗହଣା ଓ ଟଙ୍କା ଲୁଟ୍ କରୁଥିବା ଲୁଟେରା ଗ୍ୟାଙ୍ଗକୁ ଶେଷରେ ସଦର ଥାନା ପୁଲିସ ଧରିବାରେ ସଫଳ ହୋଇଛି। ପୁଲିସର ଏହି ସଫଳତା ପରେ ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ମିଳିଥିବାବେଳେ ଅପରାଧୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଏହି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ଡେରାବିଶ ଅଞ୍ଚଳର ମକରା ମଲିକ ବୋଲି ପୁଲିସ ଚିହ୍ନଟ କରିଛି। ମକରା ଓ ତାଙ୍କ ସହଯୋଗୀ ରାତିରେ ନିର୍ଜନ ରାସ୍ତାରେ ଯାଉଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ। ଛୁରୀ ଓ ମାରଣାସ୍ତ୍ର ଦେଖାଇ ଆକ୍ରମଣ କରି ସୁନାଗହଣା ଲୁଟ୍ କରୁଥିଲେ। ପୁଲିସ ଏହି ଘଟଣାରେ ମକରା ମଲିକ, ଘଟିଆ ସିଂ, ସୌଦାମିନୀ ନାୟକ ଓ ସୁନା ବ୍ୟବସାୟୀ ସତ୍ୟବ୍ରତ ସାହୁଙ୍କୁ ଗିରଫ କରିଥିବାବେଳେ ଆଉଜଣେ ସହଯୋଗୀ ରାଜେଶ ଜେନା ଓରଫ କାଳିଆ ଏବେବି ଫେରାର ରହିଛି। ଅଭିଯୁକ୍ତଙ୍କଠାରୁ ନଗଦ ଟଙ୍କା, ତରଳା ସୁନା-ରୂପା, ମଙ୍ଗଳସୂତ୍ର, ନମ୍ବରପ୍ଲେଟ ନ ଥିବା ବାଇକ, ଛୁରୀ, ଲୁହା ହୁକ ସହ ମୋବାଇଲ ଫୋନ ଜବତ କରାଯାଇଛି। ମକରା ଗ୍ୟାଙ୍ଗ ନାମରେ କେନ୍ଦ୍ରାପଡ଼ା ସହ ମାର୍ଶାଘାଇ, ଡେରାବିଶ, ପଟ୍ଟାମୁଣ୍ଡାଇ ଓ ନିଶ୍ଚିନ୍ତକୋଇଲି ଥାନାରେ ୧୦ରୁ ଅଧିକ ମାମଲା ରହିଛି। ଚାନ୍ଦୋଳ ନିକଟରେ ଶଶୁର-ବୋହୂଙ୍କୁ ଆକ୍ରମଣ କରି ଲୁଟ ଓ ଶ୍ୟାମସୁନ୍ଦରପୁର ଗଡା ନିକଟରେ ଦମ୍ପତିଙ୍କୁ ଟାର୍ଗେଟ କରିଥିବା ଘଟଣାରେ ମଧ୍ୟ ଏହି ଗ୍ୟାଙ୍ଗର ସମ୍ପୃକ୍ତି ଥିବା ପୁଲିସ କହିଛି। ଏହି ଗ୍ୟାଙ୍ଗକୁ ଧରିବା ପୁଲିସ ପାଇଁ ବଡ ଚ୍ୟାଲେଞ୍ଜ ଥିଲା। ଅପରାଧ କରି ସଦସ୍ୟମାନେ ତୁରନ୍ତ ସ୍ଥାନ ପରିବର୍ତ୍ତନ କରୁଥିବାରୁ ସେମାନଙ୍କୁ ଧରିବା ସହଜ ହେଉ ନ ଥିଲା। ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ଓ ତାଙ୍କ ଟିମ ଲଗାତର ୫ ରାତି ଧରି ଚଢ଼ଉ କରି ଶେଷରେ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଥିଲେ।



## ଆଜିଠୁ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ



କେନ୍ଦ୍ରାପଡ଼ା, ୨୯।୫(ସମିସ): ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ଭୋଟ। ଏହି ଭୋଟ ଅଧିକାରକୁ ସୁନିଶ୍ଚିତ କରିବା ଓ ଭୋଟର ତାଲିକାକୁ ଅଧିକ ସଠିକ୍, ସ୍ୱଚ୍ଛ ଏବଂ ତ୍ରୁଟିମୁକ୍ତ କରିବା ଲକ୍ଷ୍ୟରେ ଆସନ୍ତାକାଲିଠାରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଆରମ୍ଭ ହେବ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା। ଏହି ଅଭିଯାନକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର୍. ଆୟର ଆହ୍ୱାନ କରିଛନ୍ତି। ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଓସ୍ୱାନ୍ ହଲ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ କହିଥିଲେ, ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଏହି ସଂଶୋଧନ କାର୍ଯ୍ୟକ୍ରମ ଚାଲିବ। ଏହା ମାଧ୍ୟମରେ ଭୋଟର ତାଲିକାରେ ଥିବା ତ୍ରୁଟି ଦୂର କରାଯିବା ସହ ଯୋଗ୍ୟ ମତଦାତାଙ୍କୁ ତାଲିକାରେ ସମ୍ମିଳିତ କରାଯିବ। ଆସନ୍ତାକାଲିଠାରୁ ଜୁନ ୨୮ ପର୍ଯ୍ୟନ୍ତ ବୁଥ୍‌ସ୍ତରୀୟ ଅଧିକାରୀମାନେ ଘରକୁ ଘର ଯାଇ ନିର୍ବାଚକଙ୍କୁ ଗଣନା ଫର୍ମ ପ୍ରଦାନ କରିବେ। ସେମାନେ ଫର୍ମ ପୂରଣରେ ସହଯୋଗ କରିବା ସହ ପୂରଣ ହୋଇଥିବା ଫର୍ମ ସଂଗ୍ରହ କରିବେ। ଫର୍ମ ଦାଖଲ ପରେ ନିର୍ବାଚକଙ୍କୁ ସ୍ୱୀକୃତି ପତ୍ର ମଧ୍ୟ ଦିଆଯିବ। ଯେଉଁମାନଙ୍କ ନାମ ବର୍ତ୍ତମାନ ଭୋଟର ତାଲିକାରେ ରହିଛି ସେମାନେ ଆବଶ୍ୟକ ଦସ୍ତାବିଜ ସହିତ ସହଯୋଗ କରିବେ। ସଂଶୋଧନ କାର୍ଯ୍ୟକ୍ରମର ସମୟସୀମା ଅନୁଯାୟୀ ଜୁଲାଇ ୫ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ପରେ ଜୁଲାଇ ୫ରୁ ଅଗଷ୍ଟ ୪ ତାରିଖ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯିବ। ଏହାର ନିଷ୍ପତ୍ତି ସେପ୍ଟେମ୍ବର ୨ ତାରିଖ ସୁଦ୍ଧା ସମ୍ପନ୍ନ ହେବା ପରେ ସେପ୍ଟେମ୍ବର ୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

## ● ପାଗଳା ମାଙ୍କଡ଼ ଆକ୍ରମଣରେ ଲୋକେ ଆତଙ୍କିତ

# ଖାଲି ହାତରେ ଫେରିଲା ବନ ବିଭାଗ

ପଟ୍ଟାମୁଣ୍ଡାଇ,୨୯।୫(ସମିସ): ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଧୋୟାଞ୍ଚଳର ତୁଳସୀଡ଼ିଆ ଗ୍ରାମରେ ପାଗଳ ମାଙ୍କଡ଼ ଆକ୍ରମଣରେ ବହୁ ଲୋକ ଆହତ ହୋଇଥିବା ନେଇ ଅଭିଯୋଗ ହୋଇଛି। ତିନିଦିନ ହେବ ଗ୍ରାମରେ କୋଳୁଆ ଭୟ ସୃଷ୍ଟି ହୋଇଛି। ଗ୍ରାମରେ ଦିନରେ ବି ପଡୁଛି ତାଟି କବାଟ। ଗ୍ରାମର ଅଭିରାମ ବିଶ୍ୱାଳ, ମଧୁସ୍ମିତା ସାମଲ, କେଦାରସନ ବେହେରାଙ୍କ ସହିତ ଅନେକ ଗାଈଗୋରୁଙ୍କୁ ଏହି ପାଗଳା ମାଙ୍କଡ଼ କାମୁଡି ଆହତ କରିଛି। ଗତ ବୁଧବାର ବନ ବିଭାଗ କର୍ମଚାରୀ ଆସି ମାଙ୍କଡ଼କୁ ଧରି ନ ପାରି ଖାଲି ହାତରେ ଫେରିଥିବାବେଳେ ଏବେବି ପାଗଳ ମାଙ୍କଡ଼ ଭୟରେ ଗାଁ ଶୂନଶାନ ହୋଇପଡିଛି। ମାଙ୍କଡ ଭୟରେ କେହି ଘରୁ ପଦାକୁ ବାହାରିବାକୁ ସାହସ କରୁନାହାନ୍ତି। ଗ୍ରାମବାସୀ ଏ ସଂକ୍ରାନ୍ତରେ ତରଡ଼ିପାଳ ସରପଞ୍ଚଙ୍କୁ ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି।

# ମାର୍ଶାଘାଇ ପ୍ରାଥମିକ କୃଷି ସମିତିରେ ଖୋଲିଲା ମୁଗ, ବିରି ମଣ୍ଡି



ମାର୍ଶାଘାଇ,୨୯।୫(ସମିସ): ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତିରେ ଶୁକ୍ରବାର ଚାଷୀଙ୍କଠାରୁ ମୁଗ, ବିରି ସଂଗ୍ରହ ନିମନ୍ତେ ସରକାରୀ ମଣ୍ଡି ଖୋଲିଛି। ସମବାୟ ସମିତି ସଭାପତି ପ୍ରଦୀପ୍ତ ଗାହାଣଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ମାର୍ଶାଘାଇ ଜିଲ୍ଲା କୃଷି ଅଧିକାରୀ ହେମନ୍ତ ସାମଲ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ କୃଷି ଅଧିକାରିଣୀ ପ୍ରମୋଦିନୀ ପ୍ରଧାନ, ଏଆରସିଏସ୍ ଯୋଗେନ୍ଦ୍ର ବିଶ୍ୱାଳ, ମାର୍ଶାଘାଇ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ ପରିଚାଳକ ସୁଜିତ ଦାସ, ସମବାୟ ସମିତି ସଭାନେତ୍ରୀ ନମିତା ଚଇନି, ପୂର୍ବତନ ସମିତି ସଭ୍ୟ ନିଗମ ରଥ, ଜ୍ଞାନ ବସନ୍ତିଆ ପ୍ରମୁଖ ଯୋଗଦେଇ ଚାଷୀଙ୍କଠାରୁ ଯେଉଁଭଳି ସୁବିଧାରେ ମୁଗ ଓ ବିରି ସଂଗ୍ରହ କରାଯିବ ସେନେଇ ବିଭାଗ ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ। ସମବାୟ ନିର୍ଦ୍ଦେଶକ ମନୋରଞ୍ଜନ ସାମଲ, ବିଚିତ୍ରାନନ୍ଦ ବେହେରା, ମଧୁସୂଦନ ବେହେରା, ଉପେନ୍ଦ୍ର ବେହେରା, ବିଜ୍ଞାନ ଦାସ, ଗୁରୁଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ମାର୍ଶାଘାଇ ସମବାୟ ସମିତି ସମ୍ପାଦକ ଗୋବର୍ଦ୍ଧନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ୨୧୦ ଜଣ ଚାଷୀ ଅନଲାଇନରେ ନାମ ପଞ୍ଜୀକରଣ କରିଛନ୍ତି। ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି ସହସମ୍ପାଦକ ପ୍ରଦ୍ୟୁମ୍ନ ଦାସ, ସଞ୍ଜୟ ଦାସ, ବାବୁଲି ମଲିକ ପ୍ରମୁଖ ସହଯୋଗ କରିଥିଲେ।

# କୁଶିଆପାଳ ସମିତିରେ ମୁଗମଣ୍ଡି ଉଦ୍‌ଘାଟିତ



ଡେରାବିଶ, ୨୯।୫(ସମିସ): କୁଶିଆପାଳ ପଞ୍ଚାୟତ ଅନ୍ତର୍ଗତ କୁଶିଆପାଳ ଆଦର୍ଶ ସମବାୟ ସମିତିରେ ଆଜି ମୁଗ ମଣ୍ଡି ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ସସ୍ମିତା ନାୟକ, ମାର୍କଫେଡ୍‌ର ଏରିଆ ମ୍ୟାନେଜର ପ୍ରଶାନ୍ତ ରାଉତ, ସମିତି ସଭାପତି ନାରାୟଣ ପାତ୍ର, ଉପସଭାନେତ୍ରୀ ସସ୍ମିତା ପାତ୍ର ଯୋଗଦେଇଥିଲେ। ସମିତି ସମ୍ପାଦକ ମୃତ୍ୟୁଞ୍ଜୟ ଦାଶ ମଣ୍ଡିରେ ଚାଷୀ ସେମାନଙ୍କ ଉତ୍ପାଦିତ ମୁଗ ଓ ବିରି ଫସଲକୁ ବିକ୍ରୟ କରିପାରିବେ। ମୁଗ କ୍ୱିଣ୍ଟାଲ ପିଛା ୮୭୬୮ ଟଙ୍କା ଓ ବିରି କ୍ୱିଣ୍ଟାଲ ପିଛା ୭୮୦୦ ଟଙ୍କା ସରକାରୀ ଧାର୍ଯ୍ୟ ମୂଲ୍ୟ ରହିଥିବା ପ୍ରକାଶ କରିଥିଲେ। ସହସମ୍ପାଦକ ମାନସ ସ୍ୱାଇଁ, ଡିଇଓ ଧ୍ରୁବଚରଣ ନାୟକ ଓ ସମିତିର କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପରିଚାଳନା ପରିଷଦର ସଭ୍ୟ ମଞ୍ଜୁଲତା ସାହୁ, ନିରଞ୍ଜନ ମହରାଣ, କେଲୁ ଚରଣ ନାଥ, ଫଗୁଚରଣ ସାହୁ, ଅନ୍ନପୂର୍ଣ୍ଣା ପାତ୍ର, ଧ୍ରୁବଚରଣ ବିହାରୀ, ପ୍ରଦୀପ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ରାଜସ୍ୱ ଜନଶୁଣାଣି ଶିବିରରେ ଅବ୍ୟବସ୍ଥା ନେଇ ଅସନ୍ତୋଷ



ରାଜକନିକା,୨୯।୫(ସମିସ): କନିକା ତହସିଲରେ ଆଜି ଅନୁଷ୍ଠିତ ହୋଇଥିବା ମାସିକ ରାଜସ୍ୱ ଜନଶୁଣାଣି ଶିବିରକୁ ବିଭିନ୍ନ ମୌଜାରୁ ରାଜସ୍ୱ ମାମଲା ନେଇ ଆସିଥିବା ଲୋକେ ଉପଯୁକ୍ତ ପରିବେଶ ଓ ଅଧିକାରୀଙ୍କ ବ୍ୟବହାର ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସକାଳୁଆ ଅଫିସ ଥିବାରୁ କେନ୍ଦ୍ରାପଡ଼ା ଏଡିଏମଙ୍କ ଦ୍ୱାରା ହେବାକୁ ଥିବା ଏହି ଶୁଣାଣିରେ ସାଧାରଣ ଲୋକଙ୍କ ଶୁଣାଣି କମ ହୋଇ ବହୁ ସମୟ ଅଧିକାରୀ ଭିତରେ ରହି ରୁଦ୍ଧଦ୍ୱାର ବୈଠକରେ ରହିବାରୁ ଆସିଥିବା ଲୋକ ଫେରି ଯାଇଥିଲେ। ରାଜସ୍ୱ ମାମଲାରେ ଛନ୍ଦି ହୋଇ ବାରମ୍ବାର ତହସିଲ ଦୌଡୁଥିବା ଲୋକେ ଏଭଳି ଶିବିରକୁ ଆସି ହରକତ ହୋଇ ଫେରିବା ଓ ଅଫିସରଙ୍କ ମାମଲା ଶୁଣାଣି ନେଇ ଆଗ୍ରହ ନ ଥିବାରୁ ଗଞ୍ଜା ଗାଁର ସତ୍ୟ ପରିଡା, ଏକତଲାର ନିହାର ନାୟକଙ୍କ ଭଳି ବହୁ ବ୍ୟକ୍ତି ଅଭିଯୋଗ ନେଇ ଆସି ମନସ୍ତାପରେ ଫେରିଛନ୍ତି। ଏ ନେଇ ଏଡିଏମ ରବୀନ୍ଦ୍ର ମଲ୍ଲିକଙ୍କୁ ପଚାରିବାରୁ ଅଭିଯୋଗ ଶୁଣାଣି ପାଇଁ ସବୁ ବ୍ୟବସ୍ଥା ହୋଇଥିଲା, ଲୋକଙ୍କ ଅଭିଯୋଗ ପଞ୍ଜିକୃତ କରାଯାଇଛି ବୋଲି କହିଛନ୍ତି।

## ବ୍ରିଜ ତଳେ ୪ ଫୁଟ ଉଚ୍ଚର ମାଟି

# ପାଣି ନିଷ୍କାସନ ବାଧାପ୍ରାପ୍ତ, ଚାଷୀ ହେବେ ହୀନସ୍ତା



ପଞ୍ଚୁପାଣ୍ଡବ,୨୯।୫(ସମିସ): ଚଣ୍ଡିଖୋଲ-ପାରାଦୀପ ୫୩ନଂ ଜାତୀୟ ରାଜପଥ ପଞ୍ଚୁପାଣ୍ଡବ ଛକ ନିକଟରେ ହୋଇଥିବା ବ୍ରିଜ ତଳେ ଏକ କେନାଲ ଭିତରେ ଚାରି ଫୁଟର ମାଟି ରହିଥିବା ଅଭିଯୋଗ ହେଉଛି। ଏହି ରାଜପଥର ୮ ଲେନ୍ ରାସ୍ତା ନିର୍ମାଣ ହେବା ପୂର୍ବରୁ ଏହି କେନାଲ କାମ ହୋଇଥିବାବେଳେ ଠିକାଦାରଙ୍କ ମନମୁଖୀ ଯୋଗୁଁ ପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି କେନାଲ କଟକ ଜିଲ୍ଲା ଅଧୀନରେ ଥିବା ଅଚ୍ୟୁତପୁର ସେକ୍ସନର କେନ୍ଦୁପାଟଣାଠାରୁ ଡେରାବିଶ ବ୍ଲକ ଛତା ସେକ୍ସନର ସଦାନନ୍ଦପୁର ପର୍ଯ୍ୟନ୍ତ ୮ ନମ୍ବର କେନାଲ ରହିଛି। କେନାଲ ଭିତରେ ପ୍ରାୟ ଚାରି ଫୁଟ ଉଚ୍ଚର ମାଟି ଥିବାରୁ କେନାଲ ଭିତରୁ ମାଟି ବାହାର କରିବାରେ ବିଳମ୍ବ ହେଉଛି। କେନାଲ କାମ ହେବା ପରେ ବ୍ରିଜ ନିର୍ମାଣ ହୋଇ ସରିଥିବାବେଳେ ଏ ପର୍ଯ୍ୟନ୍ତ କେନାଲ ଭିତରେ ଥିବା ମାଟି ଉଠି ନାହିଁ। ଏ ସମ୍ପର୍କରେ ଜାତୀୟ ରାଜପଥ କାର୍ଯ୍ୟ କରୁଥିବା ଠିକାଦାର ଓ ଜଳ ସମ୍ପଦ ବିଭାଗକୁ ଅବଗତ କରିଥିଲେ ସୁଦ୍ଧା କେହି ସମସ୍ୟାର ସମାଧାନ କରୁନାହାନ୍ତି। ଆଉ କେଇଟା ଦିନରେ କେନାଲ ରେ ପାଣି ଛଡ଼ାଯିବ। କିନ୍ତୁ ଏବେଠୁ କେନାଲ ସଫା ନ କଲେ ଚାଷ ପାଇଁ ଚାଷୀ ହଇରାଣ ହେବେ ବୋଲି ଚାଷୀ ଅଭିଯୋଗ କରିଛନ୍ତି। ଗତବର୍ଷ ଡେରାବିଶ ତହସିଲ ଅଧୀନରେ ଥିବା କେତେକ ଜାଗାରେ ପାଟରୁ ପାଣି ନିଷ୍କାସନ ହେଉ ନ ଥିବାବେଳେ ରୁଆ ଧାନ ବୁଡି ଧାନ ଗଛ ପଚି ଯାଇଥିବା ଅଭିଯୋଗ ହୋଇଥିଲା। ଏ ବର୍ଷ ସମସ୍ତ ରାଜପଥ ତଳେ ହୋଇଥିବା କେନାଲ ଓ ବିଭିନ୍ନ ବ୍ରିଜ ତଳକୁ ଯେତେ ଶୀଘ୍ର ସଫା କରିବା ପାଇଁ ସଞ୍ଜୟ ଜେନା, ଶୈଳେନ୍ଦ୍ର ଜେନା, ପ୍ରଫୁଲ୍ଲ ସେଠୀ, ଅନନ୍ତ ବେହେରା, ଖଗେଶ୍ୱର ସେଠୀ, ଦେବେନ୍ଦ୍ର ସେଠୀ, ନୃସିଂହ ଘଡ଼ାଇ, ଆୟୁବ ଖାଁ, ସେକ୍ ବେଲାର ଓ ଶତାଧିକ ଚାଷୀ ଦାବି କରିଛନ୍ତି।

## ● ସରକାରୀ ବହି ପ୍ରଦାନ ନିମନ୍ତେ ଅର୍ଥ ଦାବି କରିବା ଘଟଣା

# ନିଲମ୍ବିତ ହେଲେ ସିଆରସିସି

ଡେରାବିଶ, ୨୯।୫(ସମିସ): ଡେରାବିଶ ବ୍ଲକ୍ ଶିକ୍ଷା ବିଭାଗ ଅଧୀନ ଜାଗୁଳାଇପଡ଼ା-ଦେଶପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ କ୍ଲଷ୍ଟରର ସିଆରସିସି ବେଣୁଧର ପ୍ରଧାନଙ୍କୁ ସରକାରୀ ବହି ପ୍ରଦାନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କଠାରୁ ଟଙ୍କା ଦାବି କରିବା ଅଭିଯୋଗରେ ଆଜି ବିଇଓ ନାରାୟଣ ମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେହିପରି ବାୟାକଣ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ଜେନାଙ୍କୁ ସ୍କୁଲର ଉନ୍ନୟନ ଓ ଛାତ୍ରଛାତ୍ରୀଙ୍କ କଲ୍ୟାଣ ପାଣ୍ଠି ବାବଦକୁ ଆସୁଥିବା ଅର୍ଥ ହେରଫେର କରିବା ଅଭିଯୋଗରେ ମଧ୍ୟ ବିଇଓ ଶ୍ରୀ ମନ୍ତ୍ରୀ ନିଲମ୍ବିତ କରିଛନ୍ତି। କିଛିଦିନ ପୂର୍ବେ ଜାଗୁଳେଇପଡ଼ା ଦେଶପୁର କ୍ଲଷ୍ଟର ଅଧୀନ ବିଭିନ୍ନ ବିଦ୍ୟାଳୟର ୨୪ରୁ ଊର୍ଦ୍ଧ୍ୱ ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀ ସିଆରସିସି ଶ୍ରୀ ପ୍ରଧାନଙ୍କ ବିରୋଧରେ ଛାତ୍ରଛାତ୍ରୀଙ୍କ ବହି ଯୋଗାଇଦେବା ନିମନ୍ତେ ଅର୍ଥ ଦାବି କରିବା ସମ୍ବନ୍ଧରେ ଅଭିଯୋଗପତ୍ର ଡେରାବିଶ ବିଇଓଙ୍କୁ ପ୍ରଦାନ କରିଥିଲେ। ସେହିପରି ଚନ୍ଦ୍ରଶେଖର ସାହାଣୀ ନାମକ ଜଣେ ବ୍ୟକ୍ତି ସୂଚନା ଅଧିକାର ତଥ୍ୟ ଅନୁଯାୟୀ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଜେନାଙ୍କ ବିରୋଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ବିଇଓ ଶ୍ରୀ ମନ୍ତ୍ରୀ ନିଜେ ତଦନ୍ତ କରି ଏହାର ସତ୍ୟତା ଅନୁଧ୍ୟାନ କରି ତାଙ୍କୁ ନିଲମ୍ବନ କରିଛନ୍ତି। ସିଆରସିସି ଶ୍ରୀ ପ୍ରଧାନ ନିଲମ୍ବନ ସମୟରେ ବାଙ୍କିମୁଣ୍ଡାଇ ପ୍ରାଥମିକ ବିଦ୍ୟାଳୟରେ ନିୟମିତ ଉପସ୍ଥିତ ରହିବେ ଓ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ସେ ମୁଖ୍ୟାଳୟ ଛାଡ଼ି ଯାଇପାରିବେନି ବୋଲି ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

# ସ୍ଥାୟୀ ବିଡିଓ ନଥିବାରୁ ବ୍ଲକ୍‌ରେ ମନମୁଖୀ କାର୍ଯ୍ୟ ଚାଲିଥିବା ଅଭିଯୋଗ

ମହାକାଳପଡ଼ା, ୨୯।୫ (ସମିସ): ମହାକାଳପଡ଼ା ବ୍ଲକରେ ସ୍ଥାୟୀ ବିଡିଓ ନ ଥିବାରୁ କର୍ମଚାରୀ ମନମୁଖୀ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ପୂର୍ବତନ ବିଡିଓ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଦ୍ୱାରା ପଞ୍ଚାୟତିରାଜ ପ୍ରତିନିଧିଙ୍କ ବିଶ୍ରାମ ପାଇଁ ଉଦ୍‌ଘାଟିତ ହୋଇଥିବା ବିଶ୍ରାମ ଗୃହକୁ ବର୍ତ୍ତମାନ ଅଡିଟ୍ ଅଫିସ ଗୃହରେ ପରିଣତ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ବିଭିନ୍ନ ପଞ୍ଚାୟତରୁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟାନ୍ୟ ଲୋକ ପ୍ରତିନିଧି ବସିବା ପାଇଁ ଉପଯୁକ୍ତ ସ୍ଥାନ ପାଉନଥିବାରୁ ହଇରାଣ ହେଉଛନ୍ତି। ଏଥିସହ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଶୌଚାଳୟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାବେଳେ ଖରାଦିନରେ ପାନୀୟଜଳ ଅଭାବ ଲୋକଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇଛି। ବ୍ଲକ ପରିସରରେ ସ୍ଥାପିତ ପାନୀୟଜଳ ବ୍ୟବସ୍ଥା ଓ ଆକ୍ୱାଗାର୍ଡ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଥିବାରୁ ସାଧାରଣ ଲୋକ ଓ ଲୋକପ୍ରତିନିଧି ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ତିଖିରୀ ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ଆଜି ମହାକାଳପଡ଼ା ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ମୌଖିକ ଭାବେ ଅଭିଯୋଗ କରିଥିବା ଜଣାପଡ଼ିଛି। ସାମ୍ବାଦିକଙ୍କୁ ପ୍ରତିକ୍ରିୟା ଦେଇ ସରପଞ୍ଚ ଶ୍ରୀମତୀ ଓଝା କହିଛନ୍ତି, ମହାକାଳପଡ଼ା ବ୍ଲକରେ ସ୍ଥାୟୀ ବିଡିଓ ନ ଥିବା ଓ ଜଣେ ଅଧିକାରୀ ଏକାଧିକ ଦାୟିତ୍ୱ ତୁଲାଉଥିବାରୁ ପ୍ରଶାସନିକ ବ୍ୟବସ୍ଥା ପ୍ରଭାବିତ ହେଉଛି। ଏହାର ସିଧାସଳଖ ପ୍ରଭାବ ସାଧାରଣ ଜନତା ଓ ଲୋକପ୍ରତିନିଧିଙ୍କ ଉପରେ ପଡୁଛି। କେବେ ନୂତନ ବିଡିଓ ଯୋଗଦେବେ ଓ ଲୋକପ୍ରତିନିଧିଙ୍କ ପାଇଁ ବିଶ୍ରାମ ଗୃହ, ଉନ୍ନତ ଶୌଚାଳୟ ଓ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରାଯିବ, ତାହାକୁ ନେଇ ଏବେ ସମସ୍ତଙ୍କ ନଜର ରହିଛି।

## କାଳବୈଶାଖୀ ତାଣ୍ଡବ

# ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି କାର୍ ଚୁରମାର୍

ପଟ୍ଟାମୁଣ୍ଡାଇ,୨୯।୫(ସମିସ)




ଦୀର୍ଘଦିନ ହେବ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି ଲାଗି ରହିଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ତାପମାତ୍ରା ଅହେତୁକ ବୃଦ୍ଧି କାରଣରୁ ସକାଳ ୧୦ଟା ପରେ କେହି ଘରୁ ବାହାରିବାକୁ ସାହସ କରୁନାହାନ୍ତି। ମଝିରେ ମଝିରେ ଆକାଶରେ ବାଦଲ ଦେଖାଯାଉଥିଲେ ହେଁ ବର୍ଷା ନ ହେବା କାରଣରୁ ପରିସ୍ଥିତିକୁ ଅଧିକ ସଙ୍ଗୀନ କରିଥିବାବେଳେ ଖରାଦିନିଆ ପନିପରିବା ଫସଲ ପ୍ରଚଣ୍ଡ ରୌଦ୍ରତାପରେ କ୍ଷତିଗ୍ରସ୍ତ ହେଉଥିବା ଦେଖିବାକୁ ମିଳୁଛି। ତେବେ ଦୀର୍ଘଦିନ ବ୍ୟବଧାନ ପରେ ଆଜି ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବରୁ ମୂଷଳ ଧାରାରେ ବର୍ଷା ହେବା ସହିତ ଦୀର୍ଘ ଦୁଇଘଣ୍ଟା ପର୍ଯ୍ୟନ୍ତ ଝଡ ତୋଫାନ ଲାଗିରହିଥିଲା। ବର୍ଷା ଓ ଝଡ଼ତୋଫାନ ଫଳରେ ତାପମାତ୍ରା ହ୍ରାସ ପାଇଥିବା କାରଣରୁ ଲୋକମାନେ ଆଶ୍ୱସ୍ତ ଅନୁଭବ କରିଛନ୍ତି। ଝଡ଼ ତୋଫାନ ଫଳରେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବ୍ୟାପକ କ୍ଷତି ଘଟିଥିବା ଖବର ମିଳିଛି। ବର୍ଷା ସାଙ୍ଗକୁ ଘଣ୍ଟାକୁ ପ୍ରାୟ ୬୦ରୁ ୭୦ କିମି ବେଗରେ ପବନ ବୋହିବା କାରଣରୁ ଚାଳଛପର ଘର ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଥିଲା। ପଟ୍ଟାମୁଣ୍ଡାଇ ସହରର ବସଷ୍ଟାଣ୍ଡ ନିକଟ ମୁଖ୍ୟରାସ୍ତା ପାଶ୍ୱର୍ରେ ଥିବା ଏକ ବିରାଟକାୟ ଗଛ ଭାଙ୍ଗି ୧୧ କେଭି ବିଦ୍ୟୁତ ଖୁଣ୍ଟ ଉପରେ ପଡ଼ିବାରୁ ଖୁଣ୍ଟଟି ଭାଙ୍ଗିଯିବା ସହିତ ମ୍ୟୁନିସିପାଲିଟି ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଥିବା ଏକ କାର୍ ଉପରେ ପଡ଼ିଥିଲା। ଫଳରେ କାର୍‌ଟି ଭାଙ୍ଗି ଚୁରମାର ହୋଇଯାଇଛି। ସୌଭାଗ୍ୟବଶତଃ କାର୍ ମଧ୍ୟରେ କୌଣସି ଯାତ୍ରୀ କିମ୍ବା ଚାଳକ ନ ଥିବା ଜଣାଯାଇଛି। କ୍ଷତିଗ୍ରସ୍ତ କାର୍‌ଟି ଆଳି ଗଭାଡିଆ ଗ୍ରାମର ରାଜକିଶୋର ଦାଶଙ୍କର ବୋଲି ଜଣାପଡ଼ିଛି। ୧୧ କେଭି ବିଦ୍ୟୁତ ଖୁଣ୍ଟଟି ଉପୁଡ଼ି ପଡ଼ିବାରୁ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା। ଗଛ ଭାଙ୍ଗି ପଡ଼ିଥିବାରୁ ପଟ୍ଟାମୁଣ୍ଡାଇ-ରାଜନଗର ତଳରାସ୍ତା ଓ ପଟ୍ଟାମୁଣ୍ଡାଇ ସହରର ମୁଖ୍ୟ ରାସ୍ତାରେ ଦୀର୍ଘ ସମୟ ଧରି ଯାନବାହନ ଯାତାୟାତ ବନ୍ଦ ହୋଇଯାଇଥିଲା। ଅଗ୍ନିଶମ କର୍ମଚାରୀ ଗଛ କାଟି ରାସ୍ତା ସଫା କରିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା।

# ସମ୍ପାଦକୀୟ



ସମ୍ବିଧାନ କେବଳ ଅଧିବକ୍ତାଙ୍କ ପାଇଁ ଉଦ୍ଦିଷ୍ଟ ଆଇନର ସଂକଳନ ନୁହେଁ; ଏହା ଜାତୀୟ ଜୀବନର ବାହକ ଏବଂ ଯୁଗୋପଯୋଗୀ ତତ୍ତ୍ୱର ସଂଚାଳକ।
-ଡ. ବି ଆର ଆମ୍ବେଦକର

ସକାଳ THE SAKALA

## କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ

ନିର୍ଦ୍ଦିଷ୍ଟ ରାଜନୈତିକ ଦଳ କ୍ଷମତାରେ ଥାଇ ଶାସନର ନେତୃତ୍ୱ ପରିବର୍ତ୍ତନର ଯେଉଁ କେତୋଟି ଦୃଷ୍ଟାନ୍ତ ଭାରତରେ ରହିଛି ସେଥିମଧ୍ୟରେ କର୍ଣ୍ଣାଟକ ଆଉ ଏକ ଫର୍ଦ୍ଦ ଯୋଡ଼ିଛି। ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଶାସନର ନେତୃତ୍ୱ ବା ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ପଛରେ ନେତୃତ୍ୱର ଅପାରଗତା, ଦଳୀୟ ବିରୋଧ, ଭ୍ରଷ୍ଟାଚାର, ରାଜ୍ୟପାଳ କିମ୍ବା କେନ୍ଦ୍ର ମନ୍ତ୍ରୀ ରୂପେ ପଦୋନ୍ନତି ଆଦି ଏକାଧିକ କାରଣ ନିର୍ଣ୍ଣାୟକ ହୋଇଛି। କିନ୍ତୁ କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ପଛରେ ଥିବା କାରଣଟି ଭିନ୍ନ ଓ ଅନନ୍ୟ। ୨୦୨୩ ମସିହାରେ କର୍ଣ୍ଣାଟକରେ ବିଜେପିକୁ ହଟାଇ କଂଗ୍ରେସ ଶାସନ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହାଇକମାଣ୍ଡ ଦ୍ୱନ୍ଦ୍ୱରେ ପଡ଼ିଥିଲେ। ୨୦୧୮ ରେ ରାଜସ୍ଥାନ ବିଧାନସଭା ନିର୍ବାଚନରେ କଂଗ୍ରେସର ବିଜୟ ପରେ ଯେଉଁଭଳି ଦଳର ଅଭିଜ୍ଞ(ଅଶୋକ ଗେହେଲୋଟ୍) ଓ ଦକ୍ଷ ଯୁବ ସଂଗଠକ(ସଚିନ୍ ପାଇଲଟ୍)ଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ଚାଲିଥିଲା ଏବଂ ଶେଷରେ ଅଭିଜ୍ଞ ହିଁ ବାଜି ମାରିନେଲେ ସେଭଳି ଅବସ୍ଥା କର୍ଣ୍ଣାଟକରେ୨୦୨୩ରେ ସୃଷ୍ଟି ହୋଇଥିଲା। କଂଗ୍ରେସକୁ କର୍ଣ୍ଣାଟକରେ କ୍ଷମତାସୀନ କରାଇବା ପଛରେ ଦକ୍ଷ ସଂଗଠକ ଡି କେ ଶିବକୁମାରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ଥିଲେ ହେଁ ବରିଷ୍ଠତା ଓ ଅଭିଜ୍ଞତା ଦୃଷ୍ଟିରୁ ସିଦ୍ଧରାମୈୟାଙ୍କୁ ମୁଖ୍ୟମନ୍ତ୍ରୀ ପଦ ମିଳିଥିଲା। ସେତେବେଳେ କିନ୍ତୁ ଏକ ଅଘୋଷିତ ଚୁକ୍ତି ହୋଇଥିଲା ଯେ ପାଞ୍ଚବର୍ଷ ଶାସନକାଳର ପ୍ରଥମ ଅଢ଼େଇ ବର୍ଷ ସିଦ୍ଧରାମୈୟା ମୁଖ୍ୟମନ୍ତ୍ରୀ ପଦରେ ରହିବେ ଏବଂ ପରବର୍ତ୍ତୀ ଅଢ଼େଇ ବର୍ଷ ଡି କେ ଶିବକୁମାର ଏହି ପଦ ସମ୍ଭାଳିବେ। ଏହି ସୂତ୍ରରେ ଉଭୟ ଦାବିଦାରଙ୍କୁ ହାଇକମାଣ୍ଡ ସନ୍ତୁଷ୍ଟ କରିପାରିଥିଲେ। ଚୁକ୍ତି ଅନୁଯାୟୀ ସିଦ୍ଧରାମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିଛନ୍ତି ଏବଂ ଶିବକୁମାର ସେହି ପଦରେ ଅଧିଷ୍ଠିତ ହୋଇଛନ୍ତି।

ଚୁକ୍ତି ବା ବୁଝାମଣା ସତ୍ତ୍ୱେ କର୍ଣ୍ଣାଟକ କଂଗ୍ରେସରେ ଆରମ୍ଭରୁ ସବୁକିଛି ଠିକ୍‌ଠାକ୍ ଚାଲି ନଥିଲା। ବାହାରକୁ ଦେଖାଯାଉ ନଥିଲେ ମଧ୍ୟ ଶିବକୁମାର ଓ ସିଦ୍ଧରାମୈୟାଙ୍କ ମଧ୍ୟରେ କ୍ଷମତାକୁ ନେଇ ଶୀତଳ ଯୁଦ୍ଧ ଆରମ୍ଭ ହୋଇସାରିଥିଲା। ସିଦ୍ଧରାମୈୟା ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ରାଜି ନ ଥିଲେ। ଅପରପକ୍ଷରେ ଦକ୍ଷ ସଂଗଠକ ଶିବକୁମାରଙ୍କ ସମର୍ଥନରେ ସ୍ୱର କ୍ରମଶଃ ତୀବ୍ର ହେଉଥିଲା। ତେଣୁ ଅଢ଼େଇ ବର୍ଷ ପୂରଣ ପୂର୍ବରୁ ରାଜ୍ୟର ଅନ୍ୟତମ ସଂଖ୍ୟାଧିକ ବର୍ଗ ଭୋକାଲିଗା (ଚାଷୀ) ସମ୍ପ୍ରଦାୟ ଓ ସଂପୃକ୍ତ ପନ୍ଥର ଜଣେ ପ୍ରଭାବଶାଳୀ ମଠାଧୀଶ ସାଧାରଣ ସଭାରେ ସିଦ୍ଧରାମାୟଙ୍କ ବଦଳରେ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଖୋଲାଖୋଲି ଦାବି କରିଥିଲେ। ସାଧୁସନ୍ଥଙ୍କ ଏଭଳି ସଂପ୍ରଦାୟଭିତ୍ତିକ ରାଜନୀତି ମୁଖ୍ୟମନ୍ତ୍ରୀ ସିଦ୍ଧରାମାୟାଙ୍କ ପାଇଁ ଗ୍ରହଣୀୟ ହୋଇ ନଥିଲେ ମଧ୍ୟ ସଂବେଦନଶୀଳ ଜାତିଆଣ ପ୍ରସଙ୍ଗକୁ ସେ ନିରବରେ ହଜମ କରିବାକୁ ବାଧ୍ୟ ହୋଇଥିଲେ। ଚତୁର ଶିବକୁମାର ନିଜକୁ ବିବାଦରୁ ଦୂରେଇ ରଖିବାକୁ ସଫେଇ ଦେଇଥିଲେ ଯେ ନେତୃତ୍ୱ ପରିବର୍ତ୍ତନ ପାଇଁ ମୁକ୍ତମଞ୍ଚରେ ଏଭଳି ଦାବି ଓ ଆହ୍ୱାନ ଗ୍ରହଣୀୟ ନୁହେଁ। ଏଭଳି ଘଟଣା ପରେ ସିଦ୍ଧରାମାୟା ସେତେବେଳେ କହିଥିଲେ ଯେ ହାଇକମାଣ୍ଡ ଯେଉଁ ନିଷ୍ପତ୍ତି ନେବେ ତାହାକୁ ସେ ମାନିନେବେ। ଶିବକୁମାର ପ୍ରତିନିଧିତ୍ୱ କରୁଥିବା ଏହି ସମ୍ପ୍ରଦାୟର ଦକ୍ଷିଣ କର୍ଣ୍ଣାଟକ, ବିଶେଷକରି ପୁରୁଣା ମହୀଶୂର ଅଞ୍ଚଳରେ ଆଧିପତ୍ୟ ଅଧିକ ରହିଛି। ଅପରପକ୍ଷରେ ସିଦ୍ଧରାମାୟା ଅତି ପଛୁଆବର୍ଗର ପ୍ରତିନିଧିତ୍ୱ କରୁଛନ୍ତି। ପୂର୍ବରୁ ସେ ରାଜ୍ୟର ମୁଖ୍ୟମନ୍ତ୍ରୀ ରହିଛନ୍ତି। ତାଙ୍କ ପଛରେ ଦଳିତ, ଶୋଷିତ, ଅନଗ୍ରସର ଓ ସଂଖ୍ୟାଲଘୁ ବର୍ଗଙ୍କ ସମର୍ଥନ ଅଧିକ ରହିଛି। ତେଣୁ ସେଠାରେ କ୍ଷମତା କନ୍ଦଳ ଜାତିଗତ ବିଦ୍ୱେଷ ଓ ବିଭେଦକୁ ଇଙ୍ଗିତ କରୁଥିଲା।

କର୍ଣ୍ଣାଟକ ରାଜନୀତିରେ ଏବେ ଜାତି ଓ ସଂପ୍ରଦାୟର ପ୍ରଭାବ ଯଥେଷ୍ଟ ବଢ଼ିଯାଇଛି। ରାଜ୍ୟରେ କଂଗ୍ରେସ ସରକାର ଥିବା ସତ୍ତ୍ୱେ ଲୋକସଭା ନିର୍ବାଚନରେ ବିଜେପି ଏବଂ ଏନ୍‌ଡିଏ ମେଣ୍ଟକୁ ଭଲ ସଫଳତା ମିଳିବାର କାରଣ ହେଲା ଲିଙ୍ଗାୟତ ଓ ଭୋକାଲିଗା ସଂପ୍ରଦାୟ ବିଜେପିକୁ ସମର୍ଥନ କରିଥିଲେ। କୁମାରସ୍ୱାମୀଙ୍କ ନିୟନ୍ତ୍ରଣରେ ରହିଥିବା ଜେଡିଏସ୍ ବସ୍ତୁତଃ ଭୋକଲିଗାଙ୍କ ଦଳ। ତେଣୁ ଶିବକୁମାରଙ୍କୁ ଅଧିକ ଦିନ ମୁଖ୍ୟମନ୍ତ୍ରୀ ଦୌଡ଼ରୁ ଦୂରେଇ ରଖି କର୍ଣ୍ଣାଟକୁ ଆଗାମୀ ବିଧାନସଭା ନିର୍ବାଚନରେ କଂଗ୍ରେସମୁକ୍ତ କରିବାକୁ ହାଇକମାଣ୍ଡ ଚାହିଁନାହାନ୍ତି। ଭୋଟ ରାଜନୀତିରେ ଜାତିଗତ ସମୀକରଣକୁ ସମତୁଲ କରିବା ପାଇଁ ଶିବକୁମାରଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ କରିବା ଏବଂ ସିଦ୍ଧରାମୈୟାଙ୍କୁ ଇସ୍ତଫା ଦେବାକୁ ପ୍ରବର୍ତ୍ତାଇବା ବ୍ୟତୀତ କଂଗ୍ରେସ ହାଇକମାଣ୍ଡଙ୍କ ପାଖରେ ଅନ୍ୟ ବିକଳ୍ପ ନଥିଲା। ଶିବକୁମାର ଜଣେ ଉତ୍ତମ ସଂଗଠକ, ଅତ୍ୟନ୍ତ ପରିଶ୍ରମୀ, ଅନୁଗତ, ବେଶ ଶକ୍ତିଶାଳୀ ଓ ଧନାଢ଼୍ୟ ନେତା। ସେ କର୍ଣ୍ଣାଟକରେ କଂଗ୍ରେସକୁ ବହୁ ସଂକଟରୁ ଉଦ୍ଧାର କରିଥିଲେ ମଧ୍ୟ ତାଙ୍କୁ ଯେଉଁଭଳି ପୁରସ୍କୃତ କରାଯିବା କଥା କଂଗ୍ରେସ ତାହା କରିପାରି ନଥିଲା। ଏବେ ସେଥିରେ କିଛି ତାଲିପକା ଉଦ୍ୟମ ହୋଇଛି।

ଏବେ ଅଭିଜ୍ଞ ରାଜନୀତିଜ୍ଞ ସିଦ୍ଧରାମୈୟା ହାଇକମାଣ୍ଡଙ୍କ ନିର୍ଦ୍ଦେଶ ମାନିଥିଲେ ହେଁ ଶିବକୁମାରଙ୍କ ପାଇଁ ପଥ ପରିଷ୍କାର କରିନାହାନ୍ତି କି ରାଜ୍ୟ କ୍ଷମତାରୁ ସମ୍ପୂର୍ଣ୍ଣ ରୂପେ ନିଜକୁ ଦୂରେଇ ରଖିବାକୁ ଉଚିତ ମଣି ନାହାନ୍ତି। ତାଙ୍କୁ ରାଜ୍ୟସଭା ପଦ ଯଚା ଯାଇଥିଲେ ମଧ୍ୟ ସେ ତାହାକୁ ବିନମ୍ରତାର ସହ ଏଡ଼ାଇ ଯାଇ ରାଜ୍ୟର ଉନ୍ନତି ପାଇଁ କାମ କରିବାକୁ କହିଛନ୍ତି। ଏଥିସହିତ ଜାତିଗତ ଜନଗଣନା ରିପୋର୍ଟକୁ ଗ୍ରହଣ କରି ରାଜ୍ୟରେ ସବୁ ପ୍ରମୁଖ ବର୍ଗଙ୍କୁ ସରକାରରେ ଉପଯୁକ୍ତ ପ୍ରତିନିଧିତ୍ୱ ଦେଇ ଏହାକୁ ସମାବେଶୀ କରାଯିବା ଉଚିତ ବୋଲି କହିଛନ୍ତି। ଏହି ମର୍ମରେ ସେ ଶିବକୁମାରଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛନ୍ତି। ଏସ୍‌ଟି, ଏସ୍‌ସି ଓ ସଂଖ୍ୟାଲଘୁ ବର୍ଗରୁ ଜଣେ ଲେଖାଏଁ ନେତାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ସେ ପରୋକ୍ଷ ପ୍ରସ୍ତାବ ଦେଇ ପଦ ଛାଡ଼ିଛନ୍ତି। ଏହାଫଳରେ ସଂପୃକ୍ତ ତିନିବର୍ଗରେ ଉପମୁଖ୍ୟମନ୍ତ୍ରୀ ପଦ ପାଇବାକୁ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି ଏବଂ ଶିବକୁମାର ମଧ୍ୟ ଏକା ଶାସନ କରିବାର ସୁଯୋଗ ପାଇବା ଅନିଶ୍ଚିତ ହେଲାଣି।

ଏବେ ଦେଶରେ ବିଜେପି ଶାସିତ ରାଜ୍ୟ ସଂଖ୍ୟା ବଢୁଥିବା ବେଳେ କେବଳ ତିନିଟି ରାଜ୍ୟରେ କଂଗ୍ରେସ ଏକାକୀ ଶାସନ କ୍ଷମତାରେ ରହିଛି। ତେଣୁ କର୍ଣ୍ଣାଟକ କଂଗ୍ରେସରେ ଅସନ୍ତୁଷ୍ଟଙ୍କୁ କିଭଳି ଆଗାମୀ ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ସନ୍ତୁଷ୍ଟ ରଖାଯାଇପାରିବ ତାହା ହାଇକମାଣ୍ଡ ପାଇଁ ଚିନ୍ତା ବଢ଼ାଇବା ସ୍ୱାଭାବିକ। କ୍ଷମତା ପରିବର୍ତ୍ତନ ପରେ ସେଠାରେ ମୁଖ୍ୟମନ୍ତ୍ରୀ ଦାବିରେ ବିରାମ ଲାଗିଥିଲେ ହେଁ କ୍ଷମତା ଦୌଡ଼ରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ। ତେଣୁ ଶିବକୁମାରଙ୍କ ସହ ହାଇକମାଣ୍ଡଙ୍କୁ ମଧ୍ୟ ଅଧିକ ସତର୍କ ରହିବାକୁ ପଡ଼ିବ।

## ପ୍ରତିକୂଳ ପ୍ରଶ୍ନ ଓ ସମାଲୋଚନା: ଆମର ଆଭିମୁଖ୍ୟ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

ଗୋଟିଏ ଦେଶର ଶାସନମୁଖ୍ୟ ବା ଅନ୍ୟ କେହି ତୁଙ୍ଗ ବ୍ୟକ୍ତିବିଶେଷ ଯେତେବେଳେ ଅନ୍ୟ ଏକ ଦେଶର ରାଷ୍ଟ୍ରମୁଖ୍ୟ କିମ୍ବା ସେ ଦେଶର ସାମ୍ବାଦିକମାନଙ୍କ ସହ ଏକ ଔପଚାରିକ ସମ୍ମିଳନୀରେ ମତ ବିନିମୟ କରନ୍ତି, ସେତେବେଳେ ଆପଣା ଦେଶର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରସବୁର ଦୁର୍ବଳତା, ଦୋଷତ୍ରୁଟି ଯଦି କିଏ କେଉଁଠି ଉତ୍‌ଥାପିତ କରିଥା'ନ୍ତି, ତେବେ ସେ ସବୁ ଉପଯୁକ୍ତ ତଥ୍ୟ ଆଧାରିତ ଯୁକ୍ତି ମାଧ୍ୟମରେ ଖଣ୍ଡନ କରିବା ସ୍ୱାଭାବିକ। କୌଣସି ଦେଶର ନାଗରିକ କେବେ ଚାହିଁବେ ନାହିଁ ଯେ ତାଙ୍କର ଶାସନମୁଖ୍ୟ ବିଦେଶ ମାଟିରେ ନିଜ ଦେଶପ୍ରତି କାହାର ନକାରାତ୍ମକ ମତମନ୍ତବ୍ୟର ଦୃଢ଼ ପ୍ରତିବାଦ ନ କରନ୍ତୁ ବୋଲି। ତେବେ ଏହି ଆପାତତଃ ଗ୍ରହଣୀୟ କଥାଟି ସହିତ ଯେଉଁ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଦୁଇଟି ଜଡ଼ିତ, ତାହା ହେଉଛି- ପ୍ରତିକୂଳ ପ୍ରଶ୍ନ ବା ସମାଲୋଚନାର ସମ୍ମୁଖୀନ ହେବା ବେଳେ ଶାସନମୁଖ୍ୟମାନଙ୍କ ଆଭିମୁଖ୍ୟ କିପରି ହେବା ବାଞ୍ଛନୀୟ ଏବଂ ଖଣ୍ଡନ ବା ପ୍ରତିବାଦ ପାଇଁ ଉପସ୍ଥାପିତ କରାଯାଉଥିବା ଯୁକ୍ତି-ପ୍ରତିଯୁକ୍ତିର ମାନଦଣ୍ଡ କିପରି ହେବା ସ୍ପୃହଣୀୟ?

ପ୍ରତ୍ୟେକ ଦେଶର ସଚେତନ ନାଗରିକ ନିଶ୍ଚୟ ଚାହିଁବେ ଯେ ଦେଶର ଶାସନମୁଖ୍ୟ ବା ସରକାରୀ ସ୍ତରର ସର୍ବୋଚ୍ଚ ପଦାସୀନ ଅନ୍ୟ କେହି ଯେତେବେଳେ ବିଦେଶମାଟିରେ କେଉଁ ପ୍ରଶ୍ନକର୍ତ୍ତା ବା ପ୍ରଶ୍ନକର୍ତ୍ତୀଙ୍କ ନକାରାତ୍ମକ ଟୀକାଟିପ୍ପଣୀର ପ୍ରତିଖଣ୍ଡନ କରିବା ଜରୁରୀ ବୋଲି ମନେ କରନ୍ତି, ସେତେବେଳେ ସେ ଖଣ୍ଡନ ସଂପୂର୍ଣ୍ଣ ତଥ୍ୟ ଆଧାରିତ ବା ପରିସଂଖ୍ୟାନଗତ ସୂଚନା- ଆଧାରିତ ଯେପରି ହୁଏ, ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ସେଥିପାଇଁ ଲୋଡ଼ାପଡୁଥିବା ମାନସିକ ସ୍ଥୈର୍ଯ୍ୟ ତଥା ବୌଦ୍ଧିକ ଦକ୍ଷତା ଶାସନର ଶୀର୍ଷତମ ନେତୃବୃନ୍ଦଙ୍କ ପାଖରେ ଥିବା ଆବଶ୍ୟକ ମଧ୍ୟ। ଗୋଟିଏ ଦେଶର ଶାସନମୁଖ୍ୟଙ୍କୁ ବିଦେଶୀ ସାମ୍ବାଦିକ, ମାନବାଧିକାର ପର୍ଯ୍ୟବେକ୍ଷକ କିମ୍ବା ଅନ୍ୟ କେଉଁ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ପକ୍ଷରୁ ସମ୍ବାଦପତ୍ରମାନଙ୍କର ସ୍ୱାଧୀନତା, ସାମ୍ବାଦିକ ବା ନାଗରିକମାନଙ୍କର ସ୍ୱାଧୀନମତ ପ୍ରକାଶର ଅଧିକାର କିମ୍ବା ସାଂପ୍ରଦାୟିକ ସଦ୍‌ଭାବର ଅନୁପସ୍ଥିତି ସମ୍ବନ୍ଧରେ ନାନା ସ୍ପର୍ଶକାତର ପ୍ରଶ୍ନ ପଚରାଯିବା ଆଦୌ ଅସ୍ୱାଭାବିକ ନୁହେଁ। ବିଦେଶମାଟିରେ ନିଜ ଦେଶ ବା ନିଜ ଶାସକୀୟ ପଦ୍ଧତି ସଂପର୍କରେ ପ୍ରତିକୂଳାତ୍ମକ ମତମନ୍ତବ୍ୟ ସବୁର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସାମାନ୍ୟତମ କ୍ଷୋଭ ପ୍ରକାଶ କରିବା ସ୍ପୃହଣୀୟ ନୁହେଁ। ଦେଶର ଭିନ୍ନ ଭିନ୍ନ କ୍ଷେତ୍ରରେ ଦୃଶ୍ୟମାନ ବିସଂଗତି କିମ୍ବା ଆନ୍ତର୍ଜାତିକ ସ୍ତରର ପ୍ରତିଷ୍ଠିତ ପର୍ଯ୍ୟବେକ୍ଷକ ଓ ବିଶ୍ଳେଷକମାନଙ୍କ ଦ୍ୱାରା ଚିହ୍ନିତ ଶାସନଗତ ପରିଚାଳନାର ଦୁର୍ବଳତା ଓ ବିଫଳତା ସଂପର୍କିତ ପ୍ରଶ୍ନସବୁର ଖଣ୍ଡନ କରାଯିବା ଅନିବାର୍ଯ୍ୟ ଅବଶ୍ୟ। ମାତ୍ର ସେହି ପ୍ରଶ୍ନ ବା ସମାଲୋଚନାକୁ ଏଡ଼ାଇ ଦେବାର ଉଦ୍ଦେଶ୍ୟରେ ଭିନ୍ନ ଭିନ୍ନ ଆଳରେ ପ୍ରଶ୍ନକର୍ତ୍ତା ବା ସମାଲୋଚକମାନଙ୍କ ଗହଣରୁ ଆପଣାକୁ ଯଥାଶୀଘ୍ର ନିଷ୍କ୍ରାନ୍ତ କରିବା ଆଦୌ ଗ୍ରହଣୀୟ କି ଶୋଭନୀୟ ନୁହେଁ। ଏଭଳି ଏକ ସଂବେଦନଶୀଳ ପ୍ରସଙ୍ଗ ଚର୍ଚ୍ଚାର ପରିସରକୁ ଆସିଲେ ସ୍ୱାଭାବିକ ଭାବରେ ପ୍ରଥମେ ଆମେ ଭାବିବସୁ ଆମ ଦେଶରେ ଶାସନମୁଖ୍ୟମାନଙ୍କ ଆଚରଣ କିପରି ହେବା ବିଧେୟ।

ଏହି ପରିପ୍ରେକ୍ଷୀରେ ଭାରତୀୟ ସଭ୍ୟତାର ସନାତନୀ ମୂଲ୍ୟବୋଧ ଆମକୁ ଓ ଆମ ନେତୃବୃନ୍ଦଙ୍କୁ କି ଶିକ୍ଷା ଦେଇଥାଏ, ତାହା ବିଚାରଯୋଗ୍ୟ। ଆମର ପ୍ରାଚୀନ ଗୌରୋବଜ୍ଜ୍ୱଳ ସଭ୍ୟତା କାହିଁ କେଉଁକାଳରୁ ଆମକୁ ମତାମତର ଏକରୂପତା ନୁହେଁ, ମତଭେଦର ସହଅସ୍ତିତ୍ୱକୁ ସମ୍ମାନର ସହ ସ୍ୱୀକାର କରିବାକୁ ଶିଖାଇଛି। ବେଦ ଓ ଉପନିଷଦର ଋଷିମାନଙ୍କଠାରୁ ବୌଦ୍ଧ, ଜୈନ ତଥା ମୀମାଂସକମାନଙ୍କ ଐଶ୍ୱରିକ ବା ନିରୀଶ୍ୱରବାଦୀ ଚିନ୍ତାଚେତନା ତଥା ନିର୍ଦ୍ଦେଶାତ୍ମକ ଆର୍ଷବାକ୍ୟଗୁଡ଼ିକ ଆମକୁ ଅନେକ ସମୟରେ ହତଭମ୍ବ କରି ଦେଉଥିଲେ ମଧ୍ୟ ଆମେ ଏପ୍ରକାର ଭିନ୍ନତାକୁ ପ୍ରଜ୍ଞା ଓ ଉତ୍ତାଙ୍ଗ ବୌଦ୍ଧିକତାର ପ୍ରମାଣ ଭାବରେ ଗ୍ରହଣ କରିବା ଶିଖିଛେ। ସେଥିପାଇଁ ଆମେ 'ନାନା ମୁନି, ନାନା ମତ' ଭଳି ଆପ୍ତବାକ୍ୟକୁ ବାରମ୍ବାର ସ୍ମରଣ କରିଆସିଛେ। ଆମ ନିକଟ ଅତୀତର ଇତିହାସରୁ ଆମେ ଜାଣିଛେ ଆଧୁନିକ କାଳଖଣ୍ଡର ବହୁ ମୂର୍ଦ୍ଧନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଅନେକ ମତାନ୍ତର, ମତଭେଦ ସତ୍ତ୍ୱେ ସେମାନେ ବାରମ୍ବାର ହର୍ଷୋତ୍‌ଫୁଲ୍ଲତା ସହ ମଜ୍ଜିଯାଉଥିଲେ ତର୍କବିତର୍କରେ-ପରସ୍ପର ମଧ୍ୟରେ ସ୍ନେହ, ସଦିଚ୍ଛା ଓ ଭ୍ରାତୃତ୍ୱବୋଧକୁ ଅମଳିନ ରଖି। କିଏ ବା ନ ଜାଣିଛି ଗାନ୍ଧୀଙ୍କ ସହ ସୁଭାଷ, ଆମ୍ବେଦକର ଓ ରବୀନ୍ଦ୍ରନାଥଙ୍କ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଥିବା ମତଭେଦ ସଂପର୍କରେ? କିଏ ବା ନ ଜାଣିଛି ଆମ ଲୌହମାନବ ପଟେଲଙ୍କ ସହ ଆମ ପ୍ରଥମ ପ୍ରଧାନମନ୍ତ୍ରୀ ନେହେରୁ ଓ ନେହେରୁଙ୍କ ସହ ଲୋହିଆଙ୍କ ମତଭେଦ, ତାହା ଲଘୁ ହେଉ କି ତୀବ୍ର ହେଉ, ସେ ସଂପର୍କରେ? କିନ୍ତୁ ସେହି ସୁଭାଷ ହିଁ ପ୍ରଥମେ ଗାନ୍ଧୀଙ୍କୁ 'ଜାତିର ପିତା' ଓ ରବୀନ୍ଦ୍ରନାଥ 'ମହାତ୍ମା' ଭାବରେ ଆଖ୍ୟାୟିତ କରିଥିଲେ। ସର୍ଦ୍ଦାର ପଟେଲ ଓ ଜବାହାରଲାଲ ନେହରୁଙ୍କ ମଧ୍ୟରେ ସଦାସର୍ବଦା ଥିଲା ଅଖଣ୍ଡ ଅନ୍ତରଙ୍ଗ ଆତ୍ମୀୟତା ଏବଂ ଲୋହିଆ ବି ତାଙ୍କ ଆତ୍ମଜୀବନୀରେ ସ୍ୱଷ୍ଟ ଭାବରେ ସ୍ୱୀକାର କରିଛନ୍ତି ନେହେରୁଙ୍କର ରାଜନୈତିକ ନୀତିନିଷ୍ପତ୍ତିର ସେ ଘୋର ସମାଲୋଚକ ଥିଲେ ମଧ୍ୟ ସେ ଚିହ୍ନିଥିଲେ ନେହେରୁଙ୍କ ଭିତରେ ଥିବା ସଚ୍ଚା ଦେଶପ୍ରେମୀ, ମାନବବାଦୀ ଉଦାର ଚିନ୍ତାଚେତନାର ମଣିଷ ଜଣକୁ। ଆଧୁନିକ ଭାରତର ଏହି ଶ୍ରେଷ୍ଠତମ ନେତା ଓ ନିର୍ମାତାମାନେ ଥିଲେ ଖାଦହୀନ ଭାରତୀୟତାର ମହାମନ୍ତ୍ରରେ ଦୀକ୍ଷିତ। କେଉଁକାଳେ ଆମ ଦେଶରେ ଭିନ୍ନ ଧର୍ମ, ଭିନ୍ନ ରୁଚି ବା ଭିନ୍ନ ବେଶପରିପାଟୀ ପ୍ରତି ଲେଶମାତ୍ର ଅସହିଷ୍ଣୁତା ନଥିଲା, କିମ୍ବା ଯଦି ବା କେଉଁଠି କେବେ ଦୁର୍ଭାଗ୍ୟଜନକ ଭାବରେ ଅନୁଭୂତ ହେଉଥିଲା, ତାହା ଆଦୌ ଉଗ୍ରତର ପର୍ଯ୍ୟାୟବାଚୀ ନଥିଲା। ତର୍କବିତର୍କରେ ପ୍ରବୀଣ ଥିଲେ ଆମେ। ଯୁକ୍ତିପ୍ରବଣ ବା ଯୁକ୍ତିମୁଖର ଭାବରେ ସୁଖ୍ୟାତି ଥିଲା ଆମର। ମାତ୍ର ସବୁକିଛିରେ ଆମର ବୈଶିଷ୍ଟ୍ୟାତ୍ମକ ସହନଶୀଳତା, ଆମ ଉଦାର ହୃଦୟବତ୍ତାର ସ୍ୱାକ୍ଷର ଥିଲା ସ୍ପଷ୍ଟ।

ଦୁର୍ଭାଗ୍ୟର କଥା, ବର୍ତ୍ତମାନର କାଳଖଣ୍ଡରେ ଆମର ଅଧିକାଂଶ ନାଗରିକ ଓ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ସେ ସହନଶୀଳତା, ସେ ଉଦାରତା, ସେ ସମଦୃଷ୍ଟିସଂପନ୍ନ ମନୋଭାବର ସ୍ୱଷ୍ଟ ଆଭାସ ଲୁପ୍ତ ହୋଇସାରିଲାଣି ଏଇ କିଛିବର୍ଷ ଭିତରେ। ତଥାପି ଆମେ ଆଶା କରିବା ଯେ ଆମେ ଓ ଆମ ଶାସନକର୍ତ୍ତା, ଆମ ନେତୃବୃନ୍ଦ ପୁନଶ୍ଚ ସଚେତନ ଭାବରେ ଆପଣା ଆପଣାର ଚିନ୍ତାଚେତନାରେ ମହିମ୍ନ ଭାରତୀୟ ସଭ୍ୟତାର ସଂସ୍କାର ଓ ମୂଲ୍ୟବୋଧ ସବୁକୁ ଜାଗରିତ କରିବା ପାଇଁ ଉଦ୍ୟମ ଜାରି ରଖିବେ। ବିଶେଷକରି ଆମ ଶାସନମୁଖ୍ୟ ବା ଶାସନର ଶୀର୍ଷସ୍ତରୀୟ ନେତାନେତ୍ରୀମାନେ ନିଶ୍ଚୟ ବିଦେଶ ମାଟିରେ 'ଭାରତୀୟତାର' ଉଦାହରଣ ବାଢ଼ିଦେବା ପାଇଁ ପ୍ରଯତ୍ନ କରିବେ ସର୍ବାନ୍ତଃକରଣରେ। ବିଦେଶର କେଉଁ ମଞ୍ଚରେ ଆମ ଲୋକକ୍ଷେତ୍ରରେ ପରିଦୃଷ୍ଟ ହେଉଥିବା କୌଣସି ଦୁର୍ବଳତା- ଯଥା ବାକ୍‌ଅଧିକାର ଉପରେ ଅଙ୍କୁଶ, ଧର୍ମୀୟ ଅସହିଷ୍ଣୁତା, ଅଗଣତାନ୍ତ୍ରିକ ଶାସକୀୟ ଧାରା ବା ସାଂପ୍ରଦାୟିକ ବିଭେଦତା ସଂପର୍କରେ ପ୍ରଶ୍ନ ବା ସମାଲୋଚନାର ସାମ୍ନା କଲେ, ସେ ସବୁକୁ ଧୈର୍ଯ୍ୟର ସହ ଶୁଣିବାର ବିଦ୍ୱତା ପ୍ରଦର୍ଶନ କରିବା ଆବଶ୍ୟକ ଏବଂ ସେ ସବୁର ଯୁକ୍ତିଯୁକ୍ତ ଉତ୍ତର ଉପସ୍ଥାପନ କରିବା ସେମାନଙ୍କ କର୍ତ୍ତବ୍ୟ ବୋଲି ହୃଦୟଙ୍ଗମ କରିବା ଆବଶ୍ୟକ।

ଏବେ ଆମ ଦେଶରେ ଏକ ଅଦ୍‌ଭୁତ ମାନସିକ ପରିବେଶ ବିରାଜମାନ। ଅନେକ ଶିକ୍ଷିତ ଭାରତୀୟ ଗୋପନୀୟ ଆଳାପ ଆଲୋଚନାରେ ଦେଶରେ କ୍ରମବର୍ଦ୍ଧମାନ ଅସହିଷ୍ଣୁତା, ସାଂପ୍ରଦାୟିକ ଧ୍ରୁବୀକରଣ, ଗଣତାନ୍ତ୍ରିକ ବା ସାମ୍ବିଧାନିକ ସଂସ୍ଥାମାନଙ୍କ ସ୍ୱାଧୀନତା ହ୍ରାସ ଓ ଗଣମାଧ୍ୟମ ଜଗତର ଭୟାକୁଳ ପରିବେଶ ସଂପର୍କରେ ଚିନ୍ତା ପ୍ରକଟ କରିଥା'ନ୍ତି। ମାତ୍ର ସେହିମାନେ ସାର୍ବଜନିକ ମଞ୍ଚମାନଙ୍କରେ ଅସମ୍ଭବ ମୌନତା ଅବଲମ୍ବନ କରିଥା'ନ୍ତି କିମ୍ବା ଦୃଶ୍ୟମାନ ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ନୀତିନିୟମ ଓ ସ୍ୱାଧୀନ ମତପ୍ରକାଶର ହନନ ପ୍ରତି ସମର୍ଥନାତ୍ମକ ମନ୍ତବ୍ୟ ଥୋଇ ଦେଇଥା'ନ୍ତି। ଏପରିକି ଅସାମ୍ବିଧାନିକ କାର୍ଯ୍ୟଶୈଳୀ, ଅସ୍ୱଚ୍ଛତା ଓ ପ୍ରକାଶ୍ୟ ସରକାରୀ ଚାଟୁକାରିତାର ଅଭିଯୋଗମାନ ଆମ ବିଚାରବିଭାଗ, ନିର୍ବାଚନ କମିଶନ, କେନ୍ଦ୍ରୀୟ ସ୍ୱୟଂଶାସିତ ତଦନ୍ତକାରୀ ଅନୁଷ୍ଠାନଗୁଡ଼ିକ ସଂପର୍କରେ ଶୁଣାଯାଉଥିଲେ ମଧ୍ୟ ଏବେ ଦୁର୍ଭାଗ୍ୟଜନକ ଭାବରେ ଆମେ ପ୍ରତ୍ୟେକ ମୌନ, ଉଦାସୀନ। ତେବେ ସମ୍ଭବତଃ ସବୁଠାରୁ ଗଭୀର ଚିନ୍ତାଜନକ ହେଉଛି ଆଜି ଯେପରି ଭାବେ ସାଂପ୍ରଦାୟିକ ଘୃଣା କେବଳ ରାଜନୈକ ସଲାକୁସ୍ତି ଆଖଡ଼ାମାନଙ୍କରେ ନ ରହି ବ୍ୟାପି ଚାଲିଛି ଡିଜିଟାଲ ଜଗତରେ, ଟେଲିଭିଜନର ଭାଷାରେ ଏବଂ ବିଚାରଭ୍ରଷ୍ଟ ଅସଂଖ୍ୟ ଅନ୍ଧ ଭକ୍ତଭକ୍ତାମାନଙ୍କ ଦୈନନ୍ଦିନ ଆଚରଣ ଓ ଉଚ୍ଚାରଣରେ। ଏହି ଧରଣର ଫାସୀବାଦୀ ଅଗଣତାନ୍ତ୍ରିକତା ଓ ଭ୍ରମପୂର୍ଣ୍ଣ ରାଷ୍ଟ୍ରପ୍ରେମ ପ୍ରତି ଆମମାନଙ୍କ ଅନ୍ଧ ଆନୁଗତ୍ୟ ବୋଧହୁଏ ଅନେକ ସମୟରେ ଆମ ଦେଶର ଦକ୍ଷ, ଅଭିଜ୍ଞ ଶାସନମୁଖ୍ୟ ଓ ଅନ୍ୟ ବିଶିଷ୍ଟମାନଙ୍କୁ ବାଧ୍ୟ କରିଥାଏ ଦେଶ ଭିତରେ ବା ବିଦେଶରେ କାହାରି କାହାରି ଅପ୍ରୀତିକର ପ୍ରଶ୍ନ ଓ ସମାଲୋଚନା ପ୍ରତି ଅତି ପ୍ରତିକ୍ରିୟାଶୀଳ କିମ୍ବା ସଂପୂର୍ଣ୍ଣ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରି ଆପଣା ଦେଶପ୍ରେମର ନଜିର ଜାହିର କରିବାକୁ।

ତଥାପି ଆମେ ଆଶା କରିବା ଯେ ଆମ ନେତୃବୃନ୍ଦ ଓ ଆମ ଭିତରର ପଥଚ୍ୟୁତ ନାଗରିକମାନେ ବୁଝିବେ ଯେ ପୂର୍ଣ୍ଣତାର ଗୌରବଗାନ ଯେମିତି ବାଞ୍ଛନୀୟ ସେମିତି ମଧ୍ୟ ବାଞ୍ଛନୀୟ ଅପୂର୍ଣ୍ଣତାର ସାହସିକ ସ୍ୱୀକାର। ଯେତେବେଳେ ସତ୍ୟ ଆପଣାର ସତ୍ ପ୍ରତିଛବି ଦେଖିବାକୁ ଭୟ କରି ଦର୍ପଣ ପାଖରୁ ମୁହଁ ଫେରାଇନିଏ, ସେତେବେଳେ ଏହା ଖର୍ବ, ଖଣ୍ଡିତ, ମଳିନ ହେବାକୁ ଆରମ୍ଭ କରେ। ଏ କଥା ଏକବିଂଶ ଶତାବ୍ଦୀର ଏଇ ବହୁବିଡ଼ମ୍ବନାକ୍ରାନ୍ତ କାଳଖଣ୍ଡର ପ୍ରତ୍ୟେକ ଦେଶର ନାଗରିକ ଓ ରାଷ୍ଟ୍ରମୁଖ୍ୟମାନେ, ବିଶେଷକରି ଆମ ମହାନ୍ ସନାତନୀ ସଂସ୍କୃତିସଂପନ୍ନ ଭାରତବର୍ଷର ନାଗରିକ ଓ ରାଷ୍ଟ୍ରପ୍ରମୁଖମାନଙ୍କ ପକ୍ଷରେ ସର୍ବଦା ସ୍ମରଣ ରଖିବା ସର୍ବାଦୌ ମହତ୍ତ୍ୱପୂର୍ଣ୍ଣ।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଠିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ସାମୁଦ୍ରିକ ଗବେଷଣା ଓ ନୀଳ ଅର୍ଥନୀତି ମଡେଲ୍

**ଡକ୍ଟର ଲାଲା ଅଶ୍ୱିନୀ କୁମାର ସିଂହ**

ଓଡ଼ିଶାକୁ ଲାଗି ରହିଥିବା ବଙ୍ଗୋପସାଗରର ସ୍ଥିତି ଏଭଳି ଯେ ରାଜ୍ୟ ଉପକୂଳରେ ବିକାଶ ପ୍ରକ୍ରିୟା ଏବଂ ସାମୁଦ୍ରିକ ପରିବେଶରେ ପରିବର୍ତ୍ତନ କ୍ରମଶଃ ଅଧିକ ହେବାକୁ ଲାଗିଛି। ଓଡ଼ିଶାରେ ସମୁଦ୍ର ଭିତରକୁ ଯାଇ ସାମୁଦ୍ରିକ ଜୀବମାନଙ୍କୁ ଅଧ୍ୟୟନ କରି ପାରୁଥିବା ଜୀବବିଜ୍ଞାନୀ ଜଣାପଡୁ ନାହାନ୍ତି। ସାଧାରଣ ଭାବେ ଦୃଷ୍ଟିକୁ ଆସୁନାହାନ୍ତି। ଅବଶ୍ୟ, ସାମୁଦ୍ରିକ ଜୀବମାନଙ୍କ ସମ୍ବନ୍ଧରେ ଅଧ୍ୟୟନ ପାଇଁ ଗଞ୍ଜାମ ଜିଲ୍ଲାର ଗୋପାଳପୁରଠାରେ 'ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆ' ଅବସ୍ଥାପିତ। ଏହି ପ୍ରାଣୀବିଜ୍ଞାନ ସଂସ୍ଥାର କାର୍ଯ୍ୟାବଳୀ କୃତୀ ଓଡ଼ିଆ ଶିକ୍ଷାବିତମାନଙ୍କ ମଧ୍ୟରେ ପ୍ରଚାରିତ ହେବା ପାଇଁ ବହୁତ ରାସ୍ତା ବାକି ରହିଛି। ଅନେକ ପ୍ରାଣୀଙ୍କ ସମ୍ପର୍କରେ ଆମେ ଜାଣିବା ପୂର୍ବରୁ ସେମାନେ ଧୀରେ ବିରଳ ହୋଇ ଯାଉଛନ୍ତି ଓ କ୍ରମଶଃ ଲୋପ ପାଉଛନ୍ତି। ଅଥବା ସେମାନଙ୍କର ପ୍ରକୃତି ପ୍ରଦତ୍ତ ପ୍ରାଥମିକ ବ୍ୟବହାରରେ ସ୍ଥାୟୀ ପରିବର୍ତ୍ତନ ଘଟୁଛି।

ଓଡ଼ିଶାର ସାମୁଦ୍ରିକ ଜୀବମାନଙ୍କ ସମ୍ବନ୍ଧୀୟ ଜ୍ଞାନ କହିଲେ ଆମେ ସାଧାରଣତଃ ଉପକୂଳକୁ ଆସୁଥିବା ଅଲିଭ ରିଡଲି କଇଁଛଙ୍କୁ ଜାଣିଥାଉ। ଚାନ୍ଦିପୁର ଉପକୂଳକୁ ଆସୁଥିବା ନୀଳ କଙ୍କଡ଼ା, ପୁରୀ ନୂଆନଇ ମୁହାଣକୁ ଅସୁଥିବା ଜେଲି-ଫିସ ଇତ୍ୟାଦି ବିଷୟରେ ମଧ୍ୟ କହିଥାଉ। ୧୯୭୫ ମସିହା ପରଠାରୁ ସରକାରୀ ଭାବେ ଓ ବେସରକାରୀ ସହାୟତାରେ ସମୁଦ୍ର କଇଁଛମାନଙ୍କୁ ଗଣା ଯାଇଆସୁଛି। ଅଣ୍ଡାରୁ ଶାବକ ବାହାରୁଥିବା ତଥ୍ୟମାନ ସଂଗ୍ରହ କରା ଯାଇଆସୁଛି। ଓଡ଼ିଶା ଉପକୂଳରେ ଅଣ୍ଡା ଦେବାକୁ ଆସୁଥିବା କଇଁଛଙ୍କ ସଂଖ୍ୟା କମିଗଲେ ଚିନ୍ତା ଆସିଯାଏ। ମାତ୍ର ମୃତ ବଡ଼ କଇଁଛଙ୍କ ମଧ୍ୟରେ ଅଣ୍ଡିରା-ମାଈ ଅନୁପାତ ସମ୍ପର୍କରେ ତଥ୍ୟ ପ୍ରକାଶିତ ହୋଇ ନାହିଁ। କଦବା କେମିତି ରେଡିଓ ଟ୍ରାନ୍ସମିଟର ସାହାଯ୍ୟରେ କାହାରି କାହାରି ଗତିବିଧି ଅଧ୍ୟୟନ କରାଯାଉଛି। ପାଣ୍ଠିର ଅଭାବ ନଥିଲେ ସ୍ୟାଟଲାଇଟ ଟେକ୍ନୋଲୋଜି ମଧ୍ୟ ବ୍ୟବହାର କରାଯାଇଛି।

ଏଭଳି ସମୁଦ୍ର ତଟୀୟ ପରିସ୍ଥିତିରେ ସାମୁଦ୍ରିକ ଜୀବମାନଙ୍କ ଜୀବାଶ୍ମ ସଂଗ୍ରହ ବା ଜିନ ବ୍ୟାଙ୍କ ଗଢ଼ି ତୋଳିବା ଓ ଗବେଷଣା କରିବା ବିରଳ। ଏମିତି ସମୁଦ୍ର ଉପକୂଳରେ ଆସି ପଡୁଥିବା ମୃତ ଜୀବମାନଙ୍କ ସମ୍ବନ୍ଧରେ ଅନେକ କିଛି ଗବେଷଣାର ଆବଶ୍ୟକତା ରହିଛି। ଉତ୍ତମ ଡାଟା-ବେସ ପ୍ରସ୍ତୁତ କରି ବ୍ୟବହାର ଯୋଗ୍ୟ କରିବା ସେଥିମଧ୍ୟରୁ ଅନ୍ୟତମ।

୨୦୨୬ ଅପ୍ରେଲ ୧୬ ତାରିଖରେ ରାଜ୍ୟ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ, ଭାରତ ସରକାରଙ୍କ ମୃତ୍ତିକା ବିଗତନା ମନ୍ତ୍ରାଳୟଙ୍କ ଆନୁକୂଲ୍ୟରେ ନରୱେ ସରକାରଙ୍କ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ତା' ଅନୁଯାୟୀ ସାମୁଦ୍ରିକ ପରିସଂସ୍ଥାର ସାମୂହିକ ବିକାଶ ଘଟିବ ଏବଂ ନୀଳ ଅର୍ଥନୀତି ବୃଦ୍ଧି ପାଇବ। ସେହି ପରିପ୍ରେକ୍ଷୀରେ, ଓଡ଼ିଶା ପରିବେଶ ସମିତି, କ୍ଷେତ୍ରୀୟ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ, ଏଭରଗ୍ରୀନ ଫୋରମ ଇତ୍ୟାଦି ଅନୁଷ୍ଠାନ ସହଯୋଗରେ ଏମଏମ୍-ବିଆରଟି(ମେରାଇନ୍ ମେଗା ବାଇଓ ରିସୋର୍ସ ଟ୍ରାନ୍ସଫରମେସନ୍) ମଡେଲ ପ୍ରସ୍ତୁତ କରିବାର ସୁଯୋଗ ମିଳିଲା। ଏମଏମ୍-ବିଆରଟି ମଡେଲ୍ ହେଉଛି ଏଭଳି ଏକ ନୂତନ ଚିନ୍ତାଧାରା, ଯାହା ମାଧ୍ୟମରେ ଓଡ଼ିଶା କୂଳରେ ମିଳୁଥିବା ମୃତ ସମୁଦ୍ର ପ୍ରାଣୀମାନଙ୍କର ସମ୍ପଦ-ସ୍ତରୀୟ ମୂଲ୍ୟାଙ୍କନ ହୋଇ ପାରିବ। ଏହି ସମ୍ପଦକୁ ଦୂର ମନେ ହେଉଥିବା ସାଗର ମଧ୍ୟକୁ ନ ଯାଇ କୂଳରେ ଆସି ଲାଗୁଥିବା ଜୀବମାନଙ୍କୁ ଗବେଷଣା, ଶିକ୍ଷାଦାନ ଓ ନୀଳ ଅର୍ଥନୀତି(ବ୍ଲୁ ଇକୋନମି)ରେ ବ୍ୟବହାର କରି ପରିବାର ପ୍ରସ୍ତାବ ଗଢ଼ି ଉଠିଛି। ମୃତ ସମୁଦ୍ର ପ୍ରାଣୀମାନଙ୍କର ଏହି ସମ୍ପଦରେ ବିରଳ ଜିନ ବ୍ୟାଙ୍କ ଓ ଜିଲ୍ଲାସ୍ତରୀୟ ସ୍ଥାନୀୟ ସଂଗ୍ରହାଳୟମାନ ଗଢ଼ି ଉଠିବ। ଏହି ମଡେଲ କାର୍ଯ୍ୟକାରୀ ହେଲେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ପର୍ଯ୍ୟଟନ ଶିଳ୍ପ ମାଧ୍ୟମରେ ନିଯୁକ୍ତି ଓ ଅର୍ଥ ଉପାର୍ଜନର କ୍ଷମତା ବୃଦ୍ଧି ପାଇବ।

(ପ୍ରାକ୍ତନ ବନ୍ୟପ୍ରାଣୀ ଗବେଷଣା ଅଧିକାରୀ)
ଭୁବନେଶ୍ୱର, ମୋ: ୯୮୬୧୦୯୨୯୨୮

## ଅଶୋକଙ୍କ ଅଭିଲେଖ ଓ ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ

**ଓଡ଼ିଶାର ବୌଦ୍ଧ ପରମ୍ପରା**

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

**ଗୁମ୍ଫା ଲେଖ:** ଚାରିଗୋଟି କୃତ୍ରିମ ଅଥବା ଖୋଦିତ ଗୁମ୍ଫା ମଧ୍ୟରୁ ତିନି ଗୋଟି ଗୁମ୍ଫାରେ ଅଶୋକଙ୍କ ଅଭିଲେଖଗୁଡ଼ିକ ରହିଛି। ଏହି ଗୁମ୍ଫା ସବୁ ବିହାରର ଗୟାର ଉତ୍ତର-ପୂର୍ବ ଦିଗରେ ଥିବା ବରାବର ପାହାଡ଼ରେ ରହିଛି ଏବଂ ଏହା ପ୍ରାଚୀନ କାଳରେ ସଖଲତିକ ପର୍ବତ ଭାବେ ପରିଚିତ ଥିଲା। ଏଥିମଧ୍ୟରୁ ଦୁଇଟି ଗୁମ୍ଫାକୁ ରାଜା ଆଜୀବିକ ସଂପ୍ରଦାୟର ସନ୍ନ୍ୟାସୀମାନଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିବା ବିଷୟ ଶିଳାଲେଖରୁ ଜଣାଯାଏ। ଏହି ଗୁମ୍ଫାଗୁଡ଼ିକଠାରୁ ପ୍ରାୟ ଦୁଇ କିଲୋମିଟର ଦୂରରେ ଅନ୍ୟ ଏକ ସନ୍ନିକଟ ପାହାଡ଼ରେ ଆହୁରି ଅଧିକ କୃତ୍ରିମ ଅଥବା ଖୋଦିତ ଗୁମ୍ଫାମାନ ରହିଥିବାର ଦେଖାଯାଏ। ଏଗୁଡ଼ିକର ସଂଖ୍ୟା ତିନିଗୋଟି ଏବଂ ଏହି ପାହାଡ଼ଟିର ନାମ ହେଉଛି 'ନାଗାର୍ଜୁନି ପର୍ବତ'। ଏଗୁଡ଼ିକରେ ଅଶୋକଙ୍କ ପୌତ୍ର ଦଶରଥଙ୍କ ସ୍ଥାପିତ ଶିଳାଲେଖ ରହିଛି। ଦଶରଥ ମଧ୍ୟ 'ଦେବାନାଂପ୍ରିୟ' ନାମରେ ପରିଚିତ ଥିଲେ। ପିତାମହଙ୍କ ଭଳି ରାଜା ଦଶରଥ ମଧ୍ୟ ଏହି ଗୁମ୍ଫାଗୁଡ଼ିକୁ ଆଜୀବିକ ସଂପ୍ରଦାୟର ସନ୍ନ୍ୟାସୀମାନଙ୍କର ବ୍ୟବହାର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ଅଶୋକଙ୍କ ଅନୁଶାସନ ଖୋଦିତ ହୋଇଥିବା ଚତୁର୍ଥ ଗୁମ୍ଫାଟି ମଧ୍ୟ ଉପରୋକ୍ତ ତିନିଗୋଟି ଗୁମ୍ଫା ନିକଟରେ ଅବସ୍ଥିତ ଏବଂ ଏଥିରେ ମଧ୍ୟ ପଞ୍ଚମ ଶତାବ୍ଦୀର ମୌଖରୀ ରାଜକୁମାର ଅନନ୍ତବର୍ମନଙ୍କର ଗୋଟିଏ ଦସ୍ତାବିଜ ରହିଛି।

**ସ୍ତମ୍ଭ ଲେଖ:** କ୍ଷୁଦ୍ର ସ୍ତମ୍ଭଲେଖ: ବହୁ ପରିଚିତ ଛଅଗୋଟି ସ୍ତମ୍ଭଲେଖ ପର୍ଯ୍ୟାୟ ବ୍ୟତିରେକ ଅନ୍ୟ ଏକ ସ୍ତମ୍ଭଲେଖ ରହିଛି, ଯାହା 'ଏଲାହାବାଦ ସ୍ତମ୍ଭ' ନାମରେ ପରିଚିତ। ମୂଳତଃ ପ୍ରାଚୀନ କୌଶାମ୍ବୀ ସହରରେ ସ୍ଥାପିତ ଏହି ସ୍ତମ୍ଭ ଅନେକ ସମୟରେ 'ଏଲାହାବାଦ- କୋସମ' ସ୍ତମ୍ଭ ନାମରେ ପରିଚିତ। ଏହି ସ୍ତମ୍ଭରେ ଅଶୋକଙ୍କର ଅନ୍ୟ ଦୁଇଗୋଟି ଶିଳାଲେଖ ରହିଛି। ଏହି ଦୁଇଟି ମଧ୍ୟରୁ ପ୍ରଥମଟି ମଧ୍ୟପ୍ରଦେଶର ସାଞ୍ଚିଠାରେ ଥିବା ବେଳେ ଅନ୍ୟଟି ଉତ୍ତରପ୍ରଦେଶ ଅନ୍ତର୍ଗତ ବାରାଣାସୀ ସନ୍ନିକଟ ସାରନାଥଠାରେ ରହିଛି। ଦୁର୍ଭାଗ୍ୟବଶତଃ ଉଭୟ ସ୍ତମ୍ଭରେ ଖୋଦିତ ଲେଖାମାନ ଠିକ୍ ଭାବରେ ସୁରକ୍ଷିତ ରହି ନାହିଁ। ଏହି ଶିଳାଲେଖର ଉଦ୍ଧୃତି ଯାହା ତିନୋଟି ଯାକ ସ୍ଥାନରେ ରହିଛି ତାହା ମଧ୍ୟ ସମାନ ଧରଣର ନୁହେଁ। ଯଥାର୍ଥରେ ସାରନାଥର ଉଦ୍ଧୃତିରେ ଅନ୍ୟ ଏକ ନୂତନ ଘୋଷଣାନାମା ଦର୍ଶାଯାଇଛି ଏବଂ ଏହା କ୍ଷୁଦ୍ର ସ୍ତମ୍ଭଲେଖ ନଂ୨ ଭାବରେ ପରିଚିତ। ଦ୍ୱିତୀୟଟି ଯାହା 'ଏଲାହାବାଦ -କୋସମ' ସ୍ତମ୍ଭରେ ଖୋଦିତ, ତାହା କ୍ଷୁଦ୍ର ସ୍ତମ୍ଭଲେଖ ନଂ ୩ ଭାବେ ପରିଚିତ। ବାସ୍ତବରେ ଏହା ସର୍ବସାଧାରଣରେ ରାଣୀଙ୍କ ଶିଳାଲେଖ ନାମରେ ଅଧିକ ପରିଚିତ। କାରଣ ଏଥିରେ ଅଶୋକଙ୍କ ଜନୈକ ରାଣୀଙ୍କର ଦାନପତ୍ର ରହିଛି। ସେହିଭଳି ଅଶୋକଙ୍କ ସ୍ତମ୍ଭଲେଖ ଗୋଟିଏ କ୍ଷୁଦ୍ର ଅଂଶ ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ଅମରାବତୀଠାରେ ରହିଛି ଏବଂ ଏହା କ୍ଷୁଦ୍ର ସ୍ତମ୍ଭଲେଖ ନଂ ୪ ଭାବେ ପରିଚିତ।

**ସ୍ତମ୍ଭଅଭିଲେଖ:** ଅଶୋକଙ୍କର ଦୁଇଗୋଟ ସ୍ତମ୍ଭଲେଖ ନେପାଳର ତରାଇ ଅଞ୍ଚଳରୁ ସନ୍ଧାନ କରାଯାଇ ପାରିଛି। ଏହି ସ୍ଥାନଟି ଉତ୍ତରପ୍ରଦେଶର ବସ୍ତି ଜିଲ୍ଲାର ଉତ୍ତରଦିଗରେ ଅବସ୍ଥିତ। ଏହି ସ୍ତମ୍ଭଲେଖ ମଧ୍ୟରୁ ପ୍ରଥମଟି ରୁମିନ୍‌ଦେଇ ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳରେ ରହିଛି। ଏହି ସ୍ଥାନଟି ନେପାଳର ଭଗବାନପୁର ତହସିଲ ସଦର ଦପ୍ତରରୁ ପ୍ରାୟ ତିନି କିଲୋମିଟର ଦୂରସ୍ଥ ପାରାରିଆ ଗ୍ରାମ ନିକଟରେ ଅବସ୍ଥିତ ଏବଂ ଏହା ଉତ୍ତର ପ୍ରଦେଶର ବସ୍ତି ଜିଲ୍ଲାର ଜୁଲ୍‌ହା ନିକଟରୁ ଆଠ କିଲୋମିଟର ଦୂରରେ ରହିଛି। ଅନ୍ୟ ସ୍ତମ୍ଭଲେଖଟି ରହିଛି ସେହି ରୁମିନଦେଇଠାରୁ ଉତ୍ତର-ପଶ୍ଚିମକୁ ପ୍ରାୟ କୋଡ଼ିଏ କିଲୋମିଟର ଦୂରସ୍ଥ ନିଗଲିଭା ଗ୍ରାମର ନିଗାଲି ସାଗର ପୁଷ୍କରିଣୀ ତଟରେ। ଏହି ଦୁଇଟିଯାକ ଅଭିଲେଖ ଅଶୋକଙ୍କର ଏହି ସ୍ଥାନଗୁଡ଼ିକୁ ତୀର୍ଥଯାତ୍ରାକୁ ସ୍ମରଣ କରିଥାଏ। ପ୍ରଥମ ସ୍ଥାନଟି ହେଉଛି ବୌଦ୍ଧମାନଙ୍କ ପାଇଁ ଏକ ପବିତ୍ର ସ୍ଥଳ, ଯେହେତୁ ତାହା ହେଉଛି ବୁଦ୍ଧଙ୍କ ଜନ୍ମସ୍ଥାନ ଏବଂ ଦ୍ୱିତୀୟ ସ୍ଥାନରେ ଏକ ବୌଦ୍ଧସ୍ତୂପ ରହିଛି। ଏହି ସ୍ତୂପରେ ରହିଛି କନକମୁନିଙ୍କର ଦେହାବଶେଷ। କନକମୁନି ହେଉଛିନ୍ତି ଜଣେ ପୂର୍ବତନ ବୁଦ୍ଧ।

(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ

# ୧୮ ଦିନରେ ୬.୪୬କୋଟି ଜରିମାନା ଆଦାୟ

କଟକ, ୨୯।୫ (ସମିସ): ବିଗତ ୧୮ ଦିନ ଧରି ଅପରାଧ ଏବଂ ଅପରାଧୀଙ୍କ ବିରୋଧରେ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ଅଭିଯାମ ଆରମ୍ଭ କରାଯାଇଛି। ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଗତ ମେ' ୧୨ରୁ ରାଜ୍ୟର ସମସ୍ତ ପୁଲିସ ରେଞ୍ଜରେ 'ସ୍ପେଶାଲ ଡ୍ରାଇଭ୍' ଜାରି ରହିଛି। ଏହି ଅଭିଯାନରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ମାମଲାରେ ମୋଟ ୬କୋଟି ୪୬ ଲକ୍ଷ ୭ ହଜାର ୫୬୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ୩୨୯୩ ଜଣ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ପଶ୍ଚିମାଞ୍ଚଳ ରେଞ୍ଜ ରାଉରକେଲା ସର୍ବାଧିକ ୧ କୋଟି ୭୮ ଲକ୍ଷ ୯୪ ହଜାର ୪୬୦ ଟଙ୍କା ଜରିମାନା ଆଦାୟ କରିଛି। ଏହି ସମୟରେ ୯୭ଟି ଏନଡିପିଏସ୍ ମାମଲା ରୁଜୁ ହୋଇଥିବା ବେଳେ ୧୩୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୭୩୯୮ କେଜି ଗଞ୍ଜେଇ, ୫୮୬ ଗ୍ରାମ ବ୍ରାଉନ୍ ସୁଗର, ୨୨୦ ଗ୍ରାମ୍ ହେରୋଇନ ଏବଂ ୨୧୯ ଲିଟର କଫ-ସିରପ ସହ ୧୦୫୦ ବୋତଲ କଫ- ସିରପ ଜବତ କରାଯାଇଛି। ନିଶା କାରବାରରେ ବ୍ୟବହୃତ ୨୭ଟି ଗାଡ଼ି, ୧୪ଟି ମୋବାଇଲ୍, ୩ଟି ପିସ୍ତଲ ସହ ନଗଦ ୨ଲକ୍ଷ ୯୨ ହଜାର ୮୮ ଟଙ୍କା ମଧ୍ୟ ଜବତ

**ପୁଲିସର ରାଜ୍ୟବ୍ୟାପୀ ସ୍ପେଶାଲ ଡ୍ରାଇଭ୍**
**୭୩୯୮ କେଜି ଗଞ୍ଜେଇ ଓ ୫୮୬ ଗ୍ରାମ ବ୍ରାଉନ୍‌ସୁଗର ଜବତ**

କରାଯାଇଛି। ଏହାସହ ୨୧୫୪ଟି ଅବକାରୀ ମାମଲା ରୁଜୁ ହୋଇଛି। ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟ (ଏନବିଡବ୍ଲୁ)କୁ କାର୍ଯ୍ୟକାରୀ କରିବା ପାଇଁ ପୁଲିସ ବିଶେଷ ପଦକ୍ଷେପ ନେଇଛି। ସାରା ରାଜ୍ୟରେ ୫୭୦୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି।

ୱାରେଣ୍ଟ କାର୍ଯ୍ୟକାରୀ କରିବାରେ କେନ୍ଦ୍ରାଞ୍ଚଳ ରେଞ୍ଜ ସର୍ବାଗ୍ରେ ରହିଛି। ଏହି ରେଞ୍ଜରେ ୧୮ ଦିନ ମଧ୍ୟରେ ୧୫୧୯ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ଫେରାର୍ ଥିବା ୫୨୦ ଅଭିଯୁକ୍ତଙ୍କୁ ଧରି କୋର୍ଟଚାଲାଣ କରାଯାଇଛି। ଗୋ-ଚାଲାଣ ଅଭିଯୋଗରେ ପୁଲିସ ୨୯ଟି ମାମଲା ରୁଜୁ କରି ୧୩ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ୧୭ଟି ଗାଡ଼ିରୁ ୨୮୪ ଟି ଗାଈଙ୍କୁ ଉଦ୍ଧାର କରାଯାଇଛି। ଚୋରା ଖଣି କାରବାର ବିରୋଧରେ ମଧ୍ୟ ପୁଲିସ କଡ଼ା ପଦକ୍ଷେପ ନେଇ ୬୫୪ ଟି ମାମଲା ୧୭୨ ଜଣଙ୍କୁ ଗିରଫ କରିଛି। ଗତ ୧୮ ଦିନ ମଧ୍ୟରେ ୮୭୮ଟି ହାଇୱା, ଟ୍ରକ୍, ଟ୍ରାକ୍ଟର, ଟିପର୍, ପାୱାର ଟିଲର୍ ଓ ଜେସିବି ଜବତ କରାଯାଇଛି। ବେଆଇନ ଅସ୍ତ୍ର କାରବାର ରୋକିବାକୁ ୩୧ଟି ମାମଲା ରୁଜୁ କରାଯାଇଥିବା ବେଳେ ୩୫ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୯ଟି ବନ୍ଧୁକ, ୨୯ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟକୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନ ସାରା ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ ହୋଇଯାଇଛି।

## ବସ୍ତା ଓ ବାଲିଆପାଳ ବିଜେଡିର ନୂଆ ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୯।୫(ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ନୂଆ ଟିମ୍ ଗଢ଼ିଛି। ବସ୍ତା ବ୍ଲକ୍ ସଭାପତି ଭାବେ ମହାଦେବ ଦାସଙ୍କୁ ବିଜେଡି ଦାୟିତ୍ୱ ଦେଇଥିବା ବେଳେ ତାଙ୍କୁ ନିର୍ବାଚନ ମଣ୍ଡଳୀର ସଂଯୋଜକ ନିଯୁକ୍ତ କରାଯାଇଛି। ଏହାସହ ଦେବେନ୍ଦ୍ର ଗିରିଙ୍କୁ ବାଲିଆପାଳ ବ୍ଲକ୍ ସଭାପତି ଭାବେ ନିଯୁକ୍ତ କରାଯାଇଥିବା ବେଳେ ସ୍ମୃତିରଞ୍ଜନ ଖୁଣ୍ଟିଆଙ୍କୁ ବାଲିଆପାଳ ବ୍ଲକ୍ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ଦିଆଯାଇଛି।


**AFFIDAVIT**

I, **Sarojini Regina Khalkho** legally spouse of GREF (BRO) GO: 5545F Rank: Assistant Administrative Officer, Name: **Harbart Dinesh Khalkho,** resident of Mariam Toli, Dumerta, PO/PS: Bondamunda, Dist: Sundargarh, Odisha, Pin-770032 have corrected my name from **Sarojini Regina Khalkho** to **Sarojini Ekka** in my husband's Service Records, vide affidavit dtd- 29/05/2026 before The Executive Magistrate (P), Uditnagar, Rourkela. Henceforth I shall be known as **Sarojini Ekka** for all purposes.

**AFFIDAVIT**

**Noorchasham Khusboo,** W/o: Shakil Ahmed Shaikh, At : Jagannathpur, PO: Kood, P.S: Salipur, Dist.: Cuttack Rural, PIN-754221 declare by this Affidavit No: 19200, Date: 26/05/2026. That now onwards I shall be known as **Noor Chashm Khushboo.** For All Future Purposes.

**AFFIDAVIT**

**Shakil Ahemed,** S/o: Shaikh Nasir Ahemed, At: Jagannathpur, PO: Kood, PS: Salipur, Dist.: Cuttack Rural, PIN -754221, declare by this Affidavit No.:19199, Date: 26/05/2026.That now onwards I shall be known as **Shakil Ahmed Shaikh**. For all future purposes

**AFFIDAVIT**

By virtue of an affidavit sworn before Executive Magistrate, Tihidi, Dtd: 18.05.2026, I, Maguni Rout, S/o Hari Rout, At/Po-Shyamsundarpur (Balighai) declare that I have changed the name of my daughter from Rinki Rout (old name) to Chinki Rout (new name). Henceforth, she shall be known as **Chinki Rout** for all purposes.

**Sd/- Maguni Rout**

**NOTICE**

By virtue of an Affidavit sworn before The Executive Magistrate, Baripada, dt.29.05.2026, I Sumitra Soren W/o Sorup Chandra Murmu, At/Po- Hatikote, Ps- Betnoti, Dist- Mayurbhanj, Aadhaar- 7729 5360 4146 declare that I have changed my name Sumitra Murmu To Sumitra Soren. Henceforth she shall be known as **Sumitra Soren** for all purposes.

**Sumitra Soren**

**AFFIDAVIT**

By the virtue of an affidavit sworn before the Notary public, Daringibadi, Dated 15.12.2025. I Bandhuraj Pradhan, S/o.: Gangu Pradhan, Vill: Gabatabadi, PO.: Simanbadi, P.S.: Daringbadi, Dist.: Kandhamal, State: Odisha-762104 declare that I have changed my minor daughter's name from PINKI PRADHAN to **CHINKI PRADHAN.** Henceforth, She shall be known as **CHINKI PRADHAN** for all purposes.

**AFFIDAVIT**

By virtue of an affidavit before the Advocate Nuapada, dtd.07.05.2026 I, Phatu Bhoi, W/o- Rahas Sahu, resident of Mahulbhata, P.O.–Tikrapada, P.S.–Komna, Dist.–Nuapada, Odisha, hereby declare that I have changed my name from Fatu Bhoi to Phatu Bhoi. Henceforth I shall be known as Phatu Bhoi for all purposes.

**Sd/- Phatu Bhoi**

**AFFIDAVIT**

Sukanta Kumar Sahoo, C/o-Rajkishor Sahoo, Resident of Village At/Po- Singhapada, Ps.- Khandapada, Dist.-Nayagarh, Odisha, Pin-752077 have changed my name from **Sukant Sahoo to Sukanta Kumar Sahoo** affidavit dtd. 27.05.2026 before in the court of Executive Magistrate, Bhubaneswar, Odisha.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଜିଠୁ ଏସ୍‌ଆଇଆର୍...

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଉପରୋକ୍ତ ସମୟସୂଚୀ ଘୋଷଣା କରାଯାଇଛି। ତେବେ ୨୯ ମେ' ସୁଦ୍ଧା ରାଜ୍ୟରେ ପ୍ରିଣ୍ଟିଂ, ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବାବେଳେ ବିଏଲଓ ମାନଙ୍କର ପ୍ରଶିକ୍ଷଣ ମଧ୍ୟ ଶେଷ ହୋଇଛି। ତେଣୁ ୩୦ରୁ ବିଏଲଓମାନେ ବିଧିବଧ ଭାବେ ଏହି କାର୍ଯ୍ୟ ଆରମ୍ଭ କରିବେ ବୋଲି ସ୍ଥିର ହୋଇଛି। ଏସଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ ୩,୧୬,୦୩,୩୨୩ ଜଣ ଅର୍ଥାତ୍ ୯୪.୬୧ ପ୍ରତିଶତ ଭୋଟରଙ୍କୁ୨୦୦୨ ମସିହାରେ ପ୍ରକାଶିତ ଶେଷ ଏସ୍‌ଆଇଆର୍ ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି। ପ୍ରାକ୍-ଏସ୍‌ଆଇଆର୍ ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇ ପାରିନଥିଲା, ସେମାନେ ମଧ୍ୟ ଏସ୍‌ଆଇଆର୍ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏସଆଇଆର ସମୟରେ ୪୫ ହଜାର ୨୫୫ ଜଣ ବୁଥସ୍ତରୀୟ ଅଧିକାରୀ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ଏହାସହିତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ୩୩ ହଜାର ୨୬ ଜଣଙ୍କୁ ବିଏଲ୍‌ଏ ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ ଯୋଗାଇ ଦିଆଯିବ। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଓ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ। ଏହାସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର ପ୍ରଦାନ କରିବେ ବୋଲି ନିଷ୍ପତ୍ତି ହୋଇଛି।

### ସଂରକ୍ଷିତ ରାୟ...

ଦିନ, ନଚେତ୍ ପରଦିନ ସୁଦ୍ଧା ଜେଲ୍‌ରୁ ମୁକ୍ତ କରାଯିବ। ବର୍ତ୍ତମାନ ସୁପ୍ରିମକୋର୍ଟରେ ୯୨, ୩୮୫ଟି ମାମଲା ବିଚାରଧୀନ ଅଛି। କରୋନା ମହାମାରୀ ପରେ ଇଣ୍ଟରନେଟ୍ ମାଧ୍ୟମରେ ମାମଲା ଦାଖଲ ପ୍ରକ୍ରିୟା ବୃଦ୍ଧି ପାଇବା ଯୋଗୁଁ ଏହି ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ସରକାରୀ ତଥ୍ୟ ଅନୁଯାୟୀ, ଗତ ଡିସେମ୍ବର ୧୧, ୨୦୨୫ ସୁଦ୍ଧା ସମଗ୍ର ଦେଶର ବିଭିନ୍ନ ଅଦାଲତରେ ୫.୪୯ କୋଟିରୁ ଅଧିକ ମାମଲା ବାକି ରହିଛି, ଯେଉଁଥିରୁ ଦେଶର ୨୫ଟି ହାଇକୋର୍ଟରେ ୬୩, ୬୩, ୪୦୬ଟି ମାମଲା ବିଚାରଧୀନ ଅଛି। ସୁପ୍ରିମକୋର୍ଟଙ୍କ ଏହି କଡ଼ା ନିର୍ଦ୍ଦେଶ ପରେ ଦେଶର ନ୍ୟାୟିକ ପ୍ରକ୍ରିୟାରେ ବଡ଼ ସଂସ୍କାର ଆସିବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଜେଲ୍‌ରେ ଥିବା କଏଦୀମାନଙ୍କୁ ତୁରନ୍ତ ନ୍ୟାୟ ମିଳିପାରିବ ଏବଂ ବର୍ଷ ବର୍ଷ ଧରି ରାୟ ପାଇଁ ଅପେକ୍ଷା କରିବା ସମସ୍ୟାର ଅନ୍ତ ଘଟିବ।

### ୨୫୦ଟି ବିମାନ...

ଚାଲିବ। ସେହିପରି ଇଣ୍ଡିଗୋ ନିଜର ଦୈନିକ କ୍ଷମତାରୁ ୫ ରୁ ୭ ପ୍ରତିଶତ ହ୍ରାସ କରିଛି। ଏହାଦ୍ୱାରା ଏହି ସଂସ୍ଥାର ମଧ୍ୟ ପ୍ରାୟ ୧୧୦ଟି ବିମାନ ଚଳାଚଳ ବନ୍ଦ ରହିବ। ଅନ୍ୟପଟେ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଭଳି ଶସ୍ତା ବିମାନ ସେବା ସଂସ୍ଥା ମଧ୍ୟ ନିଜର ଦୈନିକ ଉଡ଼ାଣରୁ ପ୍ରାୟ ୧୦ ପ୍ରତିଶତ ବିମାନ କାଟ୍ କରିଛି। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ଆନ୍ତର୍ଜାତୀୟ ବଜାରରେ ବିମାନ ଇନ୍ଧନର ମୂଲ୍ୟ ପ୍ରାୟ ୨୫ ପ୍ରତିଶତ ବୃଦ୍ଧି ପାଇଛି। ବିମାନ ଚଳାଚଳ ଖର୍ଚ୍ଚର ଏକ ବଡ଼ ଅଂଶ ଇନ୍ଧନରେ ବ୍ୟୟ ହେଉଥିବାରୁ କମ୍ପାନୀଗୁଡ଼ିକ ଉପରେ ଆର୍ଥିକ ଚାପ ପଡ଼ିଛି। ଏହା ସହିତ ଖରାଦିନ ପରେ ଯାତ୍ରୀଙ୍କ ସଂଖ୍ୟା ସାମାନ୍ୟ କମିବା ମଧ୍ୟ ଅନ୍ୟ ଏକ କାରଣ ବୋଲି ସଂସ୍ଥାଗୁଡ଼ିକ ପ୍ରକାଶ କରିଛନ୍ତି। ବିମାନ ସଂଖ୍ୟା କମିବା ଯୋଗୁଁ ବର୍ତ୍ତମାନ ସୁଦ୍ଧା ଟିକେଟ୍ ଦର ୩୦ ପ୍ରତିଶତ ବଢ଼ିଗଲାଣି ଏବଂ ପ୍ରତି ଯାତ୍ରୀଙ୍କ ଉପରେ ୪୦୦ ରୁ ୪୫୦ ଟଙ୍କାର ଅତିରିକ୍ତ ଇନ୍ଧନ ଶୁଳ୍କ ମଧ୍ୟ ଲାଗୁ କରାଯାଇଛି। ଖରାଦିନିଆ ଛୁଟିରେ ପରିବାର ସହ ବୁଲିବାକୁ ଯୋଜନା କରୁଥିବା ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ପାଇଁ ଏହା ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ବିମାନ ସଂସ୍ଥାଗୁଡ଼ିକ ଏହାକୁ ଏକ ସାମୟିକ ପଦକ୍ଷେପ ବୋଲି କହିଛନ୍ତି ଏବଂ ସ୍ଥିତି ସୁଧୁରିଲେ ପୁଣି ସମସ୍ତ ବିମାନ ଚଳାଚଳ ସ୍ୱାଭାବିକ ହେବ ବୋଲି ଆଶ୍ୱାସନା ଦେଇଛନ୍ତି। ତେବେ ବର୍ତ୍ତମାନ ପାଇଁ ଯାତ୍ରୀମାନଙ୍କୁ ସେମାନଙ୍କର ଯାତ୍ରା ସମୟସୂଚୀ ଯେତେ ଶୀଘ୍ର ସମ୍ଭବ ପ୍ରସ୍ତୁତ କରିବାକୁ ପଡ଼ିବ।

### ବର୍ଷା କମାଇବ...

ପର୍ଯ୍ୟନ୍ତ ଅଧିକ ରହିବାର ସମ୍ଭାବନା ଅଛି। ଭାରତର ଯେଉଁ ଅଞ୍ଚଳଗୁଡ଼ିକ ଚାଷ ପାଇଁ ସମ୍ପୂର୍ଣ୍ଣ ଭାବେ ମୌସୁମୀ ବର୍ଷା ଉପରେ ନିର୍ଭର କରନ୍ତି, ସେହିସବୁ ସ୍ଥାନରେ ଚଳିତ ବର୍ଷ କମ୍ ବର୍ଷା ହେବ। ପ୍ରଭାବିତ ଅଞ୍ଚଳ ଗୁଡ଼ିକ ହେଲା- ଓଡ଼ିଶା, ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ରର ବିଦର୍ଭ, ଝାଡ଼ଖଣ୍ଡ, ତେଲେଙ୍ଗାନା ଏବଂ ବିହାରର କିଛି ଅଂଶ। ଜୁନ୍ ମାସରେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ବିହାର ଏବଂ ଝାଡ଼ଖଣ୍ଡରେ ସ୍ୱାଭାବିକଠାରୁ ବହୁତ କମ୍ ବର୍ଷା ହେବ। ଅପରପକ୍ଷେ ମହାରାଷ୍ଟ୍ର, ରାଜସ୍ଥାନ ଏବଂ ଗୁଜରାଟର କିଛି ସ୍ଥାନରେ ସ୍ୱାଭାବିକ ବର୍ଷା ହୋଇପାରେ।

ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ, ପ୍ରଶାନ୍ତ ମହାସାଗରରେ ସୃଷ୍ଟ 'ଏଲ୍ ନିନୋ' ପ୍ରଭାବ ଯୋଗୁଁ ସମୁଦ୍ରର ଜଳ ସ୍ୱାଭାବିକଠାରୁ ଅଧିକ ଗରମ ରହୁଛି। ଫଳ।।ରେ ପବନର ଗତିପଥ ବଦଳିଯାଉଛି ଏବଂ ମୌସୁମୀ ପବନ ଭାରତ ଆଡ଼କୁ ଆସିବାରେ ବାଧା ସୃଷ୍ଟି ହେଉଛି। ଜୁନ୍, ଜୁଲାଇ ଏବଂ ଅଗଷ୍ଟ ମାସରେ ଏହାର ପ୍ରଭାବ ଅଧିକ ରହିବ। ପୂର୍ବରୁ ମେ ୨୬ ସୁଦ୍ଧା ମୌସୁମୀ କେରଳ ଛୁଇଁବ ବୋଲି ଆକଳନ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ଏହା ଜୁନ୍ ୭ରେ ପହଞ୍ଚିପାରେ।

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁକୁ ଏଲ୍-ନିନୋ ଗୁରୁତର ଭାବେ ପ୍ରଭାବିତ କରିବ। ମୌସୁମୀ ଆକଳନ ଓ ଏହାଦ୍ୱାରା ହେଉଥିବା ବର୍ଷାର ପରିମାଣ ଆକଳନ ଅନୁସାରେ ଗତ ୧୦ ବର୍ଷ ମଧ୍ୟରେ ଏହା ସବୁଠୁ ଦୁର୍ବଳ ମୌସୁମୀ ଋତୁ ହୋଇପାରେ। ଆଇଏମ୍‌ଡି ପକ୍ଷରୁ ଜାରି ଆଟ୍‌ଲାସରେ ନିଅଣ୍ଟିଆ ବର୍ଷା ରାଜ୍ୟ ତାଲିକା ମଧ୍ୟରେ ଓଡ଼ିଶା ରହିଛି। ଓଡ଼ିଶାରେ ମୌସୁମୀ ଋତୁରେ ନିଅଣ୍ଟିଆ ବର୍ଷା ସାଙ୍ଗକୁ ତାପମାତ୍ରାରେ ଗୁରୁତର ପ୍ରଭାବ ପଡ଼ିବ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ଜୁନ୍‌ଠାରୁ ସେପ୍ଟେମ୍ବର ମଧ୍ୟରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ସାଙ୍ଗକୁ ଜୁନ୍ ମାସରେ ଉଭୟ ଦିନ ଓ ରାତିର ତାପମାତ୍ରା ମଧ୍ୟ ସ୍ୱାଭାବିକ ତୁଳନାରେ ଅଧିକ ରହିବ। ଏହା ସହ ଜୁନ୍ ମାସରେ ରାଜ୍ୟରେ ହିଟ୍ ୱେଭ୍ ଅର୍ଥାତ୍ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ହେବା ନେଇ ମଧ୍ୟ ଆଇଏମ୍‌ଡି ପକ୍ଷରୁ ଆଶଙ୍କା କରାଯାଇଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ମଡେଲଗୁଡ଼ିକରୁ ମିଳୁଥିବା ସଙ୍କେତ ଅନୁସାରେ, ପଶ୍ଚିମରୁ ପୂର୍ବ ଦିଗକୁ ବୃଷ୍ଟିପାତର ଏକ କ୍ରମିକ ତାରତମ୍ୟ ଦେଖାଯିବାର ଆଶଙ୍କା ଅଛି। ଉପକୂଳ ଓଡ଼ିଶା ବଙ୍ଗୋପସାଗରର ନିକଟବର୍ତ୍ତୀ ହୋଇଥିବାରୁ ଏବଂ ଲଘୁଚାପ, ଅବପାତ ଓ ବାତ୍ୟା ପ୍ରକ୍ରିୟା ଦ୍ୱାରା ଅଧିକ ପ୍ରଭାବିତ ହେଉଥିବାରୁ ଅପେକ୍ଷାକୃତ ଭଲ ସ୍ଥିତିରେ ରହିବ। ଉତ୍ତର ଏବଂ କେନ୍ଦ୍ରୀୟ ଆଭ୍ୟନ୍ତରୀଣ ଓଡ଼ିଶା ମଧ୍ୟମ ଧରଣର ଆଶଙ୍କାର ସମ୍ମୁଖୀନ ହେଉଥିବା ବେଳେ, ପଶ୍ଚିମ ଓଡ଼ିଶାରେ ବୃଷ୍ଟିପାତର ଅଭାବ, ଦୀର୍ଘ ଶୁଖିଲା ପାଗ ଏବଂ ବାରମ୍ବାର ଉତ୍ତାପର ସମ୍ଭାବନା ଅଧିକ ଦେଖାଯାଉଛି।

ଏଲ୍ ନିନୋ ପ୍ରଭାବିତ ମୌସୁମୀ ଋତୁରେ ସାଧାରଣତଃ ଅତି ବୃଷ୍ଟି ଓ କମ୍ ବୃଷ୍ଟି ଦେଖାଯାଇଥାଏ ଏବଂ ମୋଟ ଋତୁଭିତ୍ତିକ ବୃଷ୍ଟିପାତ ସ୍ୱାଭାବିକ ଜଣାପଡୁଥିଲେ ମଧ୍ୟ ଏହା ଗମ୍ଭୀର କୃଷି ସଙ୍କଟ ସୃଷ୍ଟି କରିପାରେ। ତାପମାତ୍ରା ମଧ୍ୟ ଏକ ସମାନ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଭାବେ ଦେଖାଦେବାର ସମ୍ଭାବନା ରହିଛି। ମେଘମାଳାର ହ୍ରାସ ଏବଂ ମୌସୁମୀ ପ୍ରବାହରେ ବାଧା ସୃଷ୍ଟି ହେବା କାରଣରୁ ବାରମ୍ବାର ଗ୍ରୀଷ୍ମ ପ୍ରବାହ ଦେଖାଦେଇପାରେ। ବିଶେଷକରି ପଶ୍ଚିମ ଓଡ଼ିଶାରେ ଏହି ସ୍ଥିତି ସୃଷ୍ଟି ହେବ। ଉଚ୍ଚ ତାପମାତ୍ରା ଯୋଗୁଁ ବାଷ୍ପୀକରଣର ବୃଦ୍ଧି ପାଏ, ମାଟିର ଆର୍ଦ୍ରତା ଶୀଘ୍ର ହ୍ରାସ ପାଏ। ଫସଲ ପାଇଁ ଜଳର ଆବଶ୍ୟକତା ବଢ଼ିଯାଏ, ଯାହାଫଳରେ ବୃଷ୍ଟିପାତ ଜନିତ ଅଭାବର ପ୍ରଭାବ ଆହୁରି ଗମ୍ଭୀର ହୋଇଯାଏ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

### ପୁଲିସ-ଗ୍ରାମବାସୀ...

ବେଳେ ହସ୍ପିଟାଲରେ ତାଙ୍କୁ ଦେଖା କରିବାକୁ କିମ୍ବା ପରିବାରଲୋକଙ୍କୁ ଭେଟିବାକୁ ପୁଲିସ ସୁଯୋଗ ଦେଉ ନଥିବା ଅଭିଯୋଗ ହୋଇଛି। ଏହି ଖବର ପ୍ରଘଟ ହେବା ପରେ ଆଜି ସ୍ଥାନୀୟ ଚଣ୍ଡିପ୍ରସାଦ ଗାଁର ଶତାଧିକ ଲୋକ ବାରଙ୍ଗ ଥାନା ଛକ ନିକଟରେ କଟକ-ଭୁବନେଶ୍ୱର ମୁଖ୍ୟରାସ୍ତାକୁ ଦିନତମାମ ଅବରୋଧ କରିଥିବା ବେଳେ ସଂଧ୍ୟାରେ ପୁଲିସ ସେମାନଙ୍କୁ ଘଉଡ଼ାଇବା ପାଇଁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା। ପୁଲିସର ଏହି କାର୍ଯ୍ୟାନୁଷ୍ଠାନରେ ଅତିଷ୍ଠ ହୋଇ ଉତ୍ତ୍ୟକ୍ତ ଗ୍ରାମବାସୀ ଏହାର ଜବାବରେ ପୁଲିସ ଉପରକୁ ବୋତଲ ମାଡ଼ କରିଥିବା ଜଣାଯାଇଛି। ଆଜି ଅପରାହ୍ଣ ପ୍ରାୟ ୨ଟାରୁ ଲୋକମାନେ ବାରଙ୍ଗ ପୁଲିସ୍ ଥାନା ଛକ ନିକଟରେ କଟକ-ଭୁବନେଶ୍ୱର ମୁଖ୍ୟ ରାସ୍ତାକୁ ସମ୍ପୂର୍ଣ୍ଣ ରୂପେ ଅବରୋଧ କରି ଧାରଣାରେ ବସି ରହିଥିଲେ। ଏହି ରାସ୍ତାରୋକ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ସଂଖ୍ୟାରେ ଯାତ୍ରୀବାହୀ ବସ୍, ଆମ୍ବୁଲାନ୍ସ ଏବଂ ଛୋଟବଡ଼ ଗାଡ଼ି ମୋଟର ଅଟକି ରହିବା ଫଳରେ ଟ୍ରାଫିକ ଜାମ ପରିସ୍ଥିତି ସୃଷ୍ଟି ହୋଇଥିଲା। ଜନତା ଓ ପୁଲିସ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଘଟଣାସ୍ଥଳରେ ୫୦ଜଣ ଉଚ୍ଚପଦସ୍ଥ ପୁଲିସ ଅଫିସରଙ୍କ ସମେତ ୫ପ୍ଲାଟୁନ୍ ସଶସ୍ତ୍ର ଫୋର୍ସ ମୁତୟନ ହୋଇଥିଲେ। କିନ୍ତୁ, ସଂଧ୍ୟା ସୁଦ୍ଧା ଉତ୍ତେଜନା ନ ଥମିବାରୁ ଲୋକଙ୍କୁ ଘଉଡ଼ାଇବା ପାଇଁ ପୁଲିସ ସେମାନଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲା। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାର ଜବାବରେ ସେମାନେ ପୁଲିସ ଉପରକୁ ବୋତଲ ମାଡ଼ କରିଥିଲେ। ଅନ୍ୟପକ୍ଷରେ, ରାକେଶ ମେଡିକାଲର କେଉଁ ୱାର୍ଡରେ ଚିକିତ୍ସିତ ହେଉଛନ୍ତି ଏବଂ ତାଙ୍କର ଅବସ୍ଥା କିପରି ରହିଛି, ସେ ବିଷୟରେ ପୁଲିସ କୌଣସି ସ୍ପଷ୍ଟ ସୂଚନା ଦେଉନାହିଁ। ତେଣୁ ପୀଡ଼ିତଙ୍କ ଅବସ୍ଥା କିଭଳି ରହିଛି ସେ ନେଇ ସ୍ଥାନୀୟ ଅଞ୍ଚଳବାସୀ ସନ୍ଦେହ ପ୍ରକଟ କରିଛନ୍ତି।

ସୂଚନାନୁଯାୟୀ, ବାରଙ୍ଗ ଥାନା ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରାଙ୍କ ପତ୍ନୀ ଗତ ୧୫ ତାରିଖରୁ ନିଖୋଜ ଥିଲେ ଏବଂ ଏ ନେଇ ୧୬ ତାରିଖରେ ରାକେଶ ନିଜେ ଥାନାରେ ଏକ ଲିଖିତ ଏତଲା ଦେଇଥିଲେ। ମାତ୍ର ଗତ ୨୧ ତାରିଖ ଦିନ ବାରଙ୍ଗ ଥାନା ଅଞ୍ଚଳ କାଠଯୋଡ଼ି ନଦୀ ପଠାରୁ ଜଣେ ଅଚିହ୍ନା ମହିଳାଙ୍କ ମୃତଦେହ ମିଳିବା ପରେ ପୁଲିସ ନିଜର ଅପାରଗତା ଲୁଚାଇବାକୁ ଯାଇ ସନ୍ଦେହ କରିଥିଲା ଯେ, ସେହି ମୃତଦେହଟି ନିଖୋଜ ଥିବା ରାକେଶଙ୍କ ପତ୍ନୀଙ୍କର। ପୁଲିସ ରାକେଶ ଓ ତାଙ୍କ ପରିବାରକୁ ଡାକି ଶବ ଚିହ୍ନଟ କରିବାକୁ କହିଥିଲେ ହେଁ ମୃତ ମହିଳା ତାଙ୍କ ପତ୍ନୀ ନୁହନ୍ତି ବୋଲି ରାକେଶ ବାରମ୍ବାର କାକୁତି ମିନତି ହୋଇ ଦାବି କରିଥିଲେ। ମାତ୍ର ବାରଙ୍ଗ ପୁଲିସ ଏହାକୁ ନ ଶୁଣି ତାଙ୍କୁ ଥାନା ହାଜତରେ ଅଟକ ରଖି ଜୋରଜବରଦସ୍ତି 'ହତ୍ୟାକାରୀ' ସଜାଇବା ପାଇଁ ପ୍ରବଳ ମାଡ଼ ମାରିଥିଲା। ପୁଲିସର ଅମାନୁଷିକ ଥାର୍ଡ ଡିଗ୍ରୀ ଯୋଗୁଁ ରାକେଶଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପୁଲିସ ନିଜ ଦୋଷ ଲୁଚାଇବା ପାଇଁ ତାଙ୍କୁ ତରବରିଆ ଭାବେ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଆଜି ରାକେଶଙ୍କ ବାପା ନିଜ ପୁଅର ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଏବଂ ତାଙ୍କୁ ଦେଖା କରିବାକୁ ଯାଇଥିବା ବେଳେ ତାଙ୍କୁ ଭେଟିବାକୁ ଦିଆଯାଇନଥିଲା। ପୁଅ ବଞ୍ଚିଛି ନା ମରିଛି, ସେ ନେଇ କୌଣସି ସଠିକ୍ ସୂଚନା ନପାଇ ନିରୁପାୟ ବାପା ଗ୍ରାମବାସୀଙ୍କୁ ଏ ବିଷୟରେ ଜଣାଇବା ପରେ ସମଗ୍ର ଗାଁ ପୁଲିସ ବିରୋଧରେ ସ୍ୱର ଉତ୍ତୋଳନ କରି ରାଜପଥକୁ ଓହ୍ଲାଇଥିଲେ।

ଆଜିର ଏହି ଆନ୍ଦୋଳନରେ ଗୁରୁତର ରାକେଶଙ୍କ ବାପା ଓ ମାଆ ସାମିଲ ହୋଇଥିବା ବେଳେ ପୁଅର ଜୀବନ ପ୍ରତି ବିପଦ ଥିବା କଥା ଚିନ୍ତା କରି ସେମାନେ ମଝି ରାସ୍ତାରେ ବାରମ୍ବାର ବେହୋସ ହୋଇପଡୁଥିବା ଦେଖିବାକୁ ମିଳିଛି। ଏହା ସେଠାରେ ଉପସ୍ଥିତ ସମସ୍ତଙ୍କୁ ଆନ୍ଦୋଳିତ କରିଥିଲା। ଉତ୍ତ୍ୟକ୍ତ ଲୋକେ ପୁଲିସ ପ୍ରଶାସନ ବିରୋଧରେ ପ୍ରବଳ ନାରାବାଜି କରିବା ସହ 'ରାକେଶ ଏବେ କେଉଁଠି ଏବଂ କେଉଁ ଅବସ୍ଥାରେ ଅଛନ୍ତି' ତାହାର ସ୍ପଷ୍ଟ ଉତ୍ତର ନମିଳିବା ପର୍ଯ୍ୟନ୍ତ ଏବଂ ଦୋଷୀ ପୁଲିସ ଅଫିସରଙ୍କ ବିରୋଧରେ କଡ଼ା ଆକ୍ସନ ନିଆନଯିବା ପର୍ଯ୍ୟନ୍ତ ରାସ୍ତାରୁ ନ ହଟିବାକୁ ଜିଦ୍‌ରେ ଅଟଳ ରହିଛନ୍ତି। ବର୍ତ୍ତମାନ କୌଣସି ବଡ଼ଧରଣର ଅଘଟଣ ଆଶଙ୍କାରେ ବାରଙ୍ଗ ଥାନା ଏବଂ ଆନ୍ଦୋଳନ ସ୍ଥଳକୁ ବ୍ୟାପକ ପୁଲିସ ଛାଉଣୀରେ ପରିଣତ କରାଯାଇଛି।

### ସିପିଙ୍କୁ ରିପୋର୍ଟ...

କରିଛନ୍ତି। ସେ କହିଛନ୍ତି ଯେ ସମ୍ପୃକ୍ତ ପୀଡ଼ିତ ଯୁବକ ରାକେଶ ପୂର୍ବରୁ କିଡନୀ ଏବଂ ଫୁସଫୁସ୍ ସମେତ ଏକାଧିକ ଜଟିଳ ରୋଗରେ ଆକ୍ରାନ୍ତ ଥିଲେ। ନଦୀପଠାରୁ ଉଦ୍ଧାର ହୋଇଥିବା ଏକ ଅଜଣା ମୃତଦେହର ଚିହ୍ନଟ ପ୍ରକ୍ରିୟା ପାଇଁ ପୁଲିସ କେବଳ ତାଙ୍କୁ ଥାନାକୁ ଆଣିଥିଲା। ମାତ୍ର ପଚରାଉଚରା ସମୟରେ ରାକେଶଙ୍କ ପତ୍ନୀ ଦିଲ୍ଲୀରେ ଥିବା ଜଣାପଡ଼ିବା ପରେ ପୁଲିସ ତାଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ଛାଡ଼ି ଦେଇଥିଲା। ତାଙ୍କୁ ଆଣିବାର ୨୪ ଘଣ୍ଟା ମଧ୍ୟରେ ହିଁ ମୁକ୍ତ କରାଯାଇଥିଲା ଏବଂ ଥାନା ଭିତରେ କୌଣସି ଅପ୍ରୀତିକର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହି ଘଟଣାର ସ୍ୱଚ୍ଛତା ପ୍ରତିପାଦନ ପାଇଁ ଆବଶ୍ୟକ ପଡ଼ିଲେ, ଥାନାର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହାସହ ଯଦି ତଦନ୍ତରେ କୌଣସି ପୁଲିସ କର୍ମଚାରୀଙ୍କ ଦୋଷ ପ୍ରମାଣିତ ହୁଏ, ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କଠୋର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।


**ପୂର୍ବ ତଟ ରେଳପଥ**

ଫାଇଲ ସଂ. DRM/Engg/KUR/26-27/ E-Tender/24, ତା.26.05.2026ରିଖ

(1) ଟେଣ୍ଡର ସଂ. etenderCentkur-71-2026, ତା.14.05.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ / ଅନୁଗୁଳ ପରିସୀମା ଅଧିନସ୍ଥ ତାଳଚେର ରୋଡ଼ଠାରୁ କେରେଜାଙ୍ଗ ସେକ୍ସନ ମଧ୍ୟରେ ସେବା ଭବନଗୁଡ଼ିକର ବିବିଧ ମରାମତି।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 155.55 ଲକ୍ଷ, **EMD :** ₹ 3,11,100/-

(2) ଟେଣ୍ଡର ସଂ. e-tenderestatekur-29-2026, ତା.13.05.2026ରିଖ

**ବିବରଣୀ :** ପୁନଃସ୍ଥାପନ ହିସାବ (Account)ରେ ମଞ୍ଚେଶ୍ୱର ରେଲୱେ କଲୋନୀରେ 28 ୟୁନିଟ୍ ଟାଇପ୍-II କ୍ୱାର୍ଟର ଏବଂ ରେଳ ବିହାର କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଠାରେ 12 ୟୁନିଟ୍ ଟାଇପ୍-IV କ୍ୱାର୍ଟରର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 1485.98 ଲକ୍ଷ, **EMD :** ₹ 29,72,000/-

(3) ଟେଣ୍ଡର ସଂ. eTender-hq-kur-68-2026, ତା.15.05.2026ରିଖ

**ବିବରଣୀ :** ପୁରୀ ରେଳ ଷ୍ଟେସନରେ ପ୍ରଭାବଶାଳୀ ଭିଡ଼ ପରିଚାଳନା ନିମନ୍ତେ ପର୍ଯ୍ୟଟକ ପରିସରକୁ ଯୋଗାଯୋଗ (Connectivity) ପାଇଁ ସ୍ଥାୟୀ ହୋଲ୍ଡିଙ୍ଗ କ୍ଷେତ୍ର ଏବଂ ସେଡ୍‌ର ନିର୍ମାଣ। (ଦ୍ରଷ୍ଟବ୍ୟ : କାର୍ଯ୍ୟ ପରସରରେ ସ୍ଥାୟୀ ହୋଲ୍ଡିଙ୍ଗ କ୍ଷେତ୍ର, ଅଣ୍ଡରଗ୍ରାଉଣ୍ଡ ସେପ୍ଟିକ୍ ଟାଙ୍କି, ସ୍ଥାୟୀ କ୍ଲୋକ୍ ରୁମ୍ ଏବଂ ସ୍ଥାୟୀ ଶୌଚାଳୟ ପରିସରଗୁଡ଼ିକର ନିର୍ମାଣ ଅନ୍ତର୍ଭୁକ୍ତ)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 880.74 ଲକ୍ଷ, **EMD :** ₹ 17,61,500/-

**ଶେଷ ହେବା ଅବଧି :** 12 (ବାର) ମାସ (କ୍ରମ ସଂ. 1 ଓ 3 ପାଇଁ) ଏବଂ 18 (ଅଠର) ମାସ (କ୍ରମ ସଂ. 2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 05.06.2026, 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-203/R/26-27

**INTEGRATED TRIBAL DEVELOPMENT AGENCY, KORAPUT, DIST: KORAPUT**

19001/89/2627

(GOVT. OF ODISHA)

**TENDER CALL NOTICE**

**Bid Identification No:** PA (ITDA)–KPT–01/26-27, **Letter No:** 922, **Dated:** 27/05/2026

| Sl. No. | Particulars | Date | Time |
|---|---|---|---|
| 01 | Date of Publication | 30.05.2026 | 10.00 AM |
| 02 | Last date for receipt of Hard Copies to this office (Through Registered Post / Speed Post). | 22.06.2026 | 5.30 PM |
| 03 | Date of Opening of Bid & Finalization / Selection of Bidder | 24.06.2026 | 11.00 AM |

1. The Project Administrator, ITDA, KORAPUT on behalf of Governor of Odisha invites Percentage rate tenders under I.T.D.A Koraput from the eligible class "A", "B", "C" & "D" contractors and must submit experience certificate of the same failing which bid will be rejected.
2. The Tender Paper can be purchased online from tendersodisha.gov.in from I.T.D.A Koraput.
3. The Bidder or Authorize representative must attend this Office on 24.06.2026 as the Bid will be finalize on the same day.
4. The undersigned reserves all the right to reject / cancel any or all of the Bids without assigning any reason thereof.

**Project Administrator, I.T.D.A., Koraput**

**OIPR-19001/19271/1/26-27/0001**

32001/293/2627

**GOVERNMENT OF ODISHA**
**OFFICE OF SUPERINTENDING ENGINEER**
**MINOR IRRIGATION DIVISION, MALKANGIRI**

E-mail ID: - midivmalkangiri@gmail.com

**NOTICE INVITING TENDER**

**E-Procurement Notice**

Bid Identification No. SEMIDMKG - 03/2026-27

Letter No. 960 Dt. 27.05.2026

The Superintending Engineer, Minor Irrigation Division, Malkangiri on behalf of Governor of Odisha invites **Percentage rate bids in Single & Double cover system through Online Mode**. The bid documents consisting of work, Estimated Cost, Cost of Tender Paper, Time of Completion, Class of Contractor, set of terms and conditions of the contract and other necessary documents can be seen in e-procurement portal https://tendersodisha.gov.in

| | | |
|---|---|---|
| 1 | Name of the work | Construction of 06 nos. Check Dam in different Blocks of Malkangiri District under MATY 3.0 Scheme for the year 2026-27. |
| 2 | Total Number of work | 06 (Six) Nos. |
| 3 | Estimated cost | Approximately from Rs. 32.15 to Rs. 89.15 lakh. |
| 4 | Period of completion | 04 (Four) to 06 (Six) Calendar Months |
| 5 | Class of Contractor | "B" & "C" Class Contractor |
| 6 | Date and time of availability of bid documents in the portal | From 10.00 A.M of 03.06.2026 to 5.00 PM of 17.06.2026 |
| 7 | Last date/time for receipt of bids in the portal | 5.00 PM on 17.06.2026 |
| 8 | Date of opening of bid | At 11.00 AM on 18.06.2026 in website (www.tendersorissa.gov.in) |
| 9 | Submission of Bids | Online mode |
| 10 | Name of the Officer inviting Bid | Superintending Engineer, Minor Irrigation Division, Malkangiri |

11 Further details can be seen from the Government of Odisha Website www.tendersorissa.gov.in

**Superintending Engineer M.I. Division, Malkangiri**

**OIPR-32001/32556/1/26-27/0003**

34001/273/2627

**OFFICE OF THE SUPERINTENDING ENGINEER**
**JAGATSINGHPUR (R&B) DIVISION, JAGATSINGHPUR**
**GOVERNMENT OF ODISHA**

E-Mail I.D.- **eerbjspr@gmail.com**

("e" PROCUREMENT NOTICE)

**Bid Identification No. S.E. JSPR (R&B)-3 of 2026-27 TENDER**

**CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in **Single cover system** in **ONLINE MODE** from eligible contractor for Building works as mentioned below.

| | | |
|---|---|---|
| 2 | No. of Work | 03 Nos. |
| 3 | Nature of work | Civil |
| 4 | Class of Contractor | "B & C" Class |
| 5 | Tender Paper Cost | Rs. 6,000.00/- (Online) |
| 6 | Available of bid documents in the website | From 01/06/2026 to 5.00 PM of 08/06/2026 |
| 7 | Date of Opening of Bid | 11.00 AM of 09/06/2026 |

The Bidders have to participate in ONLINE bidding only. Further details can be seen from the website **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website.

**(Er Sarbendu Sutar)**
**Addl. Chief Engineer,**
**Jagatsinghpur (R&B) Division**

OIPR-34001/34093/1/26-27/0003

**THE BISRA STONE LIME COMPANY LTD.**

**CIN: L14100OR1910GOI033904**

Regd. Office :Plot No:255, Pristine Green, Pokhariput, Bhubaneswar-751020

**Statement of Audited Financial Results For Quarter and Year Ended 31st March'2026**

(Rs.in Lakhs)

| Sl. No. | Particulars | Quarter Ended | | Year Ended | |
|---|---|---|---|---|---|
| | | 31.03.2026 | 31.03.2025 | 31.03.2026 | 31.03.2025 |
| | | (Reviewed) | | (Audited) | |
| 1 | Total Income from Operation (including Other Income) | 1,953,68 | 1,467.84 | 8,694.05 | 6,341.73 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 430.67 | (19.77) | 1,494.63 | 752.52 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 430.67 | (19.77) | 1,494.63 | 752.52 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 312.68 | (15.24) | 1,010.30 | 497.11 |
| 5 | Total Comprehensive income for the period [comprising profit / (loss) for the period(after tax) and other comprehensive income (after tax)] | 438.09 | 39.18 | 1,135.71 | 551.53 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (19,985.98) | (21,121.70) | (19,985.98) | (21,121.70) |
| 8 | Earning per share (Rs) | | | | |
| | (i) Basic: | 0.36 | (0.02) | 1.16 | 0.57 |
| | (ii) Diluted | 0.36 | (0.02) | 1.16 | 0.57 |

1. The above results of the Company were approved by the Board of Directors at their respective meetings held on 29.05.2026.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

Place: Bhubaneswar
Date: 29th May, 2026

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

## ଦୁଇ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କଲା ଜିଲ୍ଲା ପୁଲିସ

ପାରାଦୀପ, ୨୯।୫ (ସମିସ): ପାରାଦୀପ ଭୁତମୁଣ୍ଡାଇ ନିକଟରେ ଏକ ଗ୍ୟାରେଜରୁ ଓ ଏକ ଗାଡି ସର୍ଭିସିଂ ସେଣ୍ଟରରୁ ଦୁଇ ଶିଶୁ ଶ୍ରମିକଙ୍କୁ ଆଜି ଜିଲ୍ଲା ପୁଲିସ ଉଦ୍ଧାର କରିଛି। ଜିଲ୍ଲା ପୁଲିସର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ପାରାଦୀପ ଅଞ୍ଚଳରେ ଚଢ଼ଉ କରି ଏହି ଦୁଇ ନାବାଳକଙ୍କୁ ଲକ୍ ଥାନାରେ ଜିମା ଦେଇଥିଲେ। ଲକ୍‌ଥାନା ପକ୍ଷରୁ ଉକ୍ତ ଦୁଇ ନାବାଳକଙ୍କୁ ସିଡବ୍ଲୁସିରେ ହସ୍ତାନ୍ତର କରାଯାଇଥିଲା। ତେବେ ଭୁତମୁଣ୍ଡାଇରୁ ଉଦ୍ଧାର କରାଯାଇଥିବା ନାବାଳକକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଅନ୍ୟ ଜଣଙ୍କୁ ଆସନ୍ତାକାଲି ତାଙ୍କ ପରିବାର ଲୋକେ ପାରାଦୀପରେ ପହଞ୍ଚିଲେ ହସ୍ତାନ୍ତର କରାଯିବା ନେଇ ପୁଲିସ ସୂଚନା ଦେଇଛି। ତେବେ ସେ ନାବାଳକକୁ ନିମିଡ଼ିସ୍ଥିତ ଏକ ଶିଶୁ ଯତ୍ନ ସେଣ୍ଟରରେ ରଖାଯାଇଛି। ପାରାଦୀପ ଅଞ୍ଚଳରେ ଏହି ଭଳି ବହୁ ଗ୍ୟାରେଜ, ହୋଟେଲ ଓ ଫାଷ୍ଟଫୁଡ ସେଣ୍ଟର ମାନଙ୍କରେ ଶିଶୁ ଶ୍ରମିକ ଭାବେ ବହୁ ସଂଖ୍ୟାରେ ନାବାଳକମାନେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ଚଢ଼ଉ କରି ସେମାନଙ୍କୁ ଉଦ୍ଧାର କରାଯିବା ପାଇଁ ସାଧାରଣରେ ଦାବି ହେଉଛି। ଏହି ନାବାଳକ ବୟସର ପିଲାମାନେ ପାଠ ପଢିବା ବଦଳରେ ବିଭିନ୍ନ ସ୍ଥାନରେ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି ଯାହା ସେମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଉଥିବା କୁହାଯାଉଛି।

## ସମାଜସେବୀ ପବିତ୍ର ମିଶ୍ରଙ୍କ ପରଲୋକ

ପାରାଦୀପ,୨୯।୫(ସମିସ): ସମାଜସେବୀ ପବିତ୍ର ମିଶ୍ରଙ୍କର ୬୫ ବର୍ଷ ବୟସରେ ଆଜି ପରଲୋକ ହୋଇଯାଇଛି। ସେ ପାରାଦୀପ ବନ୍ଦରର ଜଣେ ଅବସରପ୍ରାପ୍ତ କର୍ମଚାରୀ ଥିଲେ। ଏହା ସହିତ ଭାରତୀୟ ବନ୍ଦର ମଜଦୁର ସଂଘର କାର୍ଯ୍ୟକାରୀ ସଭାପତି, ନେତାଜୀ ମେମୋରିଆଲ କ୍ଲବର ପ୍ରତିଷ୍ଠାତା ମଧ୍ୟଥିଲେ। ଗତକାଲି ରାତି ୯ ଟାରେ ତାଙ୍କ ଗ୍ରାମ କୁଜଙ୍ଗ ବ୍ଲକର ଗରେଇ ଶାସନ ସ୍ଥିତ ବାସଭବନରେ ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମିଶ୍ରଙ୍କ ନେତୃତ୍ୱରେ ପାରାଦୀପ ବଡ଼ପଡ଼ିଆ ବସ୍‌ଷ୍ଟାଣ୍ଡ ଛକରେ ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିଲା। ତାଙ୍କର ବିୟୋଗରେ ପାରାଦୀପ ସମେତ କୁଜଙ୍ଗ ଓ ରାହାମା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଆଜି ପାରାଦୀପ ଅଣାଯାଇ ନେତାଜୀ ପ୍ରତିମୂର୍ତ୍ତି ନିକଟରେ ଶେଷଦର୍ଶନ ପାଇଁ ରଖାଯାଇଥିଲା। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଜେଡି ଯୁବ ନେତା ଆଲୋକ ମହାପାତ୍ର, ରାକେଶ କୁମାର ପଟ୍ଟନାୟକ, ପାରାଦୀପ ବନ୍ଦର ଟ୍ରଷ୍ଟି ଶ୍ରୀକାନ୍ତ ରାୟ, ବରିଷ୍ଠ ଶ୍ରମିକ ନେତା ବିଷ୍ଣୁ ମୁଦୁଲି, ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ବିଜେଡି ନଗର ସଭାପତି ସଭାପତି କୁମରବର ନାୟକ, ବିଜେଡି ନେତା ଚିନ୍ମୟ ପରିଡା, ଅଧ୍ୟାପକ ଅକ୍ଷୟ ମିଶ୍ର, ଏନ୍‌ସିସି ଆଲୁମୁନି ଆସୋସିଏସନ ସଭାପତି ଅମ୍ବିକା ମହାପାତ୍ର, କ୍ଷୀରୋଦ ସ୍ୱାଇଁ, ମହିଳା ନେତ୍ରୀ ମନୋରମା ଖଟୁଆ, ନେତାଜୀ ଟ୍ରଷ୍ଟର କର୍ମକର୍ତ୍ତା ସୁଶୀଲ ମହାପାତ୍ର, ସାମ୍ବାଦିକ ମନୋଜ ଦାସ ଓ ପ୍ରଦୀପ ଜେନା ପ୍ରମୁଖ ମରଶରୀରରେ ପୁଷ୍ପମାଲ୍ୟ ପ୍ରଦାନ କରି ତାଙ୍କର ଅନ୍ତିମ ଦର୍ଶନ କରିଥିଲେ। ପରେ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ଦେବୀପ୍ରସାଦ ମିଶ୍ର ଓ ଝିଅ ପ୍ରିୟଦର୍ଶିନୀ ମିଶ୍ର ମୁଖାଗ୍ନି ଦେଇଥିଲେ।

## ନୂଆଗଡ଼ରେ ମୃତ୍ତିକା ପରୀକ୍ଷା କାର୍ଡ ବଣ୍ଟନ

ପାରାଦୀପ, ୨୯।୫ (ସମିସ): ନୂଆଗଡ଼ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆଜି ଏକ କୃଷକ ସଭା ଓ ମୃତ୍ତିକା ପରୀକ୍ଷା କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର କୃଷକମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ପ୍ରଶାସନିକ ଅଧିକାରୀ ଜେକେ ଜେନା, ଇଫକୋ କୋର୍ଡେଟ ଅଧ୍ୟକ୍ଷ କୁଳମଣି ମାଝୀ, ଡିଏଫ୍‌ଏମ୍ ବି.ପଣ୍ଡା ଏବଂ ଆଇଏଫଏଫଡିସି ମଦନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାୟ ୫୦ ଜଣ କୃଷକ ଏହି ସଭାରେ ଯୋଗଦେଇ ବୈଜ୍ଞାନିକ ଚାଷ ପ୍ରଣାଳୀ ଏବଂ ସମତୁଳିତ ସାର ପ୍ରୟୋଗ ସମ୍ବନ୍ଧରେ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଗତକାଲି ଓ ଆଜି ମିଶି ମୋଟ ୧୦୦ଟି ମୃତ୍ତିକା ନମୁନା ପରୀକ୍ଷା କରାଯାଇ କୃଷକମାନଙ୍କୁ ମୃତ୍ତିକା ପରୀକ୍ଷା କାର୍ଡ ବଣ୍ଟନ କରାଯାଇଥିଲା। ମୃତ୍ତିକାର ସ୍ୱାସ୍ଥ୍ୟ ରକ୍ଷା ଓ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ମୃତ୍ତିକା ପରୀକ୍ଷାର ଗୁରୁତ୍ୱ ସମ୍ବନ୍ଧରେ କୃଷକମାନଙ୍କୁ ସଚେତନ କରାଯାଇଥିଲା।

ମୃତ୍ତିକା ପରୀକ୍ଷା ରିପୋର୍ଟ ଅନୁଯାୟୀ ସାର ଓ ଅନ୍ୟାନ୍ୟ କୃଷି ଉପକରଣର ସଠିକ୍ ବ୍ୟବହାର ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହ ନାନୋ ସାରର ବ୍ୟବହାର ଓ ତାହାର ଉପକାରିତା ସମ୍ବନ୍ଧରେ କୃଷକମାନଙ୍କୁ ଅବଗତ କରାଯାଇଥିଲା ଏବଂ ଆଧୁନିକ ଓ ସ୍ଥାୟୀ କୃଷି ପ୍ରଣାଳୀ ଆପଣେଇବାକୁ ପ୍ରୋତ୍ସାହିତ କରାଯାଇଥିଲା। ଶେଷରେ, କୃଷକମାନେ ଏହି ପ୍ରୟାସ ଓ ପ୍ରାୟୋଗିକ ପରାମର୍ଶ ପାଇଁ ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ପାରାଦୀପ, ୨୯।୫ (ସମିସ): ଆଜି ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୧୯ ୯୫ ମସିହା ପ୍ରଥମ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ୨ୟ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ଚୌମୁହାଣୀ ଡାକବଙ୍ଗଳାରେ ସମସ୍ତ ଛାତ୍ରଛାତ୍ରୀ ସେମାନଙ୍କ ପରିବାର ସହ ଯୋଗ ଦେଇଥିଲେ। ସମସ୍ତ ବନ୍ଧୁମାନେ ଅତୀତର ସ୍ମୃତି ମନେପକାଇବା ସହ ଏକ ମ୍ୟୁଜିକ ଚେୟାର ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚିତ୍ରସେନ ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ପଟ୍ଟନାୟକ, ମାନସ ଖଟୁଆ, ତୃପ୍ତିମୟୀ ରାୟ, ପ୍ରାଣକୃଷ୍ଣ ମହାପାତ୍ର, ସୁଦାମ ଆଚାର୍ଯ୍ୟ, ତପନ ମୁଦୁଲି, ମନୋଜ ଖଟୁଆ, ପ୍ରସନ୍ନ ବେଉରା, ଜିତେନ୍ଦ୍ର ପ୍ରଧାନ, ପ୍ରଦୀପ ସିଂ, ବନିତା ମହାପାତ୍ର, ନନ୍ଦିନୀ ଚଇନି, ଅଞ୍ଜଳି ମଲିକ ଓ ଅଶୋକ ରାଉତ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆଜିଠାରୁ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ

# ଘରକୁ ଘର ଯାଇ ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ ବିଏଲ୍‌ଓ

ଜଗତସିଂହପୁର,୨୯।୫(ସମିସ)

ଆଜି ମଧ୍ୟାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କୀତ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲ୍ଲାପାଳ ଜେ. ସୋନାଲ ଯୋଗଦେଇ ଏସ୍‌ଆଇଆର୍‌ର ଉଦ୍ଦେଶ୍ୟ ହେଉଛି ଯୋଗ୍ୟ ବ୍ୟକ୍ତିଙ୍କୁ ଭୋଟର ତାଲିକାରେ ସମ୍ମିଳିତ କରିବା ଓ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ, ଡୁପ୍ଲିକେଟ ନାମ ଭୋଟର ତାଲିକାରୁ ବିଲୋପ କରିବା, ମୃତବ୍ୟକ୍ତିଙ୍କ ନାମ ତାଲିକାରୁ ବାହାର କରିବା, ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରିବା ବୋଲି ସୂଚନା ଦେଇଥିଲେ। ଚଳିତ ମେ ମାସ ୩୦ ତାରିଖରୁ ଜୁନ ମାସ ୨୮ ତାରିଖ ପର୍ଯ୍ୟନ୍ତ ପାଖାପାଖି ଏକ ମାସ ଧରି ବିଏଲ୍‌ଓ ମାନେ ଭୋଟରମାନଙ୍କ ଘରକୁ ଘର ଯାଇ ଦୁଇଟି ଲେଖାଏଁ ପରିଗଣନା ଫର୍ମ ବାଣ୍ଟିବେ। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲ୍‌ଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜେ ଦସ୍ତଖତ କରି ଭୋଟରଙ୍କୁ ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟରମାନେ ଭବିଷ୍ୟତ ପାଇଁ ସାଇତି ରଖିବେ। ଏହି ପ୍ରକ୍ରିୟାରେ ଜିଲ୍ଲାର ୯,୭୪,୪୩୫ ଜଣ ଭୋଟରଙ୍କ ସଂଶୋଧିତ ତଥ୍ୟ




ସଂଗ୍ରହ କରାଯିବ। ଭୋଟରମାନେ ଚାହିଁଲେ ନିର୍ବାଚନ ଆୟୋଗ ୱେବସାଇଟରୁ ମଧ୍ୟ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍‌ରେ ଅପଲୋଡ୍ କରିପାରିବେ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ନିର୍ଦ୍ଦେଶ କ୍ରମେ ବିଏଲ୍‌ଓ ମାନେ ଭୋଟରମାନଙ୍କ ଘରେ ପୂର୍ବାହ୍ନ ୧୧ ଘଟିକା ପର୍ଯ୍ୟନ୍ତ ଏବଂ ଅପରାହ୍ନ ୩ ଘଟିକା ଠାରୁ ସନ୍ଧ୍ୟା ୭ ଘଟିକା ପର୍ଯ୍ୟନ୍ତ ବୁଥରେ ବସି ଭୋଟରଙ୍କୁ ସହାୟତା କରିବେ। ଯେଉଁ ମାନଙ୍କର ବୟସ ୧-୭-୨୦୨୬ ସୁଦ୍ଧା ୧୮ ବର୍ଷ ସମ୍ପୂର୍ଣ୍ଣ ହେଉଥିବ ସେମାନେ ଭୋଟର ତାଲିକାରେ ସ୍ଥାନ ପାଇବାକୁ ଫର୍ମ ୬ରେ ଆବେଦନ କରିପାରିବେ।

୩୦ ମେ'ରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ବୁଥ ସ୍ତରୀୟ ଅଧିକାରୀମାନେ ଘରକୁ ଘର ପରିଦର୍ଶନ କରି ଭୋଟର ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ। ଏହା ସହିତ ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ଯୁକ୍ତିସଙ୍ଗତ ପୁନର୍ବିନ୍ୟାସ କାର୍ଯ୍ୟ ସମାପ୍ତ କରାଯିବ। ଖସଡ଼ା ଭୋଟର ତାଲିକା ୫ ଜୁଲାଇ ୨୦୨୬ରେ ପ୍ରକାଶ ପାଇବ। ୫ ଜୁଲାଇରୁ ୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ। ଦାବି ଓ ଆପତ୍ତିର ନିଷ୍ପତ୍ତି ୫ ଜୁଲାଇରୁ ୨ ସେପ୍ଟେମ୍ବର ସୁଦ୍ଧା କରାଯିବ। ପରେ ୬ ସେପ୍ଟେମ୍ବର ୨୦୨୬ରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

ଜଗତସିଂହପୁର ଜିଲ୍ଲାର ସମସ୍ତ ନାଗରିକମାନଙ୍କୁ ଏସ୍‌ଆଇଆର୍ ପ୍ରକ୍ରିୟାରେ ସ୍ୱେଚ୍ଛାକୃତ ଭାବରେ ସାମିଲ ହୋଇ ଏକ ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତିରେ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ। କାରଣ ଏକ ସଠିକ୍ ଭୋଟର ତାଲିକା ହିଁ ସୁଦୃଢ଼ ଗଣତନ୍ତ୍ରର ଭିତ୍ତିଭୂମି। ସମ୍ମିଳନୀରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ କହିଲେ ଯେ, ଏହି ପ୍ରକ୍ରିୟା ନିମନ୍ତେ ଜିଲ୍ଲାରେ ପ୍ରସ୍ତୁତି ଆରମ୍ଭ ହୋଇସାରିଛି ଏବଂ ଏକ ସ୍ୱଚ୍ଛ ଓ ଅଦ୍ୟତନ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଏହା ସହାୟକ ହେବ। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ କୁମାର ରାଉତ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଡେପୁଟି କଲେକ୍ଟର ନିର୍ବାଚନ ପ୍ରଶାନ୍ତ କୁମାର ସେଠୀ, ଡେପୁଟି କଲେକ୍ଟର ତୃପ୍ତିମୟୀ ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରିଫାଇନାରୀ ସମ୍ମୁଖରେ ଠିକା ଶ୍ରମିକଙ୍କ ଧାରଣା



ପାରାଦୀପ,୨୯।୫(ସମିସ): ଆଇଓସିଏଲ କମ୍ପାନୀ ଶ୍ରମିକଙ୍କୁ ଶୋଷଣ କରୁଥିବା ନେଇ ଅଭିଯୋଗ କରିଛନ୍ତି ସେଠାରେ କାମ କରୁଥିବା ଠିକା ଶ୍ରମିକମାନେ। ଏନେଇ ଆଜି ସକାଳୁ ଆଇଓସିଏଲ ଫାଟକ ନିକଟରେ ସେମାନେ ଧାରଣା ଦେଇଥିବା ଦେଖିବାକୁ ମିଳିଛି। କମ୍ପାନୀ ପାଇଁ ନିଜ ଭାତହାଣ୍ଡି ଭଳି ଜମି ଦେଲେ; କିନ୍ତୁ ଏବେ ସେହି କମ୍ପାନୀରେ ଚାକିରି କରି ନିଜ ପେଟ ପୋଷିବା କଷ୍ଟକର ହେଲାଣି। ବାରମ୍ବାର ଦାବି ସତ୍ତ୍ୱେ ଶୁଣୁନାହାନ୍ତି ଆଇଓସିଏଲ କର୍ତ୍ତୃପକ୍ଷ। ଯାହାକୁ ନେଇ ଆଇଓସିଏଲ ଗେଟ୍ ନିକଟରେ ଶ୍ରମିକ ଧାରଣା ଦେଇଛନ୍ତି ପାଖାପାଖି ୩ ହଜାର ଠିକା ଶ୍ରମିକ। ଦୀର୍ଘ ବର୍ଷ ହେଲା ସେମାନେ ଆଇଓସିଏଲ୍ ବା ତୈଳ ବିଶୋଧନାଗାରରେ ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ ମଧ୍ୟ ସେମାନଙ୍କୁ ସଠିକ୍ ଦରମା ପ୍ରଦାନ କରାଯାଉନାହିଁ। ମାସକୁ ମାତ୍ର ୧୭ରୁ ୧୮ ହଜାର ଟଙ୍କାର ଦରମାରେ ବର୍ତ୍ତମାନ ପରିବାର ଚଳାଇବା ଏବଂ ପିଲାଙ୍କ ପାଠପଢ଼ା ସମ୍ଭବ ହେଉନାହିଁ। ଗତ ୧୬ ମାସ ତଳେ କମ୍ପାନୀ କର୍ତ୍ତୃପକ୍ଷ, ଶ୍ରମିକ ସଂଗଠନ ଓ ଶ୍ରମ ଅଧିକାରୀଙ୍କୁ ନେଇ ହୋଇଥିବା ଆଲୋଚନାରେ ସେମାନଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ହୋଇଥିଲା। ମାତ୍ର ଘଟଣାକୁ ୧୬ ମାସ ବିତିଥିଲେ ମଧ୍ୟ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। ଯେପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ନ ହୋଇଛି ଆନ୍ଦୋଳନ ଜାରି ରହିବ ଏବଂ ଦରକାର ପଡ଼ିଲେ ଆଇଓସିଏଲର ଗେଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଶ୍ରମିକମାନେ ଚେତାବନୀ ଦେଇଛନ୍ତି। ଠିକା ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ପ୍ରମୋଦ କୁମାର ବେହେରା, ସୂର୍ଯ୍ୟକାନ୍ତ ସାମଲଙ୍କ ସମେତ ହଜାର ହଜାର ଠିକା କର୍ମଚାରୀ ଧାରଣା ଦେଇଛନ୍ତି।

### ଦଲାଲଙ୍କ କବ୍‌ଜାରେ କନିକା ତହସିଲ

## ଜିଲ୍ଲାପାଳଙ୍କ ଅଭିଯୋଗ ପୋର୍ଟାଲରେ ଅଭିଯୋଗ

ରାଜକନିକା,୨୯।୫(ସମିସ): କନିକା ତହସିଲ ଏବେ ଦୁର୍ନୀତି ଓ ଦଲାଲି ପାଇଁ ବଦନାମ ହେଉଛି। ପ୍ରତିଟି ସରକାରୀ କାମ ପାଇଁ ଅଘୋଷିତ ଭାବେ ଲାଞ୍ଚ ପରିମାଣ ଧାର୍ଯ୍ୟ ହୋଇ ଦଲାଲ ମାଧ୍ୟମରେ ଲାଞ୍ଚ ଆଦାୟ ପ୍ରଥମ କାମ ହୋଇଛି ବୋଲି ସଚେତନ ନାଗରିକ କୃତ୍ତିବାସ ଦାସ ଅଭିଯୋଗ କରିଛନ୍ତି। ରାଜସ୍ୱ ମାମଲାପ୍ରବଣ କନିକା ତହସିଲର ଗାରିମା ନଷ୍ଟ କରି ବିନା ଲାଞ୍ଚ ଓ ନିର୍ଦ୍ଦିଷ୍ଟ ପରିମାଣର ଅଘୋଷିତ ଧାର୍ଯ୍ୟ ଟଙ୍କା ନ ମିଳିଲେ କିଛି ବି କାମ ନ ହେବା ଓ ଦଲାଲ ଓ ମଧ୍ୟସ୍ଥି ବିନା କିଛି ବି କାମ ନ ହେବା ଭଳି ସ୍ଥିତିରେ ସଢୁଥିବା ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା ପାଇଁ ବଢୁଥିବା ଦୁର୍ନୀତି ବନ୍ଦ କରିବାକୁ ଶ୍ରୀ ଦାସ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଜନଶୁଣାଣି ପୋର୍ଟାଲରେ ଅଭିଯୋଗ କରିଛନ୍ତି।

ଗତ ୨୭ ତାରିଖର ଡିଏମ ୨୦୨୬୧୭୪୮୬ ଅଭିଯୋଗ ଅନୁସାରେ କନିକା ତହସିଲରେ ବିନା ମୂଲ୍ୟରେ ସମସ୍ତ ସରକାରୀ କାମ ହେବାକୁ ଥିବାବେଳେ ଏଠାରେ ପ୍ରତ୍ୟେକ କାମ କରିବା ପାଇଁ ଅଘୋଷିତ ଭାବେ ରାଜଘର ଜମି ପଟ୍ଟା କରିବା ପାଇଁ ଏ ଗୁଣ୍ଠ ଜମିକୁ ୩୦ ହଜାର ଟଙ୍କା, ନୂଆ କବଲା ମ୍ୟୁଟେସନ ପାଇଁ ୪୦ ହଜାର, ସିଙ୍ଗ ସମ୍ପତ୍ତି କବଲା ପାଇଁ ୩ ଲକ୍ଷ, ବିସିପି ମୌଜା କବଲା ପାଇଁ ୩୦ ହଜାର, ଡବଲ ବିକ୍ରି କବଲା ପାଇଁ ୫ ଲକ୍ଷ, ଅନ୍ୟ ଜଣକ ସମ୍ପତ୍ତିକୁ ଯେ କେହି ଲୋକ ବିକିଲେ ୧୦ ଲକ୍ଷ, ପୁରୁଣା କବଲା ମ୍ୟୁଟେସନ ପାଇଁ ୫ରୁ ୮ ହଜାର ଟଙ୍କା, ସାବକ ପଟ୍ଟା ପାଇଁ ୫୦ ହଜାର, ପାର୍ଟ କବଲା ପାଇଁ ୩୦ ହଜାର, ଡିମାରକେଶନ ପାଇଁ ୩୦ ହଜାର, ଇଟା ଭାଟି ପାଇଁ ୩୦ ହଜାର, ବାଲି ଗାଡ଼ି ଧରିଲେ ୧୦ ହଜାର ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଏଥିରୁ କମ୍ ଅର୍ଥ କିମ୍ବା ମୁଲଚାଲ କଲେ କୌଣସି କାମ ହେଉ ନ ଥିବା କୃତ୍ତିବାସ ଅଭିଯୋଗ ଆଣି ଏହାର ନିରାକରଣ କରିବାକୁ ନିବେଦନ କରିଛନ୍ତି। ରାଜସ୍ୱ ବିଭାଗରେ ସ୍ୱଚ୍ଛତା ଆଣିବାକୁ ମନ୍ତ୍ରୀଙ୍କ କଡ଼ା ତାଗିଦ ସତ୍ତ୍ୱେ କନିକା ତହସିଲରେ ଏଭଳି ବେଆଇନ କାର୍ଯ୍ୟ ଖୋଲାମେଲାରେ ହେଉଥିବାରୁ କୃତ୍ତିବାସ ରାଜସ୍ୱ ମନ୍ତ୍ରୀଙ୍କୁ ଅନୁରୋଧ କରି ଏହାର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ଗତ ଦୁଇ ସପ୍ତାହ ପୂର୍ବରୁ ସମାନ ଧରଣର ଅଭିଯୋଗ ଆଣି ପେଗରପଡ଼ା ସମିତି ସଭ୍ୟ ପ୍ରବେଶନ ମଲ୍ଲିକ ମଧ୍ୟ ଅନୁରୂପ ଭାବେ ତହସିଲଦାର ଅଫିସରେ ଆଦୌ ନ ରହି ସବୁବେଳେ ବାହାରେ ବୁଲି ଅର୍ଥ ଆଦାୟ କରିବା ଓ ଦଲାଲ ମାଧ୍ୟମରେ ରାଜସ୍ୱ ମାମଲା ପରିଚାଳନାର ଗୁରୁତର ଅଭିଯୋଗ ଆଣିଥିଲେ। ଦିନକୁ ଦିନ ସାଧାରଣ ଲୋକଙ୍କ ସ୍ୱାର୍ଥଠାରୁ ଦୂରେଇ କନିକା ତହସିଲ ଲାଞ୍ଚ ଓ ଦୁର୍ନୀତିର ପେଣ୍ଠ ପାଲଟି ଥିବାରୁ ଏ ନେଇ ଅଭିଯୋଗ ବଢ଼ିବାରେ ଲାଗିଛି।

## ସଡକ ସୁରକ୍ଷା ନିରାକରଣ ବୈଠକ

ଜଗତସିଂହପୁର,୨୯।୫(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହରେ ସଡ଼କ ସୁରକ୍ଷାର ପ୍ରତିକାର ବିଷୟରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ଦୁର୍ଘଟଣା ହ୍ରାସ ନିମନ୍ତେ ସଠିକ୍ ପଦକ୍ଷେପ ନେବା ସହ କଡ଼ା ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେ ଏନ୍‌ଏଚ୍ ୫୫ ଓ ଏସ୍‌ଏଚ୍-୧୨ ଉପରେ ଭାରୀଯାନ ହଟାଇବାକୁ ନେଇ ଗୁରୁତ୍ୱ ଦେଇଥିଲେ। ରାସ୍ତାରେ ସାଇନେଜ୍ ଲଗାଇବା, ହମ୍ପସ ନିର୍ମାଣ



ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମଦ୍ୟପାନ କରି ଗାଡ଼ି ଚାଳକ ମାନଙ୍କ ଉପରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀ ସଭା କାର୍ଯ୍ୟ ପରିଚାଳନା କରି ଦୁର୍ଘଟଣାକୁ ହ୍ରାସ କରିବାକୁ ଗଠନମୂଳକ ଭାବରେ ମନ୍ତବ୍ୟ ଉତ୍ଥାପନ କରିବା, ଦୁର୍ଘଟଣା ସ୍ଥାନ ରାସ୍ତାରେ ଉପଯୁକ୍ତ ସଙ୍କେତ ଲଗାଇବା, ଅମାନିଆ ଗାଡ଼ି ଚାଳକଙ୍କ ପାଇଁ ପ୍ରବର୍ତ୍ତନ ବାଧ୍ୟତାମୂଳକ ଯାଞ୍ଚ କଡ଼ାକଡ଼ି କରିବାକୁ କହିଥିଲେ। ସଂପ୍ରତି ଜିଲ୍ଲା ସଡ଼କ ସୁରକ୍ଷା ସମିତିର ସମସ୍ତ ସଭ୍ୟ ଉପସ୍ଥିତ ରହି ଗଠନ ମୂଳକ ମତାମତ ଦେଇଥିଲେ। ସମିତିର ସଭ୍ୟ ଜିଲ୍ଲା ପ୍ରଶାସନ ପକ୍ଷରୁ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ନେଉଥିବା ପଦକ୍ଷେପ ପାଇଁ ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହ ମଦ୍ୟପାନ କରି ଗାଡ଼ି ଚାଳକମାନଙ୍କ ଉପରେ ପଦକ୍ଷେପ ନେବା ପାଇଁ ତାଙ୍କ ମନ୍ତବ୍ୟ ରଖିଥିଲେ। ୪ ଜଣ ଗୁଡ ସମାରିଟାନଙ୍କୁ ମାନପତ୍ର ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହି ଗୁଡ ସମାରିଟାନ ମାନେ ହେଲେ- ନିରଞ୍ଜନ ବାରିକ, ରାଜକିଶୋର ଦାସ, ସରୋଜ ଦାସ ଓ ନରେଶ କୁମାର ରାଉତ। ଏହି ଅବସରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଏବଂ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଏନ୍‌ଏଚ-୫୫ ବିଭାଗର ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ନାଗରିକ ସମାଜର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇଥିଲେ।

## ୧୯ ଦିନ ଧରି ଆସୁନି ପାଣି, ଲୋକଙ୍କ ଅସନ୍ତୋଷ



ମହାକାଳପଡ଼ା,୨୯।୫(ସମିସ):ମହାକାଳପଡ଼ା ବ୍ଲକ୍ ତେରଗାଁ ପଞ୍ଚାୟତରେ ମେଗା ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ୧୯ ଦିନ ଧରି ଲୋକେ ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାଇପ୍ ଫାଟିଯାଇଥିବାରୁ ଯୋଗାଣ ବନ୍ଦ ହୋଇଥିବାବେଳେ ବିଭାଗ ପକ୍ଷରୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ କରାଯାଉଛି। ତାହା ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ଏ ନେଇ ବେଲାର ନୂଆଗାଁରେ ଲୋକେ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁବ୍ରତ ସାହୁ ଶୀଘ୍ର ପାଣି ଯୋଗାଣ ସ୍ୱାଭାବିକ ହେବ ବୋଲି କହିଥିଲେ ମଧ୍ୟ ସମସ୍ୟା ଦୂର ହୋଇନାହିଁ। ପୁନର୍ବାର ପାଇପ୍ ଫାଟିଯାଇଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

### ମହିଳା ଶୌଚାଳୟରୁ ସିସିଟିଭି କ୍ୟାମେରା ଜବତ ଘଟଣା

# ଅଭିଯୋଗର ୪ ଦିନ ପରେ ମଧ୍ୟ ପୁଲିସ ହାତ ଖାଲି

ଜଗତସିଂହପୁର,୨୯।୫(ସମିସ)

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ସଁଅରା ସ୍ଥିତ ଜିଲ୍ଲା ପରିଷଦ କାର୍ଯ୍ୟାଳୟର ପ୍ରଥମ ମହଲାରେ ଥିବା ଏକ ମହିଳା ଶୌଚାଳୟରୁ ସିସିଟିଭି ଜବତ ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ଚାଞ୍ଚଲ୍ୟ ଖେଳି ଯାଇଛି। ଇତି ମଧ୍ୟରେ ଏହି ମାମଲା ସମ୍ପର୍କରେ ହୋଇଥିବା ଅଭିଯୋଗର ୪ ଦିନ ପୂରିଥିବା ବେଳେ ପୁଲିସ ହାତ କିନ୍ତୁ ଖାଲି ରହିଛି। ତେବେ କିଏ ଏବଂ କେଉଁ ଉଦ୍ଦେଶ୍ୟରେ ମହିଳାମାନଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଶୌଚାଳୟ ଭିତରେ କ୍ୟାମେରା ଲଗାଇଲା ତାହାର ଖୋଳତାଡ଼ ଚାଲିଛି। ପ୍ରାଥମିକ ତଦନ୍ତରୁ ଜବତ କ୍ୟାମେରାଟି ଖରାପ ଥିବା ତିର୍ତ୍ତୋଲ ଏସ୍‌ଡିପିଓ ଅଜୟ ଦାସ ପ୍ରକାଶ କରିଛନ୍ତି। ତିର୍ତ୍ତୋଲ ପୁଲିସ ସହିତ ସାଇବର ସେଲ୍ ଏହି ଘଟଣାର ତଦନ୍ତ ଜାରି ରଖିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଜଗତସିଂହପୁର ଜିଲ୍ଲା ପରିଷଦ କାର୍ଯ୍ୟାଳୟର ପ୍ରଥମ ମହଲାରେ ଥିବା ଏହି ଶୌଚାଳୟଟି ଦୁଇ ଜଣ ମହିଳା ଅଧିକାରୀ କେବଳ ବ୍ୟବହାର କରିଥାନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଦୀର୍ଘ ଦିନ ଧରି ଛୁଟିରେ ଥିବା ବେଳେ ଅନ୍ୟ ଜଣେ ମହିଳା ଅଧିକାରୀ ଉକ୍ତ ଶୌଚାଳୟକୁ ବ୍ୟବହାର କରି




ଆସୁଥିଲେ। ତେବେ ଗତ ୨୫ ତାରିଖ ସକାଳେ ଉକ୍ତ ମହିଳା ଅଧିକାରୀ ଜଣକ ଶୌଚାଳୟକୁ ଯାଇଥିବା ବେଳେ ବେସିନ ତଳେ ଏକ କ୍ୟାମେରା ପଡିଥିବା ଦେଖିଥିଲେ। ଏହା ଦେଖିବା ପରେ ସେ ବାହାରକୁ ପଳାଇଆସି ସହକର୍ମୀ ମାନଙ୍କୁ ଏ ସମ୍ପର୍କରେ କହିଥିଲେ। ପରେ ଘଟଣା ସମ୍ପର୍କରେ ଭାରପ୍ରାପ୍ତ ଅତିରିକ୍ତ ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକଙ୍କୁ ସୂଚନା ଦିଆଯାଇଥିଲା। ଶ୍ରୀ ମଲ୍ଲିକ ଏହି ସମ୍ବେଦନଶୀଳ ଘଟଣା ବିଷୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ସେହି ୨୫ ତାରିଖରେ ଭାରପ୍ରାପ୍ତ ଅତିରିକ୍ତ ନିର୍ବାହୀ ଅଧିକାରୀ ଶ୍ରୀ ମଲ୍ଲିକ ତିର୍ତ୍ତୋଲ ଥାନାରେ ଏତଲା ଦେଇଥିଲେ। ପରେ ଏସ୍‌ପି ଅଙ୍କିତ କୁମାର ବର୍ମାଙ୍କ ନିର୍ଦ୍ଦେଶରେ ତିର୍ତ୍ତୋଲ ପୁଲିସ ଟିମ୍ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଆସି ଉକ୍ତ କ୍ୟାମେରାକୁ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଥିଲେ। ତେବେ ଇତି ମଧ୍ୟରେ ୪ ଦିନ ବିତି ଯାଇଥିଲେ ମଧ୍ୟ କିଏ ଏଭଳି ଘୃଣ୍ୟ କାର୍ଯ୍ୟ କରିଛନ୍ତି ତାହା ସ୍ପଷ୍ଟ ହୋଇପାରିନାହିଁ। ତେବେ ମହିଳା ଶୌଚାଳୟରେ କ୍ୟାମେରା ଲଗାଇବା ଘଟଣାକୁ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଦୃଢ଼ ନିନ୍ଦା କରିଛନ୍ତି। ଏହି ଘଟଣା ପଛରେ କାହାର ହାତ ରହିଛି ତାହା ଯଥାଶୀଘ୍ର ଲୋକଲୋଚନକୁ ଆସିବା ଦରକାର ବୋଲି ଶ୍ରୀ ଭୋଇ ଦାବି କରିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଜିଲ୍ଲା ପରିଷଦ କାର୍ଯ୍ୟାଳୟ ଏକ ବ୍ୟସ୍ତ ବହୁଳ ସରକାରୀ କାର୍ଯ୍ୟାଳୟ। ପ୍ରତିଦିନ ବିଭିନ୍ନ କାର୍ଯ୍ୟରେ ଲୋକମାନେ ଏଠାକୁ ଆସିଥାନ୍ତି। ବିଶେଷ କରି ଲୋକ ପ୍ରତିନିଧି ମାନଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଏଠାରେ ଅନୁଷ୍ଠିତ ହୋଇଥାଏ। କାର୍ଯ୍ୟାଳୟର ବାହାରେ ଏବଂ ଭିତରେ ଅନେକ ସିସିଟିଭି କ୍ୟାମେରା ଲାଗିଛି। ଏହାସତ୍ତ୍ୱେ କିଏ ଏଭଳି ଦୁଃସାହସିକ କାର୍ଯ୍ୟ କରିପାରିଲା ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଥାଶୀଘ୍ର ଏହି ସମ୍ବେଦନଶୀଳ ଘଟଣାର ପର୍ଦ୍ଦାଫାସ ସହିତ ଅଭିଯୁକ୍ତକୁ ଉଚିତ ଦଣ୍ଡ ବିଧାନ କରିବାକୁ ସାଧାରଣରେ ଦାବି କରାଯାଇଛି।

## ବାଲିକୁଦା ଯାଦବ ମହାସଭାର ପ୍ରତିଷ୍ଠା ଦିବସ



ବାଲିକୁଦା,୨୯।୫(ସମିସ): ବାଲିକୁଦା ବ୍ଲକ ଯାଦବ ମହାସଭା, ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭା ଓ ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ଲଉଡ଼ି ନୃତ୍ୟ ପରିଷଦର ମିଳିତ ସହଯୋଗରେ ବାଲିକୁଦା ବ୍ଲକ ଯାଦବ ମହାସଭାର ଚତୁର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୨୦୨୨ ମସିହା ମେ' ୨୯ ତାରିଖରବାଲିକୁଦା ବ୍ଲକ ଯାଦବ ମହାସଭା ପ୍ରତିଷ୍ଠା କରାଯାଇଥିଲା। ଯୁବ ଯାଦବର କର୍ମକର୍ତ୍ତାମାନେ ଝଙ୍କଡ଼ ମା' ଶାରଳାଙ୍କ ପୀଠରେ ପୂର୍ବାହ୍ନରେ ପୂଜାର୍ଚ୍ଚନା କରିବା ପରେ ଅପରାହ୍ନରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଲିକୁଦା ବ୍ଲକ ୩ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ତଥା ଅଖିଳ ଭାରତ ବର୍ଷୀୟ ଯାଦବ ମହାସଭାର ସାଧାରଣ ସମ୍ପାଦିକା ରୁନିଲତା ବେହେରା, ଉତ୍କଳ ଯାଦବ ମହାସଭାର ଯୁଗ୍ମ-ସମ୍ପାଦକ ତଥା ବାଲିକୁଦା ବ୍ଲକ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ବାଲିକୁଦା ବ୍ଲକ ଯୁବ ଯାଦବ ମହାସଭାର ସଭାପତି ହେମନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ସୌମେନ୍ଦ୍ର କୁମାର ଦାସ, ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ଲଉଡ଼ି ନୃତ୍ୟ ପରିଷଦର ସଭାପତି ବିଶ୍ୱନାଥ ପରିଡ଼ା, ଗୋପାଳ ଦାସ, ନିରଞ୍ଜନ ଦାସ ପ୍ରମୁଖ ଯୋଗଦେଇଥିଲେ। ଯାଦବ ପରିବାରର, ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ "ଯାଦବ କଲ୍ୟାଣ ସହାୟତା ପାଣ୍ଠି' ଗଠନ କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଯାଦବ ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟେକ ବର୍ଷ "ଯାଦବ ମହାସଭା ମେଧା ସମ୍ମାନ' ପ୍ରଦାନ କରିବା ପାଇଁ ଏହି ପ୍ରତିଷ୍ଠା ଦିବସରେ ନିଷ୍ପତ୍ତି ନିଆଯାଇଥିଲା।

## ଟ୍ରେଲର ପଛରେ ଧକ୍କାହେଲା ଟ୍ରକ, ଚାଳକ ମୃତ

କାମାକ୍ଷାନଗର,୨୯ ।୫(ସମିସ): ୫୩ ନମ୍ବର ଜାତୀୟ ରାଜପଥର କାମାକ୍ଷାନଗର ଥାନା ଜିରିଡ଼ାମାଳି ବାଇପାସ ନିକଟରେ ଗୁରୁବାର ରାତିରେ ଏକ ଟ୍ରେଲର ପଛରେ ଟ୍ରକ ଧକ୍କାହେବା ଫଳରେ ଟ୍ରକ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ଅନୁଗୋଳ ଜିଲ୍ଲା ଖମାର ଥାନା ରଜଡଙ୍ଗ ଗ୍ରାମର ପରମାନନ୍ଦ ଦଣ୍ଡପାଟ । ଟ୍ରେଲର ଯାଜପୁର ଅଞ୍ଚଳରୁ ତାଳଚେର ଆଡ଼କୁ ଯାଉଥିବା ବେଳେ କୋଇଲା ଖାଲି କରି ତାଳଚେର ଅଭିମୁଖେ ଯାଉଥିବା ଟ୍ରକ ଟ୍ରେଲର ପଛରେ ଧକ୍କା ହୋଇଥିଲା । ଫଳରେ ଟ୍ରକର ସାମ୍ନା ଭାଗ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଚାଳକ କ୍ୟାବିନରେ ଚାପିହୋଇ ରହିଯାଇଥିଲେ। କାମାକ୍ଷାନଗର ଅଗ୍ନିଶମବାହିନୀ ଓ ପୁଲିସ କ୍ୟାବିନ ଭାଙ୍ଗି ଡ୍ରାଇଭରଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି ।

## ଗଛରୁ ପଡ଼ି ଜଣେ ମୃତ

କାମାକ୍ଷାନଗର,୨୯ ।୫(ସମିସ): ଶୁକ୍ରବାର ମଧ୍ୟାହ୍ନରେ ଗଛରୁ ପଡ଼ି କାମାକ୍ଷାନଗର ଥାନା ବାଙ୍ଗୁରା ଗ୍ରାମର ପାଣ୍ଡବ ଦେହୁରୀ (୩୬)ଙ୍କ ମୃତ୍ୟୁ ହୋଇଛି । କିଛିଦିନ ତଳେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବାରୁ ସେ କାମାକ୍ଷାନଗର ଏନଏସି ୧ ନମ୍ବର ୱାର୍ଡ ଇନ୍ଦିପୁର ଗ୍ରାମରେ ରହୁଥିଲେ । ଆଜି ଆମ୍ବ ଗଛରେ ଚଢ଼ିଥିବା ବେଳେ ଗୋଡ଼ ଖସିଯିବାରୁ ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଏମଜିଏମ୍ କାରଖାନାରେ ଦୁର୍ଘଟଣା: ଜଣେ ଆହତ

ଢେଙ୍କାନାଳ/ଖଜୁରିଆକଟା,୨୯ ।୫(ସମିସ): ମୋଟଙ୍ଗା ଥାନା ନିମିଧା ଗ୍ରାମ ନିକଟ ଏମଜିଏମ ଲୌହ କାରଖାନାରେ ଦୁର୍ଘଟଣା ଘଟି ଜଣେ କର୍ମଚାରୀ ଆହତ ହୋଇଛନ୍ତି । କାରଖାନା ସମ୍ପ୍ରସାରଣ ପାଇଁ ସ୍ଥାପିତ ମୋବାଇଲ ସ୍କ୍ରିନ୍ ଭାଙ୍ଗି ପଡ଼ିବାରୁ ତଳେ ଛିଡ଼ା ହୋଇଥିବା ଇଞ୍ଜିନିୟର ଶତାବ୍ଦୀ ରାଜମୋହନ ଚାପି ହୋଇଯାଇଥିଲେ। ଏଥିରେ ତାଙ୍କ ଡାହାଣ ହାତ, ଅଣ୍ଟା, ବାମ ଗୋଡ଼ ଭାଙ୍ଗିଯାଇଛି। ସେଠାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀ ଓ କାରଖାନା କର୍ତ୍ତୃପକ୍ଷ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଓଡ଼ପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଘଟଣାସ୍ଥଳରେ କାରଖାନାର ପ୍ରୋସେସ ମୁଖ୍ୟ ଶୁଭେନ୍ଦୁ ପଣ୍ଡା ଉପସ୍ଥିତ ଥିଲେ । ଦୁର୍ଘଟଣାସ୍ଥଳରେ ଦୁଇଜଣଙ୍କ ଡ୍ୟୁଟି ନ ଥିଲା । ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନୂତନ ଭାବେ ନିର୍ମାଣ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟ ଅତି ନିମ୍ନମାନର କରାଯାଉଛି । ଫଳରେ ଶ୍ରମିକ ଓ କର୍ମଚାରୀମାନେ ଭୟ ଓ ଆଶଙ୍କା ଭିତରେ କାର୍ଯ୍ୟ କରୁଛନ୍ତି। କାରଖାନାର ବରିଷ୍ଠ ପଦାଧିକାର ଥାଉ ଥାଉ ଜଣେ କନିଷ୍ଠ ପଦାଧିକାରୀଙ୍କୁ କାରଖାନା ପରିଚାଳନା ଦାୟିତ୍ୱରେ ଅବସ୍ଥାପିତ କରାଯାଇଛି । ସବୁ ଜାଣି ଫ୍ୟାକ୍ଟ୍ରି ଓ ବଏଲର ବିଭାଗ ଏବଂ ଶ୍ରମ ବିଭାଗ ଚୁପ୍ ଥିବା ଅଭିଯୋଗ ହେଉଛି ।



### ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ତିନି ପରୀକ୍ଷାଫଳ ପ୍ରକାଶ

# ପାସ୍‌ହାର ୭୭.୮୩ ପ୍ରତିଶତ, ବିଷ୍ଣୁପ୍ରିୟା ଶ୍ରେଷ୍ଠ ଗ୍ରାଜୁଏଟ

ଢେଙ୍କାନାଳ,୨୯ ।୫(ସମିସ)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ତିନି ଏବଂ ପିଜି ପରୀକ୍ଷା ଫଳ ପ୍ରକାଶ ପାଇଛି । ଚଳିତ ବର୍ଷ ଡିଗ୍ରୀ ପରୀକ୍ଷାଫଳ ୭୭.୮୩ ପ୍ରତିଶତ ହୋଇଛି । ମହାବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖି ବିଷ୍ଣୁପ୍ରିୟା ରଥ ଶ୍ରେଷ୍ଠ ଗ୍ରାଜୁଏଟ ବିବେଚିତ ହୋଇଛନ୍ତି । ଚଳିତ ବର୍ଷ ପୁଅଙ୍କ ତୁଳନାରେ ଝିଅମାନେ ଭଲ କରିଛନ୍ତି । ଚଳିତ ବର୍ଷ ମୋଟ ୫୩୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍କସନରେ ୨୨୯, ପ୍ରଥମ ଶ୍ରେଣୀରେ ୧୧୦, ଦ୍ୱିତୀୟ ଶ୍ରେଣୀ ଡିଷ୍ଟିଙ୍କସନରେ ୪, ଦ୍ୱିତୀୟ ଶ୍ରେଣୀରେ ୭୫ ଜଣ ଅନର୍ସରେ ପାସ କରିଥିବା ବେଳେ ମୋଟ ୪୧୮ ଜଣ କୃତକାର୍ଯ୍ୟ ହୋଇଛନ୍ତି । ୧୧୫ଜଣ ଫେଲ ହୋଇଥିବା ବେଳେ ୪ ଜଣଙ୍କ ଫଳ ସ୍ଥଗିତ ରହିଛି ।

ଅର୍ଥନୀତିରେ ଶାଶ୍ୱତୀ ଶ୍ୱେତପଦ୍ମା ଟପ୍ପର ହୋଇଥିବା ବେଳେ ଶିକ୍ଷାବିଭାଗରେ ବର୍ଷାରାଣୀ ଦେହୁରୀ, ଇଂରାଜୀରେ ଅଭିପ୍ସା ଧଳ, ହିନ୍ଦୀରେ ଅନିତା ନାଏକ, ଇତିହାସରେ ଜୟପ୍ରକାଶ ସାହୁ, ଓଡ଼ିଆରେ ଓଜସ୍ୱିନୀ ରାଉତ, ଫିଲୋସୋଫିରେ



ଜସ୍ମିନ ସାହୁ, ସାଇକୋଲୋଜିରେ ଶ୍ରାବଣୀ ଖୁଣ୍ଟିଆ, ଫିଜିଓଲୋଜିରେ ସି ଅଭିପ୍ସା, ସଂସ୍କୃତରେ ଶର୍ମିଷ୍ଠା ସାହୁ, ସୋସିଓଲୋଜିରେ

**ଝିଅଙ୍କ ପାସହାର ଅଧିକ**

ସସ୍ମିତା ପଣ୍ଡା, ବଟନୀରେ ପ୍ରଭୁଦତ୍ତ ସାହୁ, କେମେଷ୍ଟ୍ରିରେ ହିମାଂଶୁ ଶେଖର ନାୟକ, କମ୍ପ୍ୟୁଟର ବିଜ୍ଞାନରେ ସୁଶ୍ରୀ ସଙ୍ଗିତା ସାହୁ, ଗଣିତରେ ମଧୁସ୍ମିତା ସାହୁ, ପିଜିକ୍ସରେ ଲକ୍ଷ୍ମୀପ୍ରିୟା ହୋତା, ଜୁଲୋଜିରେ ବିଷ୍ଣୁପ୍ରିୟା ରଥ ଓ କମର୍ସ ଆକାଉଣ୍ଟାନ୍ସିରେ ଆଲିସା ରଣା ଟପ୍ପର ହୋଇଛନ୍ତି । ପିଜିକ୍ସର ଲକ୍ଷ୍ମୀପ୍ରିୟା ହୋତା ସର୍ବାଧିକ ୧୬୮୪ ନମ୍ବର ରଖି କଲେଜ ଟପ୍ପର ହୋଇଛନ୍ତି । ପରୀକ୍ଷା ଫଳ ପ୍ରକାଶ ଅବସରରେ ଅଧକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ସହ ପରୀକ୍ଷା ନିୟନ୍ତ୍ରକ ଡ. ସଞ୍ଜିତ କୁମାର ମହାପାତ୍ର, ଏକାଡେମିକ ବର୍ସାର ଡ. ରଜନୀକାନ୍ତ ଖୁଣ୍ଟିଆ, ସହକାରୀ ପ୍ରଫେସର ଶକ୍ତିପ୍ରସାଦ କବି ଶତପଥୀ, ଏକାଡେମିକ ବର୍ସାର ଭୁପେଶ ଚନ୍ଦ୍ର ସାହୁ, ଡେପୁଟି କଣ୍ଟ୍ରୋଲର ଦିଲୀପ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

### ● ସ୍ୱୟଂଶାସିତ ମହାବିଦ୍ୟାଳୟ ପିଜି ପରୀକ୍ଷାଫଳ ପ୍ରକାଶ | ପାସ୍‌ହାର ୯୩.୧୦ ପ୍ରତିଶତ





ଢେଙ୍କାନାଳ,୨୯ ।୫(ସମିସ): ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ପରୀକ୍ଷା ଫଳ ଶୁକ୍ରବା ପ୍ରକାଶିତ ହୋଇଛି । ଚଳିତ ବର୍ଷ ମୋଟ ୨୧୩ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ୧୮୯ଜଣ ପାସ କରିଥିବା ବେଳେ ୧୪ ଜଣ ଫେଲ ହୋଇଛନ୍ତି । ପାସ ହାର ୯୩.୧୦ ପ୍ରତିଶତ ରହିଛି । ବଟନୀରେ ୩୨ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୩୦ଜଣ ପାସ କରିଛନ୍ତି । କେମେଷ୍ଟ୍ରିରେ ୧୬ଜଣଙ୍କ ମଧ୍ୟରୁ ୧୫, କମର୍ସରେ ୩୨ଜଣଙ୍କ ମଧ୍ୟରୁ ୩୦, ଅର୍ଥନୀତିରେ ୧୫ଜଣଙ୍କ ମଧ୍ୟରୁ ୧୦, ଇଂରାଜୀରେ ୧୬ଜଣଙ୍କ ମଧ୍ୟରୁ ୧୪, ଇତିହାସରେ ୩୧ଜଣଙ୍କ ମଧ୍ୟରୁ ୨୯, ଗଣିତରେ ୧୬ଜଣଙ୍କ ମଧ୍ୟରୁ ୧୬, କମ୍ପ୍ୟୁଟର ବିଜ୍ଞାନରେ ୫ଜଣଙ୍କ ମଧ୍ୟରୁ ୪, ଓଡ଼ିଆରେ ୧୬ଜଣଙ୍କ ମଧ୍ୟରୁ ୧୩, ଫିଲୋସୋଫିରେ ୭ଜଣଙ୍କ ମଧ୍ୟରୁ ୫, ଫିଜିକ୍ସରେ ୧୬ଜଣଙ୍କ ମଧ୍ୟରୁ ୧୪ ଓ ସାଇକୋଲୋଜିରେ ୧୧ଜଣଙ୍କ ମଧ୍ୟରୁ ୯ ଜଣ ପାସ କରିଛନ୍ତି । ବଟନୀରେ ସୁଧୀର କୁମାର ସେଠୀ, କେମେଷ୍ଟ୍ରିରେ ବିଷ୍ଣୁପ୍ରିୟା ସାହୁ, କମର୍ସରେ କିରଣବାଳା ମହାନ୍ତି, ଅର୍ଥନୀତିରେ ଋତୁପର୍ଣ୍ଣା ସାହୁ, ଇଂରାଜୀରେ ଆକାଂକ୍ଷା ରଥ, ଇତିହାସରେ ଶ୍ରୀୟଙ୍କା ସାମଲ, ଗଣିତରେ ଅମନ କୁମାର ବେହେରା, ଓଡ଼ିଆରେ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, କମ୍ପ୍ୟୁଟର ବିଜ୍ଞାନରେ ଅନନ୍ୟା ମହାପାତ୍ର, ଫିଲୋସୋଫିରେ ପୂଜାରିଣୀ ସାହୁ, ପିଜିକ୍ସରେ ଅମ୍ରିତା ନାୟକ, ସାଇକୋଲୋଜିରେ ସୁହାନୀ ବେହେରା ଟପ୍ପର ହୋଇଛନ୍ତି । ସେହିପରି ଏମବିଏରେ ୩୭ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୩୩ଜଣ ପାସ କରିଛନ୍ତି । ପାସ ହାର ୯୭.୦୫ ପ୍ରତିଶତ ରହିଛି । ଏମବିଏରେ ନତାଶା ସ୍ୱାଇଁ ଏବଂ କମ୍ପ୍ୟୁଟର ସାଇନ୍ସରେ ଜୟକୃଷ୍ଣ ବହେରା ଟପ୍ପର ହୋଇଛନ୍ତି । ଏମସିଏରେ ୧୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ଶତ ପ୍ରତିଶତ ପରୀକ୍ଷା ଫଳ ହୋଇଛି ।

## ଋତୁସ୍ରାବ ସ୍ୱଚ୍ଛତା ସଚେତନତା ଓ ସାନିଟାରୀ ନାପ୍‌କିନ୍ ବଣ୍ଟନ

ଢେଙ୍କାନାଳ,୨୯ ।୫(ସମିସ): ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବଜରଙ୍ଗ କ୍ଲବ୍ ତରଫରୁ ଲତାଦେଇପୁର ଶବରସାହିରେ ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳିତ ହୋଇଛି। ଋତୁସ୍ରାବ ସମୟରେ ମହିଳାମାନେ କିଭଳି ସ୍ୱଚ୍ଛତା ଅବଲମ୍ବନ କଲେ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତି ପାଇପାରିବେ ସେ ସଂକ୍ରାନ୍ତରେ କ୍ଲବ୍ ସଦସ୍ୟାମାନେ ସଚେତନ କରିବା ସହ ସାନିଟାରୀ ନାପ୍‌କିନ୍ ବ୍ୟବହାରର ଉପାଦେୟତା ସମ୍ପର୍କରେ ଅବଗତ କରିଥିଲେ। ଗ୍ରାମର ପ୍ରତ୍ୟେକ ମହିଳାଙ୍କୁ ସାନିଟାରୀ ନାପ୍‌କିନ୍ ବଣ୍ଟନ କରିଥିଲେ।



କ୍ଲବ୍ ସଦସ୍ୟା ନେହା ଶ୍ରେୟା ଶିବାନୀ, ଶୁଭଶ୍ରୀ ଦାସ, ସମୀକ୍ଷା ଦାଶ, ମମତା ମହାପାତ୍ର, ମାତୃଶକ୍ତି ରଣା, ସସ୍ମିତା ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କ୍ଲବ୍ ତରଫରୁ ପୂର୍ବରୁ ଏଭଳି କାର୍ଯ୍ୟକ୍ରମ ସଦର ବ୍ଲକ୍ ସପ୍ତଶଯ୍ୟା ପଞ୍ଚାୟତ ନୂଆଗାଁ ଓ ଗଁଦିଆ ବ୍ଲକ୍ ଚଟିଘରଠାରେ ଅନୁଷ୍ଠିତ ହୋଇଥିଲା।

## ଶିବ ବିବାହ ପାଇଁ ଲଗ୍ନଧରା ନୀତି ସମ୍ପନ୍ନ

ଢେଙ୍କାନାଳ,୨୯ ।୫(ସମିସ): ସ୍ଥାନୀୟ ଖମାରସାହିସ୍ଥିତ ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ଆସନ୍ତା ଜୁନ ୧୮ ତାରିଖ ହେବାକୁ ଥିବା ଶିବ ବିବାହ ଓ ଶୀତଳଷଷ୍ଠୀ ଯାତ୍ରା ପାଇଁ ଶୁକ୍ରବାର ଲଗ୍ନଧରା ନୀତି ସମ୍ପନ୍ନ ହୋଇଛି । ବରପିତା ଭାବେ ପ୍ରଭାତ କୁମାର ସାହୁ ଓ କନ୍ୟାପିତା ଭାବେ ହରପ୍ରସାଦ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂଜକ ସର୍ବେଶ୍ୱର ପତିଙ୍କ ପୌରୋହିତ୍ୟରେ ଲଗ୍ନଧରା ନୀତି ହୋଇଥିଲା। ପ୍ରଥମେ ନୀଳକଣ୍ଠେଶ୍ୱରଙ୍କ ପାଖରେ ସଂକଳ୍ପ, ପଞ୍ଚାମୃତ ସ୍ନାନ, ନୂତନ ବସ୍ତ୍ର ଓ ଫୁଲ ଅର୍ପଣ କରାଯାଇଥିଲା। ପରେ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ବରପିତା ପ୍ରଭାତ କୁମାର ସାହୁ ଓ କନ୍ୟାପିତା ହର ପ୍ରସାଦ ଦାସ ପରସ୍ପରକୁ ଗୁଆ, ନଡ଼ିଆ, ବସ୍ତ୍ର ଦେଇ ସମ୍ପର୍କ ସ୍ଥାପନ କରିଥିଲେ। ପାଞ୍ଜି ଦେଖି ଆସନ୍ତା ୧୮ ତାରିଖ ରାତି ୧୦ଟା ୨୭ରେ ବିବାହ ପାଇଁ ଶୁଭଲଗ୍ନ ସ୍ଥିର କରାଯାଇଛି।



ମନ୍ଦିର ପରିଚାଳନା କମିଟି ସଭାପତି କହିଛନ୍ତି, ପ୍ରତିବର୍ଷ ପରି ଚଳିତ ବର୍ଷ ଶିବ ବିବାହ ଓ ଶୀତଳ ଷଷ୍ଠୀ ମହାସମାରୋହରେ ପାଳନ ହେବ। ୧୮ ତାରିଖ ସକାଳୁ ମଙ୍ଗଳାର୍ପଣ, ଜଳଯାତ୍ରା, ସନ୍ଧ୍ୟାରେ ବରଯାତ୍ରୀ ଶୋଭାଯାତ୍ରା ଓ ରାତିରେ ବିବାହ ନୀତି ଅନୁଷ୍ଠିତ ହେବ। ୧୯ ତାରିଖ ଶୀତଳ ଷଷ୍ଠୀ ଯାତ୍ରା ଓ ଭଣ୍ଡାର ଅନୁଷ୍ଠିତ ହେବ। ଶାନ୍ତିଶୃଙ୍ଖଳା ପାଇଁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ ବୋଲି ସେ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ଅନ୍ନପୂର୍ଣ୍ଣା ଚାରିଟେବୁଲ ଟ୍ରଷ୍ଟ ସଭାପତି ସୁକାନ୍ତ ମିଶ୍ର, କାର୍ଯ୍ୟକାରୀ ସଭାପତି ବସନ୍ତ ରଥ, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଯୁଗ୍ମ କୋଷାଧ୍ୟକ୍ଷ ନଳରାମ ବାରିକ, ଟ୍ରଷ୍ଟ ସଦସ୍ୟ ପ୍ରମୋଦ ଲେଙ୍କା, ପୂଜକ ପୀତବାସ ପତ୍ରୀଙ୍କ ସମେତ ସର୍ବେଶ୍ୱର ପ୍ରଧାନ, ଅବଲ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ● ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ

## ୭ ମହିଳାଙ୍କ ଅଭିଯୋଗ ଶୁଣାଣି

ଢେଙ୍କାନାଳ,୨୯ ।୫(ସମିସ): ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଛି । ଯୌତୁକ ନିର୍ଯାତନା, ବୈବାହିକ ଜୀବନରେ କଳହ, ଶାରୀରିକ ନିର୍ଯାତନା, ସମ୍ପତ୍ତି ହେରଫେର, ଘରୋଇ ହିଂସା, ଯୌନ ନିର୍ଯାତନା, ନାବାଳିକା ଅତ୍ୟାଚାର ତଥା ମହିଳାମାନେ କୌଣସି ପ୍ରକାର ଅନ୍ୟାୟ ଅତ୍ୟାଚାରରେ ପୀଡ଼ିତ ହୋଇ ନିଜ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେଲେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲାପାଳ କିମ୍ବା ଏସ୍‌ପିଙ୍କୁ ଅବଗତ କରାଇବା, ଆବଶ୍ୟକ ସ୍ଥଳେ ମହିଳା କମିଶନଙ୍କ ଦ୍ୱାରସ୍ଥ ହେବାକୁ କମିଶନ ଅଧକ୍ଷା ଶୋଭନା ମହାନ୍ତି ପରାମର୍ଶ ଦେଇଛନ୍ତି । ଶିବିରରେ କମିଶନ ଅଧକ୍ଷା ମହାନ୍ତି ଏବଂ ସଦସ୍ୟା ପ୍ରତିଭା ଶତପଥୀ ଘରୋଇ ହିଂସାର ଶିକାର ୭ ମହିଳାଙ୍କ ଅଭିଯୋଗ ଶୁଣାଣି କରିଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ । ଅତିରିକ୍ତ ଏସ୍‌ପି ଇନ୍ଦୁରେଖା ପଶ୍ଚିମକବାଟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା କୁମାରୀ ପାତ୍ର, ସୁରକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ ପଙ୍କଜିନୀ କର ଏବଂ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।





### ■ ସରକାରୀ ନିର୍ଦ୍ଦେଶନାମାର ଉଲ୍ଲଂଘନ

## ପ୍ରଚଣ୍ଡ ଖରାରେ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜନ

ଗଁଦିଆ,୨୯ ।୫(ସମିସ): ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଜାରି ରହିଥିବା ବେଳେ ଢେଙ୍କାନାଳ ଜିଲ୍ଲା ଗଁଦିଆ ଅଞ୍ଚଳରେ



ତାତି ସୀମା ପାର୍ କରିଛି। ଏଠାରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଉଥିବା ବେଳେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଝାଞ୍ଜି ପବନରେ ଲୋକଙ୍କ ଦେହ ପୋଡ଼ିଗଲା ଭଳି ଅନୁଭୂତ ହେଉଛି । ସକାଳ ୯ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଘରୁ ବାହାରିବା ଅସମ୍ଭବ ହୋଇପଡ଼ିଛି । ମଧ୍ୟାହ୍ନରେ ସମସ୍ତ ଦୋକାନ ବଜାର ଓ ରାସ୍ତାଘାଟ ଶୂନଶାନ ହୋଇପଡୁଛି । ଏଭଳି ସାଙ୍ଘାତିକ ପରିସ୍ଥିତିରେ ସରକାରୀ କଟକଣା ଓ ଶ୍ରମ ନିୟମକୁ କିଛି ଅମାନିଆ ଠିକାଦାର ଖୋଲାଖୋଲି ଉଲ୍ଲଂଘନ କରୁଛନ୍ତି । ଗଁଦିଆ ନିକଟରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ କାମରେ ଶ୍ରମିକଙ୍କୁ ପ୍ରଚଣ୍ଡ ଖରାବେଳେ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ଦେଖିବାକୁ ମିଳୁଛି । ମଧ୍ୟାହ୍ନର ନିଆଁ ବର୍ଷା ସମୟରେ ମଧ୍ୟ ଗରିବ ଶ୍ରମିକ ଖୋଲା ଆକାଶ ତଳେ କାମ କରିବାକୁ ବାଧ୍ୟ ହେଉଛନ୍ତି। ଯାହା ସରକାରଙ୍କ ଶ୍ରମ ନିର୍ଦ୍ଦେଶାବଳୀର ସ୍ପଷ୍ଟ ଉଲ୍ଲଂଘନ । ଏଭଳି ପ୍ରତିକୂଳ ପରିସ୍ଥିତିରେ କାମ କରୁଥିବାରୁ ଯେକୌଣସି ସମୟରେ ଶ୍ରମିକ ଅଂଶୁଘାତର ଶିକାର ହେବାର ଆଶଙ୍କା ରହିଛି। ଠିକାଦାରଙ୍କ ଏଭଳି ବେପରୁଆ କାର୍ଯ୍ୟ ଯୋଗୁଁ ଶ୍ରମିକଙ୍କ ଜୀବନ ବିପଦକୁ ଠେଲି ହୋଇଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଜନସାଧାରଣଙ୍କ ମଧ୍ୟରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ସମ୍ବେଦନଶୀଳ ଘଟଣା ପ୍ରତି ଜିଲ୍ଲା ଶ୍ରମ ଅଧିକାରୀ ତୁରନ୍ତ ଦୃଷ୍ଟି ଦେଇ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପ୍ରଚଣ୍ଡ ଖରାରେ ଚାଲିଥିବା ଏହି ଶ୍ରମିକ ନିର୍ଯାତନାକୁ ତୁରନ୍ତ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଗଁଦିଆ,୨୯ ।୫(ସମିସ): ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁରସ୍ଥିତ ରାମଚନ୍ଦ୍ରପୁର ସରକାରୀ ପ୍ରାଥମିକ



ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନତି ସାମନ୍ତରାୟଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ହୃଷୀକେଶ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଗଁଦିଆ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ସ୍ୱାଇଁ, ବିଦ୍ୟାଧର ପରିଡ଼ା, ଶତ୍ରୁଘ୍ନ ମିଶ୍ର, ସିଆରସିସି ବିନୋଦ ଦେହୁରୀ, ବିମଳ କୁମାର ମିଶ୍ର, ଛବୀନ୍ଦ୍ର ରାଉତ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମିଳା ସ୍ୱାଇଁ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ ଆଦର୍ଶ ତଥା ଗୁଣଗାନ କରିଥିଲେ। ପରେ ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଭାସ ମିଶ୍ର, ନିତ୍ୟାନନ୍ଦ ପାତ୍ର, ମାନସୀ ବରାଳ, ସାବିତ୍ରୀ ସ୍ୱାଇଁ, ପଦ୍ମିନୀ ବ୍ରହ୍ମ, ନିରଞ୍ଜନ ଖଟୁଆ, ପ୍ରତିମା ଖଟୁଆ, ପୁରାତନ ଛାତ୍ର ଦୋଳଗୋବିନ୍ଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ● ଝାନ୍ସିରେ ବାରମ୍ବାର ବିକ୍ରି ଓ ଯୌନ ନିର୍ଯାତନା ଘଟଣା

## ଖବର ପ୍ରକାଶ ପରେ ଘରେ ପହଞ୍ଚିଲେ ମହିଳା କମିଶନ ଅଧକ୍ଷା

କାମାକ୍ଷାନଗର,୨୯ ।୫(ସମିସ): କାମାକ୍ଷାନଗର ଥାନା ଅଞ୍ଚଳର ଜଣେ ନାବାଳିକା ଉତ୍ତରପ୍ରଦେଶର ଝାନ୍ସିଠାରେ ବାରମ୍ବାର ବିକ୍ରି ହେବା ଓ ଯୌନ ନିର୍ଯାତନାର ଶିକାର ହେବା ନେଇ ଖବର ପ୍ରକାଶ ପରେ ଶୁକ୍ରବାର ନାବାଳିକାଙ୍କ ଘରେ ପହଞ୍ଚି ଅନୁଧ୍ୟାନ କରିଛନ୍ତି ରାଜ୍ୟ ମହିଳା କମିଶନ ଅଧକ୍ଷା ଶୋଭନା ମହାନ୍ତି। ନାବାଳିକାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯିବା ସହ ଏହି ଘଟଣାରେ ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ନାବାଳିକା ଜଣକ ଜଣେ ସମ୍ପର୍କୀୟଙ୍କ ସହ କାମ ଅନ୍ୱେଷଣରେ ଭୁବନେଶ୍ୱର ଯାଇଥିବା ବେଳେ ତାଙ୍କୁ ଉତ୍ତରପ୍ରଦେଶର ଜଣେ ବ୍ୟକ୍ତିଙ୍କୁ ଏକଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିଲା। ସେହି ବ୍ୟକ୍ତି ଜଣକ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହିତ ଗର୍ଭନଷ୍ଟ କରାଇ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କାରେ ବିକ୍ରି କରିଥିଲେ। ସେଠାରେ ମଧ୍ୟ ବାରମ୍ବାର ଯୌନ ନିର୍ଯାତନାର ଶିକାର ହୋଇଥିବା ବେଳେ ନାବାଳିକା ଜଣଙ୍କ ସେଠାରୁ କୌଶଳକ୍ରମେ ଖସିଆସି କାମାକ୍ଷାନଗର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଖବର ପ୍ରସାରଣ ପରେ ଶୁକ୍ରବାର ମହିଳା କମିଶନ ଅଧକ୍ଷା, କାମାକ୍ଷାନଗର ଉପଜିଲ୍ଲାପାଳ ବିକାଶ କୁମାର ମହାନ୍ତି, ଢେଙ୍କାନାଳ ଅତିରିକ୍ତ ଏସପି ଇନ୍ଦୁରେଖା ପଶ୍ଚିମକବାଟ, କାମାକ୍ଷାନଗର ଏସଡିପିଓ ଚିତ୍ତରଞ୍ଜନ ବେହେରା, ଥାନା ଅଧିକାରୀ ଜିତେନ୍ଦ୍ର ମଲ୍ଲିକ ନାବାଳିକାଙ୍କ ଘରେ ପହଞ୍ଚିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସର ଏକ ତିନିଜଣିଆ ଟିମ ଉତ୍ତରପ୍ରଦେଶ ଯାଇଥିବା ବେଳେ ନାବାଳିକାଙ୍କୁ କଙ୍କଡାହାଡ଼ ଥାନା ଅଞ୍ଚଳର ଯେଉଁ ସମ୍ପର୍କୀୟ ଭୁବନେଶ୍ୱର ନେଇ ବିକ୍ରି କରିଥିଲେ ତାଙ୍କୁ ତୁରନ୍ତ ଗିରଫ କରିବା ପାଇଁ ମହିଳା କମିଶନ ଅଧକ୍ଷା ନିର୍ଦ୍ଦେଶ ଦେଇଛନ୍ତି।





# ହିନ୍ଦୋଳ ବ୍ଲକ୍‌ରେ ଆଣ୍ଠେଇଛି ବସୁଧା ଯୋଜନା

ହିନ୍ଦୋଳ,୨୯ ।୫(ସମିସ)

ହିନ୍ଦୋଳ ଉପଖଣ୍ଡରେ ବସୁଧା ଯୋଜନା ଆଣ୍ଠେଇଛି। ପାନୀୟ ଜଳ ସଂକଟ ଯୋଗୁଁ ଶତାଧିକ ମହିଳା ସାତମାଇଲ ଛକ ନିକଟରେ ରାସ୍ତାରୋକ କରିଥିବାର ଜଣାପଡ଼ିଛି। ବସୁଧା ଯୋଜନା ମାଧ୍ୟମରେ ଲୋକଙ୍କୁ ବିଶୁଦ୍ଧ ଜଳ ଯୋଗାଇ ଦେବାକୁ ୫ ବର୍ଷ ହେବ ୫୦୦ କୋଟି ଟଙ୍କାର ମେଗା ପାନୀୟ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଏପର୍ଯ୍ୟନ୍ତ ଉପଖଣ୍ଡର ୭୦ ଭାଗ ଗ୍ରାମରେ ମେଗା ପାନୀୟ ପ୍ରକଳ୍ପ ଦ୍ୱାରା ଜଳ ଯୋଗାଇ ଦିଆଗଲାଣି ବୋଲି ବିଭାଗ କହୁଥିବା ବେଳେ ପ୍ରକୃତରେ କୌଣସି ଗ୍ରାମରେ ପ୍ରକଳ୍ପ ଦ୍ୱାରା ସଠିକ ଭାବେ ଜଳ ଯୋଗାଇ ଦିଆଯାଇ ନାହିଁ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ପାଣି ଟୋପେ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିବାଦରେ ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ରାସୋଳ ଥାନା ବଡ଼ବହାଲ ଗ୍ରାମର ଶତାଧିକ ମହିଳା ଗୁରୁବାର ସକାଳେ ଗରା ବାଲ୍ଟି ଧରି ସାତମାଇଲ ଛକର ହରତାଳ କରିବା ସହ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା।



**■ ବାରମ୍ବାର ଅଭିଯୋଗ ପରେ ବି ଶୁଣିଲାନି ପ୍ରଶାସନ**
**■ ସାତମାଇଲ ଛକରେ ଶତାଧିକ ମହିଳାଙ୍କ ରାସ୍ତାରୋକ**
**■ ଅଟକି ରହିଲା ଶହ ଶହ ଗାଡ଼ି**

ଦୀର୍ଘ ୨ ଘଣ୍ଟା ପର୍ଯ୍ୟନ୍ତ କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିଲା।

ବଡ଼ବହାଲ ଗ୍ରାମର ମହିଳାମାନଙ୍କ କହିବା କଥା, ଗ୍ରାମରେ ଏବେ ଆମେ ପାଣି ଟୋପେ ପାଇଁ ନାହିଁ ନ ଥିବା ହୀନସ୍ଥା ହେଉଛୁ। ଗ୍ରାମରେ ୨ଟି ନଳକୂପ ଥିଲେ ମଧ୍ୟ ଏବେ ତାହା ଅଚଳ ହୋଇପଡ଼ିଛି। ପୋଖରୀ ସବୁ ଶୁଖିଯାଇଛି। ସରକାର ବସୁଧା ଯୋଜନାରେ ସମସ୍ତ ପରିବାରକୁ ପାଣି ଯୋଗାଇଦେବେ ବୋଲି ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିବା ବେଳେ ନିର୍ବାଚନ ପରେ ସେ ସବୁ ଭୁଲିଯାଇ ଆମକୁ ପ୍ରତାରଣା କରିଛନ୍ତି ବୋଲି ଆନ୍ଦୋଳନରତ ମହିଳାମାନେ କହିଥିଲେ। ପାଣି ପାଇଁ ଗ୍ରାମବାସୀ ପଞ୍ଚାୟତଠାରୁ ବ୍ଲକ ଓ ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ଅଭିଯୋଗ କରି ନିରାଶ ହେବା ପରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିଛନ୍ତି। ଗ୍ରାମର ୨ ଶହରୁ ଊର୍ଦ୍ଧ୍ୱ ମହିଳା ରାସ୍ତାରୋକ କରିଥିଲେ। ଦୀର୍ଘ ୨ ଘଣ୍ଟା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କୁ ବୁଝାସୁଝା କରିବା ସହ ଖୁବଶୀଘ୍ର ଉଚ୍ଚ ଅଧିକାରୀଙ୍କ ସହିତ ଆଲୋଚନା କରି ପାଣି ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୭୦ ● ପାଉଣ୍ଡ ୧୨୮.୩୯
- ୟୁରୋ ୧୧୧.୨୫ ● ୟେନ୍ ୦.୬୦

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୪,୫୦୦ (ଭୁବନେଶ୍ୱର)
- ରୁପା : ୨,୯୦,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୭୭୫.୦୦
- ନିଫ୍ଟି ୨୩,୫୪୭.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦







### ମୌସୁମୀ ବିଳମ୍ବ ଆକଳନରେ ସେୟାର ବଜାରରେ ଝଡ଼

# ୩୦ ମିନିଟ୍‌ରେ ୫ ଲକ୍ଷ କୋଟି ସ୍ୱାହା

**ସେନ୍‌ସେକ୍ସ ୧୦୯୨ ପଏଣ୍ଟ ଖସିଲା**

**ଆଶା ଓ ଆଶଙ୍କାରେ ନିବେଶକ**

**ଆମେରିକା –ଇରାନ୍ ଚୁକ୍ତିରେ ଅନିଶ୍ଚିତତା**

ମୁମ୍ବଇ, ୨୯।୫ (ଏଜେନ୍ସି): ସପ୍ତାହର ଶେଷ କାରବାର ଦିବସରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସେନସେକ୍ସରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। କ୍ରମାଗତ ଭାବେ ଭାରତୀୟ ପୁଞ୍ଜି ବଜାର ତୃତୀୟ ଦିନ ପାଇଁ ହ୍ରାସ ପାଇଛି। ଶୁକ୍ରବାର ବାଣିଜ୍ୟ ଅଧିବେଶନର ଶେଷ ମୁହୂର୍ତ୍ତରେ ବିଦେଶୀ ନିବେଶକଙ୍କ ଦ୍ୱାରା ସେୟାରର ହଠାତ୍ ପ୍ରବଳ ବିକ୍ରିବଟା ଯୋଗୁଁ ଆଜି ଷ୍ଟକ୍ ବଜାରରେ ଏଭଳି ଅସ୍ଥିରତା ଦେଖାଦେଇଛି।ଫଳରେ ବଜାର କାରବାର ଏକ ନାଟକୀୟ ୟୁ-ଟର୍ଣ୍ଣ ନେଇଥିଲା। ଦୁଇଟି ବଡ଼ କାରଣ ଯୋଗୁ ଆଜି ଘରୋଇ ସେୟାର ବଜାରରେ ବଡ଼ ହ୍ରାସ ଘଟିଛି। ପ୍ରଥମଟି ଆମେରିକା ଏବଂ ଇରାନ ମଧ୍ୟରେ ସମ୍ଭାବ୍ୟ ଚୁକ୍ତିକୁ ନେଇ ଅନିଶ୍ଚିତତା ଯୋଗୁଁ ନିବେଶକମାନେ ଆଶଙ୍କାରେ ଥିବାବେଳେ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଦୁର୍ବଳ ମୌସୁମୀର ସମ୍ଭାବନା ବୃଦ୍ଧି ସମ୍ପର୍କରେ ସୂଚନା ଦେବା ହଠାତ୍ ସେୟାର ବଜାର ଭୁଶୁଡ଼ି ପଡ଼ିଲା । ଏହା ନିବେଶକଙ୍କ ଚିନ୍ତା ବଢ଼ାଇବା ସହ ବଜାରରେ ବିକ୍ରି ଚାପ ବଢ଼ାଇଦେଇଥିଲା। ଏଥିଯୋଗୁ ମାତ୍ର ୩୦ ମିନିଟ୍ ମଧ୍ୟରେ ନିବେଶକଙ୍କ ୫ ଲକ୍ଷ କୋଟି ଟଙ୍କା ଉଡିଯାଇଛି। ଫଳରେ ଦିନସାରା ସ୍ଥିର ଭାବରେ କାରବାର କରୁଥିବା ବଜାର ଶେଷ ବେଳକୁ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା।

ଶୁକ୍ରବାର କାରବାର ଶେଷ ବେଳକୁ ସେନସେକ୍ସରେ ୧୦୯୨ ପଏଣ୍ଟ (୧.୪୪%) ହ୍ରାସ ଘଟି ୭୪,୭୭୫.୭୪ ପଏଣ୍ଟରେ କାରବାର ଶେଷ ହୋଇଥିବାବେଳେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍‌ଟିରେ ୩୫୯.୪୦ ପଏଣ୍ଟ ହ୍ରାସ ଘଟି ୨୩,୫୪୭.୭୫ ପଏଣ୍ଟରେ ବନ୍ଦ ହୋଇଛି। ଆଇଏମ୍‌ଡି ଅନୁଯାୟୀ, ଜୁନ୍ ଏବଂ ଜୁଲାଇ ମାସ ପର୍ଯ୍ୟନ୍ତ ଗ୍ରୀଷ୍ମ ପ୍ରବାହ ଜାରି ରହିପାରେ। ଏଥର ତାପମାତ୍ରା ସ୍ୱାଭାବିକ ଅପେକ୍ଷା ୩ ଡିଗ୍ରୀ ଅଧିକ ରହିବାର ସମ୍ଭାବନା ରହିଛି। ଏହାବ୍ୟତୀତ, ବିଭାଗ ସୂଚିତ କରିଛି ଯେ ଚଳିତ ବର୍ଷ ଦେଶରେ ହାରାହାରି ୭୮ ସେଣ୍ଟିମିଟର ବର୍ଷା ହେବ। ଏହା ପ୍ରାୟ ସ୍ୱାଭାବିକ ସ୍ତରଠାରୁ କମ୍। ଏଭଳି ଏକ ଦୁର୍ବଳ ମୌସୁମୀ ଦୃଶ୍ୟପଟ ପୁଞ୍ଜିବଜାରରେ ନିବେଶକଙ୍କ ଭାବନାକୁ ଦୁର୍ବଳ କରିଛି। କମ୍ ବର୍ଷା ମୁଦ୍ରାସ୍ଫୀତି ବଢ଼ାଇବ ଆଶଙ୍କା ବଢ଼ାଇଛି, ଯାହା ରିଜର୍ଭ ବ୍ୟାଙ୍କର ସୁଧ ହାର ନିଷ୍ପତ୍ତି ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ଏହି ସାମୂହିକ ଆଶଙ୍କା ବଜାର ମନୋଭାବକୁ ଖରାପ କରିଦେଇଛି, ଯାହା ଫଳରେ ବଜାର ଉପରେ ପ୍ରବଳ ବିକ୍ରି ଚାପ ପଡ଼ିଥିଲା। ଏହି ହ୍ରାସ ଯୋଗୁ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜିରେ ୫ ଲକ୍ଷ କୋଟି ଟଙ୍କା ହ୍ରାସ ଘଟି ୪୬୬ ଲକ୍ଷ କୋଟି ଟଙ୍କାକୁ ଖସିଆସିଛି। ଏହାର ପ୍ରଭାବରେ ସେନସେକ୍ସର ୩୦ ଷ୍ଟକ୍ ମଧ୍ୟରୁ ୨୬ଟିରେ ହ୍ରାସ ଦେଖିବାକୁ ମିଳିଛି। ପାୱାର ଗ୍ରୀଡ୍ କର୍ପୋରେସନ୍‌ର ସେୟାର ମୂଲ୍ୟ ସର୍ବାଧିକ ୪ % ହ୍ର । ସ ପାଇବା ସହ ଇଣ୍ଡିଗୋ, ବଜାଜ ଫାଇନାନ୍ସ, ଅଲଟ୍ରାଟେକ୍ ସିମେଣ୍ଟ, ଟାଟା ଷ୍ଟିଲ୍, ସନ୍ ଫାର୍ମା, ଏନ୍‌ଟିପିସି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଇଟର୍ନାଲ୍, ଏବଂ ହିନ୍ଦୁସ୍ତାନ ୟୁନିଲିଭର ଭଳି ଷ୍ଟକ୍ ମୂଲ୍ୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଘଟିଛି। ଅପରପକ୍ଷେ ଟେକ୍ ମହିନ୍ଦ୍ରା, ଏଚ୍‌ସିଏଲ୍ ଟେକ୍, ଲାର୍ସନ୍ ଆଣ୍ଡ ଟୁବ୍ରୋ ଏବଂ ଏସିଆନ୍ ପେଣ୍ଟ୍ସ ସର ସେୟାର ମୂଲ୍ୟରେ ବୃଦ୍ଧି ପରିଲକ୍ଷିତ ହୋଇଛି।

## ବୃହତ ଶିଳ୍ପ ସହ ଏମ୍‌ଏସ୍‌ଏମ୍‌ଇର ବିକାଶ ଜରୁରୀ




**ଏମଏସଏମଇ କନେକ୍ଟ ସିରିଜ ୨୦୨୬**

ଭୁବନେଶ୍ୱର,୨୯।୫(ସମିସ): ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡିଶା ପକ୍ଷରୁ ସିଆଇଆଇ ଏମଏସଏମଇ କନେକ୍ଟ ସିରିଜ ୨୦୨୬: ଏକ୍ସପାଣ୍ଡିଙ୍ଗ ବିଜନେସ୍ ହରାଇଜନ' ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଓଡିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୩୬ ଓ ୨୦୪୭ ସୁଦ୍ଧା ସମୃଦ୍ଧ ଓଡିଶା ଓ ବିକଶିତ ଭାରତର ଲକ୍ଷ୍ୟକୁ ହାସଲ କରିବା ପାଇଁ ବୃହତ ଶିଳ୍ପ ସହ ଏମ୍‌ଏସଏମଇଗୁଡିକୁ ମଧ୍ୟ ବିକଶିତ କରିବାର ଆବଶ୍ୟକତା ଥିବା କହିଛନ୍ତି। ଏହି ଅବସରରେ ଓଡିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ବିଭାଗର କମିଶନର ତଥା ସଚିବ ରଶ୍ମିତା ପଣ୍ଡା ଓଡିଶାର ଏମଏସଏମଇ ଇକୋସିଷ୍ଟମର ବର୍ଦ୍ଧିତ ଶକ୍ତି ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ସିଆଇଆଇ ଓଡିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଅନୀଲ କୁମାର ସିଂହ,ସିଆଇଆଇ ଓଡିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ମଣିକାନ୍ତ ନାୟକ, ସିଆଇଆଇ ଓଡିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ଡଃ ପ୍ରଦୀପ୍ତ ମହାନ୍ତି ଏବଂ ସିଆଇଆଇ ଓଡିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

## ଏଆଇ ଅଭିବୃଦ୍ଧିକୁ ୪ ଗୁଣ ପରିଚାଳନା କରୁଛି କ୍ରେଡ୍ କୋଡ୍‌ଲେନ୍ସ

ନୂଆଦିଲ୍ଲୀ,୨୯।୫: ଋଣ ପାଇଁ ଭାରତର ସବୁଠାରୁ ପ୍ରତିଷ୍ଠିତ ଫିନଟେକ ପ୍ଲାଟଫର୍ମ କ୍ରେଡ ପକ୍ଷରୁ କ୍ରେଡ କୋଡଲେନ୍ସର ନିର୍ମାଣ କରାଯାଇଛି, ଏହା ହେଉଛି ଏକ ଲିଭିଂ ଇଂଟେଲିଜେନ୍ସ ଲେୟର ଯାହା କୋଡ୍‌ର ପ୍ରତ୍ୟେକ ଲାଇନ୍‌କୁ କ୍ରେଡ୍‌ର ପ୍ଲାଟଫର୍ମ, ସ୍ଥାପତ୍ୟ, ସେବା ଓ ସୁରକ୍ଷାର ସମ୍ପୂର୍ଣ୍ଣ ପ୍ରାସଙ୍ଗିକତା ପ୍ରଦାନ କରିଥାଏ। କ୍ରେଡ କୋଡ୍‌ଲେନ୍ସ ସହ କମ୍ପାନୀ ପ୍ରତ୍ୟେକ କାର୍ଯ୍ୟ ପାଇଁ ସତ୍ୟର ଏକ ଏକକ ଉତ୍ସ ଓ ଏକ ଜେନେଟିକ ଲେୟର ସୃଷ୍ଟି କରିଛି ଯାହା ନିଷ୍ପତି ଗ୍ରହଣ ଓ ପରିବହନର ବେଗକୁ ତ୍ୱରାନ୍ୱିତ କରିବା ପାଇଁ ୪୦୦ରୁ ଅଧିକ ସ୍ୱତନ୍ତ୍ର ଏଜେଣ୍ଟଗୁଡିକୁ ଏକାଠି କରିଥାଏ। ଆମାଜନ ବେଡ୍‌ରକ କାର୍ଯ୍ୟଗୁଡ଼ିକୁ ସଠିକ୍ ମଡେଲକୁ ପଠାଇଥାଏ ଏବଂ ଏଂଟର୍‌ପ୍ରାଇଜ୍-ଗ୍ରେଡ୍ ନିୟନ୍ତ୍ରଣକୁ ସକ୍ଷମ କରିଥାଏ। କ୍ରେଡ କୋଡ୍‌ଲେନ୍ସ ହେଉଛି କ୍ରେଡର ଏଆଇ ଲ୍ୟାବ୍ସ ପଦକ୍ଷେପର ଏକ ପ୍ରମୁଖ ପ୍ରୟାସ। କ୍ରେଡ କୋଡ୍‌ଲେନ୍ସ ସିଷ୍ଟମଗୁଡ଼ିକୁ ସ୍ୱ-ବ୍ୟାଖ୍ୟାକାରୀ କରିଥାଏ ଏବଂ ସ୍ଲାକ, କନ୍‌ଫ୍ଲୁଏନ୍ସ, ଜିରା ଓ ଅନ୍ୟାନ୍ୟ ଟୁଲ ସମେତ କୋଡ୍‌ରୁ ସଂଗ୍ରହ କରିଥିବା ପ୍ରସଙ୍ଗକୁ ବିତରଣ କରିଥାଏ।

## ଭୋକେସନାଲ ଟ୍ରେନର, କୋର୍ଡିନେଟର ନିଯୁକ୍ତି ପରୀକ୍ଷା

କଟକ,୨୯।୫(ସମିସ):ରାଜ୍ୟ ସରକାରଙ୍କ ସମଗ୍ର ଶିକ୍ଷା ଓଡିଶା ପ୍ରକଳ୍ପ ଅଧିନରେ ୪ଟି ଜିଲ୍ଲାର ବିଭିନ୍ନ ସରକାରୀ ସ୍କୁଲରେ ଭୋକେସନାଲ ଟ୍ରେନର ଓ ଭୋକେସନାଲ କୋର୍ଡିନେଟର



ପଦବୀରେ ନିଯୁକ୍ତି ପାଇଁ ଆଜିଠାରୁ ପରୀକ୍ଷା ପ୍ରକ୍ରିୟା ଜାରି ରହିଛି। କଟକ ସିଡିଏ ସ୍ଥିତ ଇପସାର କଲେଜ ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷାରେ ଶୁକ୍ରବାର ୫୫୦ ଜଣ ପରୀକ୍ଷାର୍ଥୀ ଭାଗ ନେଇ ଲିଖିତ ପରୀକ୍ଷା ସହ ମୌଖିକ ପରୀକ୍ଷା ଦେଇଥିଲେ। ସମ୍ପୂର୍ଣ୍ଣ କଡ଼ା ସୁରକ୍ଷା ମଧ୍ୟରେ ଆଜିର ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍କିଲ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଯାୟୀ ଏହି ପର୍ଯ୍ୟାୟରେ ଗଞ୍ଜାମ, ଖୋର୍ଦ୍ଧା, କୋରାପୁଟ ଓ ସୁନ୍ଦରଗଡ ଜିଲ୍ଲାରେ ୭୬ ପଦବୀ ପାଇଁ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି। ପରୀକ୍ଷା ପରିଚାଳନା ପାଇଁ ସଂଯୋଜକ ଭାବେ 'ମେଧାବୀ ଫାଉଣ୍ଡେସନକୁ' ଦାୟିତ୍ୱ ପ୍ରଦାନ କରାଯାଇଛି। ସାରା ଭାରତରେ ଅନେକ ପରୀକ୍ଷାକୁ ସ୍ୱଚ୍ଛତାର ସହ ପରିଚାଳନା କରିବାରେ ସିଦ୍ଧହସ୍ତ ମେଧାବୀ ଫାଉଣ୍ଡେସନର ମ୍ୟାନେଜର୍ ଅପରେସନ ଇନ୍ଦ୍ରନୀଲ୍ ଦତ୍ତ କୁହନ୍ତି ଯେ, ଏହି ନିଯୁକ୍ତିରେ କାହାକୁ ହସ୍ତକ୍ଷେପ କରିବାକୁ ଦିଆଯାଏନାହିଁ। ଚାପ ଶୂନ୍ୟ ପରିଚାଳନା ଯୋଗୁଁ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ଦିଆଯାଇଥାଏ। ଆସନ୍ତା କାଲି ଅର୍ଥାତ ଶନିବାର ମଧ୍ୟ ୩୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପରୀକ୍ଷାର ଫଳାଫଳ ଆସନ୍ତା ସପ୍ତାହକ ମଧ୍ୟରେ ପ୍ରକାଶ ପାଇବ ଏବଂ ବିଭିନ୍ନ ପଦବୀ ପାଇଁ ଯୋଗ୍ୟ ବିବେଚିତ ପ୍ରାର୍ଥୀ ମାନେ ନିଯୁକ୍ତି ପାଇବେ ବୋଲି ଇନ୍ଦ୍ରନୀଲ କହିଛନ୍ତି।

## ଏସିଆନ୍ ପେଣ୍ଟସ୍‌ର ଆର୍ଦ୍ରତାନିରୋଧୀ ପ୍ରଯୁକ୍ତି

ନୂଆଦିଲ୍ଲୀ,୨୯।୫ : ବର୍ତ୍ତମାନର ବାସଗୃହ ମାଲିକମାନେ ଏଭଳି ଘର ଚାହୁଁଛନ୍ତି ତାହା କେବଳ ସୁନ୍ଦର ଦେଖାଯିବ ନାହିଁ, ତାହାସହିତ ଆରାମଦାୟକ ଅନୁଭବ ହେବ ଏବଂ ବର୍ଷ ବର୍ଷ ଧରି ତିଷ୍ଠି ରହିବ। ତେବେ ଅର୍ଥ ସଞ୍ଚୟକାରୀ ରଙ୍ଗ ବର୍ଗରେ ଅନେକ ସମୟରେ ଏଭଳି ଉତ୍ପାଦ ଖୋଜିବା କଷ୍ଟକର ହୋଇପଡୁଛି ଯାହା ସୁନ୍ଦର ଦେଖାଯାଏ, ମଜଭୁତ ପ୍ରଦର୍ଶନ ଦିଏ ଏବଂ ତାହାସହିତ ସୁଲଭ ହୋଇଥିବ। ସର୍ବାଧିକ ସାଧାରଣ ଚିନ୍ତାଗୁଡିକ ମଧ୍ୟରେ ରହିଛି କାନ୍ଥରେ ପାଣିର ଦାଗ, ଏହା ଏଭଳି ଏକ ପ୍ରସଙ୍ଗ




ଯାହା ରକ୍ଷଣାବେକ୍ଷଣ କରାଯାଉଥିବା ଏକ ଗୃହରୁ ନୀରବରେ ସୁନ୍ଦରତାକୁ ଦୂରେଇ ଦେଇ ପାରିବ। ଏହି ଆବଶ୍ୟକତା ପ୍ରତି ଦୃଷ୍ଟିଦେଇ ଏସିଆନ୍ ପେଣ୍ଟସ ତାହାର ଲୋକପ୍ରିୟ ଏସ୍ ଏବଂ ଟ୍ରାକ୍ଟର ଏମଲ୍‌ସନ୍ସରେ ଆର୍ଦ୍ରତା- ନିରୋଧୀ ପ୍ରଯୁକ୍ତି ପ୍ରଚଳନ କରିଛି। ତାହାସହିତ ଏହି ଉତ୍ପାଦଗୁଡଇକ ମୁଖ୍ୟ ପ୍ରଦର୍ଶନଗତ ଦିଗଗୁଡିକ ଉପରେ ୪-ବର୍ଷର ୱାରେଣ୍ଟି ପ୍ରଦାନ କରୁଛି, ଯାହା ଦୀର୍ଘସ୍ଥାୟୀ ପ୍ରଦର୍ଶନ ସହିତ ମୂଲ୍ୟ ଏକତ୍ର ଯୋଗାଇ ଦେଉଛି।

## ଭାରତରେ ତିଆରି ହେବ ମୋବାଇଲ ଯନ୍ତ୍ରାଂଶ

**ପିଏଲ୍‌ଆଇ ୨.୦**

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ଭାରତରେ ସ୍ମାର୍ଟଫୋନ ତିଆରି କରିବା ପାଇଁ ଏହାର ପାର୍ଟ ସବୁ ବିଦେଶରୁ ଆସୁଥିଲା। ପ୍ରକୃତରେ ଦେଶରେ ସେସବୁ ତିଆରି କରାଯାଉନାହିଁ, ବରଂ ଆସେମ୍ବଲ(ଯନ୍ତ୍ରାଂଶ ଯୋଡ଼ି ତିଆରି କରିବ) କରାଯାଉଛି। ଏବେ ଭାରତରେ ହିଁ ତିଆରି ହେବ ସ୍ମାର୍ଟଫୋନ। କେନ୍ଦ୍ର ସରକାର ଏ ନେଇ ଯୋଜନା ଆରମ୍ଭ କରିଛନ୍ତି। ମେଡ୍ ଇନ ଇଣ୍ଡିଆ ଫୋନ୍ ଆଉ ଆସେମ୍ବଲ ଇନ ଇଣ୍ଡିଆ ନ ହୋଇ ପ୍ରକୃତ ପରିଚୟ ପାଇବ। ଏଥିପାଇଁ କେନ୍ଦ୍ର ସରକାର ପିଏଲ୍‌ଆଇ ଯୋଜନାର ଏକ ନୂଆ ଭର୍ସନ୍ ଅର୍ଥାତ୍ ପିଏଲ୍‌ଆଇ ୨.୦ ଆଣିବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏହି ଯୋଜନାର ଲକ୍ଷ୍ୟ ହେଉଛି ଭାରତରେ ଯଥାସମ୍ଭବ ଅଧିକରୁ ଅଧିକ ମୋବାଇଲ ଫୋନ୍ ଯନ୍ତ୍ରାଂଶ ତିଆରି କରିବା, ଯାହା ଦ୍ୱାରା ବିଦେଶୀ ଦେଶ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ରିପୋର୍ଟ ଅନୁଯାୟୀ ନୂଆ ଯୋଜନାରେ ଅତି କମ୍‌ରେ ୫୫% ମୋବାଇଲ ଫୋନ୍ ପାର୍ଟସ୍ ଯେମିତି -ଡିସପ୍ଲେ ଆସେମ୍ବଲି, କ୍ୟାମେରା ମଡ୍ୟୁଲ୍ ଏବଂ ଚିପସେଟ୍ ଆଦି ଭାରତରେ ତିଆରି ହେବ। ସେ ନେଇ ସରକାର ଜୋର ଦେଇଛନ୍ତି। ବର୍ତ୍ତମାନ କେବଳ ୧୮-୨୦% ମୋବାଇଲଫୋନ୍ର ଯନ୍ତ୍ରାଂଶ ପାର୍ଟ ଭାରତରେ ନିର୍ମାଣ କରାଯାଉଛି। ରିପୋର୍ଟ ଅନୁସାରେ, ସରକାର ଏହି ଯୋଜନାକୁ ୪୦ ହଜାର କୋଟି ଟଙ୍କାର ପୁରୁଣା ଇଲେକ୍ଟ୍ରୋନିକ୍ସ କମ୍ପୋନେଣ୍ଟ ମ୍ୟାନୁଫ୍ୟାକଚରିଂ ସ୍କିମ୍ ସହିତ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି।ଏଥିରେ ଡିସପ୍ଲେ, କ୍ୟାମେରା ମଡ୍ୟୁଲ୍, ଚିପସେଟ୍ ଏବଂ ଲି-ଆୟନ ବ୍ୟାଟେରୀ ଭଳି ଅତ୍ୟାବଶ୍ୟକ ଅଂଶଗୁଡ଼ିକର ସ୍ଥାନୀୟ ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ପ୍ରଥମେ ୨୦୨୦ ଏପ୍ରିଲରେ ୪୦,୯୯୫ କୋଟି ଟଙ୍କା ବ୍ୟୟବରାଦ ସହିତ ପିଏଲ୍‌ଆଇ ଯୋଜନା ଆରମ୍ଭ ହୋଇଥିଲା। ଯାହାର ଲକ୍ଷ୍ୟ ଥିଲା ମୋବାଇଲ୍ ଫୋନରେ ଘରୋଇ ମୂଲ୍ୟ ବୃଦ୍ଧିକୁ(ଘରୋଇ ଉତ୍ପାଦିତ ସାମଗ୍ରୀ ବ୍ୟବହାର କରି ମୋବାଇଲ ପ୍ରଡକ୍ସନ କରିବା) ୩୫-୪୦% ପର୍ଯ୍ୟନ୍ତ ବୃଦ୍ଧି କରିବା। ହେଲେ ଏହା ସେହି ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚି ପାରିଲା ନାହିଁ। ସରକାରୀ ଆକଳନ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ବଡ଼ ଇଲେକ୍ଟ୍ରୋନିକ୍ସରେ ସ୍ଥାନୀୟ ମୂଲ୍ୟ ବୃଦ୍ଧି କେବଳ ମାତ୍ର ୧୮-୨୦% ହିଁ ହୋଇପାରିଲା। ଏବେ ସରକାର ଏହାକୁ ଆଗୁକୁ ବଢ଼ାଇବାକୁ ଚାହୁଁଛନ୍ତି।

## ଆଇସିସି ପକ୍ଷରୁ ଶିଳ୍ପ ସୁରକ୍ଷା, ବୃତ୍ତିଗତ ସ୍ୱାସ୍ଥ୍ୟ ସମ୍ମିଳନୀ



ଭୁବନେଶ୍ୱର,୨୯।୫(ସମିସ): ଇଣ୍ଡିଆନ୍ ଚାମ୍ବର ଅଫ୍ କର୍ମସ(ଆଇସିସି) ପକ୍ଷରୁ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ସହଯୋଗରେ ଶିଳ୍ପ ସୁରକ୍ଷା ଏବଂ ବୃତ୍ତିଗତ ସ୍ୱାସ୍ଥ୍ୟ ଉପରେ ନେତୃତ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ କହିଲେ, ଓଡିଶା ଆଜି ଭାରତର ପ୍ରମୁଖ ଶିଳ୍ପ ଏବଂ ଉତ୍ପାଦନର ଗନ୍ତବ୍ୟସ୍ଥଳ ଭାବରେ ଉଭା ହୋଇଛି। ଶିଳ୍ପ ସୁରକ୍ଷା କେବଳ ନିୟମ ପାଳନ ବିଷୟ ନୁହେଁ, ଏହା ମାନବ ଜୀବନକୁ ସୁରକ୍ଷା ଦେବା, ମର୍ଯ୍ୟାଦା ରକ୍ଷା କରିବା, ବିଶ୍ୱାସକୁ ସୁଦୃଢ଼ କରିବା ଏବଂ ପ୍ରତ୍ୟେକ ଶ୍ରମିକଙ୍କୁ ସୁରକ୍ଷିତ ରଖିବାର ବିଷୟ। କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଅତିଥି ଭାବେ ଉଦ୍‌ଘାଟନ କରି ମତ୍ସ୍ୟ ଓ ପାଣୀ ସମ୍ପଦ ତଥା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି ଯେ, ଓଡିଶା ଏବେ ବିଶ୍ୱ ଲାଗି ନୂଆ ଗନ୍ତବ୍ୟସ୍ଥଳ ପାଲଟିଥିବା କହିଥିଲେ। ଶିଳ୍ପ କ୍ଷେତ୍ରରେ ସୁରକ୍ଷାର ପ୍ରଥମିକତା ଲୋଡା। ଏହି କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଆପଣାଇବା ଉଚିତ୍। କାର୍ଯ୍ୟକ୍ରମରେ ଆଇସିସି ଅଧ୍ୟକ୍ଷ ରାଜୀବ ସାହୁ, କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ତଥା ଆଇସିସି ରାଜ୍ୟ ପରିଷଦ ଇଏସ୍‌ଏଚ୍ କମିଟି ପ୍ରମୁଖ ପରାମର୍ଶଦାତା ଡ.ମଳୟ ପ୍ରଧାନ, ଓପିଜିସି ପରିଚାଳନା ନିର୍ଦ୍ଦେଶକ କେଦାର ରଞ୍ଜନ ପାଣ୍ଡୁ, ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ବିଭାଗର ଉପଦେଷ୍ଟା ଡ.ଆରଜି ମୀନା, ଓଡିଶା ଶ୍ରମ ନିର୍ଦ୍ଦେଶାଳୟ ଶ୍ରମ କମିଶନର ଇନ୍ଦ୍ରମଣୀ ତ୍ରିପାଠୀ ଏବଂ ଆଇସିସି ରାଜ୍ୟ ପରିଷଦ ଇଏସଏଚ୍ କମିଟି ଆବାହକ ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପୂର୍ବତନ ସିଇଇ ଡ.ଏନଆର୍ ସାହୁ ଉପସ୍ଥିତ ଥିଲେ।

## ଏପ୍ରିଲ୍‌ରେ ଓଡ଼ିଶାରେ ଯୋଡ଼ିହେଲେ ୨.୫୨ ଲକ୍ଷରୁ ଅଧିକ ମୋବାଇଲ୍ ଗ୍ରାହକ

**ଜିଓ ଗ୍ରାହକ ସଂଖ୍ୟା ୧.୮୭ କୋଟି ଛୁଇଁଲା**

ଭୁବନେଶ୍ୱର,୨୯।୫(ସମିସ): ଏପ୍ରିଲ୍ ମାସରେ ଓଡ଼ିଶାରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୨.୫୨ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ଏହାଫଳରେ ରାଜ୍ୟରେ ମୋଟ ମୋବାଇଲ୍ ଗ୍ରାହକ ସଂଖ୍ୟା ୩.୮୪ କୋଟିରେ ପହଞ୍ଚିଥିବା ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଗ୍ରାହକ ତଥ୍ୟରୁ ଜଣାପଡିଛି। ଅପରପକ୍ଷେ ଓଡ଼ିଶାର ଏକ ନମ୍ବର ଡିଜିଟାଲ୍ ସେବା ପ୍ରଦାନକାରୀ ଭାବରେ ନିଜର ଦବଦବା ଜାରି ରଖି ରିଲାଏନ୍ସ ଜିଓ ଏପ୍ରିଲରେ ରାଜ୍ୟରେ ସର୍ବାଧିକ ୧.୬୧ ଲକ୍ଷରୁ ଅଧିକ ନୂତନ ମୋବାଇଲ୍ ଏବଂ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ରାଜ୍ୟରେ ହୋମ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ଏହାର ବଜାର ନେତୃତ୍ୱକୁ ସୁଦୃଢ଼ କରିବା ସହିତ ସାରା ରାଜ୍ୟରେ ଜିଓଫାଇବର ଓ ଜିଓଏୟାରଫାଇବର ଲୋକପ୍ରିୟତା ବଳରେ ରିଲାଏନ୍ସ ଜିଓ ଏହାର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଏୟାରଟେଲ ତୁଳନାରେ ଏପ୍ରିଲ ମାସରେ ଦୁଇଗୁଣ ଅଧିକ ନୂତନ ହୋମ୍ ବ୍ରଡବ୍ୟାଣ୍ଡ ଗ୍ରାହକ ଯୋଡିଛି। ଏହା ସହିତ, ଜିଓ ଓଡ଼ିଶାରେ ସମସ୍ତ ତିନୋଟି କ୍ଷେତ୍ରରେ - ୱାୟାରଲେସ୍, ୱାୟାରଲାଇନ୍ ଏବଂ ଫିକ୍ସଡ୍ ୱାୟାରଲେସ୍ ଆକ୍ସେସ୍ (ଏଫଡବ୍ଲୁଏ) କ୍ଷେତ୍ରରେ ଏହାର ବଜାର ନେତୃତ୍ୱକୁ ଆହୁରି ସୁଦୃଢ଼ କରିଛି। ଓଡ଼ିଶାର ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳରେ ହଜାର ହଜାର ଗ୍ରାମରେ ଡିଜିଟାଲ୍ ଅନ୍ତର୍ଭୁକ୍ତିକରଣକୁ ଆଗକୁ ବଢ଼ାଇ ଜିଓ ସେମାନଙ୍କ ଘରେ ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସଂଯୋଗ ଉପଲବ୍ଧ କରାଇଛି।

## ଗୋଟିଏ ବର୍ଷରେ ୪୮ ହଜାର କୋଟିର ଠକେଇ

**ଆର୍‌ବିଆଇ ରିପୋର୍ଟରେ ବଡ଼ ଖୁଲାସା**

**ଠକେଇ ପରିମାଣରେ ୪୬% ବୃଦ୍ଧି**

**ବଡ଼ କର୍ପୋରେଟ୍ ଋଣ , ଜାଲ୍ ଡକ୍ୟୁମେଣ୍ଟରେ ଠକେଇ ସବୁଠାରୁ ବଡ଼ ଆହ୍ୱାନ**

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ସମ୍ପ୍ରତି ଦେଶରେ ବ୍ୟାଙ୍କ ଠକେଇ ବଢ଼ିବାରେ ଲାଗିଛି। ଏଥିଯୋଗୁ ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଠକେଇ ପରିମାଣରେ ବଡ଼ ବୃଦ୍ଧି ଦେଖିବାକୁ ମିଳିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୨୫-୨୬ ଆର୍ଥିକବର୍ଷରେ ବ୍ୟାଙ୍କ ଠକେଇରେ ଜଡିତ ପରିମାଣ ୪୬% ବୃଦ୍ଧି ପାଇ ୪୮,୦୨୧ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତ ବର୍ଷ ୩୨,୮୦୩ ହଜାର କୋଟି ଟଙ୍କା ରହିଥିଲା। ରିପୋର୍ଟ ଅନୁଯାୟୀ, ୨୦୨୫-୨୬ରେ ମୋଟ ୧୦,୧୧୪ଟି ବ୍ୟାଙ୍କ ଠକେଇ ମାମଲା ରିପୋର୍ଟ ହୋଇଥିଲା, ଯାହା ପୂର୍ବ ବର୍ଷ ୨୩,୭୨୨ ଥିଲା। ଏହାର ଅର୍ଥ ମାମଲା ସଂଖ୍ୟା ହ୍ରାସ ପାଇଛି, କିନ୍ତୁ ଯେତିକି ଠକେଇ ହୋଇଛି ସେଥିରେ ଅଧିକ ଟଙ୍କା ଠକଙ୍କ ହାତକୁ ଯାଇଛି। ରିପୋର୍ଟରେ କୁହାଯାଇଛି ଯେ, ସରକାରୀ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ଠକେଇ ପରିମାଣ ୩୫,୭୦୯ କୋଟି ଟଙ୍କାରେ ପହଞ୍ଚିଛି। ଯାହା ଗତ ବର୍ଷ ୨୩,୬୧୭ କୋଟି ଟଙ୍କା ଥିଲା। ସେହିଭଳି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ଏହି ପରିମାଣ ୮,୯୨୭ କୋଟି ଟଙ୍କାରୁ ବଢ଼ି ୧୧, ୩୯୯ କୋଟି ଟଙ୍କାରେ ପହଞ୍ଚିଛି।

ଆରବିଆଇ ମତରେ ଚଳିତବର୍ଷର ତଥ୍ୟରେ ଏପରି ୩୧୪ଟି ମାମଲା ରହିଛି, ଯାହାର ମୋଟ ମୂଲ୍ୟ ୩୦, ୧୯୯ କୋଟି ଟଙ୍କା। ଏହି ମାମଲାଗୁଡ଼ିକ ପୂର୍ବ ଆର୍ଥିକ ବର୍ଷର। କିନ୍ତୁ ସୁପ୍ରିମକୋର୍ଟଙ୍କ ୨୦୨୩ ମାର୍ଚ୍ଚ ୨୭ ନିଷ୍ପତ୍ତି ପରେ ଏହାକୁ ପୁନଃ ଯାଞ୍ଚ ପରେ ରିପୋର୍ଟ କରାଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଅନୁସାରେ, ଅନେକ ଥର ଠକେଇ ହୋଇଥିବା ନେଇ ପରେ ଜଣାପଡ଼େ। ତେଣୁ ଯେଉଁ ବର୍ଷରେ ଗୋଟିଏ ଠକେଇ ମାମଲା ରିପୋର୍ଟ ହୋଇଥାଏ, ଜରୁରୀ ନୁହେଁ ଯେ ତାହା ସେହି ବର୍ଷ ହୋଇଥିବ। ବ୍ୟାଙ୍କ ଋଣ କିମ୍ବା ଆଡଭାନ୍ସରେ ସର୍ବାଧିକ ଠକେଇ ଘଟିଛି। କାରଣ ଆର୍ଥିକବର୍ଷ ୨୦୨୫-୨୬ରେ ୮,୬୪୦ ମାମଲାରେ ୪୦,୭୭୪ କୋଟି ଟଙ୍କାର ଠକେଇ ହୋଇଛି। ଯାହା ୨୦୨୪-୨୫ ଆର୍ଥିକବର୍ଷରେ ୩୦,୩୬୭ କୋଟି ଟଙ୍କା ଥିଲା। ବିଶେଷଜ୍ଞଙ୍କ ମତରେ ବଡ଼ କର୍ପୋରେଟ୍ ଋଣ ଏବଂ ଜାଲ୍ ଡକ୍ୟୁମେଣ୍ଟ ମାଧ୍ୟମରେ ଠକେଇ ବ୍ୟାଙ୍କିଙ୍ଗ




ବ୍ୟବସ୍ଥା ପାଇଁ ସବୁଠାରୁ ବଡ଼ ଆହ୍ୱାନ। ବଡ଼ ବ୍ୟାଙ୍କ ଠକେଇ ବୃଦ୍ଧି ପାଇଥିଲେ ମଧ୍ୟ, କାର୍ଡ ଏବଂ ଡିଜିଟାଲ ପେମେଣ୍ଟ ଠକେଇରେ ଯଥେଷ୍ଟ ହ୍ରାସ ଘଟିଛି। ୨୦୨୫-୨୬ରେ ଏପରି ମାମଲା ମାତ୍ର ୨୯ କୋଟି ଟଙ୍କା ଥିଲା । ଯାହା ପୂର୍ବ ବର୍ଷ ୫୧୭ କୋଟି ଟଙ୍କା ଥିଲା। ମାମଲା ସଂଖ୍ୟା ମଧ୍ୟ ୧୩, ୩୩୨ରୁ ହ୍ରାସ ପାଇ ମାତ୍ର ୨୯୩ ହୋଇଛି। ଆର୍‌ବିଆଇ କହିଛି ଯେ, ଡିଜିଟାଲ ସୁରକ୍ଷା ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ ଉନ୍ନତ ମନିଟରିଂ ତଦାରଖ ଯୋଗୁ ଏହି ଠକେଇରେ ହ୍ରାସ ଆସିଛି। ଡିଜିଟାଲ ଠକେଇକୁ ରୋକିବା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବେ ଏକ କିଲ୍ ସ୍ୱିଚ୍ ଫିଚର୍ ଆଣିବା ଉପରେ କାମ କରୁଛି। ଏହି ସିଷ୍ଟମ ଦ୍ୱାରା ଗ୍ରାହକମାନେ ଜରୁରୀକାଳୀନ ସ୍ଥିତିରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସମସ୍ତ କାରବାର ତୁରନ୍ତ ବନ୍ଦ କରିପାରିବେ। ଏହା ସହ ଆର୍‌ବିଆଇ ଅନ-ଅଫ୍ ସ୍ୱିଚ୍ ଫିଚରକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା କରୁଛି। ଯାହା ଗ୍ରାହକଙ୍କୁ ସେମାନଙ୍କ କାର୍ଡ ଏବଂ ଡିଜିଟାଲ ପେମେଣ୍ଟ ଉପରେ ଅଧିକ ନିୟନ୍ତ୍ରଣ ଦେବ।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୮୨୬- ପ୍ରଥମ ଥର ପାଇଁ ହିନ୍ଦୀ ସମ୍ବାଦପତ୍ର 'ଉଦନ୍ତ ମାର୍ତ୍ତଣ୍ଡ'ର ପ୍ରକାଶନ ଆରମ୍ଭ ହେଲା।
- ୧୯୧୯- ରବୀନ୍ଦ୍ରନାଥ ଟାଗୋର ଜାଲିଆଁୱାଲାବାଗ ହତ୍ୟାକାଣ୍ଡ ପ୍ରତିବାଦରେ ତାଙ୍କର 'ସାର୍' ଉପାଧି ଫେରାଇ ଦେଇଥିଲେ।
- ୧୯୭୫- ୟୁରୋପୀୟ ସ୍ପେସ୍ ଏଜେନ୍ସିର ପ୍ରତିଷ୍ଠା।
- ୧୯୮୭- ଗୋଆ ଭାରତର ୨୫ତମ ରାଜ୍ୟ ହେଲା।
- ୨୦୧୨-ବିଶ୍ୱନାଥନ୍ ଆନନ୍ଦ ପଞ୍ଚମ ଥର ପାଇଁ ବିଶ୍ୱ ଚେସ୍ ଚାମ୍ପିୟନ୍ ହେଲେ।

# ହିନ୍ଦୀ ସାମ୍ବାଦିକତା ଦିବସ



ପ୍ରତିବର୍ଷ ମେ' ୩୦ ତାରିଖକୁ ଭାରତରେ ହିନ୍ଦୀ ସାମ୍ବାଦିକତା ଦିବସ ଭାବେ ପାଳନ କରାଯାଏ। ହିନ୍ଦୀ ଭାଷାରେ ସାମ୍ବାଦିକତାର ଆରମ୍ଭ ଏବଂ ଏହାର ବିକାଶକୁ ସ୍ମରଣୀୟ କରିବା ପାଇଁ ଏହି ଦିନଟିକୁ ପାଳନ କରାଯାଏ। ୧୮୨୬ ମସିହା ଆଜିର ଦିନରେ ହିନ୍ଦୀ ଭାଷାର ପ୍ରଥମ ଖବରକାଗଜ 'ଉଦନ୍ତ ମାର୍ତ୍ତଣ୍ଡ' ପ୍ରକାଶ ପାଇଥିଲା। ପଣ୍ଡିତ ଯୁଗଳ କିଶୋର ଶୁକ୍ଳ ଏହାକୁ କଲିକତାରୁ ଏକ ସାପ୍ତାହିକ ଖବରକାଗଜ ଭାବେ ଆରମ୍ଭ କରିଥିଲେ। ସେ ଏହାର ପ୍ରକାଶକ ଓ ସମ୍ପାଦକ ଥିଲେ। ପ୍ରତି ମଙ୍ଗଳବାର ଦିନ ଏହା ପ୍ରକାଶ ପାଉଥିଲା। ଏହି ସମ୍ବାଦପତ୍ରରେ ଦେବନାଗରୀ ଲିପିରେ 'ଖଡ଼ିବୋଲି' ଏବଂ 'ବ୍ରଜଭାଷା' ମିଶ୍ରିତ ହିନ୍ଦୀ ଭାଷାର ବ୍ୟବହାର କରାଯାଉଥିଲା। ପରାଧୀନ ଭାରତବାସୀ ସେହି ସମୟରେ ନିଜ ଅଧିକାରର ସ୍ୱର ଉତ୍ତୋଳନ କରିବା ଏକ ଆହ୍ୱାନ ଥିଲା। ବିନା ଭାଷଣରେ ଭାରତୀୟଙ୍କ ଅଧିକାର ସପକ୍ଷରେ ସ୍ୱର ଉତ୍ତୋଳନ କରିବା ପାଇଁ ଯୁଗଳ କିଶୋର କଲିକତାରୁ ସାପ୍ତାହିକ 'ଉଦନ୍ତ ମାର୍ତ୍ତଣ୍ଡ'ର ପ୍ରକାଶନ ଆରମ୍ଭ କରିଥିଲେ। ଉଦନ୍ତ ମାର୍ତ୍ତଣ୍ଡର ଶବ୍ଦର ଅର୍ଥ ହେଉଛି ଉଦିତ ସୂର୍ଯ୍ୟ। ଏହାର ନାମ ଅନୁଯାୟୀ, ଉଦନ୍ତ ମାର୍ତ୍ତଣ୍ଡ ହିନ୍ଦୀ ଖବର କାଗଜ ଜଗତର ସୂର୍ଯ୍ୟ ସହିତ ସମାନ ଥିଲା। ସେହି ସମୟରେ ଇଂରାଜୀ, ଫରାସୀ, ବଙ୍ଗଳାରେ ଅନେକ ଖବରକାଗଜ ପ୍ରକାଶ ପାଉଥିଲା। ହିନ୍ଦୀ ଭାଷାରେ ଗୋଟିଏ ଖବରକାଗଜ ନ ଥିଲା। ସାପ୍ତାହିକ ଖବରକାଗଜର ପ୍ରଥମ ସଂସ୍କରଣର ୫୦୦ କପି ଛପାଯାଇଥିଲା। କଲିକତାରେ ହିନ୍ଦୀ ଭାଷାଭାଷୀ ପାଠକଙ୍କ ସଂଖ୍ୟା କମ୍ ଥିବାରୁ ଏହି ସମ୍ବାଦପତ୍ରକୁ ବହୁ ସଂଖ୍ୟାରେ ପାଠକ ମିଳି ନ ଥିଲା। ଅନ୍ୟପକ୍ଷରେ କଲିକତାରୁ ହିନ୍ଦୀଭାଷୀ ଅଞ୍ଚଳକୁ ସମ୍ବାଦପତ୍ର ପଠାଇବା ପାଇଁ ବ୍ରିଟିଶ ସରକାର ଉଚ୍ଚ ଡାକ ଶୁଳ୍କ ନେଉଥିଲେ। ପଣ୍ଡିତ ଯୁଗଳ କିଶୋର ଡାକ ରିହାତି ପାଇଁ ଅନୁରୋଧ କରିଥିଲେ ମଧ ବ୍ରିଟିଶ ସରକାର ତାହା ପ୍ରତ୍ୟାଖ୍ୟାନ କରିଥିଲେ। ସରକାରୀ ସହାୟତା ଏବଂ ପର୍ଯ୍ୟାପ୍ତ ଗ୍ରାହକଙ୍କ ଅଭାବରୁ ଏହା ଆର୍ଥିକ ସଙ୍କଟ ଦେଇ ଗତି କଲା। ପରେ ୧୧ ଡିସେମ୍ବର, ୧୮୨୭ରେ ଏହି ସମ୍ବାଦପତ୍ରର ପ୍ରକାଶନ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ହିନ୍ଦୀ ସାମ୍ବାଦିକତା ଭାରତର ସ୍ୱାଧୀନତା ସଂଗ୍ରାମରେ ଏକ ପ୍ରମୁଖ ଅସ୍ତ୍ର ସାଜିଥିଲା। 'ଉଦନ୍ତ ମାର୍ତ୍ତଣ୍ଡ' ତା'ର ସ୍ୱଳ୍ପକାଳର ଅବଧିରେ ଏହା ସାଧାରଣ ଜନତାଙ୍କ ସ୍ୱର ହୋଇଥିଲା। ଏହିଦିନ ସେମିନାର, ବିତର୍କ ପ୍ରତିଯୋଗିତା ଓ ପୁରସ୍କାର ସମାରୋହର ଆୟୋଜନ କରାଯାଇ ହିନ୍ଦୀ ସାମ୍ବାଦିକ ଓ ହିନ୍ଦୀ ସାମ୍ବାଦିକତା କ୍ଷେତ୍ରରେ ଦେଖାଯାଉଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରାଯାଏ।

# ବାସ୍ତବ ଜୀବନର 'ପିକେ'



୨୦୧୪ ମସିହାରେ ମୁକ୍ତିଲାଭ କରିଥିବା ବହୁଚର୍ଚ୍ଚିତ ହିନ୍ଦୀ ଚଳଚ୍ଚିତ୍ର 'ପିକେ'ରେ ଅଭିନେତା ଅମିର୍ ଖାନ ପିକେ ଭୂମିକାରେ ଅଭିନୟ କରିଥିଲେ। ସେ ଏଥିରେ ଏକ ଏଲିୟନ୍ ଭୂମିକାରେ ଅଭିନୟ କରିଥିଲେ, ଯିଏ ନିଜର ମହାକାଶଯାନର ରିମୋଟ୍ ହଜାଇ ଦେଇ ପୃଥିବୀରେ ଫସିଯାଇଥାଏ । ପୃଥିବୀରେ ମଣିଷଙ୍କ ରୀତିନୀତି, ବିଶ୍ୱାସ ଏବଂ ବିଶେଷ କରି ଧର୍ମଗୁରୁମାନଙ୍କ ଅନ୍ଧବିଶ୍ୱାସକୁ ଦେଖି ପିକେ ବହୁ ପ୍ରଶ୍ନ ଉଠାଇଥାଏ । ଫିଲ୍ମରେ ତାଙ୍କର ଚଳଚଞ୍ଚଳ ଅନ୍ଦାଜ, ବଡ଼ ଆଖି, ରେଡିଓ ଧରି ବୁଲିବା ଏବଂ ବିଭିନ୍ନ ରଙ୍ଗର ପୋଷାକ ପିନ୍ଧିବା ଶୈଳୀ ଦର୍ଶକଙ୍କ ମନ ଛୁଇଁ ଥିଲା। ହେଲେ ଏବେ ବାସ୍ତବ ଜୀବନରେ ବୃନ୍ଦାବନରୁ ବି ଏଭଳି ଏକ ସମାନ କାହାଣୀ ସାମ୍ନାକୁ ଆସିଛି। ଯାହାକି ଲୋକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ବୃନ୍ଦାବନର ଜଣେ ମହିଳା ଦାବି କରୁଛନ୍ତି ଯେ, ତିନି ବର୍ଷ ତଳେ ସେ ଚନ୍ଦ୍ରରୁ ପୃଥିବୀପୃଷ୍ଠକୁ ଆସିଥିଲେ। ସେ ଲୋକଙ୍କ ମନର କଥା ପଢ଼ିପାରନ୍ତି ଏବଂ ସେମାନଙ୍କ ଚିନ୍ତାଧାରାକୁ ବୁଝିପାରନ୍ତି ବୋଲି ମହିଳା ଜଣକ ଦାବି କରିଛନ୍ତି। ଏଣୁ ସାମାଜିକ ଗଣମାଧ୍ୟମରେ ତାଙ୍କର ଭିଡିଓ ଖୁବ୍ ଭାଇରାଲ ହେଉଛି। ଭିଡିଓରେ ଦେଖିବାକୁ ମିଳିଛି, ମହିଳା ଜଣକ ଶାନ୍ତିରେ ବସି ଲୋକଙ୍କୁ ସେ ଚନ୍ଦ୍ରରେ ରୁହନ୍ତି ବୋଲି କହୁଛନ୍ତି। ଚନ୍ଦ୍ରପୃଷ୍ଠର ଜୀବନ ଓ ଏବଂ ସଭ୍ୟତା ପୃଥିବୀପୃଷ୍ଠରୁ ଭିନ୍ନ। ସେ ଆହୁରି ମଧ କହିଛନ୍ତି, ତିନି ବର୍ଷ ତଳେ ତାଙ୍କୁ ଏକ ମିଶନରେ ପୃଥିବୀପୃଷ୍ଠକୁ ପଠାଯାଇଥିଲା। ଏଠାକୁ ଆସିବା ପରେ ସେ ମାନବ ସମାଜ, ଧର୍ମ ଏବଂ ଭାବନା ଓ ସମ୍ପର୍କକୁ ବୁଝିବାକୁ ଚେଷ୍ଟା କଲେ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ସେ ଲୋକଙ୍କ ଆଖିକୁ ଦେଖି ତଥା ସେମାନଙ୍କ ସାମ୍ନାରେ ବସି ସେମାନଙ୍କ ମନ କଥା କହନ୍ତି। ସେହିପରି କିଛି ଲୋକ ତାଙ୍କ ସାମ୍ନାରେ ବସି ବିଭିନ୍ନ ସମସ୍ୟା ଏବଂ ଗୁପ୍ତ କଥା ଚିନ୍ତା କରନ୍ତି ଏବଂ ସେସବୁ ମହିଳା ଜଣକ କହି ଦିଅନ୍ତି। ତେବେ ସେ କାହାକୁ କ୍ଷତି ପହଞ୍ଚାଇବାକୁ ନୁହେଁ, ବରଂ ଲୋକଙ୍କୁ ଠିକ୍ ରାସ୍ତା ଦେଖାଇବାକୁ ଚାହାଁନ୍ତି ବୋଲି ମହିଳା ଜଣକ କହିଛନ୍ତି। କିଛି ଲୋକ ତାଙ୍କୁ ଦିବ୍ୟଶକ୍ତି ସମ୍ପନ୍ନ ମହିଳା ବୋଲି କହୁଛନ୍ତି। ଅନେକ ଲୋକ ତାଙ୍କୁ ଦେଖା କରିବାକୁ ସେଠାରେ ପହଞ୍ଚିବା ସହ ସେମାନଙ୍କର ସମସ୍ୟାର ସମାଧାନ କରିବାକୁ କହୁଛନ୍ତି। କିଛି ଲୋକ ମହିଳାଙ୍କର ମାନସିକ ସମସ୍ୟା ଥିବା କହୁଥିବା ବେଳେ ଆଉ କିଛି ଜଣ ହୁଏତ ସେ ଭାଇରାଲ ହେବା ଲାଗି ଏପରି କରୁଥିବା କହିଛନ୍ତି। ବୈଜ୍ଞାନିକଙ୍କ ମତରେ, ଚନ୍ଦ୍ରପୃଷ୍ଠରେ ଜୀବନ ଥିବାର କୌଣସି ପ୍ରମାଣ ନାହିଁ। ନାସା ତଥା ଇସ୍ରୋ ଚନ୍ଦ୍ରରେ ପାଣି ଥିବାର ପ୍ରମାଣ ପାଇଛନ୍ତି, କିନ୍ତୁ ସେଠାରେ ମଣିଷ ଭଳି ସଭ୍ୟତା ତଥା ଜୀବନ ଥିବାର କୌଣସି ସନ୍ଧାନ ମିଳି ନାହିଁ। ଅନ୍ୟପଟେ ମନକଥା ପଢ଼ିବା ବା ଟେଲିପାଥିକୁ ବିଜ୍ଞାନ ପୂରାପୂରି ପ୍ରମାଣ କରିପାରି ନାହିଁ। ତେଣୁ ଏହା କୋଲ୍ଡ ରିଡିଂ, ମନୋବୈଜ୍ଞାନିକ ଟ୍ରିକ୍ କିମ୍ବା ସଂଯୋଗ ବି ହୋଇପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# 'ଚୁନରି ଚୁନରି ୨.୦' ପାଇଁ ଟ୍ରୋଲ୍ ହେଉଛନ୍ତି ବରୁଣ

ବଲିଉଡ୍ ଅଭିନେତା ବରୁଣ ଧୱନ୍‌ଙ୍କ ଫିଲ୍ମ 'ୟେ ଜୱାନି ତୋ ଇସ୍କ ହୋନା ହୈ' ଟ୍ରେଲର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ବରୁଣ ଓ ମୃଣାଳ ଠାକୁରଙ୍କ ଅଭିନୀତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଡେଭିଡ୍ ଧୱନ୍। ଡେଭିଡ୍‌ଙ୍କ ନିର୍ଦ୍ଦେଶିତ ଏହା ଶେଷ ଫିଲ୍ମ ହେବ ବୋଲି କୁହାଯାଉଛି। ଏବେ ଫିଲ୍ମର ଗୀତ 'ଚୁନରି ଚୁନରି ୨.୦' ରିଲିଜ୍ ହୋଇଛି। ଏହି ଗୀତକୁ ଏବେ ଟ୍ରୋଲିଂର ଶିକାର ହେବାକୁ ପଡ଼ିଛି। ୧୯୯୯ ମସିହାରେ ଆସିଥିବା ସଲମାନ୍ ଖାନ୍ ଓ କରିସ୍ମା କପୁରଙ୍କ ଅଭିନୀତ 'ବିୱି ନମ୍ବର ୱାନ୍' ଫିଲ୍ମର ଗୀତ 'ଚୁନରି ଚୁନରି'ର ଏହା ରିମେକ୍ ଭର୍ସନ୍। ଏଥିରେ ସଲମାନ୍ ଓ ସୁସ୍ମିତା ସେନ୍‌ଙ୍କର ଜବରଦସ୍ତ ଡ୍ୟାନ୍ସ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ହେଲେ 'ଚୁନରି ଚୁନରି ୨.୦' ଦର୍ଶକଙ୍କୁ ପସନ୍ଦ ଆସିନାହିଁ। ଏଥିପାଇଁ ବରୁଣଙ୍କୁ ସାମାଜିକ ଗଣମାଧ୍ୟମରେ ଜବରଦସ୍ତ ଟ୍ରୋଲ୍ କରାଯାଉଛି। ରେମୋ ଡିସୋଜା ଏହାର କୋରିଓଗ୍ରାଫି କରିଥିଲେ। ଗୀତର ନୂଆ ଭର୍ସନ୍‌ରେ ବରୁଣଙ୍କ ସହ ପୂଜା ହେଗ୍‌ଡେ ଓ ମୃଣାଳ ଠାକୁରଙ୍କୁ ଦେଖିବାକୁ ମିଳିଛି। ଏହି ଗୀତ ରିଲିଜ୍ ହେବା ମାତ୍ରେ ଦର୍ଶକେ ଏହାକୁ ଟ୍ରୋଲ୍ କରିବା ଆରମ୍ଭ କରିଦେଲେ। ଗାୟକ ଅଭିଜିତ ଭଟ୍ଟାଚାର୍ଯ୍ୟ ଏହି ଗୀତକୁ ନେଇ ସାମାଜିକ ଗଣମାଧ୍ୟମରେ କହିଛନ୍ତି, 'ଏକ ରୋମାଣ୍ଟିକ୍ ଗୀତକୁ ଫିଲ୍ମ ନିର୍ମାତା ଭଜନ କରିଦେଲେ। ବରୁଣ କେବେ ସଲମାନ୍ ହୋଇପାରିବେ ନାହିଁ। ସଲମାନ୍ ଓ ବରୁଣଙ୍କ ମଧ୍ୟରେ ବହୁତ ଫରକ ଅଛି ।' ଏହି ଫିଲ୍ମ ଆସନ୍ତା ଜୁନ୍ ୫ରେ ସିନେମାହଲ୍‌ରେ ରିଲିଜ୍ ହେବ।



# ଚାଲ ଯିବା ମାମୁଘର



ମନୀଷା ପଣ୍ଡା

ପରୀକ୍ଷା ସରିଲା ମନରେ ଖୁସି
ପାଠପଢ଼ା ଠାରୁ ହେଲା ବିରତି
ଚାଲ ଯିବା ମାମୁ ଘର,
ସାଙ୍ଗ ସାଥି ମେଳ ଗାଁ ଧୂଳି ଖେଳ
ମନେ ପଡ଼ିଲାଣି ମୋର।
ଡାକିଲାଣି ସେଇ ପୋଖରୀ କୂଳ
ଗାଁ ମୁଣ୍ଡର ସେ ବର ଓହଳ
ଲାଗେ ସତେ କେତେ ମଜା,
ଭାଗବତ ପୋଥି ନିଇତି ଶୁଣାନ୍ତି
ସଞ୍ଜରେ ବନେଇ ଅଜା।
ପାହାଡ଼ ଉପରେ ଛୋଟ ମନ୍ଦିର
ମାମୁ ଘର ଗାଁ କେଡ଼େ ସୁନ୍ଦର
ସରଗ ସୁଖ କି ମିଳେ,
ସଞ୍ଜ ହେଲେ ଗ୍ରାମ ଦେବତୀ ମନ୍ଦିରେ
ମଙ୍ଗଳ ପ୍ରଦୀପ ଜଳେ।
ତା'ର ନଈ ଜଳ କେଡ଼େ ମଧୁର
ପକ୍ଷୀର କାକଳି କୋଇଲି ସୁର
ହେଲା ଖରା ଛୁଟି ବେଳ,
ବେଗେ ଯିବା ବୋଉ ମାମୁ ଘର ଗାଁ
ବ୍ୟାଗ ସଜାଡ଼ି ଚାଲ। ■

ଅଙ୍କରାନ୍ତିପୁର, ଢେଙ୍କାନାଳ



# ଗ୍ରୀଷ୍ମ



ତପନ କୁମାର ସ୍ୱାଇଁ

ଗ୍ରୀଷମ ତାପରେ ଜଳି ଯାଉଅଛି
ଗଛ ଲତା ଡାଳ ଫୁଲ,
ଆକାଶୁ ଝରୁଛି ସତେକି ଯେମିତି
ପବନରେ ନିଆଁ ଝୁଲ ।
ପବନେ ବହୁଛି ଝାଞ୍ଜିର ଡହକ
ଝାଉଁଳି ଗଲାଣି ଘାସ,
ଶୁଖି ଫାଟିଅଛି ମାଟିର ଉଦର
ଗରମେ ଜଳୁଛି ବାସ ।
କେବେକେବେ ଆସେ ଆକାଶରେ ମେଘ
କୁଆ ପଥର ବି ପଡ଼େ,
ଅପରାହ୍ନେ ଭାଙ୍ଗେ ଗଛ, ପତ୍ର, ଡାଳ
ଖଣ୍ଡିଆ ଭୂତର ଝଡ଼େ ।
ଗ୍ରୀଷମରେ ସବୁ ଛଟପଟ ଜୀବ
ଖୋଜନ୍ତୁ ଗଛର ଛାଇ,
ବୁଲା ଗୋରୁ, ଗାଈ ବୁଲନ୍ତି ବିକଳେ
ଶୋଷ ମେଣ୍ଟାଇବା ପାଇଁ ।
ଗ୍ରୀଷମରେ ଆସ ଜଳଦାନ କରି
ପୁଣ୍ୟ ଅରଜିବା ମିଶି,
ଯେମିତି ଚନ୍ଦ୍ରମା ଶିତଳାଇ ଦିଏ
ଧରାକୁ ଛୁଇଁଲେ ନିଶି ।
ପ୍ରକୃତିର ଏଇ ନିୟମ ଭିତରେ
ସଭିଏଁ ଆମେତ ବନ୍ଧା,
ଗ୍ରୀଷମ, ବରଷା, ଶରତ, ହେମନ୍ତ
ସବୁ ଋତୁଚକ୍ରେ ଛନ୍ଦା । ■

ଅଇଁବିଲ, ତିର୍ତ୍ତୋଲ, ଜଗତସିଂହପୁର

- ସମ୍ବଲପୁର ଜିଲ୍ଲାରୁ ଜନମ ହୋଇଛି
  ପ୍ରକୃତି କବିଙ୍କୁ ନିଜ କୋଳରେ ଧରିଛି
  ଜିଲ୍ଲା ଦେହେ ନାହିଁ ଯୁକ୍ତାକ୍ଷର ଅବା ମାତ୍ରା
  ଓଡ଼ିଶାର ଭାତହାଣ୍ଡି, ପର୍ବ ଧନୁଯାତ୍ରା
  ଏଠି ପାଳନ ହୁଏ
  ଭାବି ଚିନ୍ତି ଜିଲ୍ଲା ନାମ କହିବ ଯିଏ
  ସୁନା ପିଲାଟି ସିଏ ।

  ଉତ୍ତର- ବରଗଡ଼

- ଗନ୍ଧମାର୍ଦ୍ଦନ ପାଦ ଦେଶରେ
  ହରିଶଙ୍କର ଧାମ
  ବଡ଼ ପରବ ଏଇ ଜିଲ୍ଲାର
  ଶୁଳିଆ ଯାତ୍ରା ନାମ
  ପ୍ରକୃତି ଶୋଭା ଭୀମଡୁଙ୍ଗୁରୀ
  ଦେଖିବା ପିଲେ ଚାଲ
  ଚଉଷଠୀ ଯୋଗିନୀ ମନ୍ଦିର
  ରାଣୀପୁର ଝରିଆଲ
  ଆୟୁର୍ବେଦିକ ଶିକ୍ଷାଳୟଟିଏ ଅଛି
  ଜିଲ୍ଲା ନାଆଁ କହ
  ଲୁସି ତୋତେ ପଚାରୁଛି ।

  ଉତ୍ତର- ବଲାଙ୍ଗୀର

## ପ୍ରହେଳିକା

- ସମ୍ବଲପୁରରୁ ଅଲଗା ହୋଇ
  ଗୋଟିଏ ବିଧାନସଭାକୁ ନେଇ
  ଜିଲ୍ଲାଟି ତିଆରି ହେଲା
  ରାଜା ବାସୁଦେବ ସୁଢ଼ଳ ଦେବ
  ଓଡ଼ିଆ ଜାତିର ଗର୍ବ ଗୌରବ
  ପ୍ରଧାନପାଟ ଜଳପ୍ରପାତ
  କେଉଁ ଜିଲ୍ଲା ତାର ନାମ କହ ତ?

  ଉତ୍ତର :-ଦେବଗଡ଼

ଜଗଦୀଶ ସାହୁ
ସଂଜପଡା, ଢେଙ୍କାନାଳ



## ସୁମନ

# ସେଇଟା ମୋ ଛେଳି ନୁହେଁ





ସୁଧାଂଶୁ ଶେଖର ଦ୍ୱିବେଦୀ

ଜଣେ ଗୋପାଳକ ଗାଁ ଲୋକଙ୍କ ଗୋରୁ, ଛେଳି ଆଦି ନିଇତି ଚରେଇବା ପାଇଁ ନେଇଯାଏ। ଗାଁ ଠାରୁ ଅଳ୍ପ ଦୂରତାରେ ସବୁଜିମା ଭରା ପାହାଡ଼ଟିଏ ଥାଏ। ପାହାଡ଼ର ସମତଳ ଅଂଶରେ ସବୁଜ ଘାସ- ପତ୍ର ଦେଖି ଗୋରୁ ଛେଳିଙ୍କର ମନ ଖୁସି ହୋଇଯାଏ। ଗୋପାଳକ ପ୍ରତିଦିନ ସେମାନଙ୍କୁ ନେଇ ସେଇଠିକୁ ଯାଏ। ଗୋରୁ, ଛେଳି ଘାସ ଚରନ୍ତି, ସେ ଗୋଟେ ଝଙ୍କାଳିଆ ଗଛ ତଳେ ବସି ବଂଶୀ ବଜାଏ। ଦିନେ ଜଣେ ବଳଶାଳୀ ଦୈତ୍ୟ ସେଇ ପାହାଡ଼ ଗୁମ୍ଫାରୁ ବାହାରି ଦେଖିଲା ଅନେକଗୁଡ଼ିଏ ଗୋରୁ, ଛେଳି ଘାସ ଚରୁଛନ୍ତି। ହୃଷ୍ଟପୁଷ୍ଟ ଛେଳିଗୁଡ଼ିକୁ ଦେଖି ତା' ପାଟିରେ ଲାଳ ଜକେଇ ଆସିଲା। ଛେଳି ମାଂସ ଖାଇବା ପାଇଁ ଅଥୟ ହେଲା। ଗୋପାଳକ ନଜରରୁ କେମିତି ନେବ ଭାବିପାରୁ ନ ଥାଏ। ହଠାତ୍ ଦୁମ୍ ଦୁମ୍ ପାଦ ପକେଇ ଗୋପାଳକ ପାଖରେ ପହଞ୍ଚି ଗମ୍ଭୀର କଣ୍ଠରେ କହିଲା- ଆରେ ହେ, ତୁ କାହା ଅନୁମତି ନେଇ ଏଠିକୁ ଗୋରୁ, ଛେଳି ଚରେଇବାକୁ ଆସିଛୁ? ଏ ପାହାଡ଼ ମୋର। ଗୋରୁ, ଛେଳି ଯେଉଁ ସବୁ ଘାସ ଖାଇଛନ୍ତି ସେସବୁ ମୋତେ ଶୀଘ୍ର ଫେରସ୍ତ କର। ବିଚରା ଗୋପାଳକ ଦୈତ୍ୟର ଏକଥା ଶୁଣି ଭୟରେ ଥରିବାକୁ ଲାଗିଲା। ଗୋରୁ, ଛେଳି ଖାଇ ସାରିଥିବା ଘାସ ସେ କେମିତି ଫେରସ୍ତ ଦେବ? ମହା ଅଡୁଆରେ ପଡ଼ି ଦୈତ୍ୟ ଆଗରେ ଅନୁନୟ ବିନୟ କଲା। ହେଲେ ଦୈତ୍ୟ ତ ଛେଳି ମାଂସ ଖାଇବ ବୋଲି ଟାକି ରହିଥାଏ। ଦୈତ୍ୟ କହିଲା- ଠିକ୍ ଅଛି, ତୁ ଯଦି ଗୋରୁ, ଛେଳି ଖାଇଥିବା ଘାସ ଫେରସ୍ତ ଦେଇ ନ ପାରିବୁ ତାହେଲେ ମୁଁ ତୋର ଯେଉଁ ଛେଳି ଉପରେ ହାତ ରଖିବି ସେଇ ଛେଳି ମୋତେ ଦେବାକୁ ହେବ। ଗୋପାଳକ ମନେ ମନେ ଭାବୁଥାଏ ଯେମିତି ହେଉ ଦୈତ୍ୟଠାରୁ ଖସି ପଳାଇବାକୁ ପଡ଼ିବ ନହେଲେ ମୋର ସବୁ ଛେଳିକୁ ଚଳୁ କରିଦେବ। ସେପାଇଁ ଗୋଟେ ଉପାୟ ପାଞ୍ଚି ଦୈତ୍ୟର ପ୍ରସ୍ତାବକୁ ସ୍ୱୀକାର କରିନେଲା। ଦୈତ୍ୟ ଖୁସିହୋଇ ତୁରନ୍ତ ଗୋଟେ ମାଂସାଳ ଛେଳି ଉପରେ ହାତ ରଖିଲା। ସହସା ଗୋପାଳକ ଚିତ୍କାର କରି କହିଲା- ନା-ନା ସେଇଟା ମୋ ଛେଳି ନୁହେଁ। ଦୈତ୍ୟ ପୁଣି ଆଉଗୋଟେ ଛେଳି ଉପରେ ହାତ ରଖିଲା। ଗୋପାଳକ ଏଥର ବି ଚିତ୍କାର କରି କହିଲା- ସେଇଟା ବି ମୋ ଛେଳି ନୁହେଁ। ତାପରେ ସେ ଗୋଟେ ପରେ ଗୋଟେ ଛେଳି ଉପରେ ହାତ ରଖି ଚାଲିଲା। ଗୋପାଳକ ପୂର୍ବପରି ସେଇ ଗୋଟିଏ ଉତ୍ତର ଦିଏ-ସେଇଟା ମୋ ଛେଳି ନୁହେଁ। ଶେଷରେ ଦୈତ୍ୟ ରାଗରେ ଦାନ୍ତ କଡ଼ମଡ଼ କରି କହିଲା- ଏସବୁ ଛେଳି ଯଦି ତୋର ନୁହେଁ ତାହେଲେ ମୁଁ ସବୁ ଛେଳି ଖାଇଦେବି। ଗୋପାଳକ ସାହାସ କରି କହିଲା-କେମିତି ଖାଇବ? ନିଜ କଥା ଥରେ ମନେ ପକାଅ। ତୁମେ କହିଥିଲ ମୋର ଯେଉଁ ଛେଳି ଉପରେ ହାତ ରଖିବ ସେଇ ଛେଳି ଖାଇବ। ହେଲେ ସେସବୁ ଛେଳି ତ ମୋର ନୁହେଁ, ସବୁ ଗ୍ରାମବାସୀଙ୍କର। ଦୈତ୍ୟ ଗୋପାଳକର ଛେଳି ଖାଇବ ବୋଲି ଭାରି ଇଚ୍ଛା କରିଥିଲା, କିନ୍ତୁ ଗୋଟେ ବି ଛେଳି ତା'ର ନୁହେଁ ଜାଣିବା ପରେ ମୁହଁ ବୁଲେଇ ନିରାଶ ମନରେ ଫେରିଗଲା। ଗୋପାଳକ ଦୈତ୍ୟଠାରୁ ରକ୍ଷା ପାଇ ଭଗବାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ଗୋରୁ, ଛେଳିଗୁଡ଼ିକୁ ଧରି ଗାଁକୁ ଫେରିଲା। ପିଲାମାନେ, ଏଥିରୁ ଆମକୁ ଏହି ନୀତିଶିକ୍ଷା ମିଳିଲା, ଯେତେବେଳେ ବିପଦ ଆସେ, ସେତବେଳେ ଧୈର୍ଯ୍ୟ ଏବଂ ସାହସ ସହ ପରିସ୍ଥିତିର ମୁକାବିଲା କରିବା ଉଚିତ୍ । ■

ବିସି-୭୪
ସଲ୍ଟଲେକ୍, କୋଲକାତା

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।


## ତୁମେ ଆଙ୍କିଛ







ଦେବସ୍ମିତା ହାଁସଦା
ଷଷ୍ଠ ଶ୍ରେଣୀ
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ବାହାନଡ଼ା






ଆରୁଷି ମହାନ୍ତି
ଦଶମ ଶ୍ରେଣୀ
ନାରାୟଣ ଇ ଟେକ୍ନୋ ସ୍କୁଲ
ଚନ୍ଦ୍ରଶେଖରପୁର
ଭୁବନେଶ୍ୱର





ସୌମିକ ସଂକେତ ମିଶ୍ର
ଅଷ୍ଟମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଢେଙ୍କାନାଳ





ଆଶ୍ରିତ ମିଶ୍ର
ପଞ୍ଚମ ଶ୍ରେଣୀ
ଏକଲବ୍ୟ ଶିକ୍ଷାକେନ୍ଦ୍ର
ନିମାପଡ଼ା

## ଗିଲ-ସୁଦର୍ଶନଙ୍କ ଆଗରେ ଫିକା ପଡ଼ିଲେ ସୂର୍ଯ୍ୟବଂଶୀ

# ଫାଇନାଲରେ ଗୁଜରାଟ

ମୁଲାନପୁର,୨୯।୫(ଏଜେନ୍ସି)

ଗୁଜରାଟ ଟାଇଟାନ୍ସର ଶୁବମନ ଗିଲ୍ (୫୩ବଲ୍‌ରେ ୧୦୪ରନ୍) ଓ ସାଇ ସୁଦର୍ଶନ (୩୨ବଲ୍‌ରେ ୫୮ରନ୍)ଙ୍କ ୧୬୭ରନ୍‌ର ପାର୍ଟନରସିପ୍ ଆଗରେ ଫିକା ପଡ଼ିଛି ବିସ୍ମୟ ବାଳକ ତଥା ରାଜସ୍ଥାନ ରୟାଲ୍ସର ବୈଭବ ସୂର୍ଯ୍ୟବଂଶୀଙ୍କ ଭିନ୍ନଧରଣର ୯୬ ରନ। ଶୁବମନଙ୍କ ୫ମ ଶତକ ଓ ସୁଦର୍ଶନଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଅନୁଷ୍ଠିତ ଆଇପିଏଲ୍ କ୍ୱାଲିଫାୟର-୨ରେ ଗୁଜରାଟ ଟାଇଟାନ୍ସ ୭ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ମେ ୨୬ରେ ଖେଳାଯାଇଥିବା ପ୍ରଥମ କ୍ୱାଲିଫାୟରରେ ଗୁଜରାଟକୁ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ବେଙ୍ଗାଲୁରୁ ଓ ଗୁଜରାଟ ମଧ୍ୟରେ ଆଇପିଏଲ୍ ୨୦୨୬ର ଫାଇନାଲ ମୁକାବିଲା ଅହମ୍ମଦାବାଦ୍‌ରେ ମେ ୩୧ ତାରିଖରେ ଖେଳାଯିବ। ୨୦୨୨ରେ ଚାମ୍ପିଅନ ହୋଇଥିବା ଗୁଜରାଟ ଏହାକୁ ମିଶାଇ ତୃତୀୟଥର ଫାଇନାଲରେ ପ୍ରବେଶ କରିଛି।

ଆଜି ଏଠାରେ ଅନୁଷ୍ଠିତ ଦ୍ୱିତୀୟ କ୍ୱାଲିଫାୟରରେ ପ୍ରଥମେ ବ୍ୟାଟିଂ କରି ରାଜସ୍ଥାନ ରୟାଲ୍ସ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ କରିଥିଲା ୨୧୪ ରନ୍।

**ମେ ୩୧ରେ ଫାଇନାଲ୍**
**ଗୁଜୁରାଟ - ବେଙ୍ଗାଲୁରୁ**
**ଅହମ୍ମଦାବାଦ, ରାତି-୭:୩୦**

ଦଳ ପକ୍ଷରୁ ୧୫ବର୍ଷୀୟ ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀ ୯୬ରନ୍‌ରେ ଆଉଟ ହେବା ସହ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ନର୍ଭସ ନାଇଣ୍ଟିଜ୍‌ର ଶିକାର ହୋଇଥିଲେ। ୨୭ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ସୂର୍ଯ୍ୟବଂଶୀ ୪୭ବଲ୍‌ରେ ୮ଚୌକା ଓ ୭ଛକା ସହ ୯୬ରନ୍ କରିଥିଲେ। ସେ ସନ୍‌ରାଇଜର୍ସ ବିପକ୍ଷ ଏଲିମିନେଟରରେ ୨୯ବଲ୍‌ରୁ ୯୭ ଓ ମେ ୧୯ରେ ଏଲଏସ୍‌ଜି ବିପକ୍ଷରେ ୩୮ ବଲ୍‌ରୁ ୯୩ରନ୍ କରି ଚଳିତ ସିଜନରେ ତୃତୀୟଥର ନର୍ଭସ ନାଇଣ୍ଟିଜ୍‌ର ଶିକାର ହୋଇଥିଲେ। ରବୀନ୍ଦ୍ର ଜାଡେଜା ୩୫ ବଲ୍‌ରେ ୫ଚୌକା ଓ ୧ଛକା ସହ ୪୫ ରନ୍ ଓ ଡୋନୋଭାନ ଫେରେରାଙ୍କ ୧୧ବଲ୍‌ରୁ ୨ଚୌକା ଓ ୪ଛକା ସହାୟତାରେ ଅପରାଜିତ ୩୮ ରନ୍ ବଳରେ ରାଜସ୍ଥାନ ଏକ ଡିଫେଣ୍ଡେବଲ ସ୍କୋର କରିଥିଲା।

ଜବାବରେ ଗୁଜରାଟ ଓପନିଂ ଯୋଡିରେ ସୁଦର୍ଶନ ଓ ଗିଲ୍ ୭୭ବଲ୍‌ରେ ୧୬୭ରନ୍ ଉଠାଇବା ଫଳରେ ଦଳ୧୮.୪ ଓଭରରେ ୨୧୯ରନ୍ କରି ୭ ୱିକେଟରେ ମ୍ୟାଚ୍ ଜିତିଥିଲା। ଗିଲ୍ ୫୩ବଲ୍ ଖେଳି ୧୫ଚୌକା ଓ ୩ଛକା ସହ ୧୦୪ ଏବଂ ସୁଦର୍ଶନ ୩୨ବଲ୍‌ରୁ ୮ଚୌକା ଓ ୧ଛକା ସହ ୫୮ରନରେ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ହିଟ୍ ୱିକେଟରେ ଆଉଟ ହୋଇଥିଲେ। ସୁନ୍ଦର ୯ବଲ୍‌ରେ ୧୬ ରନ୍ କରିଥିଲାବେଳେ ଜୋଶ ବଟ୍ଲର ୯ ଓ ରାହୁଲ ତେୱାଟିଆ ୧୭ ରନ କରି ଶେଷଯାଏ ଅପରାଜିତ ରହିଥିଲେ।




## ଅଧିନାୟକତ୍ୱ ଛାଡ଼ିଲେ ପନ୍ତ୍



ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ୱିକେଟକିପର ଋଷଭ ପନ୍ତ୍ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଟିମ୍ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ଅଧିନାୟକ ପଦରୁ ଓହରିଯାଇଛନ୍ତି। ଦଳ ଚଳିତ ସିଜନରେ ପଏଣ୍ଟ ଟେବୁଲର ଶେଷ ସ୍ଥାନରେ ରହିବା ପରେ ପନ୍ତ୍ ନେତୃତ୍ୱ ପଦରୁ ହଟିଯିବାକୁ ଇଚ୍ଛା ପ୍ରକାଶ କରିଥିଲେ। ତାହାକୁ ଟିମ୍ ମ୍ୟାନେଜମେଣ୍ଟ ଗ୍ରହଣ କରିନେଇଛି। ପନ୍ତ୍‌ଙ୍କ ସ୍ଥାନରେ ଦକ୍ଷିଣ ଆଫ୍ରିକାର ଆଇଡେନ୍ ମାର୍କରାମ, ଅଷ୍ଟ୍ରେଲିଆର ମିଚେଲ ମାର୍ଶ ଓ ୱେଷ୍ଟଇଣ୍ଡିଜ୍‌ର ନିକୋଲସ ପୂରନଙ୍କ ଭଳି ସଫଳ ଖେଳାଳି ରହିଛନ୍ତି। ଏମାନଙ୍କ ମଧ୍ୟରୁ ଜଣଙ୍କୁ ପନ୍ତ୍‌ଙ୍କ ସ୍ଥାନରେ ନିଯୁକ୍ତି ମିଳିବ ବୋଲି ଆଶା କରାଯାଉଛି।

## ମୁମ୍ବଇ ଟିମ୍ ଛାଡ଼ିବେ ହାର୍ଦ୍ଦିକ

ମୁମ୍ବଇ,୨୯।୫(ଏଜେନ୍ସି): ଚଳିତ ସିଜନରେ ଆଇପିଏଲ୍ ପଏଣ୍ଟ ଟେବୁଲର ୯ମ ସ୍ଥାନରେ ରହିଥିବା ମୁମ୍ବଇ ଇଣ୍ଡିଆନ୍ସ ଟିମ୍‌ରୁ ବିଦା ହେବେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା। ଏ ସମ୍ପର୍କରେ ହାର୍ଦ୍ଦିକ ଟୁର୍ଣ୍ଣାମେଣ୍ଟ ଅଧାରେ ଟିମ୍ ମ୍ୟାନେଜମେଣ୍ଟକୁ ଜଣାଇଦେଇଥିଲେ। ଏହା ପରେ ମ୍ୟାନେଜମେଣ୍ଟ ତାଙ୍କୁ ଦଳରେ ରହିବା ସହ ଅନ୍ୟ ଖେଳାଳିଙ୍କ ନେତୃତ୍ୱର ପରୀକ୍ଷା କରିଥିଲେ। ଶେଷ ଦୁଇଟି ମ୍ୟାଚ୍‌ରେ ହାର୍ଦ୍ଦିକ ନେତୃତ୍ୱ ନେଇଥିଲେ ମଧ୍ୟ ଫଳାଫଳ ବଦଳି ନ ଥିଲା। ଆଦୌ ଫର୍ମରେ ନ ଥିବା ହାର୍ଦ୍ଦିକଙ୍କୁ ମୁମ୍ବଇ ଟିମ୍ ଛାଡିଦେବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ପିଏମ୍‌ଓଏ’ରେ ସ୍ମାର୍ଟ ସନ୍‌ଗ୍ଲାସ୍ ବ୍ୟାନ୍

ନୂଆଦିଲ୍ଲୀ,୨୯।୫(ଏଜେନ୍ସି): ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ସ୍ମାର୍ଟ ସନ୍‌ଗ୍ଲାସ୍ ବ୍ୟାନ୍ କରିଛି ବିସିସିଆଇ। ଏହି ଗ୍ଲାସ୍‌ରେ ଆଇପିଏଲ୍ ମ୍ୟାଚ୍‌ର ଲାଇଭ୍ ଷ୍ଟ୍ରିମିଂ, ଭିଡିଓ କଲିଙ୍ଗ ସୁବିଧା ରହିଛି। ଏଣୁ ଏହା ମ୍ୟାଚ୍ ସମ୍ପର୍କରେ ସୂଚନା ହସ୍ତାନ୍ତର ହୋଇପାରୁଛି। ଫଳରେ ଏହା ମ୍ୟାଚ୍ ଫିକ୍ସିଂକୁ ପ୍ରୋତ୍ସାହିତ କରିବ। ବିସିସିଆଇ ଦୁର୍ନୀତି ନିବାରଣ ବିଭାଗର ପରାମର୍ଶ କ୍ରମେ ପ୍ଲେୟର ଆଣ୍ଡ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମ୍‌ଓଏ)ରେ ଏହି ସନ୍ ଗ୍ଲାସ୍ ବ୍ୟବହାରକୁ ବାସନ୍ଦ କରିଛି। ଏହାକୁ ଯଦି କୌଣସି ଖେଳାଳି କିମ୍ବା କର୍ମକର୍ତ୍ତା ଉଲ୍ଲଙ୍ଘନ କରନ୍ତି, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିସିସିଆଇ ପକ୍ଷରୁ ଚେତାବନି ଦିଆଯାଇଛି।

## ଏକମାତ୍ର ଟେଷ୍ଟ: ନ୍ୟୁଜିଲାଣ୍ଡର ଇନିଂସ୍ ବିଜୟ

ବେଲ୍‌ଫାଷ୍ଟ, ୨୯ ।୫ (ଏଜେନ୍ସି)

ଘରୋଇ ଆୟର୍ଲାଣ୍ଡ ବିପକ୍ଷ ଏକମାତ୍ର ଟେଷ୍ଟ ମ୍ୟାଚରେ ନ୍ୟୁଜିଲାଣ୍ଡ ଏକ ଇନିଂସ୍ ଓ ୭୯ ରନରେ ବିଜୟୀ ହୋଇଛି। ଚାରିଦିବସୀୟ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ନ୍ୟୁଜିଲାଣ୍ଡ ୮ ୱିକେଟରେ ୪୯୦ ରନ କରି ଇନିଂସ୍ ଘୋଷଣା କରିଥିଲା। ଜବାବରେ ଆୟର୍ଲାଣ୍ଡ ପ୍ରଥମ ଇନିଂସ୍‌ରେ ୧୭୯ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ୩୧୧ ରନ ପଛରେ ଥାଇ ଫଲୋଅନ ପାଇଥିବା ଦ୍ୱିତୀୟ ଇନିଂସ୍‌ରେ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନ୍ୟୁଜିଲାଣ୍ଡ ବୋଲିଂ ବାହିନୀକୁ ସାମ୍ନା କରି ନ ପାରି ଆୟର୍ଲାଣ୍ଡ ଶୁକ୍ରବାର ମ୍ୟାଚର ୩ୟ ଦିବସରେ ୨୩୨ ରନ କରି ସମସ୍ତ ୱିକେଟ୍ ହରାଇଥିଲା।


ଲୋରକାନ ଟକର ୫୦, ଓପନର୍ ଷ୍ଟିଫେନ ଦୋହେନୀ ୫୭ ଓ ମାର୍କ ଆଦାୟର ଅପରାଜିତ ୪୪ ରନ କରିଥିଲେ ମଧ୍ୟ ଦଳକୁ ଇନିଂସ୍ ପରାଜୟରୁ ରକ୍ଷା କରିପାରି ନ ଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ପାଇଁ ବ୍ଲେୟର ଟିକନର ୫ ୱିକେଟ୍ ସଫଳତା ପାଇଥିଲେ। ୧୮୬ ରନର ମାରାଥନ ଶତକୀୟ ଇନିଂସ୍ ଖେଳିଥିବା ନ୍ୟୁଜିଲାଣ୍ଡର ଟମ୍ ବ୍ଲଣ୍ଡେଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଟେଷ୍ଟ ଇତିହାସରେ ଦୁଇ ଦଳ ମଧ୍ୟରେ ଏହା ସର୍ବପ୍ରଥମ ମ୍ୟାଚ୍ ଥିଲା।

### ହାଇକୋର୍ଟଙ୍କ ପରେ ସୁପ୍ରିମକୋର୍ଟଙ୍କ ଆଦେଶ

## ଏସିଆନ୍ ଗେମ୍ସ ଟ୍ରାଏଲ୍ସରେ ଭାଗନେବେ ବିନେଶ

ନୂଆଦିଲ୍ଲୀ,୨୯।୫(ଏଜେନ୍ସି)

ରେସଲିଂ ଫେଡେରେସନ ଅଫ୍ ଇଣ୍ଡିଆ ବିପକ୍ଷରେ ଷ୍ଟାର ରେସଲର ବିନେଶ ଫୋଗଟଙ୍କ ଡବଲ ବିଜୟ। ଯୋଗ୍ୟତାର ମାପକାଠି ଓ ନିୟମ ଦର୍ଶାଇ ବିନେଶ ଫୋଗଟଙ୍କୁ ଏସିଆ ଗେମ୍ସ ଟ୍ରାଏଲ୍ସରୁ ଦୂରେଇ ରଖିଥିଲା ମହାସଂଘ। ଏହା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରି ବିନେଶ ଟ୍ରାଏଲ୍ସରେ ଭାଗନେବାକୁ ଅନୁମତି ପାଇଥିଲେ। କିନ୍ତୁ ଗତକାଲି ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ମହାସଂଘ ସ୍ପେଶାଲ ଲିଭ୍ ପିଟିସନ ଜରିଆରେ ସୁପ୍ରିମକୋର୍ଟ ଯାଇଥିଲା। ଆଜି ଏହାର ଶୁଣାଣି କରି ରେସଲିଂ ମହାସଂଘର ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଏହା ସହ ଆସନ୍ତାକାଲିଠାରୁ ଏଠାରେ ହେବାକୁ ଥିବା ଏସିଆନ୍ ଗେମ୍ସ ଟ୍ରାଏଲ୍ସରେ ଭାଗନେବାକୁ ଜଷ୍ଟିସ ପିଏସ୍ ନରସିଂମା ଓ ଆଲୋକ ଆରାଧେଙ୍କୁ ନେଇ ଗଠିତ ଦୁଇଜଣିଆ ସୁପ୍ରିମକୋର୍ଟ ଖଣ୍ଡପୀଠ ବିନେଶଙ୍କୁ ଅନୁମତି ଦେଇଛନ୍ତି। ଏହା ଫଳରେ ରେସଲିଂ ମହାସଂଘ ବିପକ୍ଷରେ ବିନେଶଙ୍କ ଡବଲ ବିଜୟ ହୋଇଛି।



ଏବେ ମହାସଂଘ ବିନେଶଙ୍କୁ ଏସିଆନ ଗେମ୍ସ ଟ୍ରାଏଲ୍ସରୁ ଦୂରେଇ ରଖିବା ଲାଗି କାହାର ଆଶ୍ରୟ ନେଉଛି କିମ୍ବା ଏହାକୁ ବାତିଲ କରୁଛି ତାହା ଦେଖିବାକୁ ବାକି ରହିଲା।


ସୂଚନାଯୋଗ୍ୟ ଡିସେମ୍ବର ୨୦୨୪ରେ ବିନେଶ ରେସଲିଂରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ଏ ସମ୍ପର୍କରେ ସେ ଅନ୍ତର୍ଜାତୀୟ ଟେଷ୍ଟିଂ ଏଜେନ୍ସି (ଆଇଟିଏ)କୁ ଜଣାଇଥିଲେ। ଏବେ ସେ ଅବସରରୁ ଫେରିବା ପରେ ରେସ୍‌ଲିଂ ମହାସଂଘ ଦ୍ୱାରା ଆୟୋଜିତ ହେବାକୁ ଥିବା ଏସିଆନ ଗେମ୍ସ ଟ୍ରାଏଲ୍ସରେ ଭାଗନେବାକୁ ପହଞ୍ଚିଥିଲେ। କିନ୍ତୁ ତାଙ୍କୁ ମହାସଂଘ ଅନୁମତି ଦେଇ ନ ଥିଲା। ବିନେଶ ମହାସଂଘ ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ଆବେଦନ କଲେ। ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଟ୍ରାଏଲ୍ସରେ ଭାଗନେବାକୁ ଅନୁମତି ଦେଇଥିଲେ। ଏହି ଆଦେଶ ବିରୋଧରେ ଗତକାଲି ସ୍ପେଶାଲ ଲିଭ୍ ପିଟିସନ ମାଧ୍ୟମରେ ସୁପ୍ରିମକୋର୍ଟ ଯାଇଥିଲା ମହାସଂଘ।

ସୁପ୍ରିମକୋର୍ଟରେ ଏହି ଆବେଦନର ବିଚାର ପାଇଁ ଗଠିତ ଖଣ୍ଡପୀଠ ବିନେଶଙ୍କୁ ଟ୍ରାଏଲ୍ସରେ ଭାଗନେବାକୁ ସ୍ପଷ୍ଟ ଅନୁମତି ଦେବା ପରେ ଏବେ ଘଟଣା ଭିନ୍ନ ମୋଡ ନେଇଛି। ରେସ୍‌ଲିଂ ମହାସଂଘ ଏବେ ବିନେଶଙ୍କୁ ଟ୍ରାଏଲ୍ସରେ ଭାଗନେବାକୁ ଅନୁମତି ଦେବ କିମ୍ବା କୋର୍ଟ ଆଦେଶ ଅବମାନନା କରିବାକୁ ଆଉ କିଛି ବାହାନା କରିବ ତାହା ଦେଖିବାକୁ ବାକି ରହିଲା।

## ଚତୁର୍ଥ ରାଉଣ୍ଡରେ ଆନ୍ଦ୍ରିଭା

ପ୍ୟାରିସ, ୨୯ ।୫ (ଏଜେନ୍ସି): ଚଳିତ ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍‌ର ୬ଷ୍ଠ ଦିବସ ଖେଳ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମହିଳା ବିଭାଗରେ ୮ମ ସିଡ୍ ମାରିଆ ଆନ୍ଦ୍ରିଭା, ୩ୟ ସିଡ୍ ଇଗା ସ୍ୱିଆଟେକ, ୧୫ତମ ସିଡ୍ ମାର୍ତା କୋସ୍ଟ୍ୟୁକ ପ୍ରମୁଖ ବିଜୟୀ ହୋଇ ଚତୁର୍ଥ ରାଉଣ୍ଡ ତଥା ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ତୃତୀୟ ରାଉଣ୍ଡର ଏକ ମ୍ୟାଚରେ ରୁଷିଆ ଯୁବ ତାରକା ଆନ୍ଦ୍ରିଭା ୬-୪, ୬-୨ ସିଧାସଳଖ ସେଟରେ ୨୭ତମ ସିଡ୍ ଚେକ୍ ଗଣରାଜ୍ୟର ମାରିଏ ବୌଜକୋଭାଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ୧୫ତମ ସିଡ୍ ୟୁକ୍ରେନର ମାର୍ତା ୬-୪, ୬-୩ସେଟ୍‌ରେ ସୁଇଜରଲାଣ୍ଡର ଭିକ୍ଟୋରିଜା ଗୋଲୁବିକଙ୍କୁ ହରାଇଛନ୍ତି। ଏଥିସହ କ୍ଲେ-କୋର୍ଟରେ ମାର୍ତା ତାଙ୍କ ବିଜୟଧାରାକୁ ୧୫ରେ ପହଞ୍ଚାଇଛନ୍ତି। ଚତୁର୍ଥ ରାଉଣ୍ଡରେ ମାର୍ତାଙ୍କ ମୁକାବିଲା ଚାରିଥରର ଚାମ୍ପିଅନ ଇଗା ସ୍ୱିଆଟେକଙ୍କ ସହ ହେବ। ଅନ୍ୟ ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ସ୍ୱିଆଟେକ ୬-୪, ୬-୪ ସେଟରେ ପୋଲାଣ୍ଡର ମାଗଦା ଲିନେଟ୍ଟେଙ୍କୁ ହରାଇ ୪ର୍ଥ ରାଉଣ୍ଡକୁ ଉଠିଛନ୍ତି। ଏଥିପୂର୍ବରୁ ଗତକାଲି ରାତିରେ ଡିଫେଣ୍ଡିଂ ଚାମ୍ପିଅନ କୋକୋ ଗଫ୍, ଟପ୍ ସିଡ୍ ଆରିନା ସାବାଲେଙ୍କା ବିଜୟୀ ହୋଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ଫ୍ରେଞ୍ଚ ଓପନ୍**



**ରୁବଲେଭ, ରୁଡ୍ ଆଗେଇଲେ**

ଅପରପକ୍ଷରେ ପୁରୁଷ ବିଭାଗରେ ୧୧ତମ ସିଡ୍ ରୁଷିଆର ଆନ୍ଦ୍ରେ ରୁବଲେଭ ସହଜ ବିଜୟ ସହ ପ୍ରି-କ୍ୱାର୍ଟରରେ ସ୍ଥାନ ପକ୍କା କରିଛନ୍ତି। ରୁବଲେଭ ୭-୫, ୭-୬ (୭/୨), ୭-୬ (୭/୨) ସେଟରେ ପର୍ତ୍ତୁଗାଲର ନୁନୋ ବୋର୍ଜେସଙ୍କୁ ମାତ୍ ଦେଇଛନ୍ତି। ସେହିଭଳି କାସ୍ପର ରୁଡ୍ ସର୍ବିଆର ହମାଦ ମେଡଜୋଭିକଙ୍କୁ ହରାଇ ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି।

■ ଫିଫା ବିଶ୍ୱକପ୍ ଫୁଟବଲ

## ଆର୍ଜେଣ୍ଟିନା ଚୂଡ଼ାନ୍ତ ଦଳରେ ମେସି



ରିଓ ଡି ଜାନେଇରୋ, ୨୯।୫ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ପକ୍ଷରୁ ଚଳିତବର୍ଷ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଫୁଟବଲ ପ୍ରତିଯୋଗିତା ଲାଗି ୨୬ଜଣିଆ ଚୂଡାନ୍ତ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଗତଥର ନେତୃତ୍ୱ ନେଇ ଦଳକୁ ଚାମ୍ପିଅନ କରାଇଥିବା ୩୮ ବର୍ଷୀୟ ଲିଓନେଲ ମେସିଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଗତଥର ଅଧିନାୟକ ମେସି ୭ଟି ଗୋଲ କରିବା ସହ ୩ଟି ଗୋଲରେ ସହାୟତା କରିଥିଲେ। ବିଶ୍ୱକପ୍ ଖେଳିବା ପୂର୍ବରୁ ଜୁନ୍ ୬ରେ ହଣ୍ଡୁରାସ ଓ ଜୁନ୍ ୯ରେ ଆଇସ୍‌ଲାଣ୍ଡ ସହ ଆର୍ଜେଣ୍ଟିନା ଅଭ୍ୟାସ ମ୍ୟାଚ ଖେଳିବ। ଏହି ମ୍ୟାଚ୍ ଦୁଇଟିରେ ମେସି ଫିଟ୍‌ନେସ ପରୀକ୍ଷା ଦେବେ। ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ପରେ ଆର୍ଜେଣ୍ଟିନା ତାହାର ବେସ୍ କ୍ୟାମ୍ପ କାନାସ ସିଟିକୁ ଯିବ। ଦଳରେ ପ୍ରାୟ ସମସ୍ତ ପ୍ରତିଷ୍ଠିତ ଖେଳାଳି ସ୍ଥାନ ପାଇଛନ୍ତି। ଜୁନ୍ ୧୬ରେ ଆଲଜେରିଆ ସହ ଖେଳି ଆର୍ଜେଣ୍ଟିନା ତାହାର ଅଭିଯାନ ଆରମ୍ଭ କରିବ। ଏହି ଗ୍ରୁପ୍‌ରେ ଅଷ୍ଟ୍ରିଆ ଓ ଜୋର୍ଡାନ ମଧ୍ୟ ସ୍ଥାନ ପାଇଛନ୍ତି।

## ପ୍ରଥମ ଟି-୨୦ରେ ଇଂଲଣ୍ଡକୁ ହରାଇଲା ଭାରତ

ଚେମ୍ସଫୋର୍ଡ,୨୯।୫(ଏଜେନ୍ସି): ଦୁଇ ଯୁବ ଫାଷ୍ଟ ବୋଲର ନନ୍ଦିନୀ ଶର୍ମା (୩/୩୪) ଓ କ୍ରାନ୍ତି ଗୌଡ଼ (୨/୨୪)ଙ୍କ ସମେତ ବୋଲରଙ୍କ ପ୍ରଭାବଶାଳୀ ପ୍ରଦର୍ଶନ ବଳରେ ଏଠାରେ ଗୁରୁବାର ଖେଳାଯାଇଥିବା ଦିବାରାତ୍ର ପ୍ରଥମ ଟି-୨୦ରେ ଭାରତ ୩୮ ରନ୍‌ରେ ଇଂଲଣ୍ଡକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ଜୁନ ୧୨ରୁ ଆରମ୍ଭ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି। ଭାରତୀୟ ଇନିଂସରେ ୪୦ବଲ୍‌ରୁ ୧୦ଚୌକା ଓ ୧ଛକା ସହ ୬୯ ରନ୍ କରିଥିବା ଜେମିମା ରୋଡ୍ରିଗ୍ସେଜ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଜେମିମାଙ୍କ ସହ ଯଷ୍ଟିକା ଭାଟିଆ ୫୬ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟରେ ୧୮୮ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୮ ୱିକେଟରେ ୧୫୦ରନ୍ କରିବାକୁ ସମର୍ଥ ହୋଇଥିଲା।

## ଭାରତ ବିଜୟୀ

ପର୍ଥ,୨୯।୫(ଏଜେନ୍ସି): ଏଠାରେ ଚାଲିଥିବା ବନ୍ଧୁପୂର୍ଣ୍ଣ ମହିଳା ସିନିଅର ହକି ସିରିଜ୍‌ରେ ଭାରତୀୟ ଦଳ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଏହି ବିଜୟ ଫଳରେ ୪ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୨-୧ରେ ଆଗୁଆ ରହିଛି। ଭାରତୀୟ ଦଳ ପ୍ରଥମ ମ୍ୟାଚ୍ ହାରିବା ପରେ ଦ୍ୱିତୀୟ ମ୍ୟାଚ୍‌କୁ ୪-୨ ପେନାଲ୍ଟି ସୁଟ୍‌ଆଉଟରେ ଜିତିଥିଲା।

## ଭାରତୀୟ ମହିଳା ଭଲିବଲ୍ ଦଳକୁ କାଂସ୍ୟ

ଭୁବନେଶ୍ୱର, ୨୯ ।୫ (ସମିସ): କାଠମାଣ୍ଡୁରେ ଅନୁଷ୍ଠିତ କାଭା ମହିଳା ଭଲିବଲ୍ ଚାମ୍ପିଅନସିପ୍‌ରେ ଭାରତ କାଂସ୍ୟ ପଦକ ବିଜୟୀ ହୋଇଛି। ଶୁକ୍ରବାର ଅନୁଷ୍ଠିତ କାଂସ୍ୟ ପଦକ ମୁକାବିଲାରେ ଭାରତ ୩-୧ (୨୫-୨୨, ୨୫-୨୩, ୧୫-୨୫, ୨୫-୨୨) ସେଟରେ ଆୟୋଜକ ନେପାଳକୁ ପରାସ୍ତ କରିଥିଲା। ଆର୍‌ଏସ୍ ଶିଳ୍ପା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ମିଡଲ୍ ବ୍ଲକର ଓ ସାଥୀ ଦାସ ଶ୍ରେଷ୍ଠ ଲିବେରୋ ପୁରସ୍କାର ହାସଲ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ସହ ନିର୍ଦ୍ଦେଶକ ଶିବସ୍ୱରୂପ ନନ୍ଦ ଭାରତୀୟ ମହିଳା ଦଳର ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଓଡ଼ିଶା ଭଲିବଲ୍ ସଂଘ ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ କାଂସ୍ୟ ବିଜୟୀ ଭାରତୀୟ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

### କିଟ୍ ଅନ୍ତର୍ଜାତୀୟ ଚେଓ ମହୋତ୍ସବ

## କାଟାଗୋରୀ-ଏ’ରେ ବୋରିସ୍ ଅଗ୍ରଣୀ

ଭୁବନେଶ୍ୱର,୨୯।୫(ସମିସ): ଏଠାରେ ଚାଲିଥିବା କିଟ୍ ଅନ୍ତର୍ଜାତୀୟ ଚେସ ମହୋତ୍ସବର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଟୁର୍ଣ୍ଣାମେଣ୍ଟର କାଟାଗୋରୀ-ଏ’ରେ ଆଉ ଗୋଟିଏ ରାଉଣ୍ଡ ଖେଳ ବାକିଥିଲାବେଳେ ରୁଷିଆର ଗ୍ରାଣ୍ଡ ମାଷ୍ଟର ବୋରିସ ସାଭେଚେଙ୍କୋ ୮ ପଏଣ୍ଟ ସଂଗ୍ରହ କରି ଏକକ ଅଗ୍ରଣୀ ରହିଛନ୍ତି। ସେ ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ଜିତିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି କରିଛନ୍ତି। ୯ମ ରାଉଣ୍ଡ ଶେଷରେ ବୋରିସ୍ ୮ ପଏଣ୍ଟ ପାଇଥିଲାବେଳେ ଭାରତର ଅନ୍ୟତମ ଆଇଏମ୍ ଆରଣ୍ୟକ ଘୋଷ ୭.୫ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଆସନ୍ତାକାଲି ପ୍ରଥମ ଦୁଇଟି ସ୍ଥାନରେ ଥିବା ଖେଳାଳିଙ୍କ ମଧ୍ୟରେ ମୁକାବିଲା ହେବ। ଏଥିରେ ଯଦି ବୋରିସ୍ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୁଅନ୍ତି ତେବେ ଚାମ୍ପିଅନ ହେବେ। ଅନ୍ୟମାନଙ୍କ ମଧ୍ୟରେ ୯ଜଣ ଖେଳାଳି ୭ ପଏଣ୍ଟ ସଂଗ୍ରହ କରି ମିଳିତଭାବେ ତୃତୀୟ ସ୍ଥାନରେ ରହିଛନ୍ତି। ଆସନ୍ତାକାଲି ଯଦି ବୋରିସ୍ ମ୍ୟାଚ୍ ଜିତନ୍ତି, ତେବେ ଏହି ୯ଜଣଙ୍କ ମଧ୍ୟରୁ ଜଣେ ରନର୍ସ ଅପ୍ ହେବାର ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ। ଓଡ଼ିଶାର ଖେଳାଳିଙ୍କ ମଧ୍ୟରେ ସମ୍ବିତ ପଣ୍ଡା ବିଜୟୀ ହୋଇ ପଏଣ୍ଟ ସଂଖ୍ୟା ୬.୫କୁ ବୃଦ୍ଧି କରିଛନ୍ତି। ଏବେ ସେ ୨୧ତମ ସ୍ଥାନରେ ରହିଛନ୍ତି। ଆସନ୍ତାକାଲି ସେ ବିଜୟୀ ହୋଇପାରିଲେ ଟପ୍ ୨୦ କିମ୍ବା ୧୫ଜଣଙ୍କ ମଧ୍ୟରେ ସ୍ଥାନ ପାଇବେ। ଆଶୀର୍ବାଦ୍ ସ୍ୱାଇଁ ୬୦ତମ ସ୍ଥାନରେ ଅଛନ୍ତି।

## ଆଜିଠୁ ଜାତୀୟ ଜୁନିଅର କିକ୍ ବକ୍ସିଂ




ଭୁବନେଶ୍ୱର, ୨୯ ।୫ (ସମିସ): ଓଡ଼ିଶା ଆମେଚର୍ କିକ୍ ବକ୍ସିଂ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ୱାକୋ ଇଣ୍ଡିଆ ଜାତୀୟ ଜୁନିଅର (୧୬ ବର୍ଷରୁ କମ୍) କିକ୍ ବକ୍ସିଂ ଚାମ୍ପିଅନସିପ୍ ଶନିବାରଠାରୁ ଆରମ୍ଭ ହେବାକୁଯାଉଛି। ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଜୁନ ୩ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ସାରା ଭାରତର ବିଭିନ୍ନ ରାଜ୍ୟରୁ ୭୦୦ରୁ ଊର୍ଦ୍ଧ୍ୱ ଯୁବ କିକ୍ ବକ୍ସର ଅଂଶଗ୍ରହଣ କରିବେ। ଯେଉଁଥିରେ ଆୟୋଜକ ଓଡ଼ିଶାର ୪୨ଜଣ କିକ୍ ବକ୍ସର ରହିଛନ୍ତି। ସେହିଭଳି ୪୮ ରେଫରି, ୮୦ କୋଚ୍ ଓ ଟେକନିକାଲ ସପୋର୍ଟ ଷ୍ଟାଫ୍ ମ୍ୟାଚ୍ ପରିଚାଳନାରେ ସହଯୋଗ କରିବେ ବୋଲି ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କିକ୍ ବକ୍ସିଂ ସଂଘର ସମ୍ପାଦକ ବିଚିତ୍ର ନାରାୟଣ ଜେନା ସୂଚନା ଦେଇଛନ୍ତି। ସେହିଭଳି ଏହି ପ୍ରତିଯୋଗିତାରୁ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି ଖେଳାଳି ଚୟନ କରାଯିବ ବୋଲି ସଭାପତି କାର୍ତ୍ତିକ ଡାକୁଆ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସମ୍ପାଦକ ରଞ୍ଜନ ସୁତାର, ହିମାଂଶୁ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

### ଜାତୀୟ ସବ୍‌ଜୁନିଅର ବେସ୍‌ବଲ ଉଦ୍‌ଯାପିତ

## ଛତିଶଗଡ଼, ମହାରାଷ୍ଟ୍ର ଚାମ୍ପିଅନ; ଓଡ଼ିଶାକୁ କାଂସ୍ୟ

ଭୁବନେଶ୍ୱର, ୨୯ ।୫ (ସମିସ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ଜାତୀୟ ସବ୍-ଜୁନିଅର ବେସ୍‌ବଲ୍ ଚାମ୍ପିଅନସିପ୍‌ର ୩୧ତମ ସଂସ୍କରଣ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାଳକ ବିଭାଗରେ ମହାରାଷ୍ଟ୍ରକୁ ହରାଇ ଛତିଶଗଡ଼ ଚାମ୍ପିଅନ ହୋଇଛି। ସେହିଭଳି ପଞ୍ଜାବ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଛି। ଅପରପକ୍ଷରେ ବାଳିକା ବିଭାଗ ଫାଇନାଲରେ ଛତିଶଗଡ଼କୁ ପରାସ୍ତ କରି ମହାରାଷ୍ଟ୍ର ଟାଇଟଲ୍ ଜିତିଛି। ସେମିଫାଇନାଲରେ ପରାସ୍ତ ହୋଇଥିବା ଓଡ଼ିଶା ବାଳିକା ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଛି। ବାଳିକାରେ ଓଡ଼ିଶାର ଆର୍ଯ୍ୟା ଶ୍ରେଷ୍ଠ ବ୍ୟାଟର୍ ଓ ଭାଗ୍ୟଶ୍ରୀ ମାଝୀ ଶ୍ରେଷ୍ଠ ରନର ବିବେଚିତ ହୋଇଛନ୍ତି। ସେହିଭଳି ବାଳକରେ ଓଡ଼ିଶାର ସୂରଜ ହାଁସଦା ଶ୍ରେଷ୍ଠ ରନର ପୁରସ୍କାର ହାସଲ କରିଛନ୍ତି। ବାଳିକାରେ ଓଡ଼ିଶା ଓ ବାଳକରେ ଛତିଶଗଡ଼ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଟ୍ରଫି ଜିତିଛନ୍ତି।




ଉଦ୍‌ଯାପନୀ ଉତ୍ସବରେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି ଓଡ଼ିଶା ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ଓଡ଼ିଶା ବେସବଲ୍ ସଂଘର ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ, ସଭାପତି ପ୍ରବୋଧ ମହାନ୍ତି, ଆମେଚର ବେସବଲ୍ ଫେଡେରେସନ ଅଫ୍ ଇଣ୍ଡିଆର ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ଅରବିନ୍ଦ କୁମାର ଓ ଶିବାନନ୍ଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଟୁର୍ଣ୍ଣାମେଣ୍ଟର ସଂଯୋଜକ ଅଞ୍ଜନ କୁମାର ଖୁଣ୍ଟିଆ ଧନ୍ୟବାଦ ଅର୍ପଣ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS